ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃୟାରୀ ୮/୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 8/2020 ★★★★
୪୬ଶ ଭାଗ ୭୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## ଡିସେମ୍ବରରେ ଆଲିୟାଙ୍କ ବାହାଘର

ଚଳିତବର୍ଷ ଡିସେମ୍ବରରେ ଆଲିୟା ଓ ରଣବୀରଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହେବା ଏନେଇ ଉଭୟଙ୍କ ପରିବାର ନିଷ୍ପତ୍ତି ନେଇସାରି ଥିବାବେଳେ ସମ୍ପର୍କୀୟଙ୍କୁ ମଧ୍ୟ ଖବର ଦିଆସରିଛି।

୧୧

୧୪

## ପାର୍ବତୀଙ୍କୁ ଡିସ୍କସ୍‌ରେ ସ୍ୱର୍ଣ୍ଣ

ନ୍ୟାଶନାଲ ମାଷ୍ଟର୍ସ ଗେମ୍ସରେ ଓଡ଼ିଶାର ତାରକା ଆଥଲେଟ ପାର୍ବତୀ ସେଠୀ ଡିସ୍କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ମୃତ କର୍ମଚାରୀ ପରିବାରକୁ ମିଳିବ ଚତୁର୍ଥଶ୍ରେଣୀ ପଦବୀ

**ଭୁବନେଶ୍ୱର, ୭।୨ (ବ୍ୟୁରୋ)**

ସରକାରୀ ଚାକିରିରେ ଥାଇ ମୃତ୍ୟୁ ଘଟୁଥିବା କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତିରେ କେବଳ ଚତୁର୍ଥ ଶ୍ରେଣୀ ପଦବୀ ମିଳିବ। ଏନେଇ ରାଜ୍ୟରେ ପ୍ରଚଳିତ ଥିବା ଓଡ଼ିଶା ବେସାମରିକ ସେବା ନିୟମାବଳୀ-୧୯୯୦କୁ ରାଜ୍ୟ ସରକାର ସଂଶୋଧନ କରିଛନ୍ତି। ପୂର୍ବରୁ ମୃତ ବ୍ୟକ୍ତିଙ୍କ ପରିବାରର ଦୁରବସ୍ଥାକୁ ଦୃଷ୍ଟିରେ ରଖି ସେହି ପରିବାରର ଜଣଙ୍କୁ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ମିଳୁଥିଲା। ପ୍ରଚଳିତ ନିୟମାବଳୀ-୧୯୯୦ ବଦଳରେ ଏଣିକି ଓଡ଼ିଶା ବେସାମରିକ ସେବା (ପୁନଃଥଇଥାନ ସହାୟତା) ନିୟମାବଳୀ-୨୦୨୦ କାର୍ଯ୍ୟକାରୀ ହେବ। ରାଜ୍ୟ କ୍ୟାବିନେଟ୍‌ରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ପ୍ରଚଳିତ ନିୟମ ଅନୁଯାୟୀ ତୃତୀୟ ଓ ଚତୁର୍ଥ ଶ୍ରେଣୀର ମୂଳ ପଦବୀରେ ଖାଲିଥିବା ମାତ୍ର ୧୦ ପ୍ରତିଶତ ପଦବୀରେ ଅନୁକମ୍ପାମୂଳକ ନିଯୁକ୍ତି ଦେବାର ବ୍ୟବସ୍ଥା ଥିଲା। ଏଥିଯୋଗୁ ବହୁ ଆବେଦନକାରୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ଅନୁକମ୍ପା ମୂଳକ ନିଯୁକ୍ତିକୁ ୧୦ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଯାଏ କାହାର ମୃତ୍ୟୁ ହେଲେ କେବଳ ଚତୁର୍ଥଶ୍ରେଣୀ ପଦବୀରେ ନିଯୁକ୍ତି ମିଳିବ।

ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୯ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। କେନ୍ଦ୍ର ସରକାରଙ୍କ ସଫ୍ଟୱେର ଟେକ୍ନୋଲୋଜି ପାର୍କସ୍ ଅଫ ଇଣ୍ଡିଆ(ଏସ୍‌ଟିପିଆଇ) ସେଣ୍ଟର ପାଇଁ ରାଜ୍ୟ ସରକାର ରାଜ୍ୟର ଯେକୌଣସି ସ୍ଥାନରେ ୩ ଏକର ଜମି ମାଗଣାରେ ଯୋଗାଇ ଦେବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ଲାଗିଛି। ତେବେ ଲିଜ୍ ପ୍ରଦାନ କରାଯିବାକୁ ଥିବା ଏହି ସରକାରୀ ଜମି ନିମନ୍ତେ ଏସ୍‌ଟିପିଆଇ କର୍ତ୍ତୃପକ୍ଷଙ୍କୁ ବଜାର ଦରର ୧% ହିସାବରେ ବାର୍ଷିକ ଖଜଣା ଓ ବାର୍ଷିକ ଖଜଣାର ସେସ୍ ଦେବାକୁ ପଡ଼ିବ। କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ଦୀର୍ଘମିଆଦୀ ଖଣିଜ ଯୋଗାଣ ନୀତିକୁ ରାଜ୍ୟ କ୍ୟାବିନେଟ ମୋହର ମାରିଛି। ☞ପୃଷ୍ଠା-୪

### କ୍ୟାବିନେଟ ନିଷ୍ପତ୍ତି

- ସଂଶୋଧିତ ହେଲା ଓଡ଼ିଶା ବେସାମରିକ ସେବା ନିୟମାବଳୀ-୧୯୯୦
- ଅନୁକମ୍ପାମୂଳକ ନିଯୁକ୍ତି ସୁଯୋଗ ୧୦ରୁ ୫୦%କୁ ବୃଦ୍ଧି
- ସରକାର ଏସ୍‌ଟିପିଆଇ ସେଣ୍ଟର ପାଇଁ ମାଗଣାରେ ଦେବେ ଜମି
- ଓଏମ୍‌ସି ଦୀର୍ଘମିଆଦୀ ଖଣି ଯୋଗାଣ ନୀତିକୁ କ୍ୟାବିନେଟ ମୋହର
- ବିଧାନସଭାରେ ଉପସ୍ଥାପନ ହେବ ୫ମ ଅର୍ଥ କମିଶନ ରିପୋର୍ଟ



ଗଞ୍ଜାମ ଜିଲାର ପ୍ରସିଦ୍ଧ ତାରାତାରିଣୀ ମନ୍ଦିର ସୌନ୍ଦର୍ଯ୍ୟକରଣ ନେଇ ପ୍ରସ୍ତୁତ କରାଯାଇଥିବା ନକ୍ସା। **(ଫଟୋ: ସୌଜନ୍ୟ- ମୁଖ୍ୟମନ୍ତ୍ରୀଙ୍କ ଟୁଇଟ)**

# ୨୦୨୩ ସୁଦ୍ଧା କାର୍ଯ୍ୟକ୍ଷମ ହେବ ତାଳଚେର ସାର କାରଖାନା

### ରାଜ୍ୟ ସଭାରେ ସାର ଓ ରସାୟନ ମନ୍ତ୍ରୀଙ୍କ ଉତ୍ତର

**ନୂଆଦିଲ୍ଲୀ,୭।୨**

୨୦୨୩ସେପ୍ଟେମ୍ବରସୁଦ୍ଧା ତାଳଚେରଫର୍ଟିଲାଇଜର୍ସ ଲିମିଟେଡ(ଟିଏଫ୍‌ଏଲ୍) କାର୍ଯ୍ୟକ୍ଷମ ହେବ। କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଡି.ଭି.ସଦାନନ୍ଦ ଗୌଡା ଶୁକ୍ରବାର ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଗୌଡା କହିଛନ୍ତି ଯେ, ବନ୍ଦ ହୋଇପଡିଥିବା ଭାରତୀୟ ସାର ନିଗମ ଲିମିଟେଡ(ଏଫ୍‌ସିଆଇଏଲ୍ )ର ତାଳଚେର ୟୁନିଟକୁ କାର୍ଯ୍ୟକ୍ଷମ କରାଇବା ଲାଗି ଭାରତ ସରକାର ଏକାଧିକ ପ୍ରସ୍ତାବକୁ କ୍ୟାବିନେଟ ଜରିଆରେ ମଞ୍ଜୁରି ଦେଇଛନ୍ତି। ଏହି ୟୁରିଆ ୟୁନିଟକୁ ପୁନଃ କାର୍ଯ୍ୟକ୍ଷମ କରାଇବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ମେସର୍ସ ପିଡିଆଇଏଲ୍‌କୁ ସାର କାରଖାନା କାର୍ଯ୍ୟକାରୀ କରିବା ଲାଗି ପରିଚାଳନା ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ୨୦୧୭ରେ ପେଟ୍ କୋକ୍ ଯୋଗାଣ ଲାଗି ଇଣ୍ଡିଆନ ଅଏଲ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ୨୦୧୮ରେ ଏହି ପ୍ରକଳ୍ପ ପରିବେଶ ମଞ୍ଜୁରୀ ଲାଭ କରିଥିବା ସେ ସ୍ପଷ୍ଟ କରିଛନ୍ତି।

ସୂଚନା ଯୋଗ୍ୟ, ୨୦୧୮ ସେପ୍ଟେମ୍ବରରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଆର୍‌ସିଏଫ୍ ଇକ୍ୱିଟି ଯୋଗଦାନ ଲାଗି ମଞ୍ଜୁରୀ ଦେଇଥିଲା। ସେହିଭଳି ୨୦୧୮ ଡିସେମ୍ବରରେ କ୍ୟାପ୍ଟିଭ କୋଇଲା ଖଣି ଲାଗି ଖଣି ଆବଣ୍ଟନ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରମୋଟରଙ୍କଠାରୁ ଅନୁମୋଦନ ଲାଭ କରିବା ପରେ ଟିଏଫ୍‌ଏଲ୍ ବୋର୍ଡ ପକ୍ଷରୁ ପ୍ରକଳ୍ପ ଲାଗି ନିବେଶ ମଞ୍ଜୁରୀ ଦିଆଯାଇଥିଲା। କୋଇଲା ବାଷ୍ପୀକରଣ ଏବଂ ଆମୋନିଆ, ୟୁରିଆ ପ୍ଲାଣ୍ଟ ପାଇଁ ଏଲ୍‌ଏସ୍‌ଟିକେ ଚୁକ୍ତି ଗତ ବର୍ଷ ସେପ୍ଟେମ୍ବରରେ ସ୍ୱାକ୍ଷରିତ ହୋଇଛି। ଓଡିଶା ସରକାରଙ୍କ ରାଜ୍ୟ ସ୍ତରୀୟ କ୍ଲିୟରାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗତ ବର୍ଷ ୩୧ ଅଗଷ୍ଟରେ ବିଏଫ୍‌ଏଲ୍ ପ୍ରକଳ୍ପକୁ ମଞ୍ଜୁରି ମିଳି ସାରିଥିବା ସେ ମତ ପ୍ରକାଶ କରିଛନ୍ତି।

# ଆଜି ଦିଲ୍ଲୀ ଭୋଟ

**ନୂଆଦିଲ୍ଲୀ, ୭।୨**

ଦିଲ୍ଲୀ ବିଧାନସଭାର ୭୦ ଆସନ ଲାଗି ଶନିବାର ଭୋଟଗ୍ରହଣ କରାଯିବ। ଏଥିପାଇଁ ଗୁରୁବାର ସବୁ ଦଳ ପକ୍ଷରୁ ହାଇଭୋଲ୍ଟେଜ୍ ପ୍ରଚାର ସରିଥିବାବେଳେ ଶୁକ୍ରବାର ନିର୍ବାଚନ କମିଶନ (ଇସି) ଓ ପୋଲିସ ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ୧,୪୭, ୮୬,୩୮୨ ଭୋଟର ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ। ଏହି ମତଦାନ ସହ ୬୭୨ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ (ଇଭିଏମ୍)ରେ ବନ୍ଦ ହୋଇଯିବ। ଭୋଟ ଶେଷ ହେବା ନ-ଯାଏ ଏକ୍‌ଜିଟ୍ ପୋଲ୍ ଆକଳନ ପ୍ରକାଶ ନ କରିବା ପାଇଁ ଗଣମାଧ୍ୟମଗୁଡ଼ିକ ଉପରେ ଇସି ରୋକ ଲଗାଇଛନ୍ତି। ତେଣୁ ଏହା ପରେ ବୁଥ୍ ଫେରନ୍ତା ମତଦାତାଙ୍କୁ ନେଇ ବିଭିନ୍ନ ଜନମତ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ସନ୍ଧ୍ୟା ୬ଟା ୩୦ରେ ଏକ୍‌ଜିଟ୍ ପୋଲ ପ୍ରକାଶ ପାଇବ। ୧୧ ତାରିଖ (ମଙ୍ଗଳବାର) ଭୋଟ ଗଣତି ପରେ ଫଳାଫଳ ଆସିବ।

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୮/୯

# ସଞ୍ଜୀବ କୁମାର ପାଣିଗ୍ରାହୀ ଓଡ଼ିଶା ହାଇକୋର୍ଟ ବିଚାରପତି

**କଟକ ଅଫିସ,୭।୨**



ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନିଯୁକ୍ତି ମିଳିଛି। ଆଇନ ମନ୍ତ୍ରଣାଳୟ ତରଫରୁ ଶୁକ୍ରବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଷ୍ଟ୍ରପତିଙ୍କ ମୋହର ବାଜିବା ପରେ ଆଇନ ମନ୍ତ୍ରଣାଳୟ ତରଫରୁ ସଞ୍ଜୀବଙ୍କ ନାମକୁ ଘୋଷଣା କରାଯାଇଛି। ଗତ ମେ ୭ରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟ ତିନି ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ୍ ୮ଜଣ ଆଇନଜୀବୀଙ୍କ ନାମ ସୁପ୍ରିମ୍‌କୋର୍ଟଙ୍କୁ ସୁପାରିସ କରିଥିଲେ। ସେମାନେ ହେଲେ ଆଇନଜୀବୀ ଗୌତମ ମୁଖାର୍ଜୀ, ସମୀର କୁମାର ମିଶ୍ର, ପ୍ରସନ୍ନ କୁମାର ପାଢ଼ୀ, ସାବିତ୍ରୀ ରଥ, ପ୍ରଫୁଲ୍ଲ କୁମାର ରଥ, ଦୁର୍ଗା ପ୍ରସାଦ ନନ୍ଦ, ପ୍ରଭାତ କୁମାର ମୁଦୁଲି ଏବଂ ସଞ୍ଜୀବ କୁମାର ପାଣିଗ୍ରାହୀ। ସୁପ୍ରିମ୍‌କୋର୍ଟଙ୍କ କଲେଜିୟମ ସେମାନଙ୍କ ମଧ୍ୟରୁ ବରିଷ୍ଠ ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ନାମକୁ ଅକ୍ଟୋବର ୪ରେ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିଲେ। ସେହିଭଳି ଓଡ଼ିଶା ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ୪ଜଣ ଜୁଡିସିଆଲ ଅଫିସର ଯଥା ସତ୍ୟନାରାୟଣ ମିଶ୍ର, ବିଭୁପ୍ରସାଦ ରାଉତରାୟ, ଗୌତମ ଶର୍ମା ଏବଂ ବିରଞ୍ଚି ନାରାୟଣ ମହାନ୍ତିଙ୍କ ନାମକୁ ମଧ୍ୟ ସୁପ୍ରିକୋର୍ଟଙ୍କ କଲେଜିୟମ୍‌କୁ ସୁପାରିସ କରିଥିଲେ। ସେଥିରୁ ସୁପ୍ରିମକୋର୍ଟଙ୍କ କଲେଜିୟମ୍ ତତ୍କାଳୀନ ବ୍ରହ୍ମପୁର ଜିଲା ଦୌରାଜଜ୍ ବିଭୁପ୍ରସାଦ ରାଉତରାୟଙ୍କ ନାମକୁ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିଲେ। ଗତ ନଭେମ୍ବର ୭ରେ ଜଷ୍ଟିସ୍ ରାଉତରାୟଙ୍କ ନାମକୁ ରାଷ୍ଟ୍ରପତିଙ୍କ ମୋହର ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ଏବେ ସଞ୍ଜୀବଙ୍କ ନିଯୁକ୍ତି ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି।

### ଆଜିର ସମ୍ପାଦକୀୟ

**ବିବାଦୀୟ ନିଯୁକ୍ତି**

### ଆଜିର ମନ୍ତବ୍ୟ

"ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭଳି ବ୍ୟବହାର ଦେଖାଉନାହାନ୍ତି।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ ଆମେରିକାଠାରୁ ୩.୧୩ ବିଲିୟନ ଡଲାରର ଏଫ୍‌ଡିଆଇ ଲାଭ କରିଛି।
**- ଅର୍ଥମନ୍ତ୍ରଣାଳୟ**

# ଭଙ୍ଗାହେଲା ବିବାଦୀୟ ଅତିଥି ଭବନ




ଅତିଥି ଭବନ ଭଙ୍ଗାଯାଉଛି।

### ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

**ରସୁଲପୁର/ଧର୍ମଶାଳା,୭।୨(ଡିଏନଏ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରିଣୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ରୂପେଶ ଭଦ୍ରଙ୍କ ନାଁରେ ଥିବା ବିବାଦୀୟ ଅତିଥି ଭବନକୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଦୁଇ ମହଲା ବିଶିଷ୍ଟ ଏହି ବେଆଇନ କୋଠା ଏବେ ମାଟିରେ ମିଶିଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯିବା ପରେ ବେଶ୍ କିଛିଦିନ ଧରି ଶାନ୍ତ ପଡ଼ିଯାଇଥିବା ସ୍ମିତାରାଣୀ ମୃତ୍ୟୁ ଘଟଣା ପୁଣି ଉଷ୍ମ ହୋଇଛି। ତେବେ ଏହି କୋଠାକୁ ଭାଙ୍ଗିବାବେଳେ ରୂପେଶ ଭଦ୍ରଙ୍କ ସ୍ତ୍ରୀ ତଥା ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ଭଦ୍ର ଏବଂ ସେହି ଗ୍ରାମର କେତେଜଣ ମହିଳା ଏହାକୁ ବିରୋଧ କରଛନ୍ତି। ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁର ଏକମାତ୍ର ମୂକସାକ୍ଷୀ ଥିବା ☞ପୃଷ୍ଠା-୪




Vencobb Fresh Chicken — Taste the difference!
07.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 77 | 128 | 138 |
| ANG | 74 | 124 | 134 |
| BHM | 69 | 118 | 128 |

*Conditions Apply
Issued in the Interest of Consumers



୨୦୧୫ର ଦେଶଦ୍ରୋହ ମାମଲାରେ କୋର୍ଟରେ ହାଜର ହୋଇ ନ ଥିବା କଂଗ୍ରେସ ନେତା ହାର୍ଦ୍ଦିକ ପଟେଲଙ୍କ ବିରୋଧରେ ଗୁଜରାଟର ଏକ ଅଦାଲତ ଶୁକ୍ରବାର ଗିରଫ ପରୱାନା ଜାରି କରିଛନ୍ତି। ପଟିଦାର କୋଟା ଆନ୍ଦୋଳନର ନେତୃତ୍ୱ ନେଉଥିବା ହାର୍ଦ୍ଦିକଙ୍କ ବିରୋଧରେ ଅତିରିକ୍ତ ଦୌରାଜଜ୍ ବି.ଜି. ଗନତ୍ରାଙ୍କର ଏହା ଦ୍ୱିତୀୟ ଗିରଫ ପରୱାନା। ୨୦ ଦିନ ପୂର୍ବରୁ ତାଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି ହେବା ପରେ ଜାନୁୟାରୀ ୧୮ରେ ତାଙ୍କୁ ଗିରଫ କରାଯାଇଥିଲା।

# ୬୭୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ ଆଜି


ନୂଆଦିଲ୍ଲୀ,୭।୨

ଦିଲ୍ଲୀ ବିଧାନସଭାର ୭୦ ନିର୍ବାଚନମଣ୍ଡଳୀରେ ଶନିବାର ଭୋଟଗ୍ରହଣ କରାଯିବ। ଏଥର ୧.୪୭ କୋଟି ଭୋଟର ୬୭୨ ପ୍ରାର୍ଥୀଙ୍କ ମଧ୍ୟରୁ ସେମାନଙ୍କ ପ୍ରତିନିଧିଙ୍କୁ ବାଛିବେ। ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଜାତୀୟ ରାଜଧାନୀରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୧୯୦ କମ୍ପାନୀ ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍), ଦିଲ୍ଲୀ ପୋଲିସର ୪୦ ହଜାର କର୍ମଚାରୀ ଓ ୧୯ ହଜାର ଗୃହରକ୍ଷୀଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଥିବା ସ୍ପେଶାଲ ପୋଲିସ କମିଶନର (ଗୋଇନ୍ଦା) ପ୍ରବୀର ରଞ୍ଜନ ସୂଚନା ଦେଇଛନ୍ତି।

୨୦୧୫ରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୬୭ ଆସନ ଦଖଲ କରି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଭାଜପାକୁ ମାତ୍ର ୩ ଆସନରେ ସଫଳତା ମିଳିଥିବାବେଳେ କଂଗ୍ରେସ ଖାତା ଖୋଲିପାରି ନ ଥିଲା। ଏଏପିକୁ ୫୪.୩% ଭୋଟ ମିଳିଥିବାବେଳେ ଭାଜପା ୩୨% ଓ କଂଗ୍ରେସ ମାତ୍ର ୯.୭% ଭୋଟ ପାଇଥିଲେ। ଏଥର ଏଏପି ପୁଣିଥରେ କ୍ଷମତା ଦଖଲ ପାଇଁ ଉଦ୍ୟମ ଚଳାଇଥିବାବେଳେ ଶାସକ ଦଳକୁ କ୍ଷମତାଚ୍ୟୁତ କରିବା ଲାଗି ବିରୋଧୀ ଭାଜପା ପ୍ରାଣପଣେ ପ୍ରୟାସ ଜାରି ରଖିଛି। ଅନେକ ନିର୍ବାଚନମଣ୍ଡଳୀରେ ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲେ ହେଁ ପ୍ରଚାରରେ କଂଗ୍ରେସ ପଛରେ ପଡ଼ିଯାଇଛି। ଏହି ନିର୍ବାଚନ ଉଭୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି। ହେଲେ କଂଗ୍ରେସ ନିଜ ଅସ୍ତିତ୍ୱ ବଞ୍ଚାଇବା ପାଇଁ ସଂଘର୍ଷ କରୁଛି। ମିଳିଥିବା ସୂଚନାନୁସାରେ ଦେଢ଼ମାସରୁ ଅଧିକ ସମୟ ଧରି ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ଚାଲିଥିବା ଓଖ୍‌ଲା ନିର୍ବାଚନମଣ୍ଡଳୀ ଅଧୀନ ଶାହିନବାଗ ଓ ଅନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀ ରଣବୀର ସିଂ କହିଛନ୍ତି, ଭୋଟ ଦେବା ପାଇଁ ୧,୪୭, ୮୬,୩୮୨ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୮୧,୦୫,୨୩୬ ପୁରୁଷ ଓ ୬୬,୮୦,୨୭୭ ମହିଳା ଓ ୮୬୯ କିନ୍ନର। ଏହି ଭୋଟରମାନଙ୍କ ମଧ୍ୟରୁ ୨,୩୨,୮୧୫ ଜଣଙ୍କ ବୟସ ୧୮-୧୯। ସେହିପରି ୮୦ରୁ ଊର୍ଦ୍ଧ୍ୱ ବୟସର ଭୋଟରଙ୍କ ସଂଖ୍ୟା ୨,୦୪,୮୩୦। ସୁରୁଖୁରୁରେ ମତଦାନ ପାଇଁ ୧୩,୭୫୦ ପୋଲିଂ ବୁଥ୍‌ର ବ୍ୟବସ୍ଥା କରାଯାଇଛି। ଏହାବାଦ୍ ୨,୬୮୯ ସ୍ଥାନରେ ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ୧୧ଟି ଜିଲାର ଗୋଟିଏ ଲେଖାଏ ନିର୍ବାଚନମଣ୍ଡଳୀରେ ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବସ୍ଥା କରାଯାଇଛି। ସେଗୁଡ଼ିକ ହେଲା ମାଜ୍‌ରା, ସୀଲାମପୁର, ବଲ୍ଲିମାରାନ୍, ବିଜ୍‌ୱାସନ, ତ୍ରିଲୋକପୁରୀ, ଶକୁର ବସ୍ତି, ନୂଆଦିଲ୍ଲୀ, ରୋହତାସ ନଗର, ଛତରପୁର, ରାଜୌରି ଗାର୍ଡେନ ଓ ଜଙ୍ଗପୁରା।



ଦିଲ୍ଲୀର ଓଖ୍‌ଲାରୁ ନିର୍ବାଚନ ସାମଗ୍ରୀ ଧରି ନିଜ ନିଜ ବୁଥ୍ ଅଭିମୁଖେ ଯାଉଛନ୍ତି ଅଧିକାରୀମାନେ।




ଶାହିନବାଗ ପୋଲିଂ ଷ୍ଟେଶନରେ ନିର୍ବାଚନ ଅଧିକାରୀ।

## ବିନୋଦ ଜୁଷ୍ଟି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ

ନୂଆଦିଲ୍ଲୀ,୭।୨

ନିର୍ବାଚନ କମିଶନ (ଇସି) ଦିଲ୍ଲୀ ନିର୍ବାଚନ ପାଇଁ ଶୁକ୍ରବାର ପୂର୍ବତନ ବରିଷ୍ଠ ଅଧିକାରୀ ବିନୋଦ ଜୁଷ୍ଟିଙ୍କୁ ସ୍ପେଶାଲ ଜେନେରାଲ ଅବ୍‌ଜର୍ଭର (ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ) ଭାବେ ନିଯୁକ୍ତି ଦେଇଛନ୍ତି। ୭୦ ଆସନରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା ଦାୟିତ୍ୱ ଇସିଙ୍କ ପୂର୍ବତନ ଡେପୁଟି କମିଶନର ଥିବା ବିନୋଦଙ୍କ ହାତରେ ନ୍ୟସ୍ତ କରାଯାଇଛି।



## ହନୁମାନ ମନ୍ଦିରରେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୭।୨:** ଦିଲ୍ଲୀ ନିର୍ବାଚନର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ହନୁମାନଙ୍କ ଶରଣ ପଶିଛନ୍ତି। କେଜ୍‌ରିୱାଲ ଓ ତାଙ୍କ ସ୍ତ୍ରୀ ସୁନୀତା ଶୁକ୍ରବାର କନ୍ନଟ ପ୍ଲେସ୍‌ସ୍ଥିତ ଖଡ଼ଗ ସିଂ ମାର୍ଗ ହନୁମାନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଛନ୍ତି। ଏହାକୁ ନେଇ ନିର୍ବାଚନ

### ଇସି ପଠାଇଲେ ନୋଟିସ

କମିଶନ କେଜ୍‌ରିୱାଲଙ୍କୁ ନୋଟିସ ପଠାଇଛନ୍ତି। ଜାତି ଓ ଧର୍ମ ଆଧାରରେ ଭୋଟ ମାଗିବା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଦର୍ଶାଇ ତାଙ୍କୁ ଶନିବାର ଅପରାହ୍ନ ୫ଟା ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ ଏଥିରେ କୁହାଯାଇଛି। ଏହା ପୂର୍ବରୁ କେଜ୍‌ରିୱାଲ ଏକ କାର୍ଯ୍ୟକ୍ରମରେ ହନୁମାନ ଚାଳିଶା ପାଠ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ଭାଜପାର ଦିଲ୍ଲୀ ସଭାପତି ମନୋଜ ତିୱାରୀ କାଲ୍‌କାଜୀ ମନ୍ଦିର ଦର୍ଶନ କରିଥିବାରୁ ତାଙ୍କୁ ମଧ୍ୟ ଇସି ନୋଟିସ ପଠାଇଛନ୍ତି।



# ସିସୋଡିଆଙ୍କ ଓଏସ୍‌ଡି ଗିରଫ

ନୂଆଦିଲ୍ଲୀ, ୭।୨

- ଭୋଟ ପୂର୍ବରୁ ଏଏପିକୁ ଝଟକା
- ୨ ଲକ୍ଷ ଲାଞ୍ଚ ନେବାବେଳେ ଧରିଲା ସିବିଆଇ
- ନିର୍ବାଚନୀ ଫାଇଦା ଲାଗି ଭାଜପାର ପ୍ରୟାସ
- ପର୍‌ଭେଶଙ୍କ ବିରୋଧରେ ମାନହାନି ମକଦ୍ଦମା

ଦିଲ୍ଲୀ ନିର୍ବାଚନର ଠିକ୍ ପୂର୍ବରୁ ଏଏପିକୁ ଝଟକା ଲାଗିଛି। ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆଙ୍କ ଓଏସ୍‌ଡି(ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) ଗୋପଳ କ୍ରିଷ୍ଣ ମାଧବଙ୍କୁ ସିବିଆଇ ଗିରଫ କରିଛି। ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଅଧିକାରୀମାନେ ତାଙ୍କୁ ଧରିଛନ୍ତି। ମାଧବ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଜଣେ ବରିଷ୍ଠ ଅଧିକାରୀ। ସେ ୨୦୧୫ରୁ ସିସୋଡିଆଙ୍କ ଓଏସ୍‌ଡି ଭାବେ କାର୍ଯ୍ୟକରି ଆସୁଛନ୍ତି। ଏକ ଜିଏସ୍‌ଟି ଟିକସ ଫାଙ୍କି ମାମଲାର ସମାଧାନ କରିବା ଲାଗି ସେ ଲାଞ୍ଚ ନେଉଥିଲେ ବୋଲି ଅଭିଯୋଗ କରାଯାଇଛି। ଗିରଫ ପରେ ମାଧବଙ୍କୁ ସିବିଆଇ ମୁଖ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଛି। ଏହି ଘଟଣାରେ ମଧ୍ୟସ୍ଥ ସାଜିଥିବା ଧୀରଜ୍ ଗୁପ୍ତାଙ୍କୁ ମଧ୍ୟ ଗିରଫ କରାଯାଇଛି।

ଉପମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଲାଞ୍ଚନେଇ ଗିରଫ ହେବା ଦିଲ୍ଲୀବାସୀଙ୍କ ଲାଗି ଅପମାନଜନକ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଦଳର ଦିଲ୍ଲୀ ଅଧ୍ୟକ୍ଷ ମନୋଜ ତିୱାରୀ କହିଛନ୍ତି, ଭ୍ରଷ୍ଟାଚାର ଦୂରକରିବା ଲାଗି ଗଠନ କରାଯାଇଥିବା ଏଏପି ଦୁର୍ନୀତିରେ ସମ୍ପୃକ୍ତ ଥିବା ଦୁର୍ଭାଗ୍ୟଜନକ। ସେହିପରି ଭାଜପା ନେତା ପର୍‌ଭେଶ ବର୍ମା କହିଛନ୍ତି, ଏହି ଟଙ୍କା ସିସୋଡିଆ ଶାହିନ୍‌ବାଗ ବିକ୍ଷୋଭକାରୀଙ୍କ ବିରିୟାନି ଲାଗି ପଠାଉଥିଲେ। ଓଏସ୍‌ଡି ଗିରଫ ହୋଇଥିବାବେଳେ ସିସୋଡିଆ ମୁଖ୍ୟ କାର୍ପଟଦାର ବୋଲି ପର୍‌ଭେଶ୍ ସମାଲୋଚନା କରିଛନ୍ତି। ଏଭଳି ଅଭିଯୋଗ ପରେ ସିସୋଡିଆ ପର୍‌ଭେଶଙ୍କ ବିରୋଧରେ ମାନହାନୀ ମୋକଦ୍ଦମା କରିଛନ୍ତି। ପର୍‌ଭେଶ ମନ୍ତବ୍ୟ ପ୍ରତ୍ୟାହାର କରିବା ସହ ଭାଜପା ନେତା ଏନେଇ କ୍ଷମା ମାଗିବାକୁ ସିସୋଡିଆ ଦାବି କରିଛନ୍ତି। ଅନ୍ୟପକ୍ଷରେ ଲାଞ୍ଚନେଇ ଧରାପଡ଼ିଥିବା ଅଭିଯୁକ୍ତ ମାଧବଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସିସୋଡିଆ କହିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଗିରଫ କରାଯାଇଥିବା ସେ ଟୁଇଟ କରିଛନ୍ତି। ଦିଲ୍ଲୀ ଭୋଟ ପୂର୍ବରୁ ଏହାକୁ ନେଇ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଯାଇଛି।

## ଲୋକ ସଭାରେ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଆକ୍ରମଣ ଉଦ୍ୟମ

ନୂଆଦିଲ୍ଲୀ,୭।୨(ପି.ଟି.)

**ଶାସକ-ବିରୋଧୀ ମୁହାଁମୁହିଁ**
- ମୋଦିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ
- ରାହୁଲ କ୍ଷମା ମାଗନ୍ତୁ: ହର୍ଷବର୍ଦ୍ଧନ
- ପ୍ରଶ୍ନ ଉଠାଇବାକୁ ନ ଦେବା ପାଇଁ ଭାଜପାର ଚକ୍ରାନ୍ତ: ରାହୁଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ଶୁକ୍ରବାର ଲୋକ ସଭାରେ ଦାବି କରିବା ପରେ ଏହାକୁ ନେଇ ଗୃହରେ ହଟ୍ଟଗୋଳ ହୋଇଥିଲା। ବିରୋଧୀ ଓ ସରକାରୀ ଦଳର ସଦସ୍ୟମାନେ ଧସ୍ତାଧସ୍ତି ହେବା ଭଳି ସ୍ଥିତିକୁ ଆସିଯାଇଥିଲେ। ଫଳରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

ପ୍ରଶ୍ନୋତ୍ତର କାଳରେ ରାହୁଲ ମେଡିକାଲ କଲେଜ ସ୍ଥାପନ ସମ୍ପର୍କିତ ପ୍ରଶ୍ନ ପଚାରିଥିଲେ। ଏହା ଉପରେ ଉତ୍ତରଦେବା ପୂର୍ବରୁ ହର୍ଷବର୍ଦ୍ଧନ ପ୍ରଧାନମନ୍ତ୍ରୀଙ୍କ ପ୍ରତି କଂଗ୍ରେସ ନେତାଙ୍କ ମନ୍ତବ୍ୟ ସମ୍ପର୍କରେ ଗୃହକୁ ଜଣାଇବାକୁ ଚାହାନ୍ତି ବୋଲି କହିଥିଲେ। ମୋଦିଙ୍କୁ ଯୁବଗୋଷ୍ଠୀ ଲାଠିରେ ପିଟିବେ ବୋଲି ରାହୁଲ ଦିଲ୍ଲୀର ଏକ ନିର୍ବାଚନୀ ସଭାରେ ଦେଇଥିବା ମନ୍ତବ୍ୟକୁ ହର୍ଷବର୍ଦ୍ଧନ ନିନ୍ଦା କରିଥିଲେ। ଏଥିପାଇଁ କଂଗ୍ରେସ ନେତା କ୍ଷମା ମାଗିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ସମୟରେ କଂଗ୍ରେସ ଏମ୍‌ପି ମାନିକମ୍ ଟାଗୋର କେନ୍ଦ୍ରମନ୍ତ୍ରୀଙ୍କ ଆଡକୁ ଆକ୍ରମଣାତ୍ମକ ଭଙ୍ଗୀରେ ମାଡିଆସିଥିଲେ। ଏହି ସମୟରେ ଭାଜପା ସଦସ୍ୟ ବ୍ରିଜ୍‌ଭୂଷଣ ଶରନ ସିଂ ତାଙ୍କୁ ଧରିନେଇଥିଲେ। ଏଭଳି ଘଟଣା ଗଣତନ୍ତ୍ର ପାଇଁ ଦୁର୍ଭାଗ୍ୟଜନକ ବୋଲି ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍ କହିଛନ୍ତି। ହର୍ଷବର୍ଦ୍ଧନ ମନ୍ତବ୍ୟ ରଖୁଥିବାବେଳେ କଂଗ୍ରେସ ସଦସ୍ୟମାନେ ଏହାର ପ୍ରତିବାଦରେ ଗୃହର ମଧ୍ୟଭାଗକୁ ଚାଲିଆସି ହଟ୍ଟଗୋଳ କରିଥିଲେ। ସ୍ମୃତି ଇରାନୀଙ୍କ ସମେତ ଉଭୟ ପକ୍ଷର କେତେଜଣ ଏମ୍‌ପିଙ୍କ ହସ୍ତକ୍ଷେପ ଫଳରେ ଧସ୍ତାଧସ୍ତିକୁ ରୋକାଯାଇପାରିଥିଲା। ମୁଲତବୀ ପରେ ଟାଗୋର ଗୃହରେ କ୍ଷମା ମାଗନ୍ତୁ ନଚେତ୍ ତାଙ୍କୁ ବହିଷ୍କାର କରାଯାଉ ବୋଲି ଭାଜପା ସଦସ୍ୟମାନେ ଦାବି କରିଥିଲେ। ରାହୁଲ ଗାନ୍ଧୀ ଏଥିପାଇଁ କ୍ଷମା ମାଗିବା ଆବଶ୍ୟକ ବୋଲି ଅନ୍ୟ କେତେଜଣ ଏମ୍‌ପି କହିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଉପରେ କଂଗ୍ରେସ ସଦସ୍ୟଙ୍କ ଆକ୍ରମଣ ଉଦ୍ୟମକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ନିନ୍ଦା କରିବା ପରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ଏହି ବିବାଦକୁ ନେଇ ରାହୁଲ ଟୁଇଟ୍ କରିଛନ୍ତି। ସରକାରଙ୍କ ବିରୋଧରେ ମୋତେ ପ୍ରଶ୍ନ ଉଠାଇବାକୁ ନ ଦେବା ପାଇଁ ଭାଜପା ଗୃହରେ ଅଚଳାବସ୍ଥା ସୃଷ୍ଟିର ଚକ୍ରାନ୍ତ କରିଛି ବୋଲି ସେ କହିଛନ୍ତି।



## ହ୍ୱିସିଲ୍‌ବ୍ଲୋୟର ଡାକ୍ତରଙ୍କ ମୃତ୍ୟୁ ପରେ ଉତ୍ତେଜନା

ବେଜିଂ,୭।୨

### ଜୋର୍ ଧରିଲା ବାକ୍ ସ୍ୱାଧୀନତା ଦାବି

ଚାଇନାରେ କରୋନା ଭୂତାଣୁ ସଂକ୍ରମଣ ସମ୍ପର୍କରେ ପ୍ରଥମେ ସତର୍କ କରାଇଥିବା ଡାକ୍ତର ଲି ୱେନ୍‌ଲିଆଙ୍ଗଙ୍କ ମୃତ୍ୟୁ ପରେ ସେଠାରେ ଉତ୍ତେଜନା ଦେଖାଦେଇଛି। ପ୍ରାରମ୍ଭିକ ସ୍ତରରେ ଏହି ସଂକ୍ରମଣ ଖବରକୁ ଚାପିଦେବାରୁ ଭୂତାଣୁଜନିତ ସଙ୍କଟର ମୁକାବିଲା କରିବାରେ ଚାଇନା ସରକାର ବିଫଳ ହୋଇଥିବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଅଧିକ ସ୍ୱାଧୀନତା ଯୋଗାଇଦେବାକୁ ଜନସାଧାରଣ ଦାବି କରିଛନ୍ତି।

ଡିସେମ୍ବର ଶେଷ ଭାଗରେ କରୋନା ଭୂତାଣୁ ସଂକ୍ରମଣ ସମ୍ପର୍କରେ ୱେନ୍‌ଲିଆଙ୍ଗଙ୍କ ସମେତ ୮ ଜଣ ଡାକ୍ତର ସତର୍କ କରାଇଥିଲେ। ତେବେ ହୁବେଇ ପ୍ରଦେଶ କର୍ତ୍ତୃପକ୍ଷ ସେମାନଙ୍କୁ ଧମକ ଦେବା ସହ ଉକ୍ତ ଖବରକୁ ଚାପି ଦେଇଥିଲେ। ସୋସିଆଲ ମିଡିଆରେ ଡାକ୍ତର ୱେନ୍‌ଲିଆଙ୍ଗଙ୍କୁ ହିରୋ ଭାବେ ବର୍ଣ୍ଣନା କରାଯାଇଛି। ଡାକ୍ତରମାନଙ୍କ କଥା ନ ଶୁଣିବାରୁ କରୋନା ଜାତୀୟ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କଲା। କମ୍ୟୁନିଷ୍ଟ ସରକାରରେ ଜନସାଧାରଣଙ୍କୁ ଅଧିକ ବାକ୍ ସ୍ୱାଧୀନତା ମିଳିବା ଆବଶ୍ୟକ ବୋଲି ବିଭିନ୍ନ ସୋସିଆଲ ମିଡିଆରେ ଦାବି କରାଯାଇଛି।

### ଇତିହାସର ଆଇନାରେ — ଫେବୃୟାରୀ ୮ର ପ୍ରମୁଖ ଘଟଣା

୨୦୧୪ ଫେବୃୟାରୀ ୮ରେ ସୌଦି ଆରବର ମଦିନାସ୍ଥିତ ଏକ ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିବାରୁ ଇଜିପ୍ଟର ୧୫ ତୀର୍ଥଯାତ୍ରୀ ପ୍ରାଣ ହରାଇଥିଲେ। ପ୍ରାୟ ୧୩୦ ଜଣ ଏଥିରେ ଆହତ ହୋଇଥିଲେ।

୨୦୧୦ ଫେବୃୟାରୀ ୮ରେ ଆଫଗାନିସ୍ତାନର ହିନ୍ଦୁକୁଶ ପର୍ବତମାଳାରେ ଭୟଙ୍କର ଝଡ଼ ହେବାରୁ ହିମସ୍ଖଳନ ଘଟିଥିଲା। ଏଥିରେ ୧୭୨ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୨ ହଜାରରୁ ଊର୍ଦ୍ଧ୍ୱ ପୋତିହୋଇ ଯାଇଥିଲେ।


# ଭାଜପା ରାଲିକୁ ରୋକିଲା ପୋଲିସ

କୋଲକାତା,୭।୨(ପି.ଟି.)

### ବିଜୟବର୍ଗୀୟ, ମୁକୁଲ ରାୟ ଅଟକ

କୋଲକାତାରେ ଭାଜପା ପକ୍ଷରୁ ଶୁକ୍ରବାର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସପକ୍ଷରେ ରାଲି ବାହାର କରାଯିବା ବେଳେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ପୋଲିସ ଉକ୍ତ ରାଲିକୁ ଅଟକାଇବା ସହ ଦଳର ରାଜ୍ୟ ପ୍ରଭାରୀ କୈଳାସ ବିଜୟବର୍ଗୀୟ, ମୁକୁଲ ରାୟ, ଜୟପ୍ରକାଶ ମଜୁମ୍‌ଦାରଙ୍କ ସମେତ କେତେଜଣ ନେତାଙ୍କୁ ଅଟକ ରଖିଛି। ଦକ୍ଷିଣ କୋଲକାତାର ଟଲିଗଞ୍ଜ ଅଞ୍ଚଳରେ ଏହି ରାଲିର ଆୟୋଜନ କରାଯାଇଥିଲା। ତେବେ ଏଥିପାଇଁ ଭାଜପା ନେତାମାନେ ଅନୁମତି ନେଇ ନ ଥିଲେ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ ସିଏଏକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜୋର୍‌ଦାର ବିରୋଧ କରିଆସୁଛନ୍ତି। ଅନ୍ୟ ପକ୍ଷରେ ଭାଜପା ଏହି ଆଇନକୁ ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ କରାଇବା ଲାଗି ଉଦ୍ୟମ ଚଳାଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିବାଦୀୟ ସିଏଏ, ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ଜୋର ଜବରଦସ୍ତ ଲାଗୁ କରିବାକୁ ଉଦ୍ୟମ କରି ରାଜ୍ୟରେ ସଦ୍‌ଭାବନାକୁ ଧ୍ୱଂସ କରୁଛନ୍ତି ବୋଲି ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି। ଅନ୍ୟପକ୍ଷରେ ମମତା ପଶ୍ଚିମବଙ୍ଗରେ ଏକଚ୍ଛତ୍ରବାଦୀ ଶାସନ ଚଳାଇଥିବା ବିଜୟବର୍ଗୀୟ ଅଭିଯୋଗ କରିଛନ୍ତି। ସିଏଏ ସପକ୍ଷରେ ଭାଜପା ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାର କରିଥିବାବେଳେ ମମତାଙ୍କ ପୋଲିସ ଏଥିପାଇଁ ଅନୁମତି ଦେଉ ନ ଥିବା ସେ କହିଛନ୍ତି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।
**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୦.୦ | ୧୬.୦ |
| ଚାନ୍ଦବାଲି | ୨୧.୪ | ୧୯.୪ |
| କଟକ | ୨୨.୪ | ୧୭.୮ |
| ପାରାଦ୍ୱୀପ | ୨୨.୯ | ୨୧.୧ |
| ଭୁବନେଶ୍ୱର | ୨୩.୩ | ୧୯.୬ |
| ଗୋପାଳପୁର | ୨୭.୯ | ୧୯.୩ |
| ପୁରୀ | ୨୩.୦ | ୧୮.୮ |
| ଅନୁଗୋଳ | ୨୨.୧ | ୧୫.୦ |
| ବାରିପଦା | -- | ୧୬.୫ |
| ଝାରସୁଗୁଡ଼ା | ୧୬.୮ | ୧୫.୨ |
| କେନ୍ଦୁଝର | ୧୭.୦ | ୧୫.୪ |
| ସମ୍ବଲପୁର | ୧୯.୫ | ୧୫.୮ |
| ସୁନ୍ଦରଗଡ଼ | ୨୭.୦ | ୧୩.୦ |
| ହୀରାକୁଦ | ୧୮.୭ | ୧୬.୧ |
| ତାଳଚେର | ୨୨.୨ | ୧୭.୩ |
| ଭବାନୀପାଟଣା | ୨୩.୦ | ୧୬.୫ |
| ବଲାଙ୍ଗୀର | ୨୧.୮ | ୧୭.୦ |
| କୋରାପୁଟ | ୨୯.୮ | ୧୫.୦ |
| ଫୁଲବାଣୀ | ୨୩.୦ | ୧୬.୫ |
| ଟିଟିଲାଗଡ଼ | ୨୪.୨ | ୧୩.୦ |
| ମାଲକାନଗିରି | ୩୨.୦ | ୧୯.୦ |
| ସୋନପୁର | ୨୧.୪ | ୧୪.୨ |
| ଦାରିଙ୍ଗିବାଡ଼ି | ୨୩.୦ | ୧୫.୪ |

ଡିଗ୍ରୀ ସେଲ୍‌ସିୟସ୍

# ଶାନ୍ତିର ସକାଳ ଆଣିବ ବୋଡ଼ୋ ଚୁକ୍ତି

କୋକ୍ରାଝର,୭।୨(ପି.ଟି.)



### ଜୀବନ ଉପଭୋଗ କରିବାକୁ ଉଗ୍ରପନ୍ଥୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

ଜନସାଧାରଣଙ୍କ ସମର୍ଥନରେ ସ୍ୱାକ୍ଷରିତ ହୋଇଥିବା ବୋଡୋ ଚୁକ୍ତି ଆସାମରେ ଶାନ୍ତିର ନୂଆ ସକାଳ ଆଣିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି। ଜାନୁୟାରୀ ୨୭ରେ ତ୍ରିପାକ୍ଷିକ ବୋଡୋ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହା ଉଗ୍ରପନ୍ଥୀ ପ୍ରଭାବିତ ରାଜ୍ୟରେ ଦୀର୍ଘମିଆଦୀ ଶାନ୍ତି ଆଣିବ ବୋଲି ଆଶା କରାଯାଉଛି। ଉତ୍ତରପୂର୍ବାଞ୍ଚଳରେ ଶାନ୍ତି ଓ ବିକାଶ ଲାଗି ଏକାଠି କାମ କରିବାର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବୋଡୋ ଉଗ୍ରପନ୍ଥୀମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମୁଖ୍ୟ ସ୍ରୋତକୁ ଫେରିବା ଲାଗି ଉତ୍ତରପୂର୍ବାଞ୍ଚଳର ଉଗ୍ରପନ୍ଥୀ, ଜମ୍ମୁ-କଶ୍ମୀରର ଆତଙ୍କବାଦୀ ଓ ଦେଶର ଅନ୍ୟ ଭାଗରେ ସକ୍ରିୟ ଥିବା ମାଓବାଦୀମାନଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଅସ୍ତ୍ରଶସ୍ତ୍ର ତ୍ୟାଗକରି ସେମାନେ ଜୀବନକୁ ଉପଭୋଗ କରିବାକୁ ମୋଦି ପରାମର୍ଶ ଦେଇଛନ୍ତି।

ନୂଆ ନାଗରିକତ୍ୱ ଆଇନର କାର୍ଯ୍ୟକାରିତାକୁ ନେଇ ଉତ୍ତରପୂର୍ବାଞ୍ଚଳରେ ଦେଖାଦେଇଥିବା ଉତ୍ତେଜନାକୁ ଶାନ୍ତ କରିବାକୁ ପ୍ରଧାନମନ୍ତ୍ରୀ ପ୍ରୟାସ କରିଥିଲେ। ସେ କହିଥିଲେ, ସିଏଏ କାର୍ଯ୍ୟକାରୀ ହେବା ପରେ ଅନ୍ୟ ଦେଶରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ଆସି ସେଠାରେ ରହିବେ ବୋଲି ବିଭ୍ରାନ୍ତିକର ଖବର ପ୍ରଚାର କରାଯାଉଛି। ସେପରି କିଛି ହେବ ନାହିଁ। ପୂର୍ବରୁ ଦୁଇଥର ବୋଡୋ ଚୁକ୍ତି ସ୍ୱାକ୍ଷର ହୋଇଥିଲେ ହେଁ ସ୍ଥାୟୀ ଶାନ୍ତି ଆସିପାରି ନ ଥିଲା। ବର୍ତ୍ତମାନର ଚୁକ୍ତିନାମା ସମାଜର ସବୁ ବର୍ଗ ଓ ସମ୍ପ୍ରଦାୟ ପାଇଁ ବିଜୟ। ଏଥିରେ କାହାର କ୍ଷତି ହେବାର ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଗତ ୨୭ରେ ସରକାର ନ୍ୟାଶନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଫ ବୋଡୋଲାଣ୍ଡ (ଏନ୍‌ଡିଏଫ୍‌ବି)ର ସବୁ ଗୋଷ୍ଠୀ, ଅଲ୍ ବୋଡୋ ଷ୍ଟୁଡେଣ୍ଟସ୍ ୟୁନିୟନ (ଏବିଏସ୍‌ୟୁ) ଏବଂ ୟୁନାଇଟେଡ ବୋଡୋ ପିପୁଲ୍ସ ଅର୍ଗାନାଇଜେଶନ (ୟୁବିପିଓ) ସହ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିଥିଲେ। ସରକାର ସେମାନଙ୍କୁ ରାଜନୈତିକ ଓ ଅର୍ଥନୈତିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସ୍ୱତନ୍ତ୍ର ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ଲାଗି ସେମାନଙ୍କ ଦାବିକୁ ସରକାର ଗ୍ରହଣ କରିନାହାନ୍ତି। ଉଚ୍ଚ କ୍ଷମତାସମ୍ପନ୍ନ କମିଟି ରିପୋର୍ଟ ଦାଖଲ କରିବା ପରେ ଆସାମ ଚୁକ୍ତିନାମାର ଧାରା ୬କୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଆସାମ ଜନସାଧାରଣଙ୍କ ସଂସ୍କୃତି, ସାମାଜିକ, ଭାଷାଗତ ପରିଚିତି ଏବଂ ଐତିହ୍ୟର ସୁରକ୍ଷା, ସଂରକ୍ଷଣ ଓ ପ୍ରସାର ଦିଗରେ ଏହି ଧାରା ସାମ୍ବିଧାନିକ, ବୈଧାନିକ ତଥା ପ୍ରଶାସନିକ ସୁରକ୍ଷା ଯୋଗାଇଦେବ। ଏକଦା କେବଳ ଗ୍ରହଣ କରୁଥିବା ରାଜ୍ୟ ଭାବେ ବିବେଚିତ ହେଉଥିବା ଉତ୍ତରପୂର୍ବାଞ୍ଚଳ ଏବେ ବିକାଶର ଇଞ୍ଜିନ ହୋଇଛି ବୋଲି ମୋଦି କହିଥିଲେ। ତ୍ରୟୋଦଶ ଅର୍ଥ କମିଶନଙ୍କ ସମୟରେ ଏହି ଅଞ୍ଚଳକୁ ୯୦ ହଜାର କୋଟି ଟଙ୍କା ଅନୁଦାନ ମିଳିଥିବାବେଳେ ତାଙ୍କ ସରକାରରେ ଚତୁର୍ଦ୍ଦଶ ଅର୍ଥ କମିଶନରେ ଏହା ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି।




# ଘୂର୍ଣ୍ଣିବଳୟ ପ୍ରଭାବରେ ସାରା ରାଜ୍ୟରେ ବର୍ଷା

**ଦାରିଙ୍ଗବାଡ଼ିରେ ସର୍ବାଧିକ ୧୭ ମିମି**

**ଭୁବନେଶ୍ୱର, ୭।୨(ବ୍ୟୁରୋ):** ମଧ୍ୟପ୍ରଦେଶ ଓ ଛତିଶଗଡ଼ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଗୁରୁବାର ରାତିରୁ ଆରମ୍ଭ ହୋଇ ଶୁକ୍ରବାର ଦିନତମାମ ବର୍ଷା ଲାଗି ରହିଥିଲା। ଦାରିଙ୍ଗବାଡ଼ିରେ ସର୍ବାଧିକ ୧୭ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ବୌଦ୍ଧରେ ୧୬.୨, ଗୋପାଳପୁର ୧୦, ସୋନପୁର ଓ ଫୁଲବାଣୀ ୭.୬, ହୀରାକୁଦ ୭.୨, ସମ୍ବଲପୁର ୫.୨, ପୁରୀ ୪.୮, ଭବାନୀପାଟଣା ୪, କଟକ ୩.୮, ତାଳଚେର ଓ ଅନୁଗୋଳ ୩, ସୁନ୍ଦରଗଡ଼ ୨.୩, ଟିଟିଲାଗଡ଼ ୨, ପାରାଦୀପ ୧.୩, ନୟାଗଡ଼ ୧.୨, ଛତ୍ରପୁର, ଝାରସୁଗୁଡ଼ା ୧ ଓ ଭୁବନେଶ୍ୱରରେ ୦.୮ ମିମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ ଉପକୂଳ ଓଡ଼ିଶା, ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉତ୍ତର ଓଡ଼ିଶାର କେତେକ ଜିଲାରେ ବର୍ଷା ହୋଇପାରେ। ଏହାସହ ଘଡ଼ଘଡ଼ି ମଧ୍ୟ ମାରିପାରେ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏନେଇ ନୟାଗଡ଼, ପୁରୀ, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ବର୍ଷା ସହ ବଜ୍ରପାତ ଓ କୁଆପଥର ମଧ୍ୟ ପଡ଼ିପାରେ। ଏହାସହ ୩୦-୪୦ କି.ମି. ବେଗରେ ପବନ ମଧ୍ୟ ବହିପାରେ। ଶନିବାର ଘନ କୁହୁଡ଼ି ନେଇ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର ଓ ବଲାଙ୍ଗୀର ଆଦି ୫ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପକ୍ଷେ ବର୍ଷା ଓ ଘନ କୁହୁଡ଼ି ପୂର୍ବାନୁମାନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସବୁ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ୧୦ ତାରିଖ ଯାଏ ସତର୍କ ରହିବାକୁ କୁହାଯାଇଛି। ସ୍ଥିତି ଉପରେ ନଜର ରଖିବା ସହ ଅଘଟଣ ଘଟିଲେ ଦ୍ରୁତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।




# ଚିଠା ବଜେଟକୁ ମନ୍ତ୍ରୀ ପରିଷଦର ଅନୁମୋଦନ

- କମିବ ବଜେଟ ଆକାର
- ଚାଲୁ ରହିଥିବା ଯୋଜନା ଉପରେ ରହିବ ଫୋକସ

ଭୁବନେଶ୍ୱର,୭।୨(ବ୍ୟୁରୋ)

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ପ୍ରାୟ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ଚିଠା ବଜେଟ ପ୍ରସ୍ତୁତ କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଆଗତ ଏହି ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ କରାଯାଇଛି। ଶୁକ୍ରବାର ଲୋକ ସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବଜେଟ ରୂପ ରେଖ ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ଚଳିତ ବଜେଟରେ ଗତବର୍ଷ ବଜେଟ ତୁଳନାରେ ଆଶାନୁରୂପ ବ୍ୟୟ ବରାଦ ହୋଇନାହିଁ। ଆର୍ଥିକ ମାନ୍ଦାବସ୍ଥା ସହ କେନ୍ଦ୍ର ଟିକସ ହ୍ରାସ ସମ୍ଭାବନା ଥିବାରୁ ରାଜ୍ୟ ସରକାର ଆସନ୍ତା ବଜେଟର ଆକାରକୁ ମାତ୍ର ୮ ପ୍ରତିଶତ ବୃଦ୍ଧି କରିଛନ୍ତି। ୨୦୧୯-୨୦ରେ ରାଜ୍ୟ ସରକାର ୧ ଲକ୍ଷ ୩୯ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିଲେ। ୨୦୧୮-୧୯ ବଜେଟ ତୁଳନାରେ ୧୫.୭ ପ୍ରତିଶତ ଅଧିକ ବ୍ୟୟ ବରାଦ କରାଯାଇଥିଲା।

ଏହି ଚିଠା ବଜେଟରେ ପ୍ରଶାସନିକ ଖର୍ଚ୍ଚ ବାବଦରେ ୬୫ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୭୪ ହଜାର କୋଟି, ବିପର୍ଯ୍ୟୟ ପ୍ରଶମନ ପରିଚାଳନା ପାଇଁ ୩୨୦୦ କୋଟି ଏବଂ ପଞ୍ଚମ ଅର୍ଥ କମିଶନଙ୍କ ସୁପାରିସ ବାବଦରେ ୭୮୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ସୂଚନା ମିଳିଛି। ଆସନ୍ତା ୧୮ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଏହି ବଜେଟକୁ ଉପସ୍ଥାପନ କରିବେ। ବଜେଟରେ କୌଣସି ନୂତନ ଯୋଜନା ସ୍ଥାନ ପାଇ ନାହିଁ। ଘୋଷଣା କରାଯାଇଥିବା ଏବଂ ଚାଲୁ ରହିଥିବା ଯୋଜନାଗୁଡ଼ିକ ପାଇଁ ଏହି ବଜେଟରେ ଅଧିକ ଫୋକସ କରାଯାଇଛି। ତେବେ ଆସନ୍ତା ବଜେଟରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ବିକାଶ ସାଙ୍ଗକୁ ଏକାମ୍ର, ତାରାତାରିଣୀ, ସମଲେଶ୍ୱରୀ ଭଳି ମନ୍ଦିର ଐତିହ୍ୟର ବିକାଶ ପାଇଁ ବ୍ୟୟ ବରାଦ କରାଯାଇଥିବା ଜଣାପଡ଼ିଛି। ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ କମିଶନ ବକେୟା (୬୦ପ୍ରତିଶତ) ଦେବାକୁ ସରକାର ଚିଠା ବଜେଟରେ କୌଣସି ବ୍ୟୟ ବରାଦ କରି ନ ଥିବା କୁହାଯାଉଛି।

ଆସନ୍ତା ବଜେଟକୁ ଅର୍ଥ ବିଭାଗ ମାପି ଚୁପି ପ୍ରସ୍ତୁତ କରିଛି। ଯେଉଁ ବିଭାଗର ଯେତିକି ଅର୍ଥ ଦରକାର ସେତିକି ଅର୍ଥ ଦେବା ନେଇ ପ୍ରସ୍ତାବ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଥିଲା। ବଜେଟ ଅର୍ଥ ଯେପରି ଠିକ୍ ସମୟରେ ଖର୍ଚ୍ଚ ହେବ ସେନେଇ ଗୁରୁତ୍ୱ ଦିଆଯାଇଛି। କୌଣସି ବିଭାଗ ଖର୍ଚ୍ଚ ନ କରିପାରି ଅର୍ଥ ଯେପରି ନ ଫେରାଇବ ସେ ନେଇ ବଜେଟରେ ଧ୍ୟାନ ଦିଆଯାଇଛି।

# ସୁନ୍ଦରଗଡ଼ ଜିଲାକୁ ୬୬୦ କୋଟିର ପାନୀୟ ଜଳ ପ୍ରକଳ୍ପ

**କ୍ୟାବିନେଟ ନିଷ୍ପତ୍ତି**

- ଉପକୃତ ହେବେ ୩ ଲକ୍ଷ ୨୯ ହଜାର ଲୋକ
- ୨୪ ମାସରେ ସରିବ ପ୍ରକଳ୍ପ

ଭୁବନେଶ୍ୱର, ୭।୨ (ବ୍ୟୁରୋ)

ସୁନ୍ଦରଗଡ ଜିଲାର ଦୁଇଟି ପାନୀୟ ଜଳପ୍ରକଳ୍ପକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛି। ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳର ୩ ଲକ୍ଷ ୨୯ ହଜାର ୯୫୬ ଜଣଙ୍କୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ। ଏହି ଦୁଇଟି ପ୍ରକଳ୍ପରେ ମୋଟ ୬୬୦ କୋଟି ଟଙ୍କା ଖର୍ଚ୍ଚ ହେବ।

ପ୍ରଥମ ପ୍ରକଳ୍ପ ସୁନ୍ଦରଗଡ ଜିଲାର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ୧୮ଟି ପଞ୍ଚାୟତରେ କାର୍ଯ୍ୟକାରୀ ହେବ। ଏହି ପଞ୍ଚାୟତର ୧୦୦ ଗ୍ରାମର ୯୭୮୭୨ ଜଣ ଏବଂ ନୂଆଗାଁ ବ୍ଲକ ଅନ୍ତର୍ଗତ ୨୦ ପଞ୍ଚାୟତର ୧୧୯ ଗ୍ରାମର ୧,୦୬,୧୫୬ ଜଣ ଲୋକଙ୍କୁ ମିଶାଇ ୧,୨୫,୯୨୮ ଲୋକଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ୩୪୦ କୋଟି ୩୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ପ୍ରକଳ୍ପ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ସେହିପରି ଅନ୍ୟ ଏକ ପାନୀୟଜଳ ପ୍ରକଳ୍ପ ସୁନ୍ଦରଗଡ଼ ଜିଲାର ଗୁରୁଣ୍ଡିଆ ବ୍ଲକରେ କାର୍ଯ୍ୟକାରୀ ହେବ। ଏହି ବ୍ଲକ ଅନ୍ତର୍ଗତ ୧୧ ପଞ୍ଚାୟତ ଅଧୀନ ୧୨୩ ଗ୍ରାମର ୫୭,୬୨୨ ଜଣ, କୋଇରା ବ୍ଲକର ୭ ପଞ୍ଚାୟତ ଅଧୀନ ୩୮ ଗ୍ରାମର ୨୭,୯୨୮ ଜଣ ଏବଂ ଲହୁଣିପଡା ବ୍ଲକ ଅନ୍ତର୍ଗତ ୭ ପଞ୍ଚାୟତ ଅଧୀନ ୧୦୧ ଗ୍ରାମର ୪୦,୩୭୮ ଜଣ ଲୋକ ଉପକୃତ ହୋଇପାରିବେ। ଉକ୍ତ ପ୍ରକଳ୍ପ ପାଇଁ ୩୨୦ କୋଟି ୧୧ଲକ୍ଷ ୨୦ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ରେଳ ବଜେଟ ହ୍ରାସ ନେଇ ୧୦ରେ ବିଧାନସଭା ଗୃହ କମିଟି ବୈଠକ

- ୧୧ କିମ୍ବା ୧୨ରେ ରେଳମନ୍ତ୍ରୀଙ୍କୁ ଭେଟିବାକୁ ମଗାଯିବ ସମୟ

ଭୁବନେଶ୍ୱର, ୭।୨(ବ୍ୟୁରୋ)

ଚଳିତ ବର୍ଷ ଓଡିଶାର ବିଭିନ୍ନ ରେଳ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ବଜେଟରେ ୪୩୭୩ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହା ଗତ ବର୍ଷ ବ୍ୟୟବରାଦଠାରୁ ୨୨୦କୋଟି ଟଙ୍କା କମ୍ ରହିଛି। ପୂର୍ବତଟ ରେଳପଥ ଲାଗି ଚଳିତ ଥର ୫୮୬୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ରାଜ୍ୟର ବିଭିନ୍ନ ପ୍ରକଳ୍ପ ଏଥିରେ ସାମିଲ ରହିଛି। ଗତବର୍ଷ ଓଡ଼ିଶା ରେଳପଥର ବିଭିନ୍ନ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ୪୫୯୩ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ତେବେ ଚଳିତ ଥର କେନ୍ଦ୍ର ବଜେଟରେ ରେଲୱେ ଅନୁଦାନ ହ୍ରାସ ପାଇବାପ ରେ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଛନ୍ତି। ଏହାସହ କଂଗ୍ରେସ ମଧ୍ୟ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଟାର୍ଗେଟ କରିବାରେ ଲାଗିଛି। ଏଭଳି ସ୍ଥିତିରେ ବିଧାନସଭାର ରେଲୱେ କମିଟି ଆସନ୍ତା ୧୦ତାରିଖରେ କେନ୍ଦ୍ର ପକ୍ଷରୁ ହ୍ରାସ କରାଯାଇଥିବା ଅନୁଦାନ ବାବଦରେ ଏକ ବୈଠକ କରିବାକୁ ଯାଉଛି। କମିଟି ଅଧ୍ୟକ୍ଷ ତଥା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ କମିଟିର ସମସ୍ତ ସଦସ୍ୟଙ୍କୁ ଯୋଗଦେବା ଲାଗି ଚିଠି ଦିଆଯାଇଛି। ଏହିଦିନ ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ବିଧାନସଭାର ୫୪ନମ୍ବର ରୁମ୍‌ରେ ବୈଠକ ଅନୁଷ୍ଠିତ ହେବ। ରେଲୱେ ଅନୁଦାନ ହ୍ରାସ କରାଯିବା ଏବଂ ରାଜ୍ୟରେ ରେଳ କାର୍ଯ୍ୟ ବଢାଇବା ପାଇଁ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ନେଇ ମଧ୍ୟ ଆଲୋଚନା ହେବ। ଏହାସହ ଆସନ୍ତା ୧୧ କିମ୍ବା ୧୨ରେ ରେଳମନ୍ତ୍ରୀଙ୍କୁ ଭେଟିବା ସକାଶେ ସମୟ ମଗାଯିବ। କେନ୍ଦ୍ରମନ୍ତ୍ରୀ ଯେଉଁ ତାରିଖ ଦେବେ କମିଟି ସଦସ୍ୟମାନେ ଦିଲ୍ଲୀ ଯାଇ ତାଙ୍କୁ ଭେଟିବେ ବୋଲି ଜଣାପଡିଛି।

# ମୟୂରଭଞ୍ଜରେ ହେବ ବାଘ ସଫାରି

ବଡ଼ସାହି/ବାରିପଦା ଅଫିସ,୭।୨(ସ୍ୱ.ପ୍ର)



ପ୍ରସ୍ତାବିତ ଜାତୀୟ ଉଦ୍ୟାନ ତଥା ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳରେ ବାଘ ସଫାରି ହେବ। ଏ ନେଇ ନ୍ୟାଶନାଲ ଟାଇଗର କଞ୍ଜର୍‌ଭେସନ୍ ଅଥରିଟି (ଏନ୍‌ଟିସିଏ) ପକ୍ଷରୁ ଶିମିଳିପାଳ କର୍ତ୍ତୃପକ୍ଷଙ୍କୁ ସୂଚନା ପ୍ରଦାନ କରାଯାଇଛି। କରଞ୍ଜିଆ ଉପଖଣ୍ଡ ଯଶିପୁରଠାରେ ଏହି ପ୍ରକଳ୍ପ ନିର୍ମାଣ କରିବା ପାଇଁ ଜାଗା ଚିହ୍ନଟ କରିବାକୁ ଏନ୍‌ଟିସିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ବିଭିନ୍ନ ପ୍ରଜାତିର ବାଘ ଦେଖିବା ପାଇଁ ଏଠାକୁ ଆସିବା ସହ ଅଭୟାରଣ୍ୟ ବୁଲି ମଜା ନେଇଥାନ୍ତି। ସେଥି ମଧ୍ୟରୁ ରୟାଲ ବେଙ୍ଗଲ ଟାଇଗର ବା ମହାବଳ ବାଘଙ୍କ ନିର୍ଭୟ ଆଶ୍ରୟସ୍ଥଳୀ ପାଲଟିଥିବା ଶିମିଳିପାଳରେ କଳରାପତରିଆ ଓ ଚିତା ବାଘଙ୍କ ସଂଖ୍ୟା ଅନେକ ରହିଛି। ଚଳିତ ବର୍ଷ ଜାନୁୟାରୀ ଶେଷ ସୁଦ୍ଧା ଶିମିଳିପାଳକୁ ୩୦ହଜାର ପର୍ଯ୍ୟଟକ ଆସିଥିବାବେଳେ ମୋଟ ୧କୋଟି ୪ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ମାତ୍ରାଧିକ ପର୍ଯ୍ୟଟକଙ୍କ ସହିତ ଯାନବାହନ ଚଳପ୍ରଚଳ ଯୋଗୁ ବାଘମାନେ ଅସୁରକ୍ଷିତ ରହୁଛନ୍ତି। ସେମାନଙ୍କୁ ଶାନ୍ତ ବାତାବରଣ ମଧ୍ୟରେ ରଖିବା ପାଇଁ ଏନ୍‌ଟିସିଏ ପକ୍ଷରୁ ବାଘ ସଫାରୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ସଂଯୋଗ କରି ଯେ କୌଣସି ସ୍ଥାନରେ ଏହି ବାଘ ସଫାରୀ କରିବାକୁ ଏନ୍‌ଟିସିଏ ମନସ୍ଥ କରିଥିବାବେଳେ ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଯଶିପୁରଠାରେ ଏହି ପ୍ରକଳ୍ପ ହେବାର ସମ୍ଭାବନା ରହିଛି। ଏଥି ନିମନ୍ତେ ଜାଗା ଚିହ୍ନଟ କରିବାକୁ ଏନ୍‌ଟିସିଏ ପକ୍ଷରୁ ଶିମିଳିପାଳ କର୍ତ୍ତୃପକ୍ଷ ଓ କରଞ୍ଜିଆ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିମିଳିପାଳ ଭିତରକୁ ପର୍ଯ୍ୟଟକମାନଙ୍କୁ ନ ଛାଡ଼ି ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ବାଘ ସଫାରୀ କରି ପର୍ଯ୍ୟଟକମାନଙ୍କୁ ବିଭିନ୍ନ ପ୍ରଜାତିର ବାଘ ଦେଖିବାର ବ୍ୟବସ୍ଥା କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି କହିଛନ୍ତି। ଏହି ସଫାରୀ ହେଲେ ରାଜ୍ୟର ପ୍ରଥମ ବାଘ ସଫାରୀ ଭାବେ ବେଶ୍ ଆଦୃତି ଲାଭ କରିବ ବୋଲି ଜଣାପଡିଛି। ପ୍ରସ୍ତାବିତ ଟାଇଗର ସଫାରୀରେ ଜଙ୍ଗଲୀ ବାଘ ରଖା ନ ଯାଇ ପୋଷା ବାଘ ଓ ମିଲାନାଷ୍ଟିକ ପ୍ରଜାତିର ବାଘ ରଖାଯିବ ବୋଲି ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି। ତେବେ ଏଥିରେ କେତୋଟି ବାଘ ରହିବେ ଓ କେଉଁଠୁ ଏହି ବାଘ ଆସିବେ ସେନେଇ ଠିକ୍ ସୂଚନା ମିଳିନାହିଁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ଅଂଶୁ
ପରିବାରବର୍ଗ


ଚିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାରାଦୀପରେ ହେବ ନୂତନ ଅଏଲ ଟର୍ମିନାଲ


ଚୁକ୍ତି ସ୍ୱାକ୍ଷର ଅବସରରେ ପିପିଟି-ଏନ୍‌ଆର୍‌ଏଲ୍‌ର ଉଚ୍ଚ ପଦାଧିକାରୀମାନେ।

- ପିପିଟି-ଏନ୍‌ଆର୍‌ଏଲ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ
- ୨୦୦ ଏକର ଜମି ଦେବ ବନ୍ଦର

**ପାରାଦୀପ, ୭।୨ (ସ୍ୱ.ପ୍ର.)**

ପାରାଦୀପରେ ଆଉ ଏକ ନୂତନ ଅଶୋଧିତ ତୈଳ ଟର୍ମିନାଲ ସ୍ଥାପନ କରାଯିବ। କମ୍ପାନୀ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩ରୁ ୯ ଏମ୍‌ଏମ୍‌ଟିପିଏ (ମିଲିୟନ ମେଟ୍ରିକ୍ ଟନ୍ ପର୍ ଆନମ୍) କରିବା ନେଇ ଏହି ପଦକ୍ଷେପ ନେଇଛି। ଏଥିପାଇଁ ପାରାଦୀପ ବନ୍ଦର ଟ୍ରଷ୍ଟ (ପିପିଟି) ଓ ନୁମାଲିଗଡ଼ ରିଫାଇନେରୀ ଲିମିଟେଡ୍ (ଏନ୍‌ଆର୍‌ଏଲ୍) ମଧ୍ୟରେ ଶୁକ୍ରବାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୀର୍ଘ ମିଆଦୀ ଲିଜ୍ ଭିତ୍ତିରେ ଏନ୍‌ଆର୍‌ଏଲ୍‌କୁ ଏହି ଜମି ଦିଆଯିବ। ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଓ ଏନ୍‌ଆର୍‌ଏଲ୍ ମ୍ୟାନେଜିଂ ଡାଇରେକ୍ଟର ଏସ୍.କେ. ବରୁଆଙ୍କ ଉପସ୍ଥିତିରେ ଦୁଇ ସଂସ୍ଥାର ବରିଷ୍ଠ ଅଧିକାରୀ କେ. ଥିରୁମୋଲାର ଓ ଏ.ପି. ଚକ୍ରବର୍ତ୍ତୀ ଚୁକ୍ତିପତ୍ରରେ ଦସ୍ତଖତ କରିଥିଲେ। ଉକ୍ତ ଅଏଲ ଟର୍ମିନାଲ ପାଇଁ ପାରାଦୀପ ବନ୍ଦର ୨୦୦ ଏକର ଜମି ଦେବ। ଏଥିପାଇଁ ଏନ୍‌ଆର୍‌ଏଲ୍ କମ୍ପାନୀ ଅଗ୍ରିମ ୨୦ କୋଟି ଟଙ୍କା ବନ୍ଦରକୁ ଦେଇଛି। ତେବେ କେଉଁ ଅଞ୍ଚଳରୁ ୨୦୦ ଏକର ଜମି ଉକ୍ତ କମ୍ପାନୀକୁ ଦିଆଯିବ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

**ପ୍ରଥମ ପୃଷ୍ଠାରୁ...**

## ଭଙ୍ଗାହେଲା ବିବାଦୀୟ ...

ବେଆଇନ ଅତିଥି ଭବନକୁ ଭାଙ୍ଗିବା ପାଇଁ ପୂର୍ବ ପ୍ରସ୍ତୁତି ସହ ଜିଲା ପ୍ରଶାସନ ସକାଳ ୮ଟାରେ ହରିଦାସପୁରରେ ପହଞ୍ଚିଥିଲା। ଅତିଥିଭବନର ସିଲ୍‌କୁ ଖୋଲିବା ପରେ ସେଠାରେ ଥିବା ଆବଶ୍ୟକ ସାମଗ୍ରୀକୁ ନେଇଯିବା ପାଇଁ ସରପଞ୍ଚ ମଧୁସ୍ମିତାଙ୍କୁ କୁହାଯାଇଥିଲା। କିନ୍ତୁ ସେ କେତେଜଣ ମହିଳାଙ୍କୁ ନେଇ କୋଠା ଭାଙ୍ଗିବାକୁ ବିରୋଧ କରିଥିଲେ। ଏହାକୁ ନେଇ କିଛି ସମୟ ପ୍ରଶାସନ ଓ ସରପଞ୍ଚ ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପ୍ରଶାସନ ସେମାନଙ୍କ ସହ ବୁଝାଶୁଝା କରିବା ସହ ଆଇନଗତ ପଦକ୍ଷେପ ନେଇଥିଲା। ଭାଙ୍ଗିବା ପୂର୍ବରୁ ଘରେ ଥିବା ସମସ୍ତ ସାମଗ୍ରୀକୁ ପ୍ରଶାସନ ଏକ ଧଳା କପଡ଼ାରେ ଗୁଡ଼ାଇ ସିଲ କରି ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପରେ ୨ଟି ବୁଲଡ୍ରୋଜର ଦ୍ୱାରା ଅତିଥିଭବନ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ହୋଇଥିଲା। ଏହି ସମୟରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଦର୍ପଣ ତହସିଲଦାର ବରେନ୍ଦୁ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ପଟ୍ଟନାୟକ, ରାଜକିଶୋର ଦୋରା, ଏସଡିପିଓ ଚିନ୍ମୟ କୁମାର ନାୟକ, ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲା, ଦେବୀ ପ୍ରସାଦ ମହାନ୍ତି, ଅଭୀଲିପ୍ସା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ, ବଡଚଣା ଥାନାଧିକାରୀ ଦୀପକ କୁମାର ଜେନା, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ, ଧର୍ମଶାଳା ତହସିଲର ୧୧ଜଣ ରାଜସ୍ୱ ନିରୀକ୍ଷକ, ୧୧ଜଣ ସହନିରୀକ୍ଷକ ଓ ୮ଜଣ ତହସିଲ କର୍ମଚାରୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ଥିଲେ। ସ୍ମିତାରାଣୀଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇ ନ ଥିବାବେଳେ ଏହି ଘଟଣାର ଏକମାତ୍ର ମୂକସାକ୍ଷୀ ଥିବା ଅତିଥି ଭବନ ଭାଙ୍ଗି ଦିଆଯିବାକୁ ସ୍ମିତାରାଣୀଙ୍କ ପରିବାର ପକ୍ଷରୁ ନାପସନ୍ଦ କରାଯାଇଛି। ଏହାକୁ ଭାଙ୍ଗି ଦିଆଯିବା ପରେ ସେଥିରେ ଥିବା ସମସ୍ତ ପ୍ରମାଣ ନଷ୍ଟ ହୋଇଗଲା ବୋଲି କୁହାଯାଉଛି। ସରପଞ୍ଚ ଭଦ୍ର ପ୍ରଶାସନ ତାଙ୍କୁ ଯଥେଷ୍ଟ ସମୟ ଦେଇନାହିଁ ବୋଲି କହିଛନ୍ତି। ତାଙ୍କୁ ଘର ଭାଙ୍ଗିବା ନୋଟିସ ମିଳିବାର ୨୪ ଘଣ୍ଟା ନ ପୂରୁଣୁ ପ୍ରଶାସନ ଭାଙ୍ଗିବାକୁ ପହଞ୍ଚିବା ବେଆଇନ ବୋଲି ସେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ, ପିଇଓ ସ୍ମିତାରାଣୀ ଅଭିଯୁକ୍ତ ରୂପେଶଙ୍କ ସହ ଚାରିବାଟିଆ ଗ୍ରାମକୁ ଭତ୍ତା ବାଣ୍ଟିବାକୁ ଯାଇଥିଲେ। ଭତ୍ତା ବାଣ୍ଟି ସାରିବା ପରେ ସେ ଅପରାହ୍ନରେ ବେଆଇନ ଅତିଥିଭବନକୁ ମଧ୍ୟାହ୍ନ ଭୋଜନ କରିବାକୁ ଯାଇଥିଲେ। ମାତ୍ର ସେଠାରେ ଏକ କୋଠରିରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

## ମୃତ କର୍ମଚାରୀ ପରିବାରକୁ ...

୨୦୧୪ ସେପ୍ଟେମ୍ବର ୧୭ରେ ରାଜ୍ୟର ଘରୋଇ ଇସ୍ପାତ କାରଖାନାଗୁଡ଼ିକୁ ଏହି ଦୀର୍ଘ ମିଆଦୀ ଖଣିଜ ଯୋଗାଣ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହି ନୀତିକୁ ଅଧିକ କ୍ରିୟାଶୀଳ ତଥା ତ୍ୱରାନ୍ୱିତ କରିବା ପାଇଁ ଓଏମ୍‌ସି ଓ କ୍ରେତା (ଯେଉଁମାନେ ଯାନ୍ତ୍ରିକ ଖଣିଜ ଉତ୍ତୋଳନ ବ୍ୟବସ୍ଥାରେ ପୁଞ୍ଜି ବିନିଯୋଗ କରିବାକୁ ଇଚ୍ଛୁକ) ମାନଙ୍କ ମଧ୍ୟରେ ୫ ବର୍ଷରୁ ଉର୍ଦ୍ଧ୍ୱ ମିଆଦ ଖଣିଜ ଯୋଗାଣ ଚୁକ୍ତି କରାଯିବ। ଏହାଦ୍ୱାରା ଓଏମ୍‌ସି ଅଧିକ ଖଣିଜ ଉତ୍ତୋଳନ କରିପାରିବ। ଯେଉଁ ଖଣି ଲିଜଧାରୀଙ୍କର କ୍ରୋମ ଖଣି ପଟ୍ଟା ଅଛି, ସେମାନଙ୍କୁ ଜାତୀୟ ଇ-ଖଣି ନିଲାମରେ ଭାଗ ନେବାକୁ ଅନୁମତି ଦିଆଯିବନାହିଁ। ଏହାଦ୍ୱାରା କ୍ରୋମ ଭଳି ଖଣିଜ ପଦାର୍ଥର ଉପଯୁକ୍ତ ବଜାର ଦର ନିର୍ଦ୍ଧାରଣ ହେବ। ରାଜ୍ୟ କ୍ୟାବିନେଟରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ ରିପୋର୍ଟ ଏବଂ ଆକ୍ସନ ଟେକେନ ରିପୋର୍ଟକୁ ମଞ୍ଜୁରି ମିଳିଛି। ଏହାକୁ ଆସନ୍ତା ବିଧାନସଭା ଅଧିବେଶନରେ ଗୃହରେ ଉପସ୍ଥାପନ କରାଯିବ। ରାଜ୍ୟ ସରକାର ଓଡ଼ିଶା ବେସାମରିକ ସେବା (ନିୟମିତ ଏବଂ ପଦୋନ୍ନତି ଚୟନର ମାନଦଣ୍ଡ) ନିୟମାବଳୀ-୨୦୦୩ର ସଂଶୋଧନ କରିଛନ୍ତି। ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ଏହି ନିୟମାବଳୀ ଆଧାରରେ ସରକାରୀ କର୍ମଚାରୀ ଚୟନ, ନିଯୁକ୍ତି ସହ ପଦୋନ୍ନତିର ମାନଦଣ୍ଡ ନିୟନ୍ତ୍ରିତ ହେଉଛି। ଓଡ଼ିଶା ବେସାମରିକ ସେବା ନିୟମାବଳୀ-୨୦୦୩ର ନିୟମ-୪ ଏବଂ ଉପ ନିୟମ-୨ ଅନୁଯାୟୀ ଖାଲିପଡ଼ିଥିବା ପଦୋନ୍ନତି ପଦବୀର ୧.୨୫ଗୁଣା ବ୍ୟକ୍ତିଙ୍କୁ ଏହି ନିୟମାବଳୀର ନିୟମ-୪ ଏବଂ ଉପନିୟମ-୧ ଅନୁଯାୟୀ ପ୍ରସ୍ତୁତି ହେଉଥିବା ତାଲିକାରେ ଅନ୍ତର୍ଭୁକ୍ତ କରାଯାଉଛି। ପଦୋନ୍ନତି ଚୟନ କମିଟି (ଡିପିସି) ନ କରି ପଦବୀ ଆଧାରିତ(ପୋଷ୍ଟ ବେସଡ୍) ସଂରକ୍ଷଣ ବ୍ୟବସ୍ଥାରେ ପଦୋନ୍ନତି ଦିଆଯାଉଥିଲା। ଉକ୍ତ ନିୟମକୁ ସଂଶୋଧନ କରିବା ପରେ ଖାଲି ପଦବୀ ଆଧାରିତ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି। ଖାଲି ପଦବୀରେ ସଂରକ୍ଷଣ ଆଧାରରେ ନିଯୁକ୍ତି ଦେବା ଦ୍ୱାରା ପରବର୍ତ୍ତୀ ବର୍ଷରେ ପଦୋନ୍ନତି ପାଇଁ ଦାବି କରି କୋର୍ଟ କଚେରିକୁ ଚାଲି ଯାଉଛନ୍ତି। ଏହାଦ୍ୱାରା ସରକାରଙ୍କୁ କୋର୍ଟ କଚେରି ମାମଲାରେ ଅଯଥାରେ ଘାଣ୍ଟିହେବାକୁ ପଡୁଛି। ସରକାର ପ୍ରଚଳିତ ନିୟମକୁ ଉଚ୍ଛେଦ କରି ଓଡ଼ିଶା ବେସାମରିକ ସେବା (ନିଯୁକ୍ତି ଏବଂ ପଦୋନ୍ନତି ଚୟନ ମାନଦଣ୍ଡ) ସଂଶୋଧନ ନିୟମାବଳୀ-୨୦୧୯କୁ କାର୍ଯ୍ୟକାରୀ କରିଛନ୍ତି। ଅନ୍ୟପକ୍ଷରେ ଷୋଡଶ ବିଧାନସଭାର ତୃତୀୟ ଅଧିବେଶନ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମସ୍ଥ ଶନି ହେତୁ ଆପଣଙ୍କ ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟା ସୁଧାରି ନେବାର ପ୍ରଯତ୍ନ କରିବେ। ଅବଶ୍ୟ ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ବ୍ୟସ୍ତ ରହିବେ।

**ବୃଷ** ତୃତୀୟସ୍ଥ ଚନ୍ଦ୍ର ଯୋଗୁ ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦକରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁଦୌଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ।

**ମିଥୁନ** ପରିବାରରେ କେତେକ କଥା କହିବାକୁ ଇଚ୍ଛା ଥିଲେ ମଧ୍ୟ ସଙ୍କୋଚବଶତଃ କହିପାରିବେ ନାହିଁ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କର୍କଟ** ଭାଗ୍ୟସ୍ଥ ଶୁକ୍ର ହେତୁ ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂରହେବ। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ।

**ସିଂହ** ରବି ଷଷ୍ଠସ୍ଥ ଯୋଗୁ କେବଳ ମନ ବୁଝିଲା ଭଳି କଥା କହି ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାର ଯୋଜନା କରିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରିବେ। ମଧ୍ୟାହ୍ନରେ କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**କନ୍ୟା** ଗତକାଲିର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** ଆର୍ଥିକ ଅସନ୍ତୁଳନ ସାଙ୍ଗକୁ କାହା ମନ କାହା ସାଙ୍ଗରେ ନ ମିଶିବା କାରଣରୁ ମନ ଭଲ ରହିବ ନାହିଁ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥ ଆବଶ୍ୟକ ପଡ଼ିପାରେ। କର୍ମକ୍ଷେତ୍ରରେ ,ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**ବିଛା** ଆଜିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି,ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବା ସମ୍ଭାବନା ରହିଛି।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ଯେକୌଣସି ପ୍ରତିଯୋଗିତାରେ ଯୋଗଦେଲେ ଅବଶ୍ୟ ସଫଳତା ପାଇବା ଯୋଗୁ ମନ ଖୁସି ରହିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା,ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର** ଦୀର୍ଘଦିନରୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବା ସମ୍ଭାବନା ଅଛି। କଳା,ସାହିତ୍ୟ, କ୍ରୀଡ଼ା,ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ।

**କୁମ୍ଭ** କର୍ମକ୍ଷେତ୍ର କିମ୍ବା ପରିବାରରେ ଯେତେ ପ୍ରକାର ସମସ୍ୟା ସୃଷ୍ଟିକଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ଆଜି ଆକସ୍ମିକ ଭାବରେ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ,ଯାହାକି ବ୍ୟସ୍ତତାର କାରଣ ହୋଇପାରେ।

ଆଜି ମାଘ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ଶନିବାର, ଫେବୃୟାରୀ ୮ ତାରିଖ,ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୦୮ମି. ଗତେ ଘ୧।୦୮ମି. ମଧ୍ୟେ ଅମୃତବେଳା ଏବଂ ଦିବା ଘ୭।୫୩ମି. ଗତେ ଘ୯।୧୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୯।୧୨ମି. ଗତେ ଘ୧୦।୩୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

2017, Swift Dzire (5,00,000) refinance available. 2012, Piagio Passanger Auto (70,000) Contact: 9178012971. D-16550

**HIRE**

Wanted 14 Chakia Truck on monthly hire. If somebody want to give, contact: 7809525452. D-68781




**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

**Bhubaneswar gharabari plot near SBI Colony Kesura, Koradakanta near NH side electricity, boundary immediate construction: 9438650505.** D-16556

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

**ଭୁବନେଶ୍ୱର AIIMS Medical ଠାରେ 30' ରାସ୍ତାଥାଇ yellowzone, ଘରବାରି, boundary plot ମିଳୁଅଛି। 1st possession/ registration- 9937819395.** D-68481

Gharabari plots eastfacing developed boundary Tankapaniroad Sai Mandir sqft. 1600/-, 7735738102. D-16572

Boundarywall, 30ft. road well demarcated plot near Gudia pokhari, Bilipada, Bhubaneswar. 9937518482, 8908805482. D-68656

**ଭୁବନେଶ୍ୱର Tamando ଥାନାଠାରୁ 1k.m ଦୂରତାରେ yellowzone plot ମିଳୁଅଛି। 8594954102.** D-68485

2BHK flat for sale at Hitechplaza Sundarpada, Bhubaneswar. Cost- 20 Lakh, 9937780587, 9937443289. D-63224

4/5 BHK Duplex at Balianta. Construction - 2200 @ 60Lakhs/ 2600 @ 70Lakhs. Finance by LIC. Mplanets: 9938219397, 9861022055. D-16589

**ଭୁବନେଶ୍ୱର Sumhospitalରୁ 4k.m 100' ରୋଡ଼କୁ ଲାଗି Tamando Kendriyaviharଠାରେ yellowzone ଘରବାରୀ ପ୍ଲଟ 8763886290, 9348767829.** D-68486

Bhubaneswar new Railway station ରୁ 500 ମିଟର ଦୂରରେ yellowzone sqft. କୁ 600/-, Puri bypass road, Gudiapokhari Saimandirରୁ 500 ମିଟର ମଧ୍ୟରେ 30' ରାସ୍ତାଥାଇ ବର୍ଗଫୁଟକୁ 550/-, 9938846611, 8327714482. D-68572

**4000 sqft. GA plot immediately sale at Surya Nagar, Bhubaneswar. Only buyer contact Deepak: 9937329999.** D-68059

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

**2BHK flat 1120sqft. adjecent to Mountlitera Zee School Kateni Bhubaneswar for sale @ 18,50,000/-**, 9937847725.** D-16588

Plot sale Banguary (Hanspal) 1300/- per sqft. construction 450/- and 850/- per sqft. Contact: 8018961216. D-16372




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229




Space available at IRC Village near Bishal Megha Mart suitable for office/ Clinic- 9090901043. D-68061

**2Bed room- 14,000/- (negotiable), first floor, Bank/ Govt. employees, BJB Nagar, Bhubaneswar. Contact: 9899614970, 9899899853.** D-67286

A/C halls ground floor 1500 sqft. and first floor 2500 sqft. suitable for Educational Institutes/ Offices at Patia near DLF Cybercity. Contact: 9437068052. D-16585




Ayurvedic full body massage ladies/gents smart experts therapist:- 8480939300. D-68772

Kasturi massage club, fully relaxed by expert lady, home service: 9178845612. D-68779

Newly open full body massage by ladies, gents therapist. 8018656899 D-60868

Ayurvedic full body massage by ladies, gents therapist. 7008773793 D-60869

Sai herbal spa refresh your body with smart, expert therapist. 7608062524. D-68991

Refresh your mind and soul with best therapy at Orchid Salon/Spa. 9937287222. D-68775

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68773

Full body herbal massage with refreshment expert therapist. 7381239385, 06742540855. D-68983

Experience full body massage with us (expert). Call: 7377048581, 06742597822. D-68984

Herbal full body massage by smart / expert therapist. Contact: 8338067247. D-68985

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68986

Body massage @ 1099 at mystic Unisex Salon and Spa. 9556978408. D-68988

Rejuvenate and Ayurvedic full body massage by smart therapist. 9114402304. D-68987

Ayurvedic full body massage ladies and gents. Contact: 9861064981. D-68778

Monalisa Massage Club: All types body massage with hiprofile smart lady rooms service available- 9708545108. D-16557

Ayurvedic full body massage, smart trained lady therapist- 9437453813. D-68060

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Marriage Mandap/ Bhoji all kinds of work available for instant arrangement at Bhubaneswar- 9937560970. D-68062

୪୯୯୯/- ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575

Offering stitching work contract for 75000 Qty. Bedsheets only for experienced, capable, registered tailoring professionals. Contact (1) Urushi Ethnic Studio Private Limited, Tankapani, Bhubaneswar 9238239786 (2) MS Metallization Private Limited, New Industrial Estate, Jagatpur, 6370368713 (3) Padmalaya Textile of India, New Industrial Estate, Jagatpur 9438804164 (4) Florence Fabrics, Electronic City 1, Bangalore 7899300505. D-16584

**Happy Birthday Chiki**



ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଖୁସି ଆଉ ଦୀର୍ଘ ଜୀବନ କାମନା କରୁଅଛୁ।

-:ଶୁଭେଚ୍ଛା ସହ:-
ବାପା, ମା, ବନ୍ଧୁ ଓ ପରିବାରବର୍ଗ

ଧ-୬୮୯୯୬

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି(W) ହେବା ଆବଶ୍ୟକ।**

# ଅପରେଶନ 'ସ୍ୱାଭିମାନ': ବିପୁଳ ଅସ୍ତ୍ରଶସ୍ତ୍ର ଜବତ

## ମାଓବାଦୀଙ୍କ ସହ ହୋଇଛି ଦୁଇଥର ଗୁଳି ବିନିମୟ



ଜବତ ମାଓବାଦୀ ସାମଗ୍ରୀ ସହ ଯବାନମାନେ।

ଭୁବନେଶ୍ୱର, ୭।୨(ବ୍ୟୁରୋ)

ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କ ବିରୋଧରେ ଓଡ଼ିଶା ପୋଲିସ ନେତୃତ୍ୱରେ ଚାଲିଥିଲା ଅପରେଶନ 'ସ୍ୱାଭିମାନ'। ଜାନୁୟାରୀ ୮ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଅପରେଶନ ସମୟରେ ମାଓବାଦୀମାନେ ଲୁଚାଇ ରଖିଥିବା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସେଥିମଧ୍ୟରେ ଅତ୍ୟାଧୁନିକ ବନ୍ଧୁକ ରହିଛି। ତାହା ପୋଲିସଠାରୁ ମାଓବାଦୀମାନେ ଲୁଟ୍ କରିଥିବା ସନ୍ଦେହରେ ତଦନ୍ତ କରାଯାଉଛି। ତେବେ ଇନ୍‌ସାସ୍ ଲାଇଟ୍ ମେଶିନ ଗନ(ଏଲ୍‌ଏମ୍‌ଜି), ଏଲ୍‌ଏମ୍‌ଜି ମାଗାଜିନ ଓ ଅପ୍ଟିକାଲ ସାଇଟ୍ ଜବତ ହେବା ଓଡ଼ିଶା ପୋଲିସ ପାଇଁ ପ୍ରଥମ ଘଟଣା।

ଗତ ଜାନୁୟାରୀ ୧୫ରେ ମାଲକାନଗିରି ଏସ୍‌ପି ଋଷିକେଶ ଡି. ଖିଲାରୀଙ୍କ ନେତୃତ୍ୱରେ ଓଡ଼ିଶା ପୋଲିସର ଏସ୍‌ଓଜି ଓ ଡିଭିଏଫ ବାହିନୀ ସହିତ ଗୋଇଗୁଣା ଗାଁ ନିକଟରେ ମାଓବାଦୀଙ୍କ ଗୁଳିବିନିମୟ ହୋଇଥିଲା। ଏଥିରେ କୌଣସି ମାଓବାଦୀ ମୃତାହତ କିମ୍ବା ଧରାପଡି ନ ଥିଲେ। ପୋଲିସର ସର୍ଚ୍ଚ ଅପରେଶନ ଚାଲିଥିବା ବେଳେ ପୁଣି ୨୦ ତାରିଖରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା। ଗୁଳି ବିନିମୟ ପରେ ମାଓବାଦୀଙ୍କ ଆଡ୍ଡାରୁ ଜବତ କରାଯାଇଥିବା ଦସ୍ତାବିଜ୍ ଏବଂ ବୈଦ୍ୟୁତିକ ଉପକରଣରୁ ଲୁଚାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ସମ୍ପର୍କରେ ତଥ୍ୟ ମିଳିଥିଲା। ଏହି ତଥ୍ୟ ଆଧାରରେ ସୁରକ୍ଷା ବାହିନୀ ପକ୍ଷରୁ ମାଲକାନଗିରି ସ୍ୱାଭିମାନ ଅଞ୍ଚଳର ଏବଂ ଆଖପାଖ ଅଞ୍ଚଳରେ ବ୍ୟାପକ ଖାନତଲାସି କରାଯାଇ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ଏହି ଅପରେଶନରେ ୩୨ ଟିମ୍‌ରେ ୯୬୫ ଜଣ ଯବାନ ରହିଥିଲେ। ବିଏସ୍ଏଫ୍, ସିଆରପିଏଫ, ଆନ୍ଧ୍ର ପୋଲିସ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ମିଳିତ ଭାବେ ଅପରେଶନରେ କରାଯାଇଥିଲା ବୋଲି ପୋଲିସ ଡିଜି ଅଭୟ ସ୍ଥାନୀୟ ଡିଜିପି କ୍ୟାମ୍ପ ଅଫିସରେ ଏକ ଖବରଦାତା ସମ୍ମିଳନୀ କରି କହିଥିଲେ।

### ଜବତ ଅସ୍ତ୍ରଶସ୍ତ୍ର

ଗୋଟିଏ ଇନ୍‌ସାସ ଲାଇଟ୍ ମେଶିନ ଗନ୍, ୩ ଇନ୍‌ସାସ ରାଇଫଲ, ୩ କାରବାଇନ ଷ୍ଟେନ୍‌ଗନ, ଗୋଟିଏ ଏସ୍‌ଏଲ୍‌ଆର ରାଇଫଲ, ଗୋଟିଏ .୩୦୩ ରାଇଫଲ, ଗୋଟିଏ ପିସ୍ତଲ, ୨୦୨ଟି ୫.୫୬ ଏମ୍‌ଏମ୍ ଗୁଳି, ୫୯ଟି ୭.୬୨ ଗୁଳି, ୪୨ଟି ୯ ଏମ୍‌ଏମ୍ ଗୁଳି, ୪ଟି ଏଲଏମଜି ମାଗାଜିନ, ୮ଟି ଇନ୍‌ସାସ ମାଗାଜିନ, ୨ଟି ଏସ୍‌ଏଲ୍‌ଆର ମାଗାଜିନ, ୬ଟି କାରବାଇନ ମାଗାଜିନ, ଗୋଟିଏ .୩୦୩ ମାଗାଜିନ, ୨ଟି ଭିଏଚ୍‌ଏଫ୍ ସେଟ କମ୍ ସ୍କାନର, ଗୋଟିଏ ଅପ୍‌ଟିକାଲ ସାଇଟ, ଗୋଟିଏ ଟିଫିନ୍ ବୋମା, ୧୦୦ ଗ୍ରାମର ବିସ୍ଫୋରକ ପାଉଡ଼ର। ୫ ବଣ୍ଡଲ କର୍ଡେକ୍ସ ତାର, ୧ ବଣ୍ଡଲ ଫ୍ଲେକ୍ସି ତାର, ୪ ମାଗାଜିନ ପାଉଚ ଓ ଗୋଟିଏ ଫ୍ଲାଶ ଲାଇଟ୍ ଜବତ କରାଯାଇଛି।

### ମାଓବାଦୀ ତାଡିବାର କାରଣ

ସ୍ୱାଭିମାନ ଅଞ୍ଚଳର ହନ୍ତାଳଗଡ଼ ଏବଂ ଯୋଡାଆମ୍ବ ଗ୍ରାମ ମଧ୍ୟରେ ଭଲ ଯୋଗାଯୋଗ ନ ଥିଲା। ଦୁଇ ଗ୍ରାମକୁ ଯିବାକୁ ହେଲେ କାଦୁଆ ରାସ୍ତାରେ ଯିବାକୁ ପଡୁଥିଲା। ଫଳରେ ମାଓବାଦୀ ଏହି ଦୁଇ ଗ୍ରାମକୁ ନିଜ କବ୍‌ଜାରେ ରଖିଥିଲେ। ହେଲେ ପ୍ରଶାସନ ପକ୍ଷରୁ ଦୁଇ ଗ୍ରାମକୁ ବିକାଶ ସହ ଯୋଡ଼ିବା ପାଇଁ ୨୦ ଫୁଟର ରାସ୍ତାକାମ ଆରମ୍ଭ କରାଯାଇଥିଲା, ଯାହାକୁ ମାଓବାଦମାନେ ବିରୋଧ କରିଥିଲେ। ଏପରି କି କାମ ବନ୍ଦ ପାଇଁ ଗ୍ରାମବାସୀଙ୍କୁ ମାଓବାଦୀମାନେ ଧମକାଇଥିଲେ। ଫଳରେ ଗ୍ରାମର କେତେଜଣ ଲୋକ ଜଣେ ମାଓବାଦୀଙ୍କୁ ପିଟିପିଟି ମାରିଦେଇଥିଲେ। ଫଳରେ ମାଓବାଦୀମାନେ ତାତି ଯାଇଥିଲେ। ଆନ୍ଧ୍ରରୁ ୨ଶହ, ଛତିଶଗଡ଼ରୁ ୭୦ ଏବଂ ଓଡ଼ିଶାରୁ ୩୦ଜଣ ମାଓବାଦୀ ସ୍ୱାଭିମାନ ଅଞ୍ଚଳରେ ମେଳି କରିଥିଲେ। ସ୍ଥାନୀୟ ମାଓବାଦୀ ନେତା ଅନିଲଙ୍କ ନେତୃତ୍ୱରେ ମାଓବାଦୀମାନେ ଗ୍ରାମବାସୀଙ୍କ ଘର ପୋଡ଼ି ଦେଇଥିଲେ। ଶେଷରେ ଗ୍ରାମବାସୀ ପୋଲିସ ଉପରେ ଭରସା କରି ମାଓବାଦୀଙ୍କ ଆଡ୍ଡା ସମ୍ପର୍କରେ ଖବର ଦେଇଥିଲେ। ପୋଲିସ ଉକ୍ତ ଅଞ୍ଚଳରେ ଚଳାଇଥିଲା ଅପରେଶନ 'ସ୍ୱାଭିମାନ'।

### ଡ୍ରମ୍ ଭିତରେ ଲୁଚାଇ ରଖୁଥିଲେ ଅସ୍ତ୍ରଶସ୍ତ୍ର

ଅସ୍ତ୍ରଶସ୍ତ୍ର ଲୁଚାଇ ରଖିବା ପାଇଁ ମାଓବାଦୀମାନେ ଭିନ୍ନ ତରିକା ଆପଣାଇଥିଲେ। ସେମାନେ ଏକ ଡ୍ରମ ଭିତରେ ଅସ୍ତ୍ରଶସ୍ତ୍ର ପୂରାଇ ମାଟିତଳେ ପୋତି ରଖୁଥିଲେ। ଡ୍ରମ ଉପରେ ଟିଣ କଭର ଦିଆଯାଉଥିବାରୁ ବର୍ଷାରେ ଅସ୍ତ୍ରଶସ୍ତ୍ର ନଷ୍ଟ ହେଉନଥିଲ।

# ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ

**ଫୁଲବାଣୀ ଅଫିସ, ୭।୨:** ବିଦ୍ୟାଳୟ ଅର୍ଥ ତୋସରପାତ ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ସତ୍ୟପୀର ମିଶ୍ର ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨ ଲକ୍ଷ ୬୯ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ବର୍ଷେ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ପ୍ରଧାନଶିକ୍ଷକ ଜଣକ ହେଲେ ବାଣେଶ୍ୱର ପ୍ରଧାନ। ସେ ଏବେ ଦାରିଙ୍ଗିବାଡି ବ୍ଲକ ଗରଡମାହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ।

୨୦୦୯-୧୦ ଆର୍ଥିକବର୍ଷରେ ବାଣେଶ୍ୱର ଟିକାବାଲି ବ୍ଲକ ବିରାଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ଯଥା ପାର୍ଟ ଟାଇମ ଶିକ୍ଷକ ନିଯୁକ୍ତି, ଛାତ୍ର ମୂଲ୍ୟାଙ୍କନ ଆଦି ପାଇଁ ବିଦ୍ୟାଳୟକୁ ଆସିଥିବା ଲକ୍ଷାଧିକ ଟଙ୍କାକୁ ଆତ୍ମସାତ୍ କରିଥିବା ନେଇ ତାଙ୍କ ନାମରେ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ୨୦୧୧ ସେପ୍ଟେମ୍ବର ୨୫ରେ ନଂ.୪୩/୧୧ରେ ମାମଲା ରୁଜୁ କରି ଇନ୍ସପେକ୍ଟର ସନ୍ତୋଷ କୁମାର ସାମନ୍ତରାଙ୍କୁ ତଦନ୍ତ ଭାର ଦେଇଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।


## କରୋନା ଭାଇରସ୍ ସଚେତନତା

Brought to you by:
Apollo HOSPITALS
BHUBANESWAR

### କରୋନା ଭାଇରସ୍: ଲକ୍ଷଣରେ ବ୍ୟତିକ୍ରମ

କେତେକ ରୋଗୀଙ୍କ କ୍ଷେତ୍ରରେ ଜ୍ୱର ଦେଖାଦେଇ ନ ପାରେ, ଯେପରିକି ଅତି କମ୍ ବୟସ୍କ, ବୟୋଜ୍ୟେଷ୍ଠ, ହ୍ରାସିତ ରୋଗ ପ୍ରତିରୋଧକ ଶକ୍ତିଧାରୀ ବ୍ୟକ୍ତି କିମ୍ବା ଜ୍ୱର କମ୍ କରିବା ପାଇଁ ନିର୍ଦ୍ଦିଷ୍ଟ ଔଷଧ ସେବନ କରୁଥିବା ବ୍ୟକ୍ତିବିଶେଷ । ଏପରି ପରିସ୍ଥିତିରେ ରୋଗୀଙ୍କ ପରୀକ୍ଷା ସଞ୍ଚାଳନ ପାଇଁ କ୍ଲିନିକାଲ୍ ନିଷ୍ପତ୍ତି ଗ୍ରହଣ କରାଯିବା ଆବଶ୍ୟକ ।

**ନିକଟ ସଂସ୍ପର୍ଶର ସଂଜ୍ଞା ହେଉଛି -**

- ଉପଯୁକ୍ତ ବ୍ୟକ୍ତିଗତ ସୁରକ୍ଷାମୂଳକ ଉପକରଣ (ଯଥା ଗାଉନ୍, ଗ୍ଲୋଭ୍‌ସ, ଏନ୍-୯୫ ରେସ୍‌ପିରେଟର୍, ଆଖି ସୁରକ୍ଷା ଉପକରଣ) ନ ପିନ୍ଧି ଦୀର୍ଘ ସମୟ ପାଇଁ ନୋଭେଲ୍ କରୋନା ଭାଇରସ୍‌ରେ ସଂକ୍ରମିତ ରୋଗୀଙ୍କ ପାଖାପାଖି ୬ ଫୁଟ (୨ ମିଟର) ମଧ୍ୟରେ, କିମ୍ବା କୋଠରି ବା କେୟାର୍ ଏରିଆ ମଧ୍ୟରେ ରହିବା । ନିକଟ ସଂସ୍ପର୍ଶ ମଧ୍ୟରେ ନୋଭେଲ୍ ଭାଇରସ୍ ସଂକ୍ରମିତ ରୋଗୀଙ୍କ ଯତ୍ନ ନେବା, ତାଙ୍କ ସହିତ ରହିବା, ପରିଦର୍ଶନ କରିବା କିମ୍ବା ଚିକିତ୍ସାଳୟର ପ୍ରତୀକ୍ଷାଗାର ଭାଗ କରିବା, କିମ୍ବା
- ଉପଯୁକ୍ତ ବ୍ୟକ୍ତିଗତ ସୁରକ୍ଷାମୂଳକ ଉପକରଣ ପିନ୍ଧି ନ ଥିବା ସମୟରେ ନୋଭେଲ୍ କରୋନା ଭାଇରସ୍ ରୋଗୀଙ୍କଠାରୁ ସଂକ୍ରାମକ କ୍ଷରଣର ପ୍ରତ୍ୟକ୍ଷ ସଂସ୍ପର୍ଶ (ଯେପରିକି ରୋଗୀଙ୍କ କାଶ ଛିଟା ଆପଣଙ୍କ ଉପରେ ପଡ଼ିବା) ।




### ଭ୍ରମଣ ସମ୍ବନ୍ଧୀୟ ପରାମର୍ଶ

**ଚାଇନା ଦେଶକୁ ଯିବା ଆସିବା ସମୟରେ ସାଧାରଣ ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍:**

- ଉତ୍ତମ ବ୍ୟକ୍ତିଗତ ପରିଚ୍ଛନ୍ନତା ବଜାୟ ରଖନ୍ତୁ ।
- 'ନମସ୍ତେ' ହେଉଛି ହାତ ସଂସ୍ପର୍ଶକୁ ଏଡ଼ାଇବାର ସର୍ବୋତ୍ତମ ଉପାୟ ।
- ସାବୁନରେ ବାରମ୍ବାର ହାତ ଧୋଇବାର ଅଭ୍ୟାସ କରନ୍ତୁ ।
- ଶ୍ୱାସକ୍ରିୟାଗତ ଶିଷ୍ଟାଚାର ଅନୁସରଣ କରନ୍ତୁ । ସ୍ୱାସ୍ଥ୍ୟକର ଶ୍ୱାସକ୍ରିୟା ଅଭ୍ୟାସ/କାଶ ଶିଷ୍ଟାଚାରର ଉପାଦାନଗୁଡ଼ିକ ହେଉଛି:
  - ସବୁ ସମୟରେ ହାତକୁ ପରିଛନ୍ନ ରଖିବାର ଅଭ୍ୟାସ କରନ୍ତୁ
  - ଛିଙ୍କୁଥିବା କିମ୍ବା କାଶୁଥିବା ବ୍ୟକ୍ତିଙ୍କଠାରୁ ଏକହାତ ଦୂରତା/ ଅତି କମ୍‌ରେ ୩ ଫୁଟ ଦୂରତା ବଜାୟ ରଖନ୍ତୁ ।
  - କହୁଣି ବା ବାହୁର ଭିତର ପାର୍ଶ୍ୱରେ କାଶନ୍ତୁ କିମ୍ବା ଛିଙ୍କନ୍ତୁ, ହାତ ପାପୁଲିରେ ନୁହେଁ ।
  - ସମ୍ଭବ ହେଲେ, କାଶ ଓ ଥଣ୍ଡାକୁ ଘୋଡ଼ାଇବା ପାଇଁ ଡିସ୍‌ପୋଜେବଲ୍ ଟିସ୍ୟୁ ବ୍ୟବହାର କରନ୍ତୁ ।
  - ବ୍ୟବହୃତ ଟିସ୍ୟୁକୁ ତୁରନ୍ତ ଏକ ଉପଯୁକ୍ତ ଆବର୍ଜନା ବିନ୍‌ରେ ଫୋପାଡ଼ିଦିଅନ୍ତୁ ଓ ହାତକୁ ପରିଷ୍କାର କରନ୍ତୁ ।
  - କାଶୁଥିବା କିମ୍ବା ଛିଙ୍କୁଥିବା ବ୍ୟକ୍ତିଙ୍କୁ ସର୍ଜିକାଲ୍ ମାସ୍କ ଦିଅନ୍ତୁ।

(କ୍ରମଶଃ...)

**ଡା. ସୁନୀତା ସାହୁ,** ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ୍ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


# ମହାନଦୀ, ପୋଲାଭରମ ପ୍ରସଙ୍ଗ ଉଠାଇଲା ବିଜେଡି

ଭୁବନେଶ୍ୱର,୭।୨(ବ୍ୟୁରୋ)

ଓଡ଼ିଶା ଜଳ ପାଇଁ ସଂଘର୍ଷ କରୁଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ରାଜ୍ୟରେ ଜଳପ୍ରବାହ ପ୍ରଭାବିତ ହେଉଛି। ଏହା ସିଧାସଳଖ ୨ କୋଟି ଓଡ଼ିଆଙ୍କ ଜନଜୀବନଙ୍କୁ ପ୍ରଭାବିତ କରୁଥିବା ବିଜେଡି ଏମ୍‌ପି ସସ୍ମିତ ପାତ୍ର ଶୁକ୍ରବାର ରାଜ୍ୟ ସଭାରେ କହିଛନ୍ତି। ଏହି ଆନ୍ତଃ ରାଜ୍ୟ ଜଳ ବିବାଦର ସମାଧାନ

- ଓଡ଼ିଆରେ ବକ୍ତବ୍ୟ ରଖିଲେ ସସ୍ମିତ
- ପ୍ରଶଂସା କଲେ ଉପରାଷ୍ଟ୍ରପତି

ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୨୦୧୬ରେ ସୁପ୍ରିମକୋର୍ଟରେ ପିଟିସନ୍ ମଧ୍ୟ ଫାଇଲ କରାଯାଇଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଏହାର ବିଚାର କରି ଟ୍ରିବ୍ୟୁନାଲ ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ରେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା, ଇତି ମଧ୍ୟରେ ଏହାକୁ ୨ ବର୍ଷ ବିତିଗଲାଣି। ହେଲେ ଦୁଇ ବର୍ଷରେ ଜଳ ବିବାଦର କୌଣସି ସମାଧାନ ବାହାରିପାରି ନ ଥିବା ସସ୍ମିତ କହିଥିଲେ। ତେଣୁ ରାଜ୍ୟର ଚାଷୀ, ମତ୍ସ୍ୟଜୀବୀ ଜଳ ପାଇଁ ଅସୁବିଧା ଭୋଗୁଛନ୍ତି। ଟ୍ରିବ୍ୟୁନାଲ ନାମକୁ ମାତ୍ର କାର୍ଯ୍ୟ କରୁଥିବା ମନେ ହେଉଛି। ତେଣୁ ଟ୍ରିବ୍ୟୁନାଲ ତୁରନ୍ତ ଯେପରି ସମସ୍ୟାର ସମାଧାନର ରାସ୍ତା ବାହାର କରିବ, ସେଥିପ୍ରତି ପଦକ୍ଷେପ ନେବାକୁ ସସ୍ମିତ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ। ଅନୁରୂପଭାବେ ପୋଲାଭରମ୍ ପ୍ରସଙ୍ଗରେ ମଧ୍ୟ ସସ୍ମିତ ଉଚ୍ଚ ସଦନର ଧ୍ୟାନ ଆକର୍ଷଣ କରିଥିଲେ। ସସ୍ମିତ କହିଥିଲେ, ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ରାଜ୍ୟର ୬ ହଜାର ଆଦିବାସୀ ଜଳମଗ୍ନ ହୋଇଯିବେ। ସୁପ୍ରିମକୋର୍ଟରେ ମଧ୍ୟ ମାମଲା ରହିଛି, ତେଣୁ କେନ୍ଦ୍ର ସବୁ ଦିଗକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଉ ବୋଲି ସସ୍ମିତ କହିଥିଲେ। ସେ ମାତୃଭାଷା ଓଡ଼ିଆରେ ବକ୍ତବ୍ୟ ରଖିଥିବାରୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ତାଙ୍କୁ ପ୍ରଶଂସା କରିଥିଲେ। ଭେଙ୍କାୟା ପୂର୍ବରୁ ମଧ୍ୟ ୨ ଥର ସସ୍ମିତଙ୍କୁ ପ୍ରଶଂସା କରିସାରିଛନ୍ତି।



## ଜିଲ୍ଲା ଚିଠି
### ବଲାଙ୍ଗୀର

# ଏବେ ବି ଆକାଂକ୍ଷୀ

**ସ୍ୱା**ଧୀନତାର ୭୩ ବର୍ଷ ପରେ ବି ବଲାଙ୍ଗୀର ଜିଲ୍ଲା ଅନଗ୍ରସର ଜିଲ୍ଲା ମାନଚିତ୍ରରୁ ମୁକୁଳି ନାହିଁ। ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିକାଶ ମାନକରେ ବଲାଙ୍ଗୀର ଜିଲ୍ଲାର ଅନଗ୍ରସରତା ସ୍ପଷ୍ଟ ପ୍ରତିଫଳିତ ହୋଇଛି। ଅର୍ଥନୈତିକ ଅନଗ୍ରସରତା ଓ ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗକୁ ନେଇ ମଧ୍ୟ ଢେର୍ ଚର୍ଚ୍ଚା ସରଗରମ ହୋଇଛି। କେବିକେ ଅନ୍ତର୍ଗତ ଏହି ଜିଲ୍ଲାର ଦ୍ରୁତ ବିକାଶ ପାଇଁ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ଏକାଧିକ ଯୋଜନା ପ୍ରଣୟନ କରି ଅନୁଦାନ ବ୍ୟବସ୍ଥା କରିଛନ୍ତି। ମାତ୍ର ଏସବୁ ସତ୍ତ୍ୱେ ବଲାଙ୍ଗୀର ଆଜି ବି ବହୁ ଦିଗରୁ ଏକ ପଛୁଆ ଓ ଅନଗ୍ରସର ଜିଲ୍ଲା ଭାବେ ପରିଚିତି ଲାଭ କରିଛି। ଗତ ୭୩ ବର୍ଷ ଭିତରେ ଦେଶରେ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ସତ୍ତ୍ୱେ ବଲାଙ୍ଗୀର ଜିଲ୍ଲାର ଭାଗ୍ୟୋଦୟ ହୋଇନାହିଁ। ପୂର୍ବ ସରକାର ଭଳି କେନ୍ଦ୍ରରେ କ୍ଷମତାସୀନ ଏବକାର ସରକାର ୨୦୧୮ ମସିହାରେ ଭାରତବର୍ଷର ୨୮ଟି ରାଜ୍ୟର ୧୧୫ଟି ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ଭାବେ ଚିହ୍ନଟ କରିଥିଲେ। ଏହି ଆକାଂକ୍ଷୀ ଜିଲ୍ଲାଗୁଡ଼ିକ ଭିତରେ ବିକାଶ ଓ ଅଗ୍ରସର ହେବାର ସମସ୍ତ ଉପାଦାନ ଭରପୂର ରହିଥିବା କୁହାଯାଇଥିଲା। ଗତ ପ୍ରାୟ ଦୁଇବର୍ଷ ମଧ୍ୟରେ ନୀତି ଆୟୋଗ ପକ୍ଷରୁ ୫ଟି ମାନକରେ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ଅଗ୍ରଗତି ଓ ଉନ୍ନୟନକୁ ନେଇ ବିକାଶ ର୍‍ୟାଙ୍କ ଘୋଷଣା କରାଯାଉଛି। ସ୍ୱାସ୍ଥ୍ୟ ଓ ପୁଷ୍ଟି, ଶିକ୍ଷା, କୃଷି ଓ ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ବିକାଶ ମାନକରେ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ଉନ୍ନତି ଓ ଅଗ୍ରଗତି ନିରୀକ୍ଷଣ କରାଯାଉଛି। ନୀତି ଆୟୋଗ ପକ୍ଷରୁ କିଛିଦିନ ତଳେ ଜାରି ହୋଇଥିବା ସଦ୍ୟତମ (ଡିସେମ୍ବର ୨୦୧୯) ରିପୋର୍ଟ ଅନୁସାରେ ଦେଶର ଆକାଂକ୍ଷୀ ଜିଲ୍ଲାମାନଙ୍କ ମୋଟାମୋଟି (ଓଭରଅଲ୍) ଡେଲ୍‌ଟା ର୍‍ୟାଙ୍କିଙ୍ଗରେ ଓଡ଼ିଶାର ବଲାଙ୍ଗୀର ଜିଲ୍ଲା ଦ୍ୱିତୀୟ ସ୍ଥାନ ହାସଲ କରିଛି। ୨୦୧୯ ଜୁଲାଇ ମାସ ର୍‍ୟାଙ୍କିଙ୍ଗ ରିପୋର୍ଟରେ ବଲାଙ୍ଗୀର ଜିଲ୍ଲା ପ୍ରଥମଥର ଦ୍ୱିତୀୟ ସ୍ଥାନ ଅଧିକାର କରି ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା। ଗତ ୬ ମାସ ମଧ୍ୟରେ ନୀତି ଆୟୋଗର ସଦ୍ୟତମ ରିପୋର୍ଟରେ ଆକାଂକ୍ଷୀ ଜିଲ୍ଲା ତାଲିକାରେ ବଲାଙ୍ଗୀର ପୁଣି ଥରେ ସେହି ସଫଳତା ଦୋହରାଇ ଦ୍ୱିତୀୟ ସ୍ଥାନ ବଜାୟ ରଖିବା ନିଶ୍ଚିତ ରୂପେ ଖୁସିର କଥା। ସ୍ୱାସ୍ଥ୍ୟ ଓ ପୁଷ୍ଟି ଭଳି କୃଷି ଏବଂ ଜଳସମ୍ପଦ ମାନକରେ ବଲାଙ୍ଗୀର ଜିଲ୍ଲା ସମଗ୍ର ଦେଶର ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ନବମ ସ୍ଥାନରେ ରହିଥିବାବେଳେ ଶିକ୍ଷା ମାନକରେ ୧୮ ନମ୍ବରରେ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଦକ୍ଷତା ବିକାଶ ମାନକରେ ୨୫ ନମ୍ବର ଏବଂ ମୌଳିକ ଭିତ୍ତିଭୂମି ବିକାଶ ମାନକରେ ୧୨ ନମ୍ବର ସ୍ଥାନରେ ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ନୀତି ଆୟୋଗର ଏହି ରିପୋର୍ଟକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପରିବେଷଣ ପରେ ଜିଲ୍ଲାର ବୁଦ୍ଧିଜୀବୀମାନେ ଚିନ୍ତାରେ ପଡ଼ିଛନ୍ତି। ଉପରୋକ୍ତ ଘୋଷିତ କ୍ଷେତ୍ରଗୁଡ଼ିକର ବାସ୍ତବ ଚିତ୍ର ଓ ଆକାଂକ୍ଷୀ ଜିଲ୍ଲାର ଡେଲ୍‌ଟା ର୍‍ୟାଙ୍କିଙ୍ଗ ରିପୋର୍ଟକୁ ନେଇ ଅନେକେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏନେଇ ବିଭିନ୍ନ ମହଲରେ ପ୍ରଶ୍ନ ମଧ୍ୟ ଉଠିଛି। ଜିଲ୍ଲା ବାସ୍ତବରେ ଅଗ୍ରଗତି କରୁଛି ନା ପୂର୍ବର ବହୁ ଯୁଗାନ୍ତକାରୀ ଯୋଜନା ଭଳି ଏବକାର ଆକାଂକ୍ଷୀ ମଧ୍ୟ ଏକ ପ୍ରହେଳିକା। ବିକାଶ ମାନକକୁ ନେଇ ଦ୍ୱନ୍ଦ୍ୱ ଦୂର କରିବା ଓ ଯୋଜନାର ବାସ୍ତବ ରୂପାୟନ ଜିଲ୍ଲାବାସୀ ହୃଦୟଙ୍ଗମ କରି ସୁଫଳ ପାଇବା ବାସ୍ତବରେ ସବୁଠୁ ବଡ଼ ଆହ୍ୱାନ।

– ବୀରେନ୍ଦ୍ର କୁମାର ଝାଙ୍କର

# ବରିଷ୍ଠ ସାମ୍ବାଦିକଙ୍କ ପତ୍ନୀ ବିୟୋଗ



ଭୁବନେଶ୍ୱର, ୭।୨(ବ୍ୟୁରୋ)

ଧରିତ୍ରୀର ବରିଷ୍ଠ ସାମ୍ବାଦିକ ତଥା ବାଲେଶ୍ୱର ସଂସ୍କରଣ ମୁଖ୍ୟ ଉପେନ୍ଦ୍ର ପ୍ରସାଦ ମହଲାଙ୍କ ଧର୍ମପତ୍ନୀ ପ୍ରଭାତୀ ମହଲା(୫୧)ଙ୍କ ଗୁରୁବାର ରାତି ସାଢ଼େ ୧୦ଟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ୨୦୧୮ ନଭେମ୍ବରରୁ କର୍କଟ ରୋଗରେ ପୀଡ଼ିତ ଥିଲେ। ଗତବର୍ଷ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତେବେ ଗତ କିଛି ଦିନ ତଳେ ତାଙ୍କର ମସ୍ତିଷ୍କ ଓ ଫୁସ୍‌ଫୁସ ସଂକ୍ରମିତ ହୋଇଥିଲା। ସୋମବାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ସ୍ପର୍ଶ ହସ୍ପିଟାଲରେ ପ୍ରଥମେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗୁରୁବାର ରାତିରେ କେୟାର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ଆରମ୍ଭର କିଛି ସମୟ ମଧ୍ୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଉପେନ୍ଦ୍ର, ପୁଅ ଅନନ୍ୟ ଅନୁପମ ଏବଂ କନ୍ୟା ଉପନୀତା ଉପସ୍ଥିତ ଥିଲେ। ଶୁକ୍ରବାର ତାଙ୍କର ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି। ପୁଅ ମୁଖାଗ୍ନି ଦେଇଥିଲେ। ପ୍ରକାଶ ଯେ, ଉପେନ୍ଦ୍ରଙ୍କ ପୈତୃକ ଘର ଭଦ୍ରକ ଜିଲ୍ଲା ବାଣିତିଆ ଗ୍ରାମରେ। ସେ ଦୀର୍ଘ ୩୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ଧରିତ୍ରୀର ସମ୍ପାଦନା ବିଭାଗରେ କାର୍ଯ୍ୟ କରି ଆସୁଛନ୍ତି।


DADLS-103



ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୮ ଫେବୃଆରୀ, ୨୦୨୦

ସାଧାରଣ ସଭା

ସମୟ – ସଂଧ୍ୟା ଘ.୫.୩୦ ମିନିଟ୍ — ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ,** ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ମହେଶ ସାହୁ,** ମାନ୍ୟବର ବିଧାୟକ
– **ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ,** ମାନ୍ୟବର ବିଧାୟକ
– **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,** ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
– **ଡଃ. ଲେନିନ୍ ମହାନ୍ତି,** ସମ୍ପାଦକ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

ମୁଖ୍ୟବକ୍ତା – **ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ,** ବିଶିଷ୍ଟ ସାମ୍ବାଦିକ ଓ ଗ୍ରନ୍ଥକାର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0141/1920

ପ୍ରଭୁ ! ଆପଣଙ୍କର ଦିବ୍ୟଶାନ୍ତି, ଦିବ୍ୟମୁକ୍ତି ଓ ଦିବ୍ୟ ଐକ୍ୟ ହିଁ କେବଳ ଏ ବିଶ୍ୱର ଅନ୍ଧ ହିଂସା, ଛଳନା ଏବଂ ମିଥ୍ୟାଚାର ଉପରେ ବିଜୟ ଲାଭ କରିବ। -ଶ୍ରୀମା



# ବିବାଦୀୟ ନିଯୁକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହରିୟାଣା କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ପ୍ରମୁଖ ସଚିବଭାବେ ଯୁଗ୍ମ ପୋଲିସ ମହାନିର୍ଦ୍ଦେଶକ ର‍୍ୟାଙ୍କର ପୋଲିସ ଅଧିକାରୀ ଓ.ପି. ସିଂଙ୍କ ନିଯୁକ୍ତିକୁ ନେଇ ଲଢ଼େଇ ଆରମ୍ଭ ହୋଇଯାଇଛି। ଆଇଏଏସ୍ ଅଧିକାରୀମାନେ ଖୋଲାଖୋଲି ଏହି ପଦକ୍ଷେପ ସିଭିଲ ସର୍ଭିସ ନିୟମ ବିରୁଦ୍ଧ ହୋଇଥିବା ଜାଣିବା ପରେ ଏଭଳି ପରିସ୍ଥିତି ସୃଷ୍ଟିହୋଇଛି। ଏହି ପଦରେ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ନିଯୁକ୍ତି ପାଉଥିବା ପରମ୍ପରା ରହିଆସିଥିବାବେଳେ ଏଥିରେ ଆଇପିଏସ୍ ଅଧିକାରୀ ସିଂ ନିଯୁକ୍ତି ପାଇବାରେ ପ୍ରଥମ ଆଇପିଏସ୍ ଅଫିସର। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, ତେବେ ଏହି ନିଯୁକ୍ତି ଆଇପିଏସ୍ ଅଧିକାରୀଙ୍କ ଉପରେ ଆଇଏଏସ୍‌ଙ୍କ ଆଧିପତ୍ୟ ପ୍ରସଙ୍ଗ ଉଠାଇଛି ଓ ଏହି ଯୁଦ୍ଧ ଶେଷ ହେବାର ଦେଖାଯାଉନାହିଁ। ଆଇଏଏସ୍‌ଙ୍କ ଅଭିଯୋଗର ନେତୃତ୍ୱ ଆଉ କେହି ନୁହନ୍ତି, ଖୋଦ୍ ହ୍ୱିସିଲ୍‌ବ୍ଲୋୟର ଅଶୋକ ଖେମ୍‌କା ନେଉଛନ୍ତି ଯିଏ କି ସିଂଙ୍କ ନିଯୁକ୍ତି ଅବୈଧ ଓ ଏହା ଖରାପ ପରମ୍ପରା ସୃଷ୍ଟି କରୁଛି ବୋଲି ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟରଙ୍କୁ ଲିଖିତଭାବେ ଜଣାଇଛନ୍ତି। ଖେମ୍‌କାଙ୍କ ଅନୁଯାୟୀ, ଜଣେ କ୍ୟାଡର ଅଧିକାରୀ ହିଁ କ୍ୟାଡର ପଦରେ ରହିବାର ନିୟମ ରହିଛି। ପୁନଶ୍ଚ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ସିଭିଲ ସର୍ଭିସ ବୋର୍ଡର ସୁପାରିସ ଅନୁଯାୟୀ ଆଇଏଏସ୍ କ୍ୟାଡର ପୋଷ୍ଟ ପାଇଁ ନିଯୁକ୍ତି ବାଧ୍ୟତାମୂଳକ। ଖେମ୍‌କା କହିଛନ୍ତି ଯେ, ସରକାର ଏହି ନିୟମ ମାନିନାହାନ୍ତି। ଆପାତତଃ ଏକା ସିଂଙ୍କ ଘଟଣା ନୁହେଁ, ରାଜ୍ୟ ସରକାର ଆଇଏଏସ୍ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ହରିୟାଣା ସ୍କୁଲ୍ ଶିକ୍ଷା ପରିଯୋଜନା ପରିଷଦର ରାଜ୍ୟ ଯୋଜନା ନିର୍ଦ୍ଦେଶକ ପଦରେ ଜଣେ ଡିଏଏନ୍ଆଇପିଏସ୍ ଅଧିକାରୀ ରଜନୀଶ ଗର୍ଗଙ୍କୁ ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ବରିଷ୍ଠ ଆଇଏଏସ୍ ଅଧିକାରୀ ରାକେଶ ଗୁପ୍ତାଙ୍କ ଜାଗାରେ ଗର୍ଗଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ଆଇଏଏସ୍ ଲବି ସେମାନଙ୍କ ପଦ ବା ଅଧିକାର ଫେରାଇ ଆଣିବା ଲାଗି ଲଢ଼େଇ ଜାରି ରଖିବେ କି?

### ପୋଲିସ ବାବୁଙ୍କ ପଦାବନତି

ପ୍ରଥମେ କେରଳ ସରକାର ପୋଲିସ ମହାନିର୍ଦ୍ଦେଶକ ର‍୍ୟାଙ୍କର ବିବାଦୀୟ ଆଇପିଏସ୍ ଅଧିକାରୀ ଜ୍ୟାକବ୍ ଟମାସ୍‌ଙ୍କ ବିରୋଧରେ ବିଭାଗୀୟ ତଦନ୍ତକୁ ଆଧାର କରି ତାଙ୍କୁ ଯୁଗ୍ମ ପୋଲିସ ମହାନିର୍ଦ୍ଦେଶକ ପଦକୁ ପଦାବନତ କରିଛନ୍ତି। ଟମାସ୍ ରାଜ୍ୟର ସବୁଠୁ ବରିଷ୍ଠ ପୋଲିସ ଅଧିକାରୀ ଓ ସେ ଚଳିତବର୍ଷ ମେ'ରେ ଅବସର ନେବାର ଅଛି। ବିଭାଗୀୟ ଅନୁମତି ନ ନେଇ ଟମାସ ଆତ୍ମଜୀବନୀ ଲେଖିବା ପରେ ଗଣମାଧ୍ୟମର ଶିରୋନାମା ପାଲଟିଥିଲେ। ସେ ସରକାରଙ୍କ ବିରୋଧରେ ବିଦ୍ରୋହାତ୍ମକ ଓ ଉତ୍ତେଜକ ମନ୍ତବ୍ୟ ଉଲ୍ଲେଖକରିବା ଅଭିଯୋଗରେ ରାଜନୈତିକ ଆକ୍ରୋଶର ଶିକାର ହୋଇଛନ୍ତି। ତେବେ ସରକାର ଟମାସଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାବେଳେ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (କ୍ୟାଟ୍)ରୁ ତାଙ୍କ ସପକ୍ଷରେ ନିର୍ଦ୍ଦେଶ ପାଇଲା ପରେ ତାଙ୍କୁ ରାଜ୍ୟ ଶିଳ୍ପ ବିଭାଗରେ ନିଯୁକ୍ତି ଦେଇଛନ୍ତି। ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ) ରାଜୀବ ସଦାନନ୍ଦନ୍‌ଙ୍କ ନେତୃତ୍ୱରେ ଗଠିତ କମିଟି ଦ୍ୱାରା ଟମାସଙ୍କ ବିରୋଧରେ ଥିବା ଅଭିଯୋଗର ତଦନ୍ତ କରାଯାଇଥିଲା ଏବଂ ତଦନ୍ତର ନିଷ୍କର୍ଷ ଅନୁଯାୟୀ ୧୯୮୫ ବ୍ୟାଚର ଏହି ଆଇପିଏସ୍ ଅଧିକାରୀଙ୍କୁ ପଦାବନତ କରିବାକୁ ସରକାର ସ୍ଥିର କରିଥିଲେ।

### ଏମ୍‌ଇଏରେ ବଡ଼ ପରିବର୍ତ୍ତନ

ବିଦେଶ ସଚିବ ହର୍ଷ ଶ୍ରୀଙ୍ଗଲା ଦାୟିତ୍ୱ ନେବା ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ମନ୍ତ୍ରଣାଳୟ ନବୀକରଣରେ ସକ୍ରିୟତା ପ୍ରକାଶ କରିଛନ୍ତି ଯାହା ସମ୍ଭବତଃ ମନ୍ତ୍ରଣାଳୟର ପରିଚାଳନା ଓ ପ୍ରଶାସନିକ ଢାଞ୍ଚାରେ କେଇ ଦଶନ୍ଧି ଭିତରେ ସବୁଠୁ ବଡ଼ ଅଦଳବଦଳ। ଏଭଳି କସରତର ସବୁଠୁ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି, ନୂଆ ଏମ୍‌ଇଏ ତା' ଢାଞ୍ଚାରେ ଅର୍ଥନୀତି, ବାଣିଜ୍ୟିକ କୂଟନୀତି, ବିକାଶ ସହଭାଗିତା, ଦୂତାବାସ ସମ୍ପର୍କ ଓ ନୂଆଭାବେ ଉଭା ହେଉଥିବା ଜ୍ଞାନକୌଶଳ ଭଳି କ୍ଷେତ୍ରରେ କର୍ପୋରେଟ୍‌ଭଳିବେଶିସଂଗଠିତହୋଇପାରିବ। ଏଗୁଡିକ ମଧ୍ୟରୁ ପ୍ରତ୍ୟେକ କ୍ଷେତ୍ରରେ ମୁଖ୍ୟ ଭାବେ ଜଣେ ଯୁଗ୍ମସଚିବ ସ୍ତରର ଅଧିକାରୀ ରହିବେ। ଏଥିରେ ସଚିବମାନେ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଦୃଷ୍ଟି ଦେବା ଲାଗି ସ୍ୱାଧୀନ ହୋଇପାରିବେ। ଏବେ ରହିଥିବା ପଦ୍ଧତିରେ ରଣନୈତିକ ଯୋଜନା ଓ ବିଭିନ୍ନ ପଦକ୍ଷେପ ପାଇଁ କମ୍ ସୁଯୋଗ ପାଉଥିବା ଯୁଗ୍ମସଚିବମାନଙ୍କ ସମେତ ୪ ଜଣ ସଚିବଙ୍କ ଉପରେ ଅତ୍ୟଧିକ ଚାପ ପଡୁଛି। ବିଶ୍ୱର କ୍ଷମତାଶାଳୀ ଦେଶଗୁଡ଼ିକ ସହ ତାଳଦେଇ ମନ୍ତ୍ରଣାଳୟର କାର୍ଯ୍ୟଧାରାରେ ରହିଥିବା କେତେକ ଢାଞ୍ଚା ଓ ବିଚାରକୁ ପରିବର୍ତ୍ତନ କରିବା ପାଇଁ ନୂଆ ପଦ୍ଧତି ଆପଣାଯାଇଛି। ନୂଆ ପଦ୍ଧତିରେ ଘରୋଇ କ୍ଷେତ୍ର ଓ ବୁଦ୍ଧିଜୀବୀମଣ୍ଡଳରୁ ବିଶେଷଜ୍ଞଙ୍କୁ ଆଣି କୂଟନୈତିକ ପରିସରକୁ ବ୍ୟାପକ କରାଯାଇପାରିବ। ପୁନଶ୍ଚ ମନ୍ତ୍ରଣାଳୟ ସହଯୋଗ ବୃଦ୍ଧି ଏବଂ ଭାରତର ବୈଶ୍ୱିକ କୂଟନୈତିକ ଉଚ୍ଚାଭିଳାଷ ପୂରଣ ପାଇଁ ବାଣିଜ୍ୟ, ପ୍ରତିରକ୍ଷା, ଅର୍ଥ, ବିଜ୍ଞାନ ଓ ପ୍ରଯୁକ୍ତି ଆଦି ଅନ୍ୟ ପ୍ରମୁଖ ମନ୍ତ୍ରଣାଳୟରେ ଏହାର କର୍ମଚାରୀଙ୍କୁ ରଖିପାରିବ। ଏହା ନିଶ୍ଚିତଭାବେ ଏକ ବୃହତ୍ ପଦକ୍ଷେପ ଏବଂ ଏହାର ପ୍ରଭାବ ଦୃଶ୍ୟମାନ ହେବାକୁ ଅନେକ ମାସ ଲାଗିଯିବ। କିନ୍ତୁ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଆରମ୍ଭରୁ ଏହାକୁ ଲାଗୁ କରି କାର୍ଯ୍ୟକାରୀ କରିବା ଲାଗି ଜୟଶଙ୍କର ଓ ଶ୍ରୀଙ୍ଗଲାଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ରହିଛି।

Email: dilipcherian@gmail.com

# ଋଣ ପରିଶୋଧ



ରଞ୍ଜନ କୁମାର ଦାସ

ଭାରତୀୟ ପ୍ରଶାସନିକ ସେବାର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିକଟରେ ଚଣ୍ଡିଗଡ଼ ଯାଇଥିଲି। ମାସେକାଳ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦିନସାରା କ୍ଲାସ୍, ପାଠର ବୋଝ ଆଦିରେ ସମସ୍ତେ କିଛି କାଳ ଭାରାକ୍ରାନ୍ତ ହେଉଥିଲୁ। ତେଣୁ ଶନିବାର ଓ ରବିବାର ଛୁଟି ମିଳିଲେ ନିକଟବର୍ତ୍ତୀ ପର୍ଯ୍ୟଟନ ସ୍ଥଳୀ ବୁଲିଯିବାକୁ ମନ ଛକପକ ହୁଏ। ସେଇକ୍ରମରେ ମଝିରେ ଗୋଟେ ସପ୍ତାହାନ୍ତରେ ମୁଁ ଓ ମୋର ଓଡ଼ିଶାରୁ ଯାଇଥିବା ଜଣେ ବନ୍ଧୁ ଶିମ୍‌ଲା ଯିବା ପାଇଁ ସ୍ଥିର କଲୁ। ଶିମ୍‌ଲା ଚଣ୍ଡିଗଡ଼ରୁ ମାତ୍ର ୧୨୫ କି.ମି. ଏବଂ ତିନି ଚାରି ଘଣ୍ଟାର ବାଟ। ତେଣୁ ଆମେ ଆଉ ଜଣେ ତୃତୀୟ ବନ୍ଧୁଙ୍କ କାର୍‌ରେ ଶନିବାର ସକାଳୁ ଚଣ୍ଡିଗଡ଼ରୁ ବାହାରିଗଲୁ। ବନ୍ଧୁଙ୍କର ଆଉ ଜଣେ ଘନିଷ୍ଠ ବନ୍ଧୁଙ୍କର ଶିମ୍‌ଲାରେ ଥିବା ଏକ ହୋଟେଲ୍‌ରେ ସେ ଆମ ରହିବାର ବ୍ୟବସ୍ଥା କରିଥିଲେ। ଆମେ ସେଦିନ ପାର୍କିଂରେ ଗାଡ଼ି ରଖିବା ପରେ ଯେତେବେଳେ କୁଲି ଖୋଜିଲୁ ଆମ ଭାଗରେ ଯେଉଁ ଲୋକଟି ଆସି ଜୁଟିଲା ସେ ପ୍ରାୟ ସତୁରି ବର୍ଷ ବୟସର ହେବ। ଆମର ଧାରଣା ହେଲା ଆମ ତିନି ଜଣଙ୍କର ପ୍ରାୟ ପାଞ୍ଚ ଛଅଟି ବ୍ୟାଗ୍ ସେ ବୁଢ଼ାଲୋକଟି ବୋହି ଉପରକୁ ଯାଇପାରିବ ନାହିଁ। ଆମ ଭିତରେ କଥାହୋଇ କୁଲିଟିକୁ ବଦଳେଇ ଦେବା ପାଇଁ ଲେବର କାଉଣ୍ଟରରେ ଯାଇ କହିଲୁ। ମାତ୍ର ବୁଢ଼ାଲୋକଟି ହାତଯୋଡ଼ି ନେହୁରା ହୋଇ କହିଲା, ସାବ୍ ମେ ଆପ୍‌କା ସବ୍ ସାମାନ ଲେ ଯାଉଙ୍ଗା। ନାରାଜ ମତ୍ ହୋନା। ଆଜ୍ କାମ କୁଛ୍ ମିଲା ନେହିଁ। ଘର କୈସେ ଚଲେଗା ମେରା? ବୁଢ଼ାଲୋକଟିକୁ ମନା କରିପାରିଲୁ ନାହିଁ। ଆମେ ତାକୁ ପ୍ରସ୍ତାବ ଦେଲୁ ୬ଟି ବ୍ୟାଗ୍‌ରୁ ତୁ ବରଂ ତିନୋଟି ନେଇ ଯା, ଆମେ ଗୋଟେ ଗୋଟେ ହାତରେ ବୋହିନେବୁ। ମାତ୍ର ବୁଢ଼ା ରାଜି ହେଲାନାହିଁ, ସେ ଦୁଇ କାନ୍ଧରେ ଦୁଇଟି ବ୍ୟାଗ, ହାତରେ ଗୋଟିଏ ଏବଂ ମୁଣ୍ଡରେ ତିନୋଟି ବ୍ୟାଗ୍ ଧରି ଚାଲିବା ଆରମ୍ଭ କଲା। ଉଠାଣିରେ କିଛି ବାଟ ଗଲା ପରେ ପାହାଚ୍ କିଛି ଚଢ଼ିବାକୁ ପଡ଼ିଲା, ତା'ପରେ ପୁଣି ଉଠାଣି ରାସ୍ତା। ଏମିତି କିଛିବାଟ ଗଲା ପରେ ଆମେ ହାଲିଆ ହୋଇ ପଥରବାଡ଼ ଉପରେ ବସିଲୁ। ମାତ୍ର ବୁଢ଼ା ଚାଲିଥାଏ। ବାଟରେ ବୁଢ଼ାକୁ ଅଟକେଇଲୁ ଗୋଟେ ଜାଗାରେ। କହିଲୁ ବସିବା ଟିକେ ସିଝା ବାଦାମ ଖାଇକି ଯିବା। ବୁଢ଼ା ଆମ ପାଇଁ ସିଝା ବାଦାମ ଆଣିଦେଲା। ଆମେ ତାକୁ ପଚାରିଲୁ ଏତେ ବୟସ ହେଲାଣି ତମେ ଏତେ କଷ୍ଟ କାମ କିପରି କରୁଚ? ସେ ଯାହା କହିଲା, ତା'ର ଅର୍ଥ ହେଲା- ସାହେବ, କାମ ନ କଲେ ପେଟ କେମିତି ଚଳିବ? ଖାଇବାକୁ ଦବ କିଏ? ମୁଁ ତାକୁ ପଚାରିଲି ଘରେ ଆଉ କିଏ ଅଛି? ସେ କହିଲା ମୋର ବିଟି ସ୍ତ୍ରୀ। ମୁଁ ପଚାରିଲି ଏମିତି କାହିଁକି ବିଟା ବାହାହେଲ? ସେ କହିଲା ପ୍ରଥମ ସ୍ତ୍ରୀ ଆଠୁ ପିଲାପିଲି ହେଲାନି। ତେଣୁ ସେ ବାଧ୍ୟକଲା ଆଉ ଗୋଟେ ବାହା ହୁଅ ଯେ ପିଲାପିଲି ହେଲେ ବୁଢ଼ା ବୟସରେ ଆମକୁ ପୋଷିବେ। ତେଣୁ ମୋ ସ୍ତ୍ରୀର ସାନ ଭଉଣୀକୁ ଆଣି ରଖିଲି। ସେ ବି ଆସି ବୁଢ଼ୀ ହେଲାଣି ମାତ୍ର ତା'ର ବି ପିଲା ହେଲାନି। ଏବେ ଦୁଇଜଣଙ୍କୁ ପୋଷୁଛି। ରୋଜଗାର କରିବା ଲୋକ ମୁଁ ଏକା, ଯାହା ଘରକୁ ନେବି ତିନିଜଣ ବାଣ୍ଟିଖାଇବୁ। ବୁଢ଼ା ତା'ପରେ ଆମକୁ ପଚାରିଲା ସାବ୍ ଆପ୍ କ୍ୟା କରତେ ହୋ। ମୋର ବନ୍ଧୁ କହିଲେ, ମେ ଡକ୍ଟର ହୁଁ, ଦୁସ୍‌ରା ସାବ୍ ଇଞ୍ଜିନିଅର ହେଁ, ଔର ତିସରା କଲେକ୍ଟର ହେ। ବୁଢ଼ା ଚମକିଉଠି କହିଲା, କଲେକ୍ଟର କୌନ୍ ହେ? ମୁଁ ଆଖିର ଇସାରାରେ କହିଲି ଯେ, ମୁଁ ହିଁ କଲେକ୍ଟର। ବୁଢ଼ା କହିଲା ସାବ୍ ହମ୍ ସୁନା ଥା କଲେକଟରୋଁ କେ ବାରେ ମେ। କଭି ଦେଖା ନେହିଁ ଥା। ସାବ୍ ଆପ୍ ତୋ ମା'ବାପ୍ ହୋ, ମେରେ ଲିଏ କୁଛ କର୍ ଦୋ ନା। ମୁଁ ତାଙ୍କୁ ପଚାରିଲି କ୍ୟା ଚାହତେ ହୋ? ବୁଢ଼ା କହିଲା କହିଁ କାମ ପେ ଲଗା ଦିଜିଏ ଆପ୍‌କା ବଡ଼ା ନାମ ହୋଗା। ମୁଁ ମନେମନେ ଚିନ୍ତାକଲି ଏତେ ବୟସର ଲୋକଙ୍କୁ କିଏ ବା କାମ ଦବ? ତା'ଛଡା ଆମକୁ ଏଠି କିଏ ଚିହ୍ନେ ଯେ ଆମ କଥାରେ ତାକୁ କିଏ ବା ରଖିବ? ବୁଢ଼ା କଥା ଶୁଣିବା ଭିତରେ ଏମିତି ଦି'ଥର ବାଟରେ ବସି ମଧ୍ୟ ଆମେ ଧଇଁସଇଁ ହୋଇ ଶେଷରେ ହୋଟେଲରେ ପହଞ୍ଚିଲୁ। ବୁଢ଼ା ନିର୍ବିକାର ଭାବେ ହୋଟେଲରେ ପହଞ୍ଚି ବ୍ୟାଗ୍ ଓହ୍ଲେଇଲା। କେତେ ପଇସା ହେଲା ପଚାରିଲାରୁ ବୁଢ଼ା କହିଲା ଦେଢ଼ ଶହ ଟଙ୍କା। ମୁଁ ତାକୁ ଦୁଇଶହ ଟଙ୍କା ଦେଇ କହିଲି, ବାକି କା ଛୁଟା ରଖିଲୋ। ବୁଢ଼ା ପଇସା ନ ନେଇ କହିଲା- ସାବ୍ ମେରେ ବାରେ ମେଁ କୁଛ ସୋଚୋ। କହିଁ ପେ କୁଛ ହୋ ଯାଏଗା ତୋ ଶୁକ୍ର ଗୁଜାର ରହୁଁଗା।

ପରଦିନ ସକାଳୁ ଆମେ ମର୍ନିଂୱାକ୍ ସାରି ଫେରିଲା ବେଳକୁ ହୋଟେଲ ପାଖ ଏକ ଛୋଟ ଚା ଦୋକାନରେ ବୁଢ଼ା ବସିଥିବାର ଦେଖିଲୁ। ବୁଢ଼ା ଆମକୁ ଦେଖୁଦେଖୁ ଉଠି ଆସିଲା ଏବଂ ପଚାରିଲା, ସାବ୍ ସବ୍ ଠିକ୍‌ଠାକ୍ ତୋ ହେ? ଆମେ ତାକୁ ହଁ କଲୁ। ସେ ପଚାରିଲା ସାବ୍, ମେରେ ବାରେ ମେ କୁଛ ସୋଚା? ମୁଁ ଭାବିଲି ଲୋକଟି ଆଉ ପିଛା ଛାଡ଼ିବ ନାହିଁ। ବନ୍ଧୁ କହିଲେ, ତତେ ସେ ଏଠିକା କଲେକ୍ଟର ବୋଲି ଭାବି କାମଟିଏ ପାଇଁ ଆଶା କରିଚି। ମୁଁ ତାକୁ ଅନୁକମ୍ପାରେ କିଛି ଟଙ୍କା ବାହାର କରି ଯାଚିଲି। ମାତ୍ର ସେ ନେଲାନାହିଁ। କହିଲା, ଯେତେଦିନ ଦେହରେ ବଳଥିବ କାମ କରିଖାଇବି ସିନା ଭିକ ମାଗିବି ନାହିଁ। ବେଳକୁ ବେଳ ମୋର ସେ ବୁଢ଼ାଲୋକଟି ପ୍ରତି ଦରଦ ବଢ଼ିବଢ଼ି ଚାଲୁଥିଲା। ମୋର ମନେପଡୁଥିଲା ଆମର କ୍ଲାସ୍ ନେବାକୁ ଆସିଥିବା ଜଣେ ଅର୍ଥନୀତି ପ୍ରଫେସରଙ୍କ କଥା। ସେ କହୁଥିଲେ ଜଣେ ଭୋକିଲା ଲୋକକୁ ତମେ ଖାଇବାକୁ ଦେଲେ ପୁଣ୍ୟ ହେବ। ଜଣେ ଅଭାବୀ ଲୋକକୁ କିଛି ଅର୍ଥ ସାହାଯ୍ୟ କଲେ ମଧ୍ୟ ଭଲ କାମ ବୋଲି କୁହାଯାଇପାରେ। ମାତ୍ର ସେଥିରେ ତା'ର ସମସ୍ୟାର ସମାଧାନ ହେବନାହିଁ। ତାକୁ ଯଦି ରୋଜଗାରର ବାଟଟିଏ ଧରେଇଦେଇପାରିବ ତେବେ ତାହା ସବୁଠୁ ଭଲକାମ ହେବ। ମୁଁ ମନେମନେ ଭାବୁଥାଏ ବୁଢ଼ା ପାଇଁ କ'ଣ କରିହେବ। ବୁଢ଼ା ତା'ର ହୋଟେଲ ବାଟ ମୁହଁରେ ଜଗିବସିଥାଏ କାଳେ କୋଉ ବାବୁ ଭାୟାଙ୍କର ଲଗେଜ୍ ବୋହି ନେବାକୁ ଭାଗ୍ୟରେ ଜୁଟିବ। ହୋଟେଲର ମ୍ୟାନେଜର ଆମକୁ ଦେଖି ରାତି କିପରି କଟିଲା ବୋଲି ପଚାରିଲେ। ତାଙ୍କ ହୋଟେଲରେ ପୂର୍ବତନ ରୁମ୍‌ବୟ ନ ଥିବାରୁ ଆମେ କିଛି ଅସୁବିଧାର ସମ୍ମୁଖୀନ ହୋଇଥିବା କଥା ମନେପକାଇ ସେ ଆମଠୁ କ୍ଷମା ଚାହିଁଲେ ଏବଂ କହିଲେ ଯେ, ମଝିରେ ମଝିରେ ପିଲାମାନେ ଥରେ ଗାଁକୁ ଚାଲିଗଲେ ସହଜେ ଫେରନ୍ତିନି ଡେରିହୁଏ। ସେଇ ସମୟରେ ଏଭଳି ସାମୟିକ ଅସୁବିଧା ହୋଇଥାଏ। ଆମେ ତାଙ୍କ ସହ କଥାହେବା ଭିତରେ ଟିକେ ଆତ୍ମୀୟତା ବଢ଼ିବାରୁ ମୁଁ ତାଙ୍କୁ କହିଲି ଏଭଳି ସମୟରେ ସାମୟିକ ଭାବେ ବୁଢ଼ାଟିକୁ କୋଉ କାମରେ ରଖିଦଉ ନାହାନ୍ତି? ରିସେପ୍ସନିଷ୍ଟ ଚିହିଁକି ଉଠି କହିଲେ, ଏ ବୁଢ଼ା କି କାମ କରିପାରିବ? ଇଏ ବୋଝ ବୋହିବାକୁ ଫିଟ୍ ମାତ୍ର ହୋଟେଲ କାମ ପାଇଁ ଫିଟ୍ ହେବନି। ମୁଁ ତାଙ୍କୁ କାଲିର ଅନୁଭୂତି ବର୍ଣ୍ଣନା କରି ଆଉଥରେ ଅନୁରୋଧ କଲି। ବୋଧହୁଏ ଆମେ ମାଲିକଙ୍କର ଗେଷ୍ଟ ବୋଲି ଆମ କଥାକୁ ସମ୍ମାନ ଦେଇ ମ୍ୟାନେଜର ବୁଢ଼ାକୁ ଡାକି ପଚାରିଲେ ଯେ, ବାସନ ମଜାମଜି ଓ ଘର ପୋଛାପୋଛି, ଝାଡୁ ଆଦି କାମ କରିପାରିବ କି ନାହିଁ? ବୁଢ଼ା ସାଙ୍ଗେ ସାଙ୍ଗେ ହାତଯୋଡ଼ି ହଁ କହିଲା। ରିସେପ୍ସନିଷ୍ଟ ତାକୁ ଗୋଟେ ପୁରୁଣା ରୁମ୍‌ବଏର ୟୁନିଫର୍ମ ଶାର୍ଟ ଦେଇ କହିଲା, ଏମିତି ଅପରିଷ୍କାର ହୋଇ ଛିଣ୍ଡାମିଣ୍ଡା ଲୁଗାପିନ୍ଧି କାମକୁ ଆସିଲେ ଚଳିବ ନାହିଁ। ହୋଟେଲରେ ବାବୁଭୟାମାନେ ରହିବେ। ଏଠିକି ସଫାସୁତୁରା ହୋଇ ଆସିବାକୁ ପଡ଼ିବ। ଯଦି କାମ କରିବାର ଅଛି କାଲିଠୁ ଆସିବ। ମାସେ କାମ କଲା ପରେ କାମ ଦେଖି ମାଲିକ ଦରମା ଫାଇନାଲ କରିବେ। ବୁଢ଼ା କାନ୍ଦକାନ୍ଦ ହୋଇ ସେ ପୁରୁଣା ଶାର୍ଟଟିକୁ ଦୁଇହାତରେ ଜାକି ସମ୍ଭବତଃ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ମୁଣ୍ଡରେ ଲଗେଇଲା। କହିଲା ସାବ୍, ଭଗବାନ ଆପ୍‌କା ଭଲା କରେ ଏବଂ ଧୀରେ ଧୀରେ ଆଖି ଆଗରୁ ନିଷ୍କ୍ରାନ୍ତ ହୋଇଗଲା।

ତା' ପରଦିନ ସକାଳୁ ଆମର ହୋଟେଲ ଛାଡ଼ିବା କଥା। ସକାଳୁ କଲିଂବେଲ୍ ଶୁଣି କବାଟ ଖୋଲି ଦେଖେ ତ ବୁଢ଼ା ରୁମ୍‌ବୟର ପୁରୁଣା ୟୁନିଫର୍ମ ପିନ୍ଧି, ସଜ ଖବରକାଗଜଟିଏ ଧରି ଠିଆହୋଇଛି। ତା' ମୁହଁରେ ଅଦ୍ଭୁତ ଉଦ୍‌ଭାସ ସ୍ପଷ୍ଟ ବାରିହୋଇ ପଡୁଥିଲା। ସେ କହିଲା, ସାବ୍ ଆପ୍ ମେରେ ଲିଏ ଭଗବାନ ହୋ ... ଆପ ଆଜ୍ ଚଲେ ଯାଓ ଗେ ... ମେ ଆପ୍‌କା ସାମାନ୍ ନୀଚେ ତକ୍ ଜରୁର ଲେକେ ଯାଉଁଗା ...। ମଗର ଆଜ ମେ ଆପ୍‌ସେ ପୈସା ନେହିଁ ଲୁଗାଁ। ବୁଢ଼ାଠୁ ବିଦାୟ ନେଇ ଆସିଲା ବେଳକୁ ଲାଗୁଥିଲା କିଛି ଋଣ ରହିଗଲା ଯେମିତି ଆରଜନ୍ମରେ ଶୁଝିବାକୁ। ମାତ୍ର ବନ୍ଧୁ ମୋର ମତେ କହିଲେ, ଓହୋ ବହୁତ ବଡ଼ ବୋଝ ଗୋଟେ ମୁଣ୍ଡରୁ ଓହ୍ଲେଇଗଲା। ବୁଢ଼ା କାଲିଠୁ ପଛରେ ପଡିଥିଲା। ହୁଏତ ପୂର୍ବଜନ୍ମରୁ କିଛି ଋଣ ତା'ର ବାକି ଥିଲା ବୋଧେ ଶୁଝିବାକୁ !

ମୋ- ୯୪୩୭୨୮୬୫୧୨

# ଗୁଣାତ୍ମକ ଶିକ୍ଷା: କେତେ କଥା କେତେ କାମ



ଘାସିରାମ ପଣ୍ଡା

ଜାନୁୟାରୀ ୧୭ରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବରିଷ୍ଠ ପ୍ରଶାସକମାନଙ୍କୁ ସମ୍ବୋଧିତ କରିବା ଅବସରରେ ସମଗ୍ର ରାଜ୍ୟବାସୀ ତାଙ୍କର ପରିବାର ବୋଲି ଦୋହରାଇଥିଲେ। ଏହା ତାଙ୍କର ରାଜନୈତିକ ପରିପକ୍ୱତା ଓ ଉତ୍ତରଦାୟିତ୍ୱକୁ ପରିପ୍ରକାଶ କରୁଛି। ଏହି ଦିନର ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କହିଥିବା ଦୁଇଟି ଧାଡି 'ଆମେ ଚାହୁଁ ଶିଶୁମାନେ ଭଲ ପଢ଼ନ୍ତୁ' ଓ 'ମୁଁ ଚାହେଁ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳୁ' ବହୁତ ପ୍ରାସଙ୍ଗିକ ମନେହୁଏ। ସବୁ ମା'ବାପା ଚାହାନ୍ତି ସେମାନଙ୍କ ପିଲା ଆଦରରେ ବଢୁ, ସମସ୍ତ ସୁବିଧା ସୁଯୋଗ ପାଉ। ନିଜେ ଉପାସରେ ରହିଲେ ବି ପିଲା କିନ୍ତୁ ବିଦ୍ୟାଳୟକୁ ଯାଉ, ଭଲ ପାଠପଢୁ ଏହା କିଏ ନ ଚାହେଁ? ରାଜ୍ୟବାସୀ ଯଦି ତାଙ୍କ ପରିବାର ହୁଅନ୍ତି, ମୁଖ୍ୟମନ୍ତ୍ରୀ ସ୍ୱାଭାବିକ ଭାବେ ଏହି ପରିବାରର ମୁଖ୍ୟ। ପରିବାରର ମୁଖ୍ୟ ଭାବରେ ରାଜ୍ୟର ସମସ୍ତ ପିଲାଙ୍କ ପାଇଁ ଗୁଣାତ୍ମକ ଶିକ୍ଷା କାମନା କରିବା ଓ ସୁବିଧା ଯୋଗାଇଦେବା ତାଙ୍କ ଦାୟିତ୍ୱ। ରାଜ୍ୟରେ ପ୍ରାଥମିକ ଶିକ୍ଷାର ସ୍ଥିତି ବିଶେଷ ଭଲ ନାହିଁ। ଶିଶୁଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନର ପ୍ରଚଳନ ୨୦୦୯ ମସିହାରୁ ହେଲାଣି। ଏଥିରେ ପ୍ରତ୍ୟେକ ବିଦ୍ୟାଳୟ ପାଇଁ କିଛି ମାନ ନିର୍ଦ୍ଧାରଣ କରାଯାଇଛି। ହେଲେ ଏତେଦିନ ପରେ ବି ଦଶ ଭାଗରୁ କମ୍ ବିଦ୍ୟାଳୟ ଏହି ମାନ ପୂରଣ କରିଛନ୍ତି। ବିଦ୍ୟାଳୟରେ ତାଲିମପ୍ରାପ୍ତ ନିୟମିତ ଶିକ୍ଷକ, ଶ୍ରେଣୀଗୃହ, ଖେଳପଡ଼ିଆ, ଶୌଚାଳୟ, ବାଧାହୀନ ଯାତାୟାତର ବ୍ୟବସ୍ଥା, ରୋଷେଇ ଘର, ପାଚେରି ନ ରହିଲେ ଶିକ୍ଷା ଗୁଣାତ୍ମକ ହେବ କେମିତି? ସମୟ ଅନୁସାରେ ପାଠ୍ୟପୁସ୍ତକ, ପୋଷାକ ପ୍ରଭୃତି ପହଞ୍ଚେଇବା ଆଜି ବି ଏକ ଆହ୍ୱାନ ହୋଇ ରହିଛି। ଜିଲାର ଅନେକ ଗରିବ ପରିବାରର ପିଲା ଆଶ୍ରମ ବିଦ୍ୟାଳୟରେ ପଢ଼ନ୍ତି। ଏହି ବିଦ୍ୟାଳୟରେ ଛାତ୍ରୀ ଗର୍ଭବତୀ ହେବା, ଅବହେଳାରୁ ମୃତ୍ୟୁ ଘଟଣା ଅଭିଭାବକଙ୍କୁ ଶଙ୍କିତ କରୁଛି। ଫଳରେ ଅନେକ ମା'ବାପା ଝିଅମାନଙ୍କୁ ବିଦ୍ୟାଳୟକୁ ଛାଡିବାକୁ ଅମଙ୍ଗ ହେଉଛନ୍ତି। ଏହା ବାଳିକା ଶିକ୍ଷାରେ ବାଧକ ହେଉଛି। କମ୍ ଉପସ୍ଥାନ ଦର୍ଶାଇ ବିଦ୍ୟାଳୟକୁ ବନ୍ଦ କରାଯାଉଛି। ତିନୋଟି ପର୍ଯ୍ୟାୟରେ ୧୫ରୁ କମ୍ ଛାତ୍ରୀଛାତ୍ର ଥିବା ପ୍ରାୟ ୨୫୦୦ ବିଦ୍ୟାଳୟ ବନ୍ଦ ହୋଇସାରିଛି। ଏବେ ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ବି ବନ୍ଦ ହେବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ଆଦିବାସୀବହୁଳ ଅଞ୍ଚଳ ବିଶେଷ ପ୍ରଭାବିତ ହେଉଛି। ସରକାର ନିଜେ ପ୍ରସ୍ତୁତ କରିଥିବା ନୀତିରେ ରାଜ୍ୟ ରାଜପଥ, ଜାତୀୟ ରାଜପଥ, ରେଳ ଧାରଣା, ପାହାଡ, ଜଙ୍ଗଲ, ନଦୀ, ଝରଣା ଡେଇଁବାକୁ ପଡ଼ିଲେ ବିଦ୍ୟାଳୟ ବନ୍ଦ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ହେଲେ ସରକାରଙ୍କ ନିଜ ଅଧିକାରୀମାନେ ଏହାକୁ ଉଲ୍ଲଂଘନ କରି ଅନେକ ବିଦ୍ୟାଳୟ ବନ୍ଦ କରିଛନ୍ତି। ଫଳରେ ଅନେକ ପିଲା ବିଦ୍ୟାଳୟ ବାହାରେ ରହିବାକୁ ବାଧ୍ୟ ହୋଇଛନ୍ତି। କେବଳ ସେତିକି ନୁହେଁ, ଏମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବି ଏବେ ସ୍ୱପ୍ନ। ବିଦ୍ୟାଳୟକୁ ବନ୍ଦ କରିଦିଆଯିବା ହେତୁ ଅନେକେ ବେସରକାରୀ ଅନୁଷ୍ଠାନକୁ ଯିବା ପାଇଁ ବାଧ୍ୟ ହୋଇଛନ୍ତି। ଏହା ସେମାନଙ୍କୁ ଖର୍ଚ୍ଚାନ୍ତ କରୁଛି। ଅନେକଙ୍କ ଧାରଣା ବେସରକାରୀ ଅନୁଷ୍ଠାନରେ ପଢୁଥିବା ପିଲା ଗୁଣାତ୍ମକ ଶିକ୍ଷା ପାଆନ୍ତି ଓ ସୁରକ୍ଷିତ ରୁହନ୍ତି। ଆମ ରାଜ୍ୟରେ ଅନେକ ବେସରକାରୀ ଶିକ୍ଷାନୁଷ୍ଠାନ ବିନା ସ୍ୱୀକୃତି ପ୍ରମାଣପତ୍ରରେ ଚାଲୁଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ମାନ ପୂରଣ କରି ନ ପାରିଲେ ପ୍ରମାଣପତ୍ର ମିଳେନାହିଁ। ବିନା ସ୍ୱୀକୃତି ପ୍ରମାଣପତ୍ରରେ ଶିକ୍ଷା ଅନୁଷ୍ଠାନ ଚଳେଇବା ବେଆଇନ। ଏଣୁ ଏହିଭଳି ବିଦ୍ୟାଳୟରେ ପଢୁଥିବା ପିଲା ଆଦୌ ସୁରକ୍ଷିତ ନୁହନ୍ତି। ଶିକ୍ଷାରେ ବିକାଶ ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା କିଛି ନିଷ୍ପତ୍ତିର ପୁନର୍ବିଚାର କରାଯିବା ଆବଶ୍ୟକ। ଇଂଲିଶ ମାଧ୍ୟମରେ ଶିକ୍ଷା ବର୍ତ୍ତମାନ ସରକାରଙ୍କ ଏକ ବିଶେଷ ପ୍ରୟାସ। ଏଥିପାଇଁ ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଛି। ମାଗଣାରେ ଗୁଣାତ୍ମକ ଶିକ୍ଷା ଆଶାରେ ଏଥିରେ ବଛା ହୋଇଥିବା ପିଲାଙ୍କ ଅଭିଭାବକ ବିଶେଷ ଖୁସି ହୋଇଥିଲେ। ହେଲେ ଏପର୍ଯ୍ୟନ୍ତ ଅନେକ ବିଦ୍ୟାଳୟରେ ଛାତ୍ରୀ/ଛାତ୍ରାବାସ ହୋଇପାରି ନ ଥିବାରୁ ଅଭିଭାବକମାନଙ୍କୁ ବେସରକାରୀ ବ୍ୟବସ୍ଥା ଉପରେ ନିର୍ଭର କରିବାକୁ ପଡୁଛି। ଏହା ସେମାନଙ୍କ ପାଇଁ ମୁଣ୍ଡକୁ ଖୋସା ବଳେଇ ଯାଉଥିବା ଭଳି ସ୍ଥିତି। ଏବେ ପ୍ରଥମ ଶ୍ରେଣୀରୁ ଇଂଲିଶର ପ୍ରୟୋଗକୁ ନେଇ ଜୋରସୋର ଆଲୋଚନା ଚାଲିଛି। ମାତୃଭାଷାରେ ପ୍ରାଥମିକ ଶିକ୍ଷାର ଆବଶ୍ୟକତା ପ୍ରମାଣସିଦ୍ଧ। ଏହି ପରିପ୍ରେକ୍ଷୀରେ ପ୍ରଥମ ଶ୍ରେଣୀରୁ ଇଂଲିଶର ଆବଶ୍ୟକତା ଓ ସୁଫଳର ପୁନଃଚିନ୍ତନ ଜରୁରୀ। ପ୍ରତ୍ୟେକ ଶିଶୁଙ୍କୁ ଭଲ ଶିକ୍ଷାଦେବାକୁ ହେଲେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡ଼ିବ। ଏଥିପାଇଁ ଶିକ୍ଷା କ୍ଷେତ୍ରରେ ଅଧିକ ବ୍ୟୟ କରିବାକୁ ହେବ। ଏବେ ଆମ ସରକାର ପ୍ରତିବର୍ଷ ପ୍ରତି ଶିଶୁ ପାଇଁ ମାତ୍ର ୭୧୨୪ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏ କ୍ଷେତ୍ରରେ କର୍ନାଟକ ୮୧୧୨, ତେଲଙ୍ଗାନା ୯୫୭୨, ତାମିଲନାଡୁ ୧୦୦୭୧, ମହାରାଷ୍ଟ୍ର ୧୦୨୫୫, କେରଳ ୧୧୫୭୪ ଓ ହିମାଚଳ ପ୍ରଦେଶ ୧୭୯୨୧ ଟଙ୍କା ଖର୍ଚ୍ଚ କରୁଛନ୍ତି। ଦିଲ୍ଲୀ ଭଳି ରାଜ୍ୟରେ ସରକାରୀ ବିଦ୍ୟାଳୟର ସଫଳତା ସମସ୍ତଙ୍କ ପାଇଁ ଉଦାହରଣ ହୋଇଛି। ଆମର ଶିକ୍ଷାମନ୍ତ୍ରୀ ମଧ୍ୟ ନିକଟରେ ଦିଲ୍ଲୀର ଶିକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରି ଫେରିଛନ୍ତି। ଆମ ରାଜ୍ୟରେ ମଧ୍ୟ ଶିକ୍ଷକମାନଙ୍କ ପ୍ରୟାସରେ ଅନେକ ବିଦ୍ୟାଳୟ ଆକର୍ଷଣର କେନ୍ଦ୍ର ହୋଇପାରିଛି। ଏହି ପ୍ରୟାସକୁ ପ୍ରଶଂସା କରିବା ସହ ବ୍ୟାପକ ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି। ପରିବାରର ମୁଖ୍ୟ ପିଲାଙ୍କ ପଢ଼ିବାକୁ ନେଇ ଚିନ୍ତିତ ହେବା ରାଜନୈତିକ ଇଚ୍ଛାଶକ୍ତିରେ ପରିବର୍ତ୍ତିତ ହେଲେ ରାଜ୍ୟର ଲକ୍ଷାଧିକ ଶିଶୁ ବିକାଶ ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଏହା ଆଗାମୀ ଦିନରେ ସେମାନଙ୍କୁ ଏକ ସମ୍ମାନାସ୍ପଦ ଜୀବନ ବଞ୍ଚିବାରେ ସହାୟକ ହେବ।

ସୁବର୍ଣ୍ଣପୁର, ମୋ-୯୪୩୮୩୪୧୭୯୪, gha-
sirampanda@gmail.com

## ଏଇ ଭାରତରେ

ଲାଭ ଆଶାରେ ନୁହେଁ ବରଂ ଘରଗୁଡିକରୁ ବର୍ଜ୍ୟବସ୍ତୁ ସଂଗ୍ରହ କରି ସହରକୁ ପ୍ରଦୂଷଣ ମୁକ୍ତ କରିବାରେ ଲାଗିଛନ୍ତି ହାଇଦ୍ରାବାଦ୍‌ର ଚାରିଜଣ ଉଚ୍ଚଶିକ୍ଷିତ ଯୁବକ। ବର୍ଜ୍ୟବସ୍ତୁକୁ ସେମାନେ ରିସାଇକ୍ଲିଂ କରାଉଛନ୍ତି। ରୋଷନ ମିରନ୍ଦା, ଉଦିତ ପଟିଦାର, ଜୟନାରାୟଣ କୁଲଥିଙ୍ଗଲ ମିଶି ଏହି କାର୍ଯ୍ୟରେ ଲାଗିଛନ୍ତି। ଉଦିତ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସତକୋତ୍ତର ହାସଲ କରିବା ସହ କମ୍ପ୍ୟୁଟର ସାଇନ୍ସରେ ପିଏଚ୍‌ଡି କରିଛନ୍ତି। ରୋଷନ ଫାର୍ମାସ୍ୟୁଟିକାଲ ସାଇନ୍ସରେ ଡିଗ୍ରୀ ଓ ଜୟନାରାୟଣ ଫାର୍ମକୋଲୋଜିରେ ପିଏଚ୍‌ଡି କରିଛନ୍ତି। ସେମାନେ ୨୦୧୮ରେ ବିନ୍‌ଟିକ୍ସ ଓ୍ୱେଷ୍ଟ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍ ଗଠନ କରି ଘରୁ ବର୍ଜ୍ୟବସ୍ତୁ ସଂଗ୍ରହ କରୁଛନ୍ତି ବୋଲି କହିଛନ୍ତି ଷ୍ଟାର୍ଟଅପ୍‌ର ସହ ପ୍ରତିଷ୍ଠାତା ୩୬ ବର୍ଷୀୟ ଉଦିତ। ସେମାନେ ଏବେ ସୁଦ୍ଧା ୮୦ହଜାର ୟୁନିଟ୍ ବର୍ଜ୍ୟବସ୍ତୁ ସଂଗ୍ରହ କରି ସେଥିରୁ ୨୫୦ ଟନ ରିସାଇକ୍ଲିଂ କରିସାରିଲେଣି। ସେମାନେ ସଂଗ୍ରହ କରୁଥିବା ବର୍ଜ୍ୟବସ୍ତୁକୁ ୩୦ ଭାଗରେ ପୃଥକ କରି ତାହାକୁ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ (ସିପିସିବି)ର ସ୍ୱୀକୃତିପ୍ରାପ୍ତ ରିସାଇକ୍ଲର୍‌ଙ୍କ ନିକଟକୁ ପଠାଉଛନ୍ତି।

## ଚିରନ୍ତନୀ

ରୁଚି ବେଶଭୂଷା ନ ଥିଲେ ତୁମକୁ ଲାଗଇ ଲାଜ
ଶତ ପରିପାଟୀ କରି ଆପଣାର ଆବାସ ସାଜ,
ତା' ବିନେ ଭୁବନ ଅନ୍ଧାର ଦିଶେ ଗହନ ବନ
ତା' ପାଇଁ ମିଥ୍ୟା ଶିଖି ନାହିଁ କହି ନ ଜାଣେ ବ୍ୟାଜ।
(ମାନସୀ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୮ ଫେବୃୟାରୀ ୧୯୯୫

- ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅର୍ଜୁନ ସିଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ୬ ବର୍ଷ ଲାଗି ନିଲମ୍ବିତ।
- ନେପାଳରେ ଓସାରିଆ ବ୍ରଡ୍‌ଗଜ ରେଳଲାଇନ ବିଛାଇବା କ୍ଷେତ୍ରରେ ବୈଷୟିକ ସହାୟତା ପ୍ରଦାନ, ଜଳସମ୍ପଦର ଉପଯୁକ୍ତ ବିନିଯୋଗ ପାଇଁ ଜଳ ପ୍ରକଳ୍ପ ନିର୍ମାଣ କରିବା ସକାଶେ ଭାରତ ଓ ନେପାଳ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | C | 5 | | 3 | | | A | | 6 | 1 | E | 4 | |
| | D | 1 | | | | 6 | C | | | | | 8 | | |
| | | | A | B | 8 | 1 | | 4 | | | | D | | 0 |
| | E | 8 | 2 | 1 | | | 0 | B | | 3 | | C | | |
| | | A | | 6 | E | 5 | | | | | 2 | | | 9 |
| | 3 | 9 | D | | | 4 | | | | | | 6 | B | 1 |
| D | | E | 6 | 8 | | | | | | | | | | C |
| | 4 | | | | | | | | | | 3 | A | | 2 |
| | | 5 | | | A | | 1 | | | 8 | | | | |
| | | | B | | 2 | D | | 9 | 6 | | A | | | |
| | | | 1 | 7 | D | 2 | | | B | | E | | 8 | 3 |
| | | | | | | | | | 0 | 1 | | 2 | 9 | |
| | 1 | D | 9 | A | | | | | C | 5 | | | 7 | |
| | | B | E | | | | | 5 | | | | | | |
| | | | 3 | | | 0 | | | 4 | | 6 | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | A | 8 | 6 | 2 | 1 | C | 5 | 3 | 4 | 7 | 0 | E | 9 | B |
| 4 | 3 | C | 5 | E | B | 7 | A | 9 | 1 | 2 | D | 0 | 8 | 6 |
| 6 | 0 | 1 | 7 | 9 | D | 4 | 8 | 2 | 5 | B | E | A | C | 3 |
| 5 | B | 9 | 0 | 3 | A | 1 | D | E | 6 | 8 | C | 4 | 7 | 2 |
| E | 7 | 2 | 4 | C | 8 | 6 | 0 | B | 3 | 9 | A | 1 | D | 5 |
| 1 | E | B | 2 | D | 7 | 3 | C | 4 | 0 | 5 | 8 | 6 | A | 9 |
| 9 | D | A | C | 0 | 4 | 2 | 6 | 8 | 7 | 3 | B | 5 | 1 | E |
| 3 | 2 | 5 | E | 8 | 9 | A | 1 | D | C | 6 | 4 | 7 | B | 0 |
| 8 | 4 | 6 | 1 | B | 5 | E | 7 | 0 | D | A | 9 | 3 | 2 | C |
| 7 | C | 0 | 3 | A | 6 | B | 9 | 5 | E | 1 | 2 | D | 4 | 8 |
| 0 | 6 | D | 9 | 4 | C | 8 | B | 1 | A | E | 3 | 2 | 5 | 7 |
| C | 1 | 7 | 8 | 6 | E | D | 2 | A | 9 | 0 | 5 | B | 3 | 4 |
| 2 | 5 | E | B | 7 | 3 | 9 | 4 | 6 | 8 | D | 1 | C | 0 | A |
| B | 8 | 3 | A | 1 | 0 | 5 | E | C | 2 | 4 | 7 | 9 | 6 | D |
| A | 9 | 4 | D | 5 | 2 | 0 | 3 | 7 | B | C | 6 | 8 | E | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ମନ୍ଥରତା କାହିଁକି

ମହାଶୟ,

କେନ୍ଦ୍ର ସରକାର ଗତ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ୪ଟି ପର୍ଯ୍ୟାୟରେ ମୋଟ ୬୪ ଜଣ ଆୟକର, ବହିଃଶୁଳ୍କ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ଦୁର୍ନୀତି, ଭ୍ରଷ୍ଟାଚାର ଓ କ୍ଷମତାର ଅପବ୍ୟବହାର ପାଇଁ ଚାକିରିରୁ ବହିଷ୍କାର କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଦେଶସାରା ସ୍ୱାଗତ କରାଯାଇଛି। ତେବେ ଜୁନ୍ ଦ୍ୱିତୀୟ ସପ୍ତାହରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ, ୧୨୩ ଜଣ ଅଧିକାରୀଙ୍କ ବିରୋଧରେ ଗତ ୪ ମାସ ଧରି ବିଭାଗୀୟ ଅନୁମତି ନ ମିଳିବାରୁ କାର୍ଯ୍ୟାନୁଷ୍ଠାନ ଅଟକି ରହିଛି। ଏହି ୧୨୩ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ପ୍ରମାଣିତ ହୋଇସାରିଛି ଓ ଏମାନଙ୍କ ମଧ୍ୟରେ ୪୫ ଜଣ ବ୍ୟାଙ୍କ ଅଧିକାରୀ ଅଛନ୍ତି। ଏହି ରିପୋର୍ଟ ସତ୍ୟ ହୋଇଥିଲେ ସାଂଘାତିକ। ଏହି ୧୨୩ ଜଣଙ୍କ ମଧ୍ୟରେ ଦଣ୍ଡ ପାଇଥିବା ୬୪ ଜଣ ଯଦି ସାମିଲ ଥାଆନ୍ତି, ତେବେ ଅବଶିଷ୍ଟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ମନ୍ଥରତା କାହିଁକି?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### 'ମୋ ସରକାର' ଓ '୫-ଟି'ର ପ୍ରଭାବ

ରାଜ୍ୟ ସରକାରଙ୍କ ଦୁଇଟି ଲୋକାଭିମୁଖୀ ଯୋଜନା '୫-ଟି' ଏବଂ 'ମୋ ସରକାର' ରାଜ୍ୟ ପ୍ରଶାସନରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଦୁର୍ନୀତି ଅନେକ ମାତ୍ରାରେ କମିଛି ଏବଂ ଲାଞ୍ଚୁଆ ଅଧିକାରୀଙ୍କ ମନରେ ଛନକା ପଶିଛି। ରାଜ୍ୟ ସରକାର ଅବସର ବୟସ ୫୮ରୁ ୬୦କୁ ବୃଦ୍ଧି କଲେ। କର୍ମଚାରୀଙ୍କୁ ବର୍ଦ୍ଧିତ ସପ୍ତମ ବେତନ କମିଶନ ହାରରେ ଉଚ୍ଚ ଦରମା ଦେଲେ ଏବଂ ଚତୁର୍ଥ ଶନିବାରକୁ ମଧ୍ୟ ଛୁଟି ଘୋଷଣା କଲେ। ଏତେ ସୁବିଧାସୁଯୋଗ ପାଇସାରି ପୁଣି ଲାଞ୍ଚ ନେବାକୁ କାହିଁକି ଇଚ୍ଛା ହେଉଛି? ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସଚ୍ଚୋଟ କର୍ମଚାରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଉ।

ପ୍ରଭୁଦତ୍ତ ଦାଶ, ଲକ୍ଷ୍ମୀସାଗର, କଟକ ରୋଡ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଳିକା ଆତ୍ମରକ୍ଷା ତାଲିମ ଶିବିର

**ନାଉଗାଁ, ୭ା୨ (ସ୍ୱ.ପ୍ର):** ନାଉଗାଁ ବ୍ଲକ ଅଧୀନ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟଠାରେ ଶୁକ୍ରବାର ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟ ଅଧକ୍ଷ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଗୌରଙ୍ଗ ଚରଣ ଗ୍ରହାଚାର୍ଯ୍ୟ, ତୁଷାର କାନ୍ତ ଦାସ, ଚୌଧୁରୀ ବିନେଶ କୁମାର ଦାସ, ବିଜୟିନୀ ପଡିଆରୀ ପ୍ରମୁଖ ଯୋଗଦେଇଥିଲେ। ଦରକାର ସମୟରେ ଛାତ୍ରୀମାନେ କିପରି ନିଜକୁ ରକ୍ଷା କରିପାରିବେ ସେ ଦିଗରେ ଅତିଥିମାନେ ଆଲୋଚନା କରିବା ସହ ଛାତ୍ରୀମାନଙ୍କୁ ଉତ୍ତମ ଭାବେ ପ୍ରଶିକ୍ଷଣ ନେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ମାଷ୍ଟର ଟ୍ରେନର ଭାବେ ପ୍ରଜ୍ଞା ପରମିତା ଜେନା ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ।

### ପାଇପ୍‌ଲାଇନ୍ କ୍ଷତିଗ୍ରସ୍ତ ଚାଷୀଙ୍କ ସମାବେଶ




**କୁଜଙ୍ଗ, ୭ା୨ (ଡି.ଏନ୍.ଏ.):** କୁଜଙ୍ଗ ଥାନା ପାଲିଟୁଠ ପଞ୍ଚାୟତ ଦେଇ ପ୍ରସ୍ତାବିତ ତେଲ ପାଇପ୍ ଲାଇନ୍ ବିଛାଯିବା ଓ ଏହାର କ୍ଷତିପୂରଣ ନେଇ ଚାଷୀ ଅସନ୍ତୋଷ ବଢୁଛି। ଏ ନେଇ ଶୁକ୍ରବାର ପଞ୍ଚାୟତ ପରିସରରେ ଚାଷୀନେତା କ୍ଷୀରେଦ ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଯୁକ୍ତ କ୍ଷତିପୂଣ ନ ପାଇଲେ ଚାଷୀମାନେ ଜମି ଛାଡିବେ ନାହିଁ ବୋଲି ବୈଠକରେ ଚାଷୀମାନେ ସାମୂହିକ ଶପଥପାଠ କରିଥିଲେ। ବୈଠକରେ ପୂର୍ବତନ ସରପଞ୍ଚ ଅଖିଳ ବଲ୍ଲଭ ସ୍ୱାଇଁ, ନବଘନ ବେହେରା, କୈଳାସ ଚନ୍ଦ୍ର ଜେନା, ଧନେଶ୍ୱର ବେଜ, ରାଜେନ୍ଦ୍ର ତ୍ରିପାଠୀ, କ୍ଷୀରୋଦ ଦାସ, ମହେନ୍ଦ୍ର ଜେନା, ମାନସ ରଞ୍ଜନ କର, ବିଷ୍ଣୁ ଦାସ, ଶଶିରଞ୍ଜନ ପଣ୍ଡା, ପୀତାବାସ ନାୟକଙ୍କ ସମେତ ୧୦୬ ଚାଷୀ ଉପସ୍ଥିତ ଥିଲେ।

### ଜଳ ଯୋଗାଣ ପ୍ରକଳ୍ପର ଉନ୍ନତୀକରଣ ନିମନ୍ତେ ଭୂମିପୂଜା

**ବାଙ୍କୀ,୭ା୨(ବି.ପ୍ର.):** ବାଙ୍କୀ-ଡମପଡ଼ା ବ୍ଲକ ଡମପଡା ପଞ୍ଚାୟତରେ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯିବା ନେଇ ଗୁରୁବାର ଏଠାରେ ଥିବା ପାନୀୟ ଜଳ ପ୍ରକଳ୍ପର ଉନ୍ନତୀକରଣ ନିମନ୍ତେ ଭୂମି ପୂଜା କରାଯାଇଛି। ଡମପଡାଗଡ ପାହାଡ ଉପରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଭୂମିପୂଜା କରିଛନ୍ତି। ସରପଞ୍ଚ ଦେବେନ୍ଦ୍ର ଧଳସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଏପ୍ରିଲରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ

**ଜଗତ୍‌ସିଂହପୁର ଅଫିସ୍, ୭ା୨**




ସମୀକ୍ଷା ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

**ପ୍ରସ୍ତାବିତ ୫୫ ନଂ. ଜାତୀୟ ରାଜପଥ ସମ୍ପର୍କିତ ସମୀକ୍ଷା ବୈଠକ**
- ମାର୍ଚ୍ଚ ସୁଦ୍ଧା କ୍ଷୟକ୍ଷତି ଆକଳନ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ଅଢ଼େଇ ବର୍ଷରେ ଶେଷ ହେବ ରାସ୍ତା ନିର୍ମାଣ କାର୍ଯ୍ୟ
- ତିଆରି ହେବ ୯ ଟି ବାଇପାସ୍

୨୦୧୭ରେ ୫୫ ନଂ. ଜାତୀୟ ରାଜପଥ (ଏନ୍‌ଏଚ୍) ସମ୍ପ୍ରସାରଣ ପାଇଁ ଘୋଷଣା ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲାର ୭୮.୩୫ କିଲୋମିଟର ଅନ୍ତର୍ଭୁକ୍ତ କରାଯାଇଛି। ତେବେ ମାର୍ଚ୍ଚ ସୁଦ୍ଧା ଲାଇନ୍ ବିଭାଗଗୁଡିକ ପ୍ରସ୍ତାବିତ ରାଜପଥ ଜମିରୁ ଗଛ, ବିଦ୍ୟୁତ୍ ଖୁଣ୍ଟ, ତାର, ବିଏସ୍‌ଏନ୍‌ଏଲ୍ ଖୁଣ୍ଟ, ତାର, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ପାଇପ୍‌ଲାଇନ୍ ଉଚ୍ଛେଦ ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ତାହା ଆକଳନ କରି ରିପୋର୍ଟ ଦାଖଲ କରିବେ। ତା'ପରେ ଅର୍ଥାତ୍ ଏପ୍ରିଲରୁ ଉଚ୍ଛେଦ ସହ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ପ୍ରସ୍ତାବିତ ୫୫ ଜାତୀୟ ରାଜପଥ ସମ୍ପର୍କିତ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ଏଥିରେ ଜିଲାପାଳ ଏକଥା ମଧ କହିଥିଲେ ଯେ, ଏନ୍‌ଏଚ୍-୫୫ ରେ ଜଗତ୍‌ସିଂହପୁର ଜିଲାର ୭୮.୩୫ କିଲୋମିଟର ରାସ୍ତା ରହିଛି। ରାଜପଥ ନିର୍ମାଣ ନେଇ ଭାରତ ସରକାର ବିଜ୍ଞପ୍ତି ପ୍ରକାଶ କରିସାରିଲେଣି। ଏହି ରାସ୍ତା ନିର୍ମାଣ ହେଲେ ଜିଲାର କୁଜଙ୍ଗ ବ୍ୟତୀତ ଜଗତ୍‌ସିଂହପୁର, ନାଉଗାଁ, ବାଲିକୁଦା, ଏରସମା, ବିରିଡ଼ି, ରଘୁନାଥପୁର ଓ ତିର୍ତ୍ତୋଲ ତହସିଲର ଜମି ଅଧିଗ୍ରହଣ ହେବ। ତେଣୁ ଏହିସବୁ ତହସିଲର ତହସିଲଦାରମାନଙ୍କୁ ଜମି ଅଧିଗ୍ରହଣ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଆର୍ବିଟ୍ରେଟର୍ ରହିବେ ଜିଲାପାଳ। ଏହାଦ୍ୱାରା ଲୋକେ କୋର୍ଟ ନ ଯାଇ ଜିଲାପାଳଙ୍କ ନିକଟରେ ସେମାନଙ୍କ ଆପତ୍ତି, ଅଭିଯୋଗ ପ୍ରଦାନ କରିପାରିବେ।

ମିଳିଥିବା ସୂଚନା ଅନୁଯାୟୀ, ଏହି ରାସ୍ତାର ଓସାର ୨୦ ମିଟର ରହିବ। ନୂଆ ରାସ୍ତା ପାଖାପାଖି ୪୦ କିଲୋମିଟର ତିଆରି ହେବ। ବାଇପାସ୍ କିନ୍ତୁ ୯ଟି ରହିବ। ଜାତୀୟ ରାଜପଥ ଉପରେ ଅର୍ଥାତ୍ ଛପଡ଼ା ଓ କନ୍ଦରପୁରଠାରେ ରେଲୱେ ଓଭରବ୍ରିଜ ନିର୍ମାଣ ହେବାର ଯୋଜନା ରହିଛି। ଛପଡ଼ା ଓଭରବ୍ରିଜ୍ କାମ ନେଇ ଖୁବ୍‌ଶୀଘ୍ର ଟେଣ୍ଡର ହେବାର ଥିବାବେଳେ କନ୍ଦରପୁର ପାଇଁ ସମୟ ଲାଗିବ। କାରଣ ଏହି ଜମି କଟକ ଜିଲା ଅଧୀନରେ ଥିବାରୁ କଟକ ଜିଲାପାଳଙ୍କ ସହ ଆଲୋଚନା ପରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ରାଜପଥ ନିର୍ମାଣ ପୂର୍ବରୁ ସବୁଠାରୁ କମ୍ ଜମିରୁ ଉଚ୍ଛେଦ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି ୨୦୦ରୁ ଅଧିକ ବିଦ୍ୟୁତ୍ ଷ୍ଟ୍ରକ୍‌ଚର୍ ଉଚ୍ଛେଦ ହେବ। ପାଖାପାଖି ୭ କିଲୋମିଟର ରାସ୍ତା ପାର୍ଶ୍ୱରେ ଘର ଥିବାରୁ ସେଗୁଡିକୁ ଉଚ୍ଛେଦ କରାଯିବ। ଏଥିସହ କ୍ୟାବିନ୍ ଆଦି ଉଚ୍ଛେଦ ହେବ। ଜମି ମାଲିକଙ୍କୁ ମାର୍କେଟ୍ ଦରଠାରୁ ଅଧିକ କ୍ଷତିପୂରଣ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଜାତୀୟ ରାଜପଥ ନିର୍ମାଣ ହେଲେ ତା'ପାର୍ଶ୍ୱରେ ଗଛ ନ ଲଗାଇବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଯେହେତୁ ରାସ୍ତା ସମ୍ପ୍ରସାରଣ ହେଉଛି ତେଣୁ ଲଗାଯାଇଥିବା ଗଛ କଟାଯାଉଛି। ତେଣୁ ରାସ୍ତା ପାର୍ଶ୍ୱ ଅପେକ୍ଷା ମଝିରେ ଦୀର୍ଘ ମିଆଦି ଗଛ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଦଳେଇ ଘାଇ, ଜଗତ୍‌ସିଂହପୁର, ବାଲିକୁଦା, ବୋରିକିନା, ବାଲିଟୁଠ ଓ ଚଟୁଆ ଆଦି ମୁଖ୍ୟ ବଜାରଠାରେ ବାଇପାସ୍ ନିର୍ମାଣ ହେବ। ଏହାଦ୍ୱାରା ମୁଖ୍ୟତଃ ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଇଛି। ତେବେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲେ ଏହା ଅତିବେଶିରେ ଅଢେଇ ବର୍ଷରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।




ଏହାଦ୍ୱାରା ଜିଲାର ଅର୍ଥନୈତିକ ଗୁରୁତ୍ୱ ବଢିବ। ପ୍ରସ୍ତାବିତ ଜାତୀୟ ରାଜପଥ ଅଗ୍ରଗତି ସମ୍ପର୍କରେ ଜିଲାପାଳ ପ୍ରତି ସପ୍ତାହରେ ସମୀକ୍ଷା କରିବେ। ବୈଠକରେ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ, କର୍ମକର୍ତ୍ତା, ତହସିଲଦାର, ଡିଏଫ୍‌ଓ, ସେସୁ, ଡ୍ରେନେଜ୍, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଓ ବିଏସ୍‌ଏନ୍‌ଏଲ୍‌ର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

### ଗୋରଖନାଥଙ୍କ ଜନ୍ମୋତ୍ସବ ପ୍ରସ୍ତୁତି ପର୍ବ ଶେଷ

**ରଘୁନାଥପୁର, ୭ା ୨ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କେରେକେରାସ୍ଥିତ ଗୋରଖନାଥଙ୍କ ଜନ୍ମୋତ୍ସବ ଉପଲକ୍ଷେ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ପ୍ରତିବର୍ଷ ଭଳି ଅଗ୍ନିଉତ୍ସବ ଦିନ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ କରାଯାଇଥାଏ। ଏହି ଉପଲକ୍ଷେ ଟ୍ରଷ୍ଟବୋର୍ଡ ପକ୍ଷରୁ ପ୍ରଭୁଙ୍କ ରୀତିନୀତି ସହ ସମସ୍ତ କାର୍ଯ୍ୟକ୍ରମ ଯେପରି ଯଥାରୀତି ପାଳନ କରାଯିବ ଏ ସମ୍ପର୍କରେ ଆଲୋଚନା ମାଧ୍ୟମରେ ସ୍ଥିର ହୋଇଥିବା ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି ସୂଚନା ଦେଇଛନ୍ତି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଉଭୟ ଦିନ ରାତିରେ ପ୍ରସାଦ ସେବନର ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟ ଜଳ, ଫାଷ୍ଟଏଡ ସୁବିଧା, ଉଜ୍ଜ୍ୱଳ ଆଲୋକ ସହ ଶୌଚାଳୟର ବ୍ୟବସ୍ଥା ହୋଇଥିବା ସଭ୍ୟ ମହାନ୍ତି କହିଛନ୍ତି। ମ୍ୟାନେଜିଂ ଟ୍ରଷ୍ଟିଙ୍କ ଅନୁପସ୍ଥିତିରେ ଟ୍ରଷ୍ଟ ବୋର୍ଡ ସଭ୍ୟ ଆଇନଜୀବୀ ମହାନ୍ତିଙ୍କ ସହ ସୁରେନ୍ଦ୍ର ନାଥ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, କ୍ଷୀରୋଦ ମହାନ୍ତି ଓ ବାଦଲ ଯୋଗାଣିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ଥାନୀୟ ଗ୍ରାମବାସୀ ପ୍ରଭୁଙ୍କ କାର୍ଯ୍ୟରେ ପୂର୍ଣ୍ଣମାତ୍ରାରେ ସହଯୋଗ କରୁଛନ୍ତି। ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ମିଳିଛି। ପ୍ରତିକୂଳ ପାଗ ଲାଗି ରହିଥିବା ବେଳେ ପ୍ରଭୁଙ୍କ ନିକଟକୁ ଭକ୍ତଙ୍କ ଆଗମନ ରହିବ ବୋଲି ପୂଜକ ବୃନ୍ଦ ଓ ଟ୍ରଷ୍ଟ ବୋର୍ଡ ଆଶାବାଦୀ ରହିଛନ୍ତି।

# ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ



ବିଧାୟକ ପ୍ରଶାନ୍ତ ମୁଦୁଲି ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

**ନାଉଗାଁ, ୭ା୨ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ରୋହିଆ ପଞ୍ଚାୟତରେ ଶୁକ୍ରବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସୁଜିତ କୁମାର ମଲିକଙ୍କ ନେତୃତ୍ୱରେ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଶୋଭାଯାତ୍ରାରେ ଶତାଧିକ କର୍ମୀ ସାମିଲ ହେବା ସହ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ସମ୍ମିଳନୀସ୍ଥଳକୁ ପାଛୋଟି ନେଇଥିଲେ। ସେଠାରେ କର୍ମୀମାନେ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସମ୍ମିଳନୀରେ ପଞ୍ଚାୟତର ନାଏବ ସରପଞ୍ଚ ପୁଷ୍ପଲତା ଦେଈଙ୍କ ସମେତ ଅନେକ ଅସନ୍ତୁଷ୍ଟ କଂଗ୍ରେସ କର୍ମୀ ପ୍ରଶାନ୍ତ ନାୟକ, ଜଟାଧାରୀ ସ୍ୱାଇଁ, ଦେବେନ୍ଦ୍ର ମଲିକ, ବାବୁଲି ରାଉତ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ନୂତନ କର୍ମୀମାନଙ୍କୁ ବିଧାୟକ ମୁଦୁଲି ସ୍ୱାଗତ କରିଥିଲେ। କର୍ମୀ ସମ୍ମିଳନୀରେ ରୋହିଆ ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ କରିବା ସହିତ ପଡ଼ି ରହିଥିବା ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ବିଧାୟକ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମିଳନୀରେ ବ୍ଲକ ଅଧକ୍ଷ ଜଗନ୍ନାଥ ଦାସ, ଜିଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ଚନ୍ଦ୍ର ବସ୍ତିଆ, ପ୍ରତ୍ୟୁଷ ପରିଡା, ପ୍ରଫୁଲ୍ଲ ଲେଙ୍କା, ବିଷ୍ଣୁ ସାହୁ, ଧନେଶ୍ୱର ନାୟକ, ଅମିୟ ମହାନ୍ତି, ଦିଲୀପ ମହାନ୍ତି, ରବୀନ୍ଦ୍ର ସ୍ୱାଇଁ, ଶମ୍ଭୁ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### କୋଲର ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟିତ

**ତିର୍ତ୍ତୋଲ, ୭ା୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ କୋଲରଠାରେ ଶୁକ୍ରବାର କୋଲର ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି କେଲୁଚରଣ ଦଳାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସମିତି ସଭାପତି ଦଳାଇ ସଭାପତିତ୍ୱ କରିଥିଲେ। ଏଥିରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର(ସିସିବି) ତିର୍ତ୍ତୋଲ ଶାଖା ପରିଚାଳକ ଦୋଳଗୋବିନ୍ଦ ଖଟୁଆ ମୁଖ୍ୟଅତିଥି, ଏଆର୍‌ସିଏସ୍ ପ୍ରତିନିଧି ରଞ୍ଜିତ କୁମାର ସାହୁ, ସମିତି ସମ୍ପାଦକ କେଦାରନାଥ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଦୀପ୍ତିରେଖା ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମବାୟ ସମିତି ଦ୍ୱାରା ଚାଷୀମାନେ କିପରି ଉପକୃତ ହେଉଛନ୍ତି, ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। କୋଲର ପଞ୍ଚାୟତ ସମିତିସଭ୍ୟ ରଞ୍ଜିତ ପାଲ୍, ବୋର୍ଡସଭ୍ୟ ବିଜୟ ରାଉତ, ଉପସଭାପତି କମଳା ଦାସ, ଲକ୍ଷ୍ମୀଧର ରାଉତ, ବିଜୟ ସାହୁ, ଚିତ୍ତରଞ୍ଜନ ମହାରଣା, ମଞ୍ଜୁଶ୍ରୀ ଜେନା, ଅରୁଣ ଦାସ, ତ୍ରିଲୋଚନ ସାହୁ, ବାବୁରାମ ମଲ୍ଲିକ, ବିଜୟ ଦାସ, ସଞ୍ଜୟ ମଲ୍ଲିକ, ପ୍ରଭାତ ସାହୁଙ୍କ ସମେତ ବହୁ ଚାଷୀ ସଭାରେ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2020010, ତା: 04.02.2020

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ମଧ୍ୟରେ ନୂଆ ବ୍ରଡ୍ ଗେଜ୍ (B.G.) ରେଳ ଲିଙ୍କ : ନୟାଗଡ଼-ବୁଗୁଡ଼ା ସେକ୍ସନ ମଧ୍ୟରେ ସିଏଚ୍.(CH. KM.) କି.ମି. 96.015 ଠାରେ ଓପନ ଫାଉଣ୍ଡେସନ ସହିତ ଏଲିଫ୍ୟାଣ୍ଟ ପ୍ୟାସେଜ (Elephant Passage) ବ୍ରିଜ୍ ନଂ.190 (2X30.5 ଓପନ ୱେବ୍ ଗର୍ଡ଼ର) ଏବଂ ସିଏଚ୍. (CH. KM.) କି.ମି. 106.450 ଠାରେ ଓପନ ଫାଉଣ୍ଡେସନ ତଥା ରିନ୍‌ଫୋର୍ସଡ୍ ଆର୍ଥ (Reinforced Earth) ୱାଲ ସହିତ ରୋଡ୍ ଓଭର ବ୍ରିଜ୍ (ROB) ନଂ.235 (2X30.00M କମ୍ପୋଜିଟ୍ ଗର୍ଡ଼ର) ର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 2150.80 ଲକ୍ଷ, EMD (ଟଙ୍କାରେ) : ₹ 12,25,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.03.2020ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

10% ରୁ ଅଧିକ ଟେଣ୍ଡର ମୂଲ୍ୟ ତୁଳନାରେ ସର୍ବନିମ୍ନ ମୋଟ ମୂଲ୍ୟ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ଟେଣ୍ଡର ମୂଲ୍ୟର ପ୍ରତିଶତ ସହିତ ସମାନ ମୂଲ୍ୟର ଅତିରିକ୍ତ ପରଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯଦ୍ୱାରା ପ୍ରସ୍ତାବ ସ୍ୱୀକୃତି ଉପରେ ପ୍ରସ୍ତାବ 10% ରୁ କମ୍ ହୋଇପାରିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-122/CC/19-20



**ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ**
**କଟକ ଖଣ୍ଡପୀଠ**
**କଟକରେ**
**ସି.ଏ./(ସି.ଏ.ଏ.) ସଂ.୦୭/ସିଟିବି/୨୦୧୯**

ମାମଲାରେ;
କମ୍ପାନୀ ଅଧିନିୟମ, ୨୦୧୩
ଏବଂ
ମାମଲାରେ;
କଥିତ ଅଧିନିୟମର ଧାରା ୨୩୦ରୁ ୨୩୨ ତଥା କମ୍ପାନୀ ଅଧିନିୟମ, ୨୦୧୩ର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାପନ ସହିତ ପଠନପୂର୍ବକ କମ୍ପାନୀ (ବୁଝାମଣା, ବ୍ୟବସ୍ଥା ଓ ଏକୀକରଣ) ନିୟମାବଳୀ, ୨୦୧୬ ଅଧୀନରେ ପିଟିସନ
ଏବଂ
ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୪ପିଟିସି୦୦୯୦୧୬) (ପ୍ୟାନ୍ ନଂ.- ଏଏଇସିଡି୯୬୨୮କି), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, କିଇ ରୋଡ୍ ରାୟପୁର-୪୯୨୧୦୧ ....... ପ୍ରଥମ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୧
ଏବଂ
ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୦ସିଟି୨୦୧୦ପିଟିସି୦୦୯୦୩୧), (ପ୍ୟାନ୍ ନଂ.- ଏଏଇସିଜି୦୨୦୮କେ), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, କିଇ ରୋଡ୍ ରାୟପୁର-୪୯୨୧୦୧ ...... ଦ୍ୱିତୀୟ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୨
ଏବଂ
ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୩ପିଟିସି୦୦୯୦୧୭), (ପ୍ୟାନ୍ ନଂ.- ଏଏଟିସିଏସ୍୦୯୭୪ଏମ୍), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, କିଇ ରୋଡ୍ ରାୟପୁର-୪୯୨୧୦୧ ...... ତୃତୀୟ ବାଦୀ/ହସ୍ତାନ୍ତରଗ୍ରାହୀ କମ୍ପାନୀ
ମାମଲାରେ
୨୦ ଜାନୁୟାରୀ, ୨୦୨୦ ଦିନ ପ୍ରଦତ୍ତ ଆଦେଶ

**ପିଟିସନ ନୋଟିସ**

**ନୋଟିସ ପ୍ରଦାନ କରାଯାଉଛି ଯେ** କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ରୁ ଧାରା ୨୩୨ ସମେତ ପଠନପୂର୍ବକ ଅନ୍ୟାନ୍ୟ ବ୍ୟବସ୍ଥାପନ ଅଧୀନରେ, ଉପରନାମିତ ବାଦୀମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍, ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରଙ୍କ ପ୍ରସ୍ତାବିତ ମିଶ୍ରଣ ଯୋଜନାର ମଞ୍ଜୁରୀ ଆଦେଶକୁ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ ଦ୍ୱାରା ୨୦ ଜାନୁୟାରୀ ୨୦୨୦ ଦିନ ସ୍ୱୀକୃତ ହୋଇଥିଲା ଏବଂ ଏହାର ଶୁଣାଣି ତାରିଖକୁ ୨୦ ଫେବୃୟାରୀ, ୨୦୨୦ ଦିନ ଧାର୍ଯ୍ୟ କରାଯାଇଛି।
**କୌଣସି ବ୍ୟକ୍ତି** ଯଦି କଥିତ ପିଟିସନକୁ ସମର୍ଥନ କିମ୍ବା ବିରୋଧ କରିବା ପାଇଁ ଇଚ୍ଛୁକ ଥାଆନ୍ତି ତେବେ ସେ ନିମ୍ନପ୍ରଦତ୍ତ ଠିକଣାରେ ବାଦୀଙ୍କ ଓକିଲଙ୍କ ନିକଟକୁ ନିଜସ୍ୱ କିମ୍ବା ନିଜ ଓକିଲଙ୍କ ସ୍ୱାକ୍ଷର ତଥା ପୂରା ନାମ ଓ ଠିକଣା ସହିତ ତାଙ୍କର ଅଭିପ୍ରାୟ ଦର୍ଶାଉଥିବା ଏକ ନୋଟିସ ପ୍ରେରଣ କରିବେ ଯାହା ପିଟିସନ ଶୁଣାଣି ଲାଗି ଧାର୍ଯ୍ୟ ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା ବାଦୀଙ୍କ ଓକିଲଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ପିଟିସନର ବିରୋଧ କରୁଥିବା କ୍ଷେତ୍ରରେ, ଶୁଣାଣି ପାଇଁ ସ୍ଥିର ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା, ବିରୋଧର କାରଣ କିମ୍ବା ପିଟିସନ ବିରୁଦ୍ଧରେ ବ୍ୟବହାର ହେବା ଲାଗି ଉଦ୍ଦିଷ୍ଟ ସତ୍ୟପାଠର ଏକ ପ୍ରତିଲିପି ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ, ଡଗରପଡ଼ା, ସିଡିଏ ଏରିଆ, କଟକ, ଓଡ଼ିଶା-୭୫୩୦୦୨, ଭାରତଙ୍କ ନିକଟରେ ଦାଏର କରିବେ ଏବଂ ଏକ ପ୍ରତିଲିପି ବାଦୀଙ୍କ ଓକିଲଙ୍କ ନିକଟକୁ ପ୍ରେରଣ କରିବେ। ପିଟିସନର ପ୍ରତିଲିପି ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ନିର୍ଦ୍ଧାରିତ ଦେୟ ପୈଠ କରି ବାଦୀଙ୍କ ଓକିଲଙ୍କଠାରୁ ତାହା ପ୍ରାପ୍ତ କରିପାରିବେ।
ତାରିଖ: ୭ ଫେବୃୟାରୀ, ୨୦୨୦
ସ୍ୱା./-
**ମେସର୍ସ ହେମନ୍ତ ସେଠୀ ଆଣ୍ଡ କୋ.**
ବାଦୀଙ୍କ ଓକିଲ,
୧୬୦୨ ନବ ପରମାଣୁ, ଅମର ସିନେମା ପଛ,
ଚେମ୍ବୁର, ମୁମ୍ବାଇ-୪୦୦୦୭୧
ସ୍ଥାନ: ମୁମ୍ବାଇ
ତାରିଖ: ୭ା୨ା୨୦୨୦


# ଶାଳିଜଙ୍ଗା ଆଶ୍ରମରେ ମହିମା ମେଳା



ମେଳା ପଡ଼ିଆରେ ଲୋକଙ୍କ ଭିଡ଼।

**ନାଉଗାଁ ୭ା୨(ସ୍ୱ.ପ୍ର)**

ନାଉଗାଁ ବ୍ଲକ ଅଧୀନ ଶାଳିଜଙ୍ଗା ମହିମା ଆଶ୍ରମରେ ଶୁକ୍ରବାର ମାଘ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଶ୍ରମର ବାବା ଗଦାଧର ଦାସ ଅଖଣ୍ଡ ଝାଡ଼ ଦୀପ ଲଗାଇଥିଲେ। ଘଣ୍ଟ, ଘଣ୍ଟା, ଶଙ୍ଖ, ହୁଳହୁଳି ଓ ମହିମା ଅଲେଖ ଡାକରେ ଆଶ୍ରମ ପରିସର ପ୍ରକମ୍ପିତ ହୋଇଉଠିଥିଲା। ପ୍ରାତଃ ପୂଜା ଦେଖିବା ପାଇଁ ଆଶ୍ରମରେ ଜଗତ୍‌ସିଂହପୁର ଜିଲା ସମେତ ଆଖପାଖ ଜିଲାର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦିନ ତମାମ ମହିମା ଧର୍ମାବଲମ୍ବୀମାନେ ଆଶ୍ରମ ପରିସରରେ ନାମ ସଙ୍କୀର୍ତ୍ତନ କରିଥିଲେ। ଶ୍ରଦ୍ଧାଳୁମାନେ ଧୁନିରେ ପକାଇବା ପାଇଁ ଘିଅ, ନଡ଼ିଆ, କଦଳୀ ସମେତ ପ୍ରସାଦ ପାଇଁ ପରିବା ଆଣିଥିବା ଦେଖାଯାଇଥିଲା। ମେଳା ପାଇଁ ଆଶ୍ରମ ପରିସରରେ ଥିବା ଶୂନ୍ୟ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିରକୁ ବିଭିନ୍ନ ରଙ୍ଗ ବେରଙ୍ଗ ଫୁଲମାଳରେ ସଜା ଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ସନ୍ଧ୍ୟାରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଆଶ୍ରମ ପରିସରରେ ଭିଡ଼ ଜମାଇଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରସାଦ ପାଇଁ ପନିପରିବା କଟା ନହୋଇ ରୋଷେଇ ହେବା ଏଠାକାର ବିଶେଷତ୍ୱ ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ତେବେ ମେଳା ପାଇଁ ମନ୍ଦିର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଦୋକାନ ଖୋଲିଥିବା ବେଳେ ଝିପିଝିପି ବର୍ଷା ଯୋଗୁ ବ୍ୟବସାୟ ଭଲ ହୋଇ ନ ଥିବା ବ୍ୟବସାୟୀମାନେ କହିଛନ୍ତି।




**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. eT-M-PRDP-REPAIR-94-2020

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ପାରାଦୀପ ୟାର୍ଡ଼ ଠାରେ ୱାଗନଗୁଡ଼ିକର ମରାମତି।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,64,18,856.57, EMD (ଟଙ୍କାରେ) : 2,32,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.02.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.02.2020ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍
PR-701/K/19-20



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ହାଉସ୍‌କିପିଂ ଠିକା ନିମନ୍ତେ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍/ଜି-୧୩/ଏଚ୍‌କେ/ ବିୟୁଏ-ଆଇବି/୧୯, ତାରିଖ: ୨୯।୦୧।୨୦୨୦

କାର୍ଯ୍ୟର ନାମ: କାର୍ଯ୍ୟାରମ୍ଭ ତାରିଖରୁ ୦୪ ବର୍ଷ (୧୪୬୦ ଦିନ) ଅବଧି ପାଇଁ ବିୟୁଏ- ଆଇବି ସେକ୍ସନ ନିମନ୍ତେ ୧୪ଟି ଷ୍ଟେଶନର ହାଉସ୍‌କିପିଂ ଠିକା। ଟେଣ୍ଡର ମୂଲ୍ୟ: ₹୫,୩୫,୮୩,୬୫୧.୯୭, ଅମାନତ ଜମା ରାଶି: ₹୪,୧୮,୦୦୦/-।


ଟେଣ୍ଡର ଦାଖଲ: ତା୨୦।୦୨।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୨୦।୦୨।୨୦୨୦ରିଖ ୧୧.୩୦ ଘଟିକା।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଡିଭିଜନାଲ ରେଲୱେ ମ୍ୟାନେଜର କମ୍ପ୍ଲେକ୍ସ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଲାସପୁର (ଛତିଶଗଡ଼)ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।

ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର (କୋ-ଅର୍ଡ)/ବିଲାସପୁର
CPR/10/447
South East Central Railway @secrail



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ
ଓଡ଼ିଶା ସାହିତ୍ୟ ଏକାଡେମୀ ଓ
ସାରଳା ସାହିତ୍ୟ ସଂସଦଙ୍କ ମିଳିତ ସହଯୋଗରେ



**କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ**

୮ ଫେବୃଆରୀ ୨୦୨୦ ଶନିବାର ସନ୍ଧ୍ୟା ୬.୦୦ ଘଟିକା
ସାରଳା ଭବନ, କଟକ

ସ୍ମାରକୀ ବକ୍ତୃତା ପ୍ରଦାନ କରିବେ
ପ୍ରଖ୍ୟାତ ସାହିତ୍ୟିକ
**ପ୍ରଫେସର ମନୋଜ ଦାସ**

ବିଷୟ : **"ସାହିତ୍ୟରେ ଆଦର୍ଶର ଭୂମିକା: ଗତକାଲି ଓ ଆଜି"**

ମୁଖ୍ୟଅତିଥି — **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ବିଶିଷ୍ଟ ଅତିଥି — **ଶ୍ରୀ ବିଜୟ କୁମାର ନାୟକ**, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସମ୍ମାନନୀୟ ଅତିଥି — **ଇଂ ଡକ୍ଟର ପ୍ରଭାକର ସ୍ୱାଇଁ**, ପ୍ରତିଷ୍ଠାତା ଓ ସଭାପତି, ସାରଳା ସାହିତ୍ୟ ସଂସଦ ତଥା ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ

ସଭାମୁଖ୍ୟ — **ଶ୍ରୀ ହରିହର ମିଶ୍ର**, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଅନୁରୋଧ।

**ଶୁଚିସ୍ମିତା ମିଶ୍ର**
ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ

ଧରିତ୍ରୀ
DHARITRI
ଶନିବାର, ୮ ଫେବୃୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ଗଣିତ (MATHEMATICS)

ସମୟ : 2.30 Hrs ପୂର୍ଣ୍ଣସଂଖ୍ୟା : 100

ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ଲେଖ ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି ।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ।

### PART - I (OBJECTIVE)

**ବୀଜଗଣିତ**

1. ଶୂନ୍ୟସ୍ଥାନ ପୂରଣ କର । [1×5=5

(a) ଯଦି ମାଟ୍ରିକ୍ସ $A=\begin{pmatrix}5 & 4\\ 3 & 2\end{pmatrix}$ ହୁଏ, ତେବେ |A| = — ।

(b) ଦ୍ୱିଘାତ ସମୀକରଣର ମୂଳଦ୍ୱୟର ସମଷ୍ଟି $\frac{9}{2}$ ଏବଂ ଗୁଣଫଳ 2 ହେଲେ ଦ୍ୱିଘାତ ସମୀକରଣଟି — ହେବ ।

(c) – 10, –5, 0, 5, 10, A.P.ର ସାଧାରଣ ଅନ୍ତର — ।

(d) ଦୁଇଟି ଲୁଡୁଗୋଟି ଥରେ ଗଡ଼ାଇଲେ "ସଂଖ୍ୟାଦ୍ୱୟର ସମଷ୍ଟି 10" ଦୃଶ୍ୟମାନ ହେବା ଘଟଣାର ସମ୍ଭାବ୍ୟତା — ।

(e) ଗୋଟିଏ ତଥ୍ୟାବଳୀର ମଧ୍ୟମା ଓ ମାଧ୍ୟମାନ ଯଥାକ୍ରମେ 18 ଓ 20 ହେଲେ ଗରିଷ୍ଠକ — ହେବ ।

2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର । [1×5=5

(a) $2x-y+3=0$ ଓ $2x+y-3=0$ ସମୀକରଣ ଦ୍ୱୟ ଦ୍ୱାରା ସୂଚିତ ଲେଖଚିତ୍ର ଦ୍ୱୟର ସ୍ୱରୂପ କ'ଣ ?

(b) $5x^2-4x+2=0$ ଦ୍ୱିଘାତ ସମୀକରଣର ବୀଜଦ୍ୱୟର ସ୍ୱରୂପ କ'ଣ ?

(c) ଏକ A.P.ର ତୃତୀୟ ଓ ସପ୍ତମ ପଦ ଯଥାକ୍ରମେ 5 ଓ 9 ହେଲେ, A.P.ର ପ୍ରଥମ ପଦଟି କେତେ ?

(d) ଘଟଣା E ର ସମ୍ଭାବ୍ୟତା 0.73 ହେଲେ ଏହାର ପରିପୂରକ ଘଟଣାର ସମ୍ଭାବ୍ୟତା କେତେ ?

(e) A(–2, –2) ଓ B(–3, –5) ହେଲେ $\overline{AB}$ ର ଦୈର୍ଘ୍ୟ କେତେ ?

3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର । [1×5=5

(a) ଦୁଇଟି ସଂଖ୍ୟାର ଯୋଗଫଳ ଏବଂ ବିୟୋଗଫଳର ଅନ୍ତର 8 ହେଲେ, କ୍ଷୁଦ୍ରତର ସଂଖ୍ୟାଟି କେତେ ହେବ ?

(b) $5x^2+2x+k=0$ ସମୀକରଣର ଗୋଟିଏ ମୂଳ –2 ହେଲେ 'k'ର ମାନ କେତେ ?

(c) $2^2+4^2+6^2+8^2+........$ n ସଂଖ୍ୟକ ପଦର ଯୋଗଫଳ ସ୍ଥିର କର ।

(d) O(0, 0), A(2a, 0), B(0, 2b) ହେଲେ Δ OAB ର କ୍ଷେତ୍ରଫଳ କେତେ ବର୍ଗ ଏକକ ?

(e) ପ୍ରଥମ 30ଟି ଗଣନ ସଂଖ୍ୟାର ମାଧ୍ୟମାନ କେତେ ?

4. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ । [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) 't' ର କେଉଁ ମାନ ପାଇଁ $6x+3t=9$ ସମୀକରଣର ଏକ ସମାଧାନ (1, 1) ହେବ ? | (a) 55 |
| (b) $x^2-3x+2=0$ ର ବୀଜଦ୍ୱୟର ଗୁଣଫଳ = | (b) 0.5 |
| (c) 1 + 2 + 3 +.....+ 10ର ମାନ = | (c) –2 |
| (d) 30 ର ଗୁଣନୀୟକମାନଙ୍କର ମଧ୍ୟମା = | (d) 2 |
| (e) ଗୋଟିଏ ଲୁଡୁଗୋଟି ଗଡ଼ାଇଲେ ଏକ ଯୁଗ୍ମ ସଂଖ୍ୟା ଦୃଶ୍ୟମାନ ହେବାର ସମ୍ଭାବ୍ୟତା = | (e) 1 |
| | (f) 5.5 |

5. ନିମ୍ନସ୍ଥ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଭୁଲ୍ ଉକ୍ତି (×) ଏବଂ କେଉଁଗୁଡ଼ିକ ଠିକ୍ ଉକ୍ତି (✓) ଦର୍ଶାଅ । [1×5=5

(a) $2x^2-x-3=0$ ଦ୍ୱିଘାତ ସମୀକରଣର ବୀଜଦ୍ୱୟର ସମଷ୍ଟି –3 ।

(b) $x+\frac{1}{x}=\frac{5}{2}$ ସମୀକରଣର ପୂର୍ଣ୍ଣସଂଖ୍ୟାରେ ମାନ 2 ।

(c) 1, 3, 5,...... ଅନୁକ୍ରମର ପ୍ରଥମ ଦଶଗୋଟି ପଦର ଯୋଗଫଳ 100 ।

(d) ଦୁଇଟି ମୁଦ୍ରା ଟସ୍‌ରେ କେବଳ H ଆସିବାର ସମ୍ଭାବ୍ୟତା $\frac{3}{4}$ ।

(e) 3, 2, 4, 5 ଓ 6 ର ମାଧ୍ୟମାନ 5 ।

**ଜ୍ୟାମିତି**

6. ଶୂନ୍ୟସ୍ଥାନ ପୂରଣ କର । [1×5=5

(a) 12 ସେ.ମି. ଦୈର୍ଘ୍ୟ ବିଶିଷ୍ଟ ଜ୍ୟା ବୃତ୍ତର କେନ୍ଦ୍ରଠାରୁ 8 ସେ.ମି. ଦୂରରେ ଥିଲେ ବୃତ୍ତର ବ୍ୟାସାର୍ଦ୍ଧ — ସେ.ମି. ।

(b) ଦୁଇଟି ସଦୃଶ ତ୍ରିଭୁଜର ଅନୁରୂପ ଉଚ୍ଚତା ଦ୍ୱୟର ଅନୁପାତ 4 : 9 ହେଲେ ସେମାନଙ୍କର କ୍ଷେତ୍ରଫଳର ଅନୁପାତ — ହେବ ।

(c) ଦୁଇଟି ଏକ-କେନ୍ଦ୍ରିକ ବୃତ୍ତର ବ୍ୟାସାର୍ଦ୍ଧ ଦ୍ୱୟ 4 ସେ.ମି. ଓ 5 ସେ.ମି. । ଗୋଟିଏ ବୃତ୍ତର ଜ୍ୟା, ଅନ୍ୟ ବୃତ୍ତକୁ ସ୍ପର୍ଶ କରୁଥିଲେ, ଜ୍ୟାର ଦୈର୍ଘ୍ୟ — ସେ.ମି. ।

(d) θ ର ମାନ — ପାଇଁ $4\sin^2\theta=3$ ହେବ ।


(e) ଗୋଟିଏ ବୃତ୍ତକଳାର ପରିସୀମା 32 ସେ.ମି. (θ < 90°) ଏବଂ ବ୍ୟାସାର୍ଦ୍ଧ 6 ସେ.ମି. ହେଲେ ବୃତ୍ତକଳାର କ୍ଷେତ୍ରଫଳ — ବର୍ଗ ସେ.ମି. ।

7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର । [1×5=5

(a) Δ PQR ~ Δ XYZ । Δ PQR ଓ Δ XYZ ର ପରିସୀମା ଯଥାକ୍ରମେ 30 ସେ.ମି. ଓ 18 ସେ.ମି. । ଯଦି QR = 9 ସେ.ମି. ହୁଏ ତେବେ YZ କେତେ ସେ.ମି. ?

(b) ABCD ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜର m∠B : m∠D = 4 : 5 ହେଲେ m $\widehat{ADC}$ କେତେ ?

(c) ପାର୍ଶ୍ୱସ୍ଥ ଚିତ୍ରରେ $\overrightarrow{PA}$ ଓ $\overrightarrow{PB}$ ବୃତ୍ତ ପ୍ରତି ଅଙ୍କିତ ଦୁଇଟି ସ୍ପର୍ଶକ । m $\widehat{AXB}$ = 120° ହେଲେ m∠APB କେତେ ?





(d) cos 110° + sin 160° ର ସରଳୀକୃତ ମାନ କେତେ ?

(e) ଯଦି ଏକ ଚାପ ବୃତ୍ତର କେନ୍ଦ୍ରରେ 90° ଉତ୍ପନ୍ନ କରେ ତେବେ ବୃତ୍ତର ଚାପ ଏବଂ ବୃତ୍ତର ପରିଧିର ଅନୁପାତ କେତେ ?

8. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର । [1×5=5

(a) Δ ABC ରେ ∠A ର ସମଦ୍ୱିଖଣ୍ଡକ $\overline{AD}$, $\overline{BC}$ କୁ D ବିନ୍ଦୁରେ ଛେଦ କରେ । AB = 5 ସେ.ମି., AC = 7 ସେ.ମି. ହେଲେ BD : DC କେତେ ?

(b) ପାର୍ଶ୍ୱସ୍ଥ ଚିତ୍ରରେ m $\widehat{AXB}$ : m $\widehat{BYC}$ : m $\widehat{CZA}$ = 2 : 3 : 4 ହେଲେ m∠BAC କେତେ ସ୍ଥିର କର ।




(c) PQRS, ଗୋଟିଏ ବୃତ୍ତର ପରିଲିଖିତ ଚତୁର୍ଭୁଜ । ଚତୁର୍ଭୁଜର ପରିସୀମା 96 ସେ.ମି. ହେଲେ PQ + RS କେତେ ?

(d) $\frac{1-\tan\alpha}{1+\tan\alpha}=\tan\beta$ ହେଲେ α + β ର ମାନ କେତେ ?

(e) ଦୁଇଟି ଗୋଲକର ପୃଷ୍ଠତଳର ଅନୁପାତ 16 : 49 ହେଲେ ଏହି ଗୋଲକ ଦ୍ୱୟର ଆୟତନର ଅନୁପାତ କେତେ ?

9. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ । [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) Δ ABC ରେ m∠A = 90° ଓ $\overline{AD}\perp\overline{BC}$ ହେଲେ BD.CD = | (a) $8\sqrt{3}$ |
| (b) '8' ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଅନ୍ତର୍ଲିଖିତ ସମବାହୁ ତ୍ରିଭୁଜର ବାହୁର ଦୈର୍ଘ୍ୟ = | (b) 14 |
| (c) ଦତ୍ତ ଚିତ୍ରରେ $\overrightarrow{PT}$ ସ୍ପର୍ଶକ ଏବଂ PAB ଛେଦକ । PA = 9 ସେ.ମି. AB = 7 ସେ.ମି. ହେଲେ PT ସେ.ମି.ରେ କେତେ ? | (c) $AD^2$ |
| (d) tan 115° – cot 155° ର ମାନ କେତେ ? | (d) $AB^2$ |
| (e) ଗୋଟିଏ ଅର୍ଦ୍ଧବୃତ୍ତାକାର କ୍ଷେତ୍ରର ପରିସୀମା 36 ମିଟର ହେଲେ ଏହାର ବ୍ୟାସ ମିଟରରେ କେତେ ? | (e) 12 |
| | (f) 0 |

10. ଠିକ୍ ଉକ୍ତି ପାଇଁ '✓' ଚିହ୍ନ ଏବଂ ଭୁଲ୍ ଉକ୍ତି ପାଇଁ '×' ଚିହ୍ନ ଦେଇ ଉକ୍ତିଗୁଡ଼ିକୁ ଚିହ୍ନଟ କର । [1×5=5

(a) Δ ABC ରେ $\overline{DE}\parallel\overline{BC}$ (A–D–B ଏବଂ A–E–C) । AD : DB = 3 : 4 ଏବଂ DE = 3 ସେ.ମି. ହେଲେ BC = 14 ସେ.ମି. ।

(b) ଗୋଟିଏ ବୃତ୍ତର ଏକ ଜ୍ୟାର ଦୈର୍ଘ୍ୟ, ବ୍ୟାସାର୍ଦ୍ଧର $\sqrt{3}$ ଗୁଣ ହେଲେ କ୍ଷୁଦ୍ରଚାପର ଡିଗ୍ରୀ ପରିମାପ 90° ହେବ ।

(c) ଗୋଟିଏ ବୃତ୍ତ ଅନ୍ୟ ଏକ ବୃତ୍ତର ଅନ୍ତର୍ଦେଶରେ ଥିଲେ ବୃତ୍ତଦ୍ୱୟ ପ୍ରତି କୌଣସି ସାଧାରଣ ସ୍ପର୍ଶକ ଅଙ୍କନ ସମ୍ଭବ ହୁଏ ନାହିଁ ।

(d) $\tan A=\frac{5}{6}$, $\tan\beta=\frac{1}{11}$ ହେଲେ α + β = 45° ହେବ ।

(e) ଗୋଟିଏ ଅର୍ଦ୍ଧ ଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ 1848 ବ.ସେ.ମି. ହେଲେ ଏହାର ବ୍ୟାସ 28 ସେ.ମି. ହେବ ।

### PART - II (SUBJECTIVE)

11.(i) 200 ରୁ କ୍ଷୁଦ୍ରତର ଓ 3 ଦ୍ୱାରା ଅବିଭାଜ୍ୟ ସମସ୍ତ ଧନାତ୍ମକ ପୂର୍ଣ୍ଣସଂଖ୍ୟାଗୁଡ଼ିକର ସମଷ୍ଟି ସ୍ଥିର କର । [5

**କିମ୍ବା,** ଏକ ସମାନ୍ତର ଅନୁକ୍ରମରେ ଅବସ୍ଥିତ ତିନୋଟି କ୍ରମିକ ରାଶିର ଯୋଗଫଳ 18 ଏବଂ ଗୁଣଫଳ 192 ହେଲେ, ସଂଖ୍ୟାଗୁଡ଼ିକ ସ୍ଥିର କର ।

(ii) ନିମ୍ନ ତଥ୍ୟାବଳୀର ମଧ୍ୟମା, ମାଧ୍ୟମାନ ଓ ଗରିଷ୍ଠକ ନିର୍ଣ୍ଣୟ କର । [5

| ସଂଭାଗ | 0-10 | 10-20 | 20-30 | 30-40 | 40-50 |
|---|---|---|---|---|---|
| ବାରମ୍ବାରତା | 6 | 11 | 17 | 16 | 10 |

**କିମ୍ବା,** ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମାଧ୍ୟମାନ ସୋପାନ-ବିଚ୍ୟୁତି ପ୍ରଣାଳୀରେ ନିରୂପଣ କର ।

| ସଂଭାଗ (C.I.) | 0-10 | 10-20 | 20-30 | 30-40 | 40-50 | 50-60 |
|---|---|---|---|---|---|---|
| ବାରମ୍ବାରତା (f) | 4 | 10 | 12 | 10 | 8 | 6 |

12.(i) ସମାଧାନ କର : [4

$6x+5y=7x+3y+1=2(x+6y-1)$

**କିମ୍ବା,** ଦୁଇ ଅଙ୍କବିଶିଷ୍ଟ ଗୋଟିଏ ସଂଖ୍ୟାର ଅଙ୍କଦ୍ୱୟର ଯୋଗଫଳ 10 । ସଂଖ୍ୟାର ଅଙ୍କଗୁଡ଼ିକର ସ୍ଥାନ ବିନିମୟ କରିଦେଲେ ଉତ୍ପନ୍ନ ସଂଖ୍ୟାଟି ମୂଳସଂଖ୍ୟାର ଦୁଇଗୁଣରୁ 1 କମ୍ ହୁଏ । ସଂଖ୍ୟାଟି ନିର୍ଣ୍ଣୟ କର ।

(ii) ପୂର୍ଣ୍ଣବର୍ଗରେ ପରିଣତ କରି ସମାଧାନ କର : [4
$3x^2-x-2=0$

**କିମ୍ବା,** ଯଦି $ax^2+bx+c=0$ ସମୀକରଣର ବୀଜଦ୍ୱୟର ଅନୁପାତ r : 1 ହୁଏ, ପ୍ରମାଣ କର ଯେ $\frac{(r+1)^2}{r}=\frac{b^2}{ac}$ ।

(iii) ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଗଲା । ଯଦି "ଫଳ ≥ 2"କୁ ସୂଚାଉଥିବା ଘଟଣା E ହୁଏ, ତେବେ ଉକ୍ତ ଘଟଣାଟି ଘଟିବାର ସମ୍ଭାବ୍ୟତା କେତେ ? [4

**କିମ୍ବା,** ଗୋଟିଏ ସମବାହୁ ତ୍ରିଭୁଜର ଦୁଇ ଶୀର୍ଷବିନ୍ଦୁର ସ୍ଥାନାଙ୍କ (0, 3) ଓ (4, 3) ହେଲେ, ତୃତୀୟ ଶୀର୍ଷବିନ୍ଦୁର ସ୍ଥାନାଙ୍କ ସ୍ଥିର କର ।

13.(i) ପ୍ରମାଣ କର ଯେ, କୌଣସି ବୃତ୍ତର କେନ୍ଦ୍ରରୁ ଏହା ବ୍ୟାସ ଭିନ୍ନ ଏକ ଜ୍ୟା ପ୍ରତି ଅଙ୍କିତ ଲମ୍ବ ଉକ୍ତ ଜ୍ୟାକୁ ସମଦ୍ୱିଖଣ୍ଡ କରେ । [5

**କିମ୍ବା,** ପ୍ରମାଣ କର ଯେ, ଗୋଟିଏ ବୃତ୍ତର ଏକ ସ୍ପର୍ଶକ ଏହାର ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ ପ୍ରତି ଲମ୍ବ ।

(ii) Δ ABC ରେ m∠A = 60°, BC = 7 ସେ.ମି. । $\overline{BE}\perp\overline{AC}$ ଓ BE = 6.3 ସେ.ମି. । ତ୍ରିଭୁଜଟି ଅଙ୍କନ କର । [5

**କିମ୍ବା,** 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ଏଥିରେ ଏକ ବର୍ଗଚିତ୍ର ଅନ୍ତର୍ଲିଖନ କର ଓ ଏକ ବର୍ଗଚିତ୍ର ପରିଲିଖନ କର ।

14.(i) Δ ABC ରେ m∠ABC = 90°, $\overline{BD}\perp\overline{AC}$ ଏବଂ ∠ABC ର ସମଦ୍ୱିଖଣ୍ଡକ $\overline{AC}$ କୁ E ବିନ୍ଦୁରେ ଛେଦ କରେ । ପ୍ରମାଣ କର ଯେ $AE^2:EC^2=AD:DC$ । [5

**କିମ୍ବା,** ପ୍ରମାଣ କର ଯେ, ଗୋଟିଏ ବୃତ୍ତରେ ଦୁଇଟି ସର୍ବସମ ଚାପ ସହ ସଂପୃକ୍ତ ଜ୍ୟା ଦ୍ୱୟ ସର୍ବସମ ।

(ii) ପ୍ରମାଣ କର ଯେ,
cos 70° + cos 50° = sin 80° [5

**କିମ୍ବା,** ଏକ ଦୁର୍ଗର ପାଦଦେଶ ସହ ଏକ ସରଳରେଖାରେ ଥିବା ଦୁଇଟି ବିନ୍ଦୁରୁ ଦୁର୍ଗର ଶୀର୍ଷଭାଗର କୌଣିକ ଉନ୍ନତିର ପରିମାଣ ଯଥାକ୍ରମେ 30° ଓ 45° । ଦୁର୍ଗର ଉଚ୍ଚତା 30 ମିଟର ହେଲେ, ବିନ୍ଦୁଦ୍ୱୟ ମଧ୍ୟରେ ବ୍ୟବଧାନ ନିର୍ଣ୍ଣୟ କର ।

15.(i) ଗୋଟିଏ ବୃତ୍ତକଳାର କ୍ଷେତ୍ରଫଳ 231 ବର୍ଗ ମିଟର ଏବଂ ଚାପର ଦୈର୍ଘ୍ୟ 22 ମିଟର ହେଲେ ସଂପୃକ୍ତ ଚାପର ଡିଗ୍ରୀ ପରିମାପ ନିର୍ଣ୍ଣୟ କର । [4

**କିମ୍ବା,** ଗୋଟିଏ ଅର୍ଦ୍ଧବୃତ୍ତାକାର କ୍ଷେତ୍ରର ପରିସୀମା 252 ମିଟର ହେଲେ, ଏହାର କ୍ଷେତ୍ରଫଳ ନିର୍ଣ୍ଣୟ କର ।

(ii) ଏକ ସିଲିଣ୍ଡରର ଉଚ୍ଚତା ଭୂମିର ବ୍ୟାସର ଦୁଇଗୁଣ । ଏହାର ଘନଫଳ 539 ଘନସେ.ମି. ହେଲେ, ଏହାର ସମଗ୍ରପୃଷ୍ଠତଳର କ୍ଷେତ୍ରଫଳ କେତେ ? [4

**କିମ୍ବା,** ଏକ ସରଳ ତ୍ରିଭୁଜାକାର ଭୂମିବିଶିଷ୍ଟ ପ୍ରିଜିମ୍‌ର ଭୂମିର ବାହୁମାନଙ୍କ ଦୈର୍ଘ୍ୟ ଯଥାକ୍ରମେ 5 ମି., 5 ମି., 6 ମି. ଏବଂ ଉଚ୍ଚତା 8 ମି. ହେଲେ ପାର୍ଶ୍ୱପୃଷ୍ଠତଳ ଏବଂ ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କର ।

### ANSWERS Part - I (Objective)

1. (a) –2 (b) $2x^2-9x+4=0$ (c) 5 (d) $\frac{1}{12}$ (e) 14
2. (a) ପରସ୍ପରଚ୍ଛେଦୀ (b) ଅବାସ୍ତବ ବୀଜ (c) 3 (d) 0.27 (e) $\sqrt{10}$ ଏକକ
3. (a) 4 (b) –16 (c) $\frac{2n(n+1)(2n+1)}{3}$ (d) 2ab (e) 15.5
4. (a) - (e), (b) - (d), (c) - (a), (d) - (f), (e) - (b)
5. (a) × (b) ✓ (c) ✓ (d) × (e) ×
6. (a) 10 (b) 16 : 81 (c) 6 (d) 60° (e) 60
7. (a) 5.4 (b) 160° (c) 60° (d) 0 (e) 1 : 4
8. (a) 5 : 7 (b) 60° (c) 48 ସେ.ମି. (d) 45° (e) 64 : 343
9. (a) - (d), (b) - (a), (c) - (e), (d) - (f), (e) - (b)
10. (a) × (b) × (c) ✓ (d) ✓ (e) ×

### ANSWERS Part - II (Subjective)

11.(i) 200 ରୁ କ୍ଷୁଦ୍ରତର ଏବଂ 3 ଦ୍ୱାରା ଅବିଭାଜ୍ୟ ସମସ୍ତ ଧନାତ୍ମକ ପୂର୍ଣ୍ଣସଂଖ୍ୟାଗୁଡ଼ିକର ଯୋଗଫଳ =
1 ଠାରୁ ଆରମ୍ଭ କରି 199 ପର୍ଯ୍ୟନ୍ତ ସମସ୍ତ ସଂଖ୍ୟାର ଯୋଗଫଳ – 1 ଠାରୁ 200 ମଧ୍ୟରେ ଥିବା 3 ଦ୍ୱାରା ବିଭାଜ୍ୟ ସମସ୍ତ ଧନାତ୍ମକ ସଂଖ୍ୟାର ଯୋଗଫଳ

$=(1+2+3+......+198+199)$
$-(3+6+9+........+195+198)$

ମନେକର $S_1=1+2+3+......+198+199$

$\therefore S_1=\frac{199}{2}[1+199]=199\times100=19900$

ପୁନଶ୍ଚ ମନେକର $S_2=3+6+9+...+195+198$
ଏଠାରେ ଶେଷପଦ 198, ପ୍ରଥମ ପଦ = 3,
ସାଧାରଣ ଅନ୍ତର = 3

$\therefore 198=3+(n-1)3 \Rightarrow 195=(n-1)3$
$\Rightarrow n-1=65 \Rightarrow n=66$

$\therefore S_2=\frac{66}{2}[2\times3+(66-1)3]=33(6+195)$
$=33\times201=6633$ ∴ ନିର୍ଣ୍ଣେୟ ଯୋଗଫଳ
$=S_1-S_2$
$=19900-6633=13267$

**କିମ୍ବା,** ମନେକର ସମାନ୍ତର ଅନୁକ୍ରମରେ ଥିବା ରାଶିତ୍ରୟ a– d, a, a+d ଯେଉଁଠାରେ d ସାଧାରଣ ଅନ୍ତର ।
ପ୍ରଶ୍ନାନୁସାରେ $(a-d)+a+(a+d)=18$
$\Rightarrow 3a=18 \Rightarrow a=6$
ପୁନଶ୍ଚ $(a-d)\times a\times(a+d)=192$
$\Rightarrow a(a^2-d^2)=192$
$\Rightarrow 6(6^2-d^2)=192 \Rightarrow 36-d^2=32 \Rightarrow d^2=4$
$\Rightarrow d=\pm2 \Rightarrow d=+2$ କିମ୍ବା (–2)
a = 6 ଏବଂ d = 2 ନେଇ ପଦତ୍ରୟ ହେବେ 4, 6, 8
ଏବଂ a = 6 ଏବଂ d = – 2 ନେଇ ପଦତ୍ରୟ ହେବେ 8, 6, 4

(ii)

| ସଂଭାଗ | ବାରମ୍ବାରତା (f) | ରାଶିକୃତ ବାରମ୍ବାରତା (c.f.) | ସଂଭାଗର ମଧ୍ୟବିନ୍ଦୁ (x) | ଆରମ୍ଭ ବିନ୍ଦୁ =25 ବିଚ୍ୟୁତି y = (x–A) | $y'=\frac{y}{c}$ | fy′ |
|---|---|---|---|---|---|---|
| 0-10 | 6 | 6 | 5 | –20 | –2 | –12 |
| 10-20 | 11 | 17 | 15 | –10 | –1 | –11 |
| 20-30 | 17 | 34 | (25)A | 0 | 0 | 0 |
| 30-40 | 16 | 50 | 35 | 10 | 1 | 16 |
| 40-50 | 10 | 60 | 45 | 20 | 2 | 20 |

Σf=60   Σ fy′ =13

ମଧ୍ୟମା ନିର୍ଣ୍ଣୟ : ଆରମ୍ଭ ବିନ୍ଦୁ (A) = 25
C = ସଂଭାଗ ବିସ୍ତାର = 10
ମଧ୍ୟମସ୍ଥାନ (m) = 30
ମଧ୍ୟମା ସମ୍ଭାଗ = 20 – 30 ଓ ସମ୍ଭାଗ ବିସ୍ତାର = 10
c = 17, f = 17

ମଧ୍ୟମା $=20+\left(\frac{30-17}{17}\right)\times10=20+7.6=27.6$

**କିମ୍ବା,**

| ସଂଭାଗ (C.I.) | ବାରମ୍ବାରତା (f) | ସଂଭାଗର ମଧ୍ୟବିନ୍ଦୁ (x) | A=ଆରମ୍ଭ ବିନ୍ଦୁ ବିଚ୍ୟୁତି (x – A) = y | $y'=\frac{y}{c}$ | fy′ |
|---|---|---|---|---|---|
| 0-10 | 4 | 5 | –20 | –2 | –8 |
| 10-20 | 10 | 15 | –10 | –1 | –10 |
| 20-30 | 12 | (25) A | 0 | 0 | 0 |
| 30-40 | 10 | 35 | 10 | 1 | 10 |
| 40-50 | 8 | 45 | 20 | 2 | 16 |
| 50-60 | 6 | 55 | 30 | 3 | 18 |

Σf = 50   Σ fy′ =26

ମଧ୍ୟମାନ $=A+\frac{\Sigma fy'}{\Sigma f}\times c$

$=25+\frac{26}{50}\times10=25+5.2+=30.2$

12.(i) $6x+5y=7x+3y+1=2(x+6y-1)$
$6x+5y=2(x+6y-1)$
$\Rightarrow 4x-7y=-2$ ... (i)
ପୁନଶ୍ଚ $7x+3y+1=2(x+6y-1)$
$\Rightarrow 5x-9y=-3$ ... (ii)
ସମୀକରଣ (i) x 5 ⇒ $20x-35y=-10$
ସମୀକରଣ (ii) x 4 ⇒ $20x-36y=-12$
– + +
ବିୟୋଗକଲେ y = 2 ହେବ ।
y ର ମାନକୁ ସମୀକରଣ (i) ରେ ପ୍ରୟୋଗ କଲେ,
$4x-14=-2 \Rightarrow 4x=12 \Rightarrow x=3$
∴ ସମାଧାନ (x, y) = (3,2) ।

**କିମ୍ବା,** ମନେକର ସଂଖ୍ୟାଟିର ଦଶକ ସ୍ଥାନୀୟ ଅଙ୍କ x ଏବଂ ଏକକ ସ୍ଥାନୀୟ ଅଙ୍କ y । ∴ ସଂଖ୍ୟାଟି 10x+ y ହେବ । ଅଙ୍କଗୁଡ଼ିକର ସ୍ଥାନ ବଦଳିଗଲେ ସଂଖ୍ୟାଟି 10y+ x ହେବ ।
ପ୍ରଶ୍ନାନୁସାରେ, x+ y = 10 ...(1)
ପୁନଶ୍ଚ $10y+x=2(10x+y)-1$
$\Rightarrow 10y+x=20x+2y-1$
$\Rightarrow 10y-2y+x-20x=-1$
$\Rightarrow 8y-19x=-1$
$\Rightarrow 19x-8y=1$ ...(2)
ସମୀକରଣ (1) x 8 ⇒ $8x+8y=80$
ସମୀକରଣ (2) ⇒ $19x-8y=1$
ଯୋଗ କଲେ, $27x=81 \Rightarrow x=3$
x ର ମାନ ସମୀକରଣ (1) ରେ ସ୍ଥାପନ କଲେ
$3+y=10 \Rightarrow y=10-3=7$
∴ ସଂଖ୍ୟାଟି = 10x + y = 10 x 3 + 7 = 37

(ii) $3x^2-x-2=0 \Rightarrow x^2-\frac{x}{3}=\frac{2}{3}$

$\Rightarrow (x)^2-2.x.\frac{1}{6}=\frac{2}{3}$

$\Rightarrow (x)^2-2.x.\frac{1}{6}+\left(\frac{1}{6}\right)^2=\left(\frac{1}{6}\right)^2+\frac{2}{3}$

$\Rightarrow \left(x-\frac{1}{6}\right)^2=\frac{1}{36}+\frac{2}{3}=\frac{1+24}{36}$

$\Rightarrow \left(x-\frac{1}{6}\right)^2=\left(\pm\frac{5}{6}\right)^2 \Rightarrow x-\frac{1}{6}=\pm\frac{5}{6}$

$\Rightarrow x=\frac{1}{6}+\frac{5}{6}$ ବା $x=\frac{1}{6}-\frac{5}{6}$

$\Rightarrow x=1$ ବା $x=\frac{-2}{3}$

**କିମ୍ବା,** ମନେକର $ax^2+bx+c=0$ ସମୀକରଣର ବୀଜଦ୍ୱୟ rα ଓ α

∴ ବୀଜଦ୍ୱୟର ଯୋଗଫଳ $=r\alpha+\alpha=-\frac{b}{a}$

$\Rightarrow \alpha(r+1)=-\frac{b}{a} \Rightarrow \alpha=\frac{-b}{a(r+1)}$

ଏବଂ ବୀଜଦ୍ୱୟର ଗୁଣଫଳ $=r\alpha.\alpha=\frac{c}{a}$

$\Rightarrow r\alpha^2=\frac{c}{a} \Rightarrow r\left(\frac{-b}{a(r+1)}\right)^2=\frac{c}{a}$

$\Rightarrow \frac{rb^2}{a^2(r+1)^2}=\frac{c}{a}$

$\Rightarrow \frac{(r+1)^2}{r}=\frac{ab^2}{a^2c}$

$\Rightarrow \frac{(r+1)^2}{r}=\frac{b^2}{ac}$ (ପ୍ରମାଣିତ)

∴ ସମାଧାନ 1 ଓ $-\frac{2}{3}$

(iii) ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ
Sample Space S = {1,2,3,4,5,6} ଏବଂ
|S| = 6
ମନେକର E ଘଟଣାଟି "ଫଳ ≥ 2" କୁ ସୂଚାଏ ।
ଏଠାରେ E = {2, 3, 4, 5, 6} ଏବଂ | E | = 5

$\therefore P(E)=\frac{|E|}{|S|}=\frac{5}{6}$


**କିମ୍ବା,** ମନେକର ସମବାହୁ ତ୍ରିଭୁଜର ତୃତୀୟ ଶୀର୍ଷର ସ୍ଥାନାଙ୍କ C(x,y)
ମନେକର A(0, 3) ଏବଂ B (4, 3)
Δ ABC ରେ AB= AC=BC
$\Rightarrow AB^2=AC^2=BC^2$
$AC^2=BC^2 \Rightarrow (3-y)^2+(0-x)^2$
$=(3-y)^2+(4-x)^2$
$\Rightarrow (0-x)^2=(4-x)^2 \Rightarrow x^2=16+x^2-8x$
$\Rightarrow 8x=16 \Rightarrow x=2$ ........(i)
ପୁନଶ୍ଚ $AB^2=BC^2 \Rightarrow (3-3)^2+(4-0)^2$
$=(3-y)^2+(4-x)^2$
$\Rightarrow 0+16=9+y^2-6y+(4-2)^2$
(x ର ମାନ '2' ନେଇ)
$\Rightarrow 16=9+y^2-6y+4$
$\Rightarrow y^2-6y-3=0$

$\Rightarrow y=\frac{-(-6)\pm\sqrt{36-(-12)}}{2\times1}=\frac{6\pm\sqrt{48}}{2}$

$=\frac{6\pm4\sqrt{3}}{2} \Rightarrow y=3\pm2\sqrt{3}$


∴ C ବିନ୍ଦୁର ସ୍ଥାନାଙ୍କ $(2, 3\pm\sqrt{6})$

13.(i) ଦତ୍ତ : S ବୃତ୍ତରେ $\overline{AB}$ ବ୍ୟାସ ଭିନ୍ନ ଏକ ଜ୍ୟା, ବୃତ୍ତର କେନ୍ଦ୍ର O ଠାରୁ $\overline{AB}$ ପ୍ରତି ଲମ୍ବ $\overline{OD}$ ।
ପ୍ରାମାଣ୍ୟ : AD = DB
ଅଙ୍କନ : $\overline{OA}$ ଓ $\overline{OB}$ ଅଙ୍କନ କର ।





ପ୍ରମାଣ : Δ OAD ଏବଂ Δ OBD ମଧ୍ୟରେ
OA = OB (ଏକା ବୃତ୍ତର ବ୍ୟାସାର୍ଦ୍ଧ), $\overline{OD}$ ସାଧାରଣ ବାହୁ ।
∠ODA ≅ ∠ODB (ପ୍ରତ୍ୟେକ ଏକ ସମକୋଣ)
∴ ΔOAD ≅ ΔOBD (ସମକୋଣ-କର୍ଣ୍ଣ - ବାହୁ)
∴ AD = DB (ପ୍ରମାଣିତ)

**କିମ୍ବା,** ଦତ୍ତ : ABC ବୃତ୍ତର କେନ୍ଦ୍ର O , L ରେଖା ଏକ ସ୍ପର୍ଶକ ଓ P ବିନ୍ଦୁ ହେଉଛି ସ୍ପର୍ଶବିନ୍ଦୁ । $\overline{OP}$ ହେଉଛି P ବିନ୍ଦୁଗାମୀ ବ୍ୟାସାର୍ଦ୍ଧ ।




ପ୍ରାମାଣ୍ୟ : $\overline{OP}\perp L$
ପ୍ରମାଣ : P ଭିନ୍ନ, ରେଖା L ଉପରିସ୍ଥ ଅନ୍ୟ ଯେକୌଣସି ବିନ୍ଦୁ Q, ABC ବୃତ୍ତର ବହିଃସ୍ଥ ।
∴ OQ > OP
(∵ $\overline{OP}$, ବୃତ୍ତ ABC ର ଏକ ବ୍ୟାସାର୍ଦ୍ଧ)
ମାତ୍ର Q ବିନ୍ଦୁ, L ଉପରିସ୍ଥ P ଠାରୁ ଭିନ୍ନ କୌଣସି ଏକ ବିନ୍ଦୁ । ଏଣୁ Q ର ପ୍ରତ୍ୟେକ ଅବସ୍ଥାନ ଲାଗି OQ > OP ବା OP < OQ ।
∴ O ବିନ୍ଦୁରୁ L ରେଖା ପ୍ରତି ଅଙ୍କିତ ରେଖାଖଣ୍ଡମାନଙ୍କ ମଧ୍ୟରେ $\overline{OP}$ ର ଦୈର୍ଘ୍ୟ କ୍ଷୁଦ୍ରତମ ।
⇒ $\overline{OP}\perp L$ (ପ୍ରମାଣିତ)

(ii) ଅଙ୍କନ ପ୍ରଣାଳୀ :





(i) $\overline{BC}$ ଅଙ୍କନ କର ଯାହାର ଦୈର୍ଘ୍ୟ 7 ସେ.ମି. ।
(ii) $\overline{BC}$ କୁ ଭୂମି ଏବଂ ଶୀର୍ଷକୋଣର ପରିମାଣ 60° ନେଇ ଏକ ପରିବୃତ୍ତ ଅଙ୍କନ କର ।
(iii) $\overline{BC}$ କୁ ବ୍ୟାସ ନେଇ ଏକ ଅର୍ଦ୍ଧବୃତ୍ତ ଅଙ୍କନ କର ।
(iv) B କୁ କେନ୍ଦ୍ରକରି BE ପରିମିତ ବ୍ୟାସାର୍ଦ୍ଧ (6.3 ସେ.ମି.) ବିଶିଷ୍ଟ ଚାପ ଅର୍ଦ୍ଧବୃତ୍ତକୁ E ବିନ୍ଦୁରେ ଛେଦକରୁ ।
(v) $\overrightarrow{CE}$ , ଅଙ୍କିତ ପରିବୃତ୍ତକୁ A ବିନ୍ଦୁରେ ଛେଦକରୁ ।
(vi) $\overline{AB}$ ଅଙ୍କନ କରି ABC ସମ୍ପୂର୍ଣ୍ଣ କର ।

**କିମ୍ବା, ଅଙ୍କନ ପ୍ରଣାଳୀ :**
(i) 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତ ଅଙ୍କନ କର । କେନ୍ଦ୍ରବିନ୍ଦୁର ନାମ O ଦିଅ ।




(ii) $\overline{PQ}$ ବ୍ୟାସ ଅଙ୍କନ କର । $\overline{PQ}$ ର ସମଦ୍ୱିଖଣ୍ଡକ ଲମ୍ବ ଅଙ୍କନ କର । ତାହା ବୃତ୍ତକୁ R ଓ S ବିନ୍ଦୁରେ ଛେଦ କରୁ ।
(iii) P, Q, R, S ବିନ୍ଦୁରେସ୍ପର୍ଶକ ଅଙ୍କନ କର । ଯେକୌଣସି ଦୁଇଟି ସ୍ପର୍ଶକ ପରସ୍ପରକୁ ଗୋଟିଏ ବିନ୍ଦୁରେ ଛେଦ କରିବେ । ଏହିପରି 4ଟି ଛେଦବିନ୍ଦୁ ମିଳିବ । ସେଗୁଡ଼ିକର ନାମ ଦିଅ ।
(iv) ABCD ଆବଶ୍ୟକୀୟ ପରିଲିଖିତ ବର୍ଗଚିତ୍ର ।
(v) ପୁନଶ୍ଚ $\overline{PS},\overline{SQ},\overline{RQ},\overline{PR}$ ଅଙ୍କନ କର ।
(vi) PSQR ଆବଶ୍ୟକୀୟ ଅନ୍ତର୍ଲିଖିତ ବର୍ଗଚିତ୍ର ।

14.(i) ଦତ୍ତ: Δ ABCରେ m∠ABC = 90°
$\overline{BD}\perp\overline{AC}$, $\overline{BE}$, ∠ABC ର ସମଦ୍ୱିଖଣ୍ଡକ ।




ପ୍ରାମାଣ୍ୟ : $\frac{AE^2}{EC^2}=\frac{AD}{DC}$ ।

ପ୍ରମାଣ : ΔABD ~ ΔACB
$\Rightarrow AB^2=AC.AD$ ........ (i)
ସେହିପରି ΔBCD ~ ΔACB
$\Rightarrow BC^2=AC.DC$ ........ (ii)
(i) ଓ (ii) ରୁ $\frac{AB^2}{BC^2}=\frac{AD}{DC}$ ........ (iii)
କିନ୍ତୁ ∠B ର ସମଦ୍ୱିଖଣ୍ଡକ $\overline{BE}$, $\overline{AC}$ କୁ E ବିନ୍ଦୁରେ ଛେଦ କରେ ।
$\therefore \frac{AB}{BC}=\frac{AE}{EC} \Rightarrow \frac{AB^2}{BC^2}=\frac{AE^2}{EC^2}$ ....(iv)
(iii) ଓ (iv) ରୁ $\frac{AE^2}{EC^2}=\frac{AD}{CD}$ (ପ୍ରମାଣିତ)

(ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...)

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୮ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### କରୋନା ସମ୍ପର୍କିତ କର୍ମଶାଳା

ପାରାଦୀପ, ୭।୨ (ସ୍ୱ.ପ୍ର.): ପାରାଦୀପ ବନ୍ଦର ଚିକିତ୍ସାଳୟ ପରିସରରେ ଶୁକ୍ରବାର ଅପରାହ୍ନରେ କରୋନା ଭାଇରସ୍ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଦର ବ୍ୟବହାରକାରୀ ସଂସ୍ଥା, ମେଡିକାଲ କର୍ମଚାରୀଙ୍କୁ କରୋନା ଭାଇରସ୍ ସତର୍କତା ସମ୍ପର୍କରେ କୁହାଯାଇଥିଲା। ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା ପ୍ରହ୍ଲାଦ ପଣ୍ଡାଙ୍କ ସୂଚନା ଅନୁସାରେ, ଏବେ କରୋନା ଭାଇରସ୍ ଗମ୍ଭୀର ରୂପ ଧାରଣା କଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସବୁଦେଶରୁ ଏ ନେଇ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଏହିକ୍ରମରେ କର୍ମଶାଳା ମାଧ୍ୟମରେ ସମସ୍ତଙ୍କୁ ସଜାଗ ରହିବାକୁ କୁହାଯାଉଛି। ଶୁକ୍ରବାର ଏକ ଭାରତୀୟ ଜାହାଜ ଚାଇନା ଦେଇ ଆସିଥିବାରୁ ସେ ଜାହାଜର ନାବିକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ତେବେ ଚାଇନା କିମ୍ବା ଦକ୍ଷିଣ ପୂର୍ବ ଏସୀୟ ଦେଶର ନାବିକଙ୍କ ପାଇଁ ସ୍ଥଳଭାଗ ଛୁଇଁବାରେ କଟକଣା ଲାଗୁ କରାଯାଇଛି ବୋଲି ଡା. ପଣ୍ଡା ସୂଚନା ଦେଇଛନ୍ତି।

### ମନସ୍ୱିନୀ, ଅନ୍ନପୂର୍ଣ୍ଣାଙ୍କୁ ସମ୍ବର୍ଦ୍ଧନା

ବାଲିକୁଦା, ୭।୨ (ସ୍ୱ.ପ୍ର.): ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତସ୍ଥିତ ମଝିକୁରା ଉ.ପ୍ରା. ବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ସ୍ୱାଇଁ ଓ ଅନ୍ନପୂର୍ଣ୍ଣା ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୨୦୧୮-୧୯ ଶିକ୍ଷାବର୍ଷରେ ଅନୁଷ୍ଠିତ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉଭୟ ଛାତ୍ରୀଙ୍କ କୃତିତ୍ୱ ଯୋଗୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ କମିଟି ସଭାପତି ବଳରାମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଦସ୍ୟ ହୃଷୀକେଶ ବରାଳ, ସଦସ୍ୟା ନୟନା ଗୁରୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅମ୍ବିକା ପାଣି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଉଭୟ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନଶିକ୍ଷକ ଦୀପ୍ତିରଞ୍ଜନ ଶତପଥୀ ଯୋଗଦେଇ ପରିଶ୍ରମର ଫଳ କେବେ ବୃଥା ଯାଏ ନାହିଁ ବୋଲି କହିବା ସହ ଛାତ୍ରୀଦ୍ୱୟଙ୍କୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ଦୁଷ୍ମନ୍ତ କୁମାର ବିଶ୍ୱାଳ, ରୋଜାଲିନ ସେଠୀ, କୌଶଲ୍ୟା ସିଂହ ପ୍ରମୁଖ ଯୋଗଦେଇଥିଲେ।

### ବ୍ୟବସାୟୀଙ୍କ ବନ୍ଧୁ ମିଳନ

ବାଲିକୁଦା, ୭।୨ (ସ୍ୱ.ପ୍ର.): ଜଗତସିଂହପୁର ଜିଲ୍ଲା ସିମେଣ୍ଟ ବ୍ୟବସାୟଙ୍କ ବନ୍ଧୁ ମିଳନ ଏରସମା ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ବେଳାଭୂମିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଣିଆସ୍ଥିତ ଶତପଥୀ ଟ୍ରେଡର୍ସ ସ୍ୱତ୍ୱାଧିକାରୀ ହରିଶ୍ଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସିସି ସିମେଣ୍ଟର ବରିଷ୍ଠ ଅଧିକାରୀ ସୁବୋଧ ପଟ୍ଟନାୟକ, ଇଂ. ସୌମ୍ୟରଞ୍ଜନ ବେହେରା, ଇଂ. ଦେବାଶିଷ ପଣ୍ଡା, ଦିଲୀପ ଭୂୟାଁ, ଅରୁଣ ସାମଲ, ବିକ୍ରେତା ପ୍ରଦୀପ ସାହୁ, ରମେଶ ଚନ୍ଦ୍ର ରାୟ, ପ୍ରତାପ କେଶରୀ ମହାନ୍ତି, କରୁଣାକର ନାୟକ ପ୍ରମୁଖ ଯୋଗଦେଇଥିଲେ।

# ସବୁ ଶିଳ୍ପସଂସ୍ଥାକୁ ଜରିମାନା ନୋଟିସ

**ପାରାଦୀପରେ ମାରାତ୍ମକ ପ୍ରଦୂଷଣ ପ୍ରସଙ୍ଗ**

- ୧୫ ଦିନରେ ଜରିମାନା ଭରିବାକୁ ନିର୍ଦ୍ଦେଶ
- ଜରିମାନାକୁ ନେଇ ଦ୍ୱନ୍ଦ୍ୱରେ ଶିଳ୍ପସଂସ୍ଥା
- ବିଭିନ୍ନ କମ୍ପାନୀ ପକ୍ଷରୁ ରାସ୍ତା ସଫେଇ

ପାରାଦୀପ, ୭।୨ (ସ୍ୱ.ପ୍ର.)

ରାଜ୍ୟର ଅର୍ଥନୈତିକ ମୁଖଶାଳା ପାରାଦୀପରେ ଦେଶର ଦ୍ୱିତୀୟ ବୃହତ୍ ବନ୍ଦର ସମେତ ଏସିଆର ବୃହତ୍ ସାର କାରଖାନା ଓ ବୃହତ୍ ବିଶୋଧନାଗାର ରହିଛି। କିନ୍ତୁ ଏବେ ପାରାଦୀପ ପ୍ରଦୂଷଣ କ୍ଷେତ୍ରରେ ରାଜ୍ୟର ୧ ନଂ. ସ୍ଥାନ ଓ ମାରାତ୍ମକ ପ୍ରଦୂଷିତ ଅଞ୍ଚଳ ବୋଲି ରାଜ୍ୟ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ୧୫ ବୃହତ୍ ଶିଳ୍ପକୁ ୫ ବର୍ଷ ହେଲା ବୋର୍ଡ ପକ୍ଷରୁ କୁହାଯାଉଥିଲେ ବି ଏହାକୁ ଅଣଦେଖା କରାଯିବା ଏବେ ସବୁ ଶିଳ୍ପସଂସ୍ଥା ପାଇଁ ଘାତକ ସାଜିଛି। ଫଳରେ ରାଜ୍ୟ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଆଧାରରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ୭ଟି ବୃହତ୍ ଶିଳ୍ପସଂସ୍ଥାକୁ ୧ କୋଟି ଟଙ୍କା ଲେଖାଏ ଜରିମାନା ଦେବା ପାଇଁ ଗତ ଜାନୁୟାରୀ ୨୯ ତାରିଖରେ ଚିଠି (ନଂ.-୯୯୫) ଆସିଛି। ୨୦୧୯ ନଭେମ୍ବର ୧୪ରେ ଏନ୍‌ଜିଟି ଅର୍ଡର (୧୦୩୮/୨୦୧୮) ସେକ୍ସନ ୩୧ ଏ, ବାୟୁ (ପ୍ରିଭେନଶନ ଆଣ୍ଡ୍ କଣ୍ଟ୍ରୋଲ ଅଫ୍ ପଲ୍ୟୁଶନ) ଆଇନ ୧୯୮୧, ସେକ୍ସନ ୩୧ ଏ, ଜଳ ଆଇନ ୧୯୭୪ ଅନୁସାରେ ଏହି ଜରିମାନା ଲାଗୁ କରାଯାଇଥିବା ନୋଟିସ୍‌ରେ ଦର୍ଶାଯାଇଛି। ୧ କୋଟି ଲେଖାଏ ଜରିମାନା ନୋଟିସ୍ ପାଇଥିବା ଶିଳ୍ପସଂସ୍ଥା ହେଲେ ପାରାଦୀପ ବନ୍ଦର, ଏସାର ଷ୍ଟିଲ, ଏସାର ପାୱାର, ପିପିଏଲ୍, ଇଫ୍‌କୋ, ପାରାଦୀପ ତୈଳ ବିଶୋଧନାଗାର ଓ ଗୋଆ କାର୍ବନ।

ସେହିପରି ୨୫ରୁ ୫୦ ଲକ୍ଷ ଟଙ୍କା ଜରିମାନା ନୋଟିସ୍ ପାଇଥିବା ସଂସ୍ଥା ଗୁଡ଼ିକ ହେଲା, ଅବିନବେଭ ଲିମିଟେଡ୍ (ବିଅର ଫ୍ୟାକ୍ଟ୍ରି), ସେଞ୍ଚୁରୀ ପ୍ଲାଜା, ଗୋଲ୍‌ଡେନ୍ ଆଙ୍କର, ଆରିଷ୍ଟୋକାଟ୍, ନନ୍ଦିଘୋଷ ଓ ଇଣ୍ଟରନ୍ୟାଶନାଲ ହୋଟେଲ। ୨୦୧୫ ରୁ ୨୦୨୦ ବର୍ଷ ପାଇଁ (୩୧।୧୨।୨୦୧୯) ମଧ୍ୟରେ ଏହି ସବୁ ଶିଳ୍ପ ସଂସ୍ଥାର ଜଳ ଓ ବାୟୁ ରିପୋର୍ଟ ଲଗାତର ବୃଦ୍ଧି ପାଇଛି। ୨୦୧୫ରୁ ପାରାଦୀପକୁ ପିଆଇଏ (ପଲ୍ୟୁଟେଡ୍ ଇଣ୍ଡଷ୍ଟ୍ରିଆଲ ଏରିଆ) ଭାବେ ଘୋଷଣା କରାଯାଇଥିବା ବେଳେ ୨୦୧୬ରେ ରେଡ (ନାଲି) କ୍ୟାଟେଗୋରି ବୋଲି କୁହାଗଲା। ୨୦୧୯ ସେପ୍ଟେମ୍ବର ୧୯ରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରଣାଳୟ (ଚିଠି ନଂ. ୧୭୬୭୪) ପାରାଦୀପକୁ କ୍ରିଟିକାଲ ପଲ୍ୟୁଟେଡ୍ ଏରିଆ ବୋଲି ଘୋଷଣା କରିଥିଲା।

ତେଣୁ ଏବେ ଏନ୍‌ଜିଟି ପକ୍ଷରୁ ବିଭିନ୍ନ ଶିଳ୍ପସଂସ୍ଥାକୁ ଜରିମାନା ନୋଟିସ୍ ଜାରି କରାଯାଇଥିବା ବେଳେ ୧୫ଦିନ ମଧ୍ୟରେ ଜରିମାନା ରାଶି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବଙ୍କ ନିକଟରେ ଜମା କରିବା ପାଇଁ କୁହାଯାଇଛି। କିନ୍ତୁ ଶୁକ୍ରବାର ସୁଦ୍ଧା କୌଣସି ଶିଳ୍ପସଂସ୍ଥା ଜରିମାନା ଅର୍ଥ ଜମା କରିନାହାନ୍ତି ବୋଲି ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। କେତେକ କମ୍ପାନୀ ଜରିମାନା ଅର୍ଥ ଭରଣା କରିବେ ବୋଲି କହୁଥିବା ବେଳେ ଆଉ କେତେକ କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହୁଛନ୍ତି। କିନ୍ତୁ ଏହି ନୋଟିସ୍ ଜାରି ହେବା ପରେ ଏବେ କେତେକ କମ୍ପାନୀ ପକ୍ଷରୁ ସର୍ବାଧିକ ଧୂଳି ଉଡୁଥିବା ଅଠରବାଙ୍କି, ତାରିଗଡ଼ା, ଜଳାଶୟ ପାଖ ରାସ୍ତାରେ ନିୟମିତ ସଫେଇ କରାଯାଉଥିବା ଦେଖାଯାଉଛି। ଏହାସତ୍ତ୍ୱେ ପ୍ରଦୂଷଣ ଆସ୍ତରଣ ସେତେଟା କମି ନ ଥିବା ଜଣାପଡ଼ିଛି।

### କାହାପାଇଁ ପ୍ରଦୂଷଣ, କାହାପାଇଁ ଜୀବିକା

ପାରାଦୀପର ପ୍ରଦୂଷଣକୁ ନେଇ ପ୍ରାୟ ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ହେଁ ସେହି ପ୍ରଦୂଷଣ କେତେକଙ୍କ ଜୀବିକାର ଉତ୍ସ ପାଲଟିଛି। ରାସ୍ତା ଓ ବନ୍ଦରରୁ ବାହାରୁଥିବା ଟ୍ରକ୍ ଏବଂ ହାଇଓ୍ୱା ଚକାରୁ କୋଇଲା ଗୁଣ୍ଡ ସଂଗ୍ରହ କରି ମହିଳାମାନେ ରୋଜଗାର କରୁଛନ୍ତି। ଏଭଳି ଦୃଶ୍ୟ ପ୍ରତିଦିନ ଅଠରବାଙ୍କି, ଟର୍ମିନାଲ ରୋଡ୍, ୨ନଂ. ଗେଟ୍ ପାଖ ଓ ବାଲିପ୍ଲଟ୍‌ରେ ଦେଖିବାକୁ ମିଳେ। ବନ୍ଦର ଭିତରୁ ବାହାରୁଥିବା ଭାରିଯାନ ଚକା ଓ ଗାଡି ବଡ଼ିରେ ବହୁଳ ମାତ୍ରାରେ କୋଇଲା ଲାଗିଥାଏ। ସେହି ଗାଡି ବାହାରେ କିଛି ସମୟ ଅଟକିବା ବେଳେ ମହିଳାମାନେ ଖଡ଼ିକା, ଥାଳି, କଂସା ଦ୍ୱାରା ସେଗୁଡ଼ିକୁ ଗାଡିରୁ ଛଡାଇଥାନ୍ତି। ଗାଡିଯିବା ପରେ ସେହି କୋଇଲାକୁ ରାସ୍ତାରୁ ସଂଗ୍ରହ କରିବା ସହ ସେଥିରେ ପାଣି, ମାଟି ମିଶାଇ ଗୁଳାକରି ଶୁଖାଇଥାନ୍ତି। ସେହି କୋଇଲାଗୁଳାକୁ ହୋଟେଲରେ ବିକ୍ରିକରି ଟଙ୍କା ରୋଜଗାର କରିଥାନ୍ତି। ଏ ସମସ୍ତ କାମ ସମ୍ପୂର୍ଣ୍ଣ ବିପଦରେ କରିଥାନ୍ତି। ଗାଡିରୁ କୋଇଲା ଛଡ଼ାଇବା ସମୟରେ ସେମାନେ ଗାଡ଼ି ତଳେ ଓ ଚକା ମଝିରେ ଏମିତି ରହିଥାନ୍ତି ଯେ, ଯେକୌଣସି ସମୟରେ ଅଘଟଣର ଭୟଥାଏ। ସେମାନଙ୍କ ବେଶ ପୋଷାକ ଏମିତି କଳା ହୋଇଯାଏ ଯେ, ତାଙ୍କୁ ଗାଡି ତଳେ ନିରିଖେଇ ନ ଦେଖିଲେ ଜାଣିହେବ ନାହିଁ। ଏହି କାମ ଅଧିକାଂଶ ମହିଳା କରିଥାନ୍ତି। ଯେଉଁ ଗାଡ଼ିରୁ କୋଇଲା ସଫା ହୋଇପାରେ ନାହିଁ ସେଗୁଡିକ ରାସ୍ତାରେ ପଡ଼ି ଧୂଳି ହୋଇଉଡେ। ଗୋଟେ ଗାଡ଼ିରୁ ଠିକ୍ ଭାବେ ସଫା କଲେ ପ୍ରାୟ ୨ ବସ୍ତା (ଛୋଟ ଜରି ୫୦ କେଜି) କୋଇଲା ବାହାରେ ବୋଲି କୋଇଲା ସଫା କରୁଥିବା ମହିଳା ଆରତୀ ମଣ୍ଡଳ କୁହନ୍ତି। ପ୍ରଦୂଷଣ ପାଇଁ ଲୋକମାନେ ବିଭିନ୍ନ ରୋଗରେ ପଡ଼ି ମୃତ୍ୟୁକୁ ସାମ୍ନା କରୁଥିବାବେଳେ ସେହି ପ୍ରଦୂଷଣ କେତେକଙ୍କ ପାଇଁ ଜୀବିକା ମଧ୍ୟ ସାଜିଛି।

### ଅଦିନିଆ ବର୍ଷାରେ ମୁଗ ଫସଲ ନଷ୍ଟ ଆଶଙ୍କା

ତିର୍ତ୍ତୋଲ, ୭।୨ (ଡି.ଏନ୍.ଏ.)

ଗତ ଦୁଇଦିନ ଧରି ଲାଗି ରହିଥିବା ବର୍ଷା ଯୋଗୁ ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ମୁଗ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଅଦିନିଆ ବର୍ଷା ଯୋଗୁ ଚଳିତବର୍ଷ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯିବା ଆଶଙ୍କା ରହିଛି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଚଳିତବର୍ଷ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ପ୍ରାୟ ୫୦୦ହେକ୍ଟର ଜମିରେ ମୁଗ ଫସଲ କରାଯାଇଛି। ତେବେ ଅଦିନିଆ ବର୍ଷାଯୋଗୁ ବିଲରେ ପାଣି ଜମି ରହିବାରୁ ମୁଗ ଗଛ ପଚିଯିବ ବୋଲି ଚାଷୀମାନେ କହିଛନ୍ତି। ଋଣ ଓ ଧାରଉଧାର ଆଣି ଫସଲ କରିଥିବା ବେଳେ ଚାଷୀଙ୍କ ଉପରେ ଅଦିନିଆ ବର୍ଷା ଦାଉସାଧୁଛି। ଏଥିସହ କୃଷି ବିଭାଗ ସହାୟତାରେ ଇଦ୍ରିସିଂ ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତରେ ହୋଇଥିବା ମୁଗପ୍ୟାଚରେ ମଧ୍ୟ ଫସଲ ହାନି ହେବା ସମ୍ଭାବନା ରହିଛି। ଅଧିକ ଅମଳ ପାଇଁ ବ୍ଲକ କୃଷି ବିଭାଗ ଦ୍ୱାରା ଏହି ଚାଷକୁ ପ୍ରୋଜେକ୍ଟ ଭାବରେ ନିଆଯାଇ ପ୍ୟାଚ (ଗୋଟିଏ ପ୍ୟାଚ୍ ଅର୍ଥାତ୍ ସର୍ବନିମ୍ନ ୧୦୦ ଏକର ଜମି)ରେ ମୁଗ ବୁଣାଯାଇଥିଲା। ଅଦିନିଆ ବର୍ଷାରେ ଏହି ପ୍ୟାଚ ମୁଗ ଫସଲ ନଷ୍ଟ ହେଲେ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଏହି ପ୍ରୋଜେକ୍ଟ ତା'ର ଲକ୍ଷ୍ୟ ହାସଲ କରିପାରିବ ନାହିଁ। ଅନ୍ୟପଟେ ମୁଗ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଥିବା ବେଳେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

# ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା



ତହସିଲଦାରଙ୍କ କାର୍ଯ୍ୟାଳୟରେ ଆଲୋଚନା ବେଳେ ଅଭିଭାବକ, ତହସିଲଦାର, ଡିଇଓ ଓ ଅନ୍ୟମାନେ।

- ପରୀକ୍ଷା କେନ୍ଦ୍ର ଚୟନକୁ ନେଇ ଛାତ୍ରାଭିଭାବକ ମହଲରେ ଅସନ୍ତୋଷ
- ଡିଇଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କୁଜଙ୍ଗ, ୭।୨ (ଡି.ଏନ୍.ଏ)

କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ହାଇସ୍କୁଲର ପରୀକ୍ଷା କେନ୍ଦ୍ର ଚୟନକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ବୋର୍ଡ ନିଜ ୱେବସାଇଟ୍‌ରେ ଦର୍ଶାଉଥିବା ନିୟମକୁ ଉଲ୍ଲଂଘନ କରିଥିବାରୁ ମଙ୍ଗରାଜପୁର ହାଇସ୍କୁଲର ପରୀକ୍ଷାର୍ଥୀ ଓ ଅଭିଭାବକମାନେ କୁଜଙ୍ଗ ତହସିଲ ସମ୍ମୁଖରେ ଶୁକ୍ରବାର ଗଣଧାରଣା ଦେଇଥିଲେ। ଏ ସମ୍ପର୍କରେ ତହସିଲଦାର ଜଗତ୍‌ସିଂହପୁର ଜିଲାପାଳଙ୍କୁ ଅବଗତ କରାଇବା ପରେ ସନ୍ଧ୍ୟାରେ ଡିଇଓ ପ୍ରତିଭା ମଞ୍ଜରୀ ଦାଶ ଧାରଣାସ୍ଥଳରେ ପହଞ୍ଚି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନକୁ ନେଇ କୁଜଙ୍ଗ ତହସିଲଦାରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଆଲୋଚନାରେ କୁଜଙ୍ଗ ତହସିଲଦାର ପ୍ରଭାସ କୁମାର ବେହୁରା, ଜିଲା ଶିକ୍ଷାଅଧିକାରିଣୀ ଦାଶ, କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ଏବିଇଓ ବିଜୟ କୁମାର ମିଶ୍ର, କବି ପୀତାମ୍ବର ତରାଇ, ଦୁଷ୍ମନ୍ତ ମାଝୀ, ସୁରେନ୍ଦ୍ର କୁମାର ସ୍ୱାଇଁ, ଦୀନବନ୍ଧୁ ଏକାଡେମୀର ପ୍ରତିଷ୍ଠାତା ରଜତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଆସନ୍ତା ୧୧ ତାରିଖ ମଧ୍ୟରେ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ କରା ନ ଗଲେ ପୁଣି ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କବି ପୀତାମ୍ବର ତରାଇ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ସମସ୍ୟାର ସମାଧାନ ନିମନ୍ତେ ଜିଲାପାଳ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଛି।

ସୂଚନାଥାଉ କି, ଚଳିତବର୍ଷ ମାଟ୍ରିକ ପରୀକ୍ଷା କେନ୍ଦ୍ର ଚୟନ ନେଇ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ୩ଟି ସମ୍ଭାବ୍ୟ କେନ୍ଦ୍ର ଚୟନ କରିଥିଲେ। ସେଥିମଧ୍ୟରେ ପାରାଦୀପ ପୋର୍ଟ ହାଇସ୍କୁଲ, ଭୂତମୁଣ୍ଡାଇ ରହିଥିଲା। ମାତ୍ର ଏବେ ପିଲାଙ୍କ ପରୀକ୍ଷା କେନ୍ଦ୍ର ଭୁଲବଶତଃ ପାରାଦୀପ ପୋର୍ଟ ହାଇସ୍କୁଲ, ପାରାଦୀପ ହୋଇ ଯାଇଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଏହାର ବିରୋଧ କରୁଥିବା ଜଣାପଡ଼ିଛି।


### ଏପ୍ରିଲ୍ ୫ରେ ସେନା ନିଯୁକ୍ତି ରାଲି

କଟକ ଅଫିସ୍,୭।୨

ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମଠାରେ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଏପ୍ରିଲ୍ ୫ରୁ ୧୬ତାରିଖ ପର୍ଯ୍ୟନ୍ତ ସେନା ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ଏହି ନିଯୁକ୍ତି ରାଲିରେ ଭାଗନେବା ପାଇଁ ପଞ୍ଜୀକରଣର ଅବଧି ଫେବୃୟାରୀ ୮ରୁ ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ ରଖାଯାଇଛି। ସୋଲ୍‌ଜର ଜେନେରାଲ ଡ୍ୟୁଟି, ସୋଲଜର୍ ଟେକ୍ନିକାଲ, ସୋଲଜର୍ ଟେକ୍ନିକାଲ (ଆଭିଏଶନ/ଆମ୍ୟୁନିଶନ ଏକ୍‌ଜାମିନର), ସୋଲଜର ଟେକ୍ନିକାଲ(ନର୍ସିଂ ଆସିଷ୍ଟାଣ୍ଟ), ସୋଲଜର୍ କ୍ଲର୍କ/ଏସ୍‌କେଟି ଏବଂ ସୋଲଜର୍ ଟ୍ରେଡ୍‌ସମ୍ୟାନ ପଦବୀ ପାଇଁ ନିଯୁକ୍ତି ଅନୁଷ୍ଠିତ ହେବ। ଏଥିରେ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଏବଂ ଭଦ୍ରକ ଜିଲାର ପିଲାମାନେ ଅଂଶଗ୍ରହଣ କରିପାରିବେ। ଆଶାୟୀମାନେ ସୈନ୍ୟ ନିଯୁକ୍ତି ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ http://joinindianarmy.nic.in ପଞ୍ଜୀକରଣ କରି ଆବେଦନ କରିପାରିବେ। ସେନା ନିଯୁକ୍ତି କାର୍ଯ୍ୟାଳୟ ନିର୍ଦ୍ଦେଶକ କର୍ଣ୍ଣେଲ ଆଶିଷ ମୋହନ ତ୍ରୀଖା ଏନେଇ ସୂଚନା ଦେଇଛନ୍ତି। ପଞ୍ଜୀକରଣ ଓ ଅନ୍‌ଲାଇନ ଆବେଦନ ପାଇଁ ପ୍ରାର୍ଥୀମାନେ ନିଜର ଇ-ମେଲ୍ ଆଇଡି (ୟୁଜର ନେମ୍ ଓ ପାସୱାର୍ଡ) ବ୍ୟବହାର କରି ପ୍ରବେଶପତ୍ର ଓ ଆଡମିଟ୍ କାର୍ଡ ଡାଉନଲୋଡ କରି ପ୍ରିଣ୍ଟଆଉଟ କାଢି ସଙ୍ଗରେ ନେଇ ନିଯୁକ୍ତି ରାଲିରେ ଯୋଗଦେଇପାରିବେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

### ଏ.କେ. ବୋଷ ହେଲେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ

ପାରାଦୀପ, ୭।୨ (ସ୍ୱ.ପ୍ର.)



ଆଶିଷ କୁମାର ବୋଷ।

ଗତ ୪ବର୍ଷ ହେଲା ପାରାଦୀପ ବନ୍ଦର ଉପାଧ୍ୟକ୍ଷ ପଦବୀ ଖାଲି ପଡ଼ିଥିବା ବେଳେ ଶୁକ୍ରବାର ଆଶିଷ କୁମାର ବୋଷ ଉପାଧ୍ୟକ୍ଷ ଭାବେ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ମୁମ୍ବାଇ ପୋର୍ଟର ଟ୍ରାଫିକ ମ୍ୟାନେଜର ଥିଲେ। ୧୯୮୬ରୁ ସେ କୋଲକାତା ବନ୍ଦରରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ଚଳିତବର୍ଷ ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟଙ୍କ ବର୍ଷ ଅବଧି ଶେଷ ହେବାକୁ ଯାଉଛି। ନୂଆ ଅଧ୍ୟକ୍ଷ ଆସିବା ପୂର୍ବରୁ ଉପାଧ୍ୟକ୍ଷ ଯୋଗଦେଇଥିବା ଆଲୋଚନା ହେଉଛି।

### ସ୍କୁଲ କ୍ରୀଡ଼ା ଉତ୍ସବ ପାଇଁ ଜେଏସ୍‌ଡବ୍ଲ୍ୟୁର ସହାୟତା

ପାରାଦୀପ, ୭।୨ (ସ୍ୱ.ପ୍ର.)

ଏରସମା ବ୍ଲକ ଗଡ଼କୁଜଙ୍ଗରେ ଥିବା ସରକାରୀ ଉନ୍ନୀତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପାଇଁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ କ୍ରୀଡ଼ା ଉତ୍ସବ ପାଇଁ ଆନୁଷଙ୍ଗିକ ଉପକରଣ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ସ୍କୁଲର କ୍ରୀଡ଼ା ଉତ୍ସବରେ ଅତିଥିଭାବେ ଯୋଗଦେଇଥିଲେ। ସୂଚନାଥାଉ କି, ଉକ୍ତ କମ୍ପାନୀ ସେହି ଅଞ୍ଚଳରେ ୭୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଇସ୍ପାତ କାରଖାନା କରିବ ବୋଲି ସରକାରୀ ଭାବେ ସ୍ୱୀକୃତି ପାଇଛି। ଏଥିରେ ପ୍ରତ୍ୟକ୍ଷ ଭାବେ ୧୨,୫୦୦ କର୍ମଚାରୀ ଓ ପରୋକ୍ଷ ଭାବେ ୪୦ରୁ ୫୦ ହଜାର ଲୋକ କର୍ମସଂସ୍ଥାନ ପାଇବେ।



ଉତ୍ସବରେ ଜେଏସ୍‌ଡବ୍ଲ୍ୟୁର ବରିଷ୍ଠ ଅଧିକାରୀ, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

## ଗଣିତ (MATHEMATICS)

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

**କିମ୍ବା,** ଦତ୍ତ : ABC ବୃତ୍ତରେ O କେନ୍ଦ୍ର ଏବଂ $\overset{\frown}{AXB}$ ଓ $\overset{\frown}{CYD}$ ଦୁଇଟି ସର୍ବସମ କ୍ଷୁଦ୍ର ଚାପ ।





$\overline{AB}$ ଓ $\overline{CD}$ ଚାପଦ୍ୱୟର ସମ୍ପୃକ୍ତ ଜ୍ୟା

(ଯଦି $\overset{\frown}{AXB}$ ଓ $\overset{\frown}{CYD}$ ଦୁଇଟି ସର୍ବସମ ବୃହତ୍ ଚାପ ହୁଅନ୍ତି

ତେବେ ସେମାନଙ୍କର ବିପରୀତ ଚାପଦ୍ୱୟ ସର୍ବସମ କ୍ଷୁଦ୍ରଚାପ ହେବେ ।

ସୁତରାଂ କେବଳ କ୍ଷୁଦ୍ର ଚାପ ପାଇଁ ପ୍ରମାଣ ଯଥେଷ୍ଟ ।)

**ପ୍ରାମାଣ୍ୟ :** $\overline{AB} \cong \overline{CD}$

**ଅଙ୍କନ :** $\overline{OA}$, $\overline{OB}$, $\overline{OC}$ ଏବଂ $\overline{OD}$ ଅଙ୍କନ କର ।

**ପ୍ରମାଣ :** $\Delta OAB$ ଏବଂ $\Delta OCD$ ମଧ୍ୟରେ $OA = OC$, $OB = OD$ (ଏକା ବୃତ୍ତର ବ୍ୟାସାର୍ଦ୍ଧ)

$m\angle AOB = m\angle COD$

($\because \overset{\frown}{AXB} \cong \overset{\frown}{CYD}$ ହେତୁ ସେମାନଙ୍କର ଡ଼ିଗ୍ରୀ ପରିମାପ ସମାନ)

ଅତଏବ $\Delta OAB \cong \Delta OCD$ (ବାହୁ - କୋଣ - ବାହୁ ସର୍ବସମତା)

$\Rightarrow AB = CD \quad \Rightarrow \overline{AB} \cong \overline{CD}$ **(ପ୍ରମାଣିତ)**

**(ii)** $\cos 70^0 + \cos 50^0 = \sin 80^0$

ବାମପକ୍ଷ $= \cos(60^0 + 10^0) + \cos(60^0 - 10^0)$


$= 2\cos 60^0 . \cos 10^0$

$= 2 \times \frac{1}{2} . \cos(90^0 - 80^0) = \sin 80^0$

= ଦକ୍ଷିଣପକ୍ଷ **(ପ୍ରମାଣିତ)**

**କିମ୍ବା,** ଦୁର୍ଗର ଉଚ୍ଚତା 30 ମି.

ଦୁର୍ଗର ପାଦ ଦେଶ ସହ ଏକ ସମତଳରେ ଅବସ୍ଥିତ D ଓ C ବିନ୍ଦୁରୁ A ର କୌଣିକ ଉନ୍ନତିର ପରିମାଣ ଯଥାକ୍ରମେ $30^0$ ଏବଂ $45^0$ ।





ମନେକର CD = x ମିଟର

$\Delta ACB$ ରେ $\tan 45^0 = \frac{AB}{CB} \Rightarrow 1 = \frac{30}{CB}$

$\Rightarrow CB = 30$ ମି.

$\Delta ADB$ ରେ $\tan 30^0$

$= \frac{AB}{DB} \Rightarrow \frac{1}{\sqrt{3}} = \frac{AB}{DC + CB} \Rightarrow \frac{1}{\sqrt{3}} = \frac{30}{x + 30}$

$\Rightarrow 30\sqrt{3} = x + 30 \Rightarrow 30 \times 1.732 - 30 = x$

$\Rightarrow x = 51.96 - 30 = 21.96$ ମି.

$\therefore$ ବିନ୍ଦୁଦ୍ୱୟ ମଧ୍ୟରେ ବ୍ୟବଧାନ 21.96 ମି.

**15.(i)** ମନେକର ବୃତ୍ତକଳାର ବ୍ୟାସାର୍ଦ୍ଧ = r ମି.

ବୃତ୍ତକଳାର ଚାପର ଦୈର୍ଘ୍ୟ(L) = 22 ମି.

$\therefore$ ବୃତ୍ତକଳାର କ୍ଷେତ୍ରଫଳ $= \frac{1}{2} \times Lr$.

$\Rightarrow 231 = \frac{1}{2} \times 22 \times r \Rightarrow r = \frac{231 \times 2}{22} = 21$ ମି.

ମନେକର ବୃତ୍ତକଳାର ଚାପର ଡିଗ୍ରୀ ପରିମାପ $= \theta^0$

ଚାପର ଦୈର୍ଘ୍ୟ (L) $= \frac{\theta}{180^0} \times \pi r$

$\Rightarrow 22 = \frac{\theta}{180^0} \times \frac{22}{7} \times 21$

$\Rightarrow \theta = \frac{22 \times 180 \times 7}{22 \times 21} = 60$

$\therefore$ ବୃତ୍ତକଳାର ଚାପର ଡିଗ୍ରୀ ପରିମାପ $60^0$ ।

**କିମ୍ବା,** ଅର୍ଦ୍ଧବୃତ୍ତାକାର ଜମିର ବ୍ୟାସାର୍ଦ୍ଧ r ମିଟର ହେଲେ ଏହାର ପରିସୀମା $= (\pi r + 2r)$ ମିଟର

ପ୍ରଶ୍ନାନୁସାରେ $\pi r + 2r = 252$

$\Rightarrow r(\frac{22}{7} + 2) = 252$

$\Rightarrow r \times \frac{36}{7} = 252 \Rightarrow r = \frac{252 \times 7}{36} = 49$ ମି.

ଅର୍ଦ୍ଧବୃତ୍ତାକାର କ୍ଷେତ୍ରର କ୍ଷେତ୍ରଫଳ $= \frac{1}{2} \times \pi r^2$

$= \frac{1}{2} \times \frac{22}{7} \times 49 \times 49 = 3773$ ବ.ମି.

**(ii)** ମନେକର ସିଲିଣ୍ଡରର ଭୂମିର ବ୍ୟାସାର୍ଦ୍ଧ = r ଡେ.ମି.,

$\therefore$ ବ୍ୟାସ = 2r ଡେ.ମି. ଓ ଉଚ୍ଚତା (h) = 2 x 2r = 4r ଡେ.ମି.

ସିଲିଣ୍ଡରର ଆୟତନ $= \pi r^2 h$

$= \frac{22}{7} \times r^2 \times 4r = \frac{88}{7} r^3$ ଘ. ଡେ.ମି.

ପ୍ରଶ୍ନାନୁସାରେ, $\frac{88}{7} r^3 = 539$

$\Rightarrow r^3 = \frac{539 \times 7}{88} = \frac{343}{8} \Rightarrow r = \sqrt[3]{\frac{343}{8}} = \frac{7}{2}$ ଡେ.ମି.

ଉଚ୍ଚତା $(h) = 4r = 4 \times \frac{7}{2} = 14$ ଡେ.ମି.

$\therefore$ ସିଲିଣ୍ଡରର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ

$= 2\pi r(h + r) = 2 \times \frac{22}{7} \times \frac{7}{2}\left(14 + \frac{7}{2}\right)$

$= 22\left(\frac{28 + 7}{2}\right) = 11 \times 35 = 385$ ବର୍ଗ ଡେ.ମି.

**କିମ୍ବା,** ତ୍ରିଭୁଜର ବାହୁତ୍ରୟର ଦୈର୍ଘ୍ୟ 5 ମି., 5 ମି., ଓ 6 ମି. ।

ତ୍ରିଭୁଜର ଅର୍ଦ୍ଧପରିସୀମା = s

$= \frac{a + b + c}{2} = \frac{5 + 5 + 6}{2} = 8$ ମି.

$\Delta$ ର କ୍ଷେତ୍ରଫଳ $= \sqrt{s(s-a)(s-b)(s-c)}$

$= \sqrt{8(8-5)(8-5)(8-6)}$

$= \sqrt{8 \times 3 \times 3 \times 2} = 12$ ବର୍ଗ ମି.

$\Delta$ ର ପରିସୀମା = (5+5+6) ମି. = 16 ମି.

$\therefore$ ପ୍ରିଜିମ୍‌ର ପାର୍ଶ୍ୱପୃଷ୍ଠତଳର କ୍ଷେତ୍ରଫଳ

= $\Delta$ ର ପରିସୀମା x ଉଚ୍ଚତା = 16 x 8

= 128 ବର୍ଗ ମି.

ଏବଂ ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ

= $\Delta$ ର ପରିସୀମା x ଉଚ୍ଚତା + 2 x $\Delta$ ର କ୍ଷେତ୍ରଫଳ

= 16 x 8 + 2 x 12 = 128 + 24 = 152 ବର୍ଗ ମି.

# ୭ ନଦୀ ଶୁଖିବା ଆରମ୍ଭ: ଜଳ ସଙ୍କଟ ବଢ଼ିବ

କେନ୍ଦ୍ରାପଡା ଅଫିସ, ୭।୨

**କେନ୍ଦ୍ରାପଡା ଜିଲା**



■କେନ୍ଦ୍ର ସରକାରଙ୍କ ଜଳଶକ୍ତି ମିଶନରେ ରାଜ୍ୟର ଏକମାତ୍ର ଜିଲା ଭାବେ ଚିହ୍ନଟ

ଉପକୂଳବର୍ତ୍ତୀ କେନ୍ଦ୍ରାପଡା ଜିଲାରେ ପ୍ରବାହିତ ୭ ନଦୀ ଏବେ ଠାରୁ ଶୁଖିବା ଆରମ୍ଭ ହେଲାଣି । ୨୭ ଶାଖା ନଦୀରେ ଅଳ୍ପ କେତେକ ସ୍ଥାନରେ ପାଣି ଦେଖିବାକୁ ମିଳୁଛି । କୂଅ, ପୋଖରୀ, ନାଳ ଆଦିରେ ଜଳସ୍ତର କମି ଯାଉଥିବା ବେଳେ ଭୂତଳ ଜଳକୁ ଜିଲାର ଉପାନ୍ତ ଅଞ୍ଚଳରେ ଲୁଣା ଯୋଗୁ ବ୍ୟବହାର କରି ହେଉନାହିଁ । କେନ୍ଦ୍ର ସରକାରଙ୍କ ଜଳଶକ୍ତି ମିଶନରେ ରାଜ୍ୟର ଏକମାତ୍ର ଜିଲା ଭାବେ ଚିହ୍ନଟ ହୋଇଥିଲେ ମଧ୍ୟ ବର୍ଷା ଜଳ ସଂରକ୍ଷଣ, ବନୀକରଣ, ପାରମ୍ପାରିକ ଜଳ ଉତ୍ସର ନବୀକରଣ ହେଉନାହିଁ । ଏଥିସହ ବିଭିନ୍ନ ନଦୀରେ ଆନିକଟ ପ୍ରକଳ୍ପ ନ ଥିବାରୁ ବର୍ଷାଦିନେ ନଦୀରେ ଆସୁଥିବା ଉଦ୍‌ବୃତ୍ତ ଜଳ ସମୁଦ୍ରକୁ ଚାଲିଯାଉଛି । ଫଳରେ ଚାଷ ପ୍ରଭାବିତ ହେବା ସହ ପାନୀୟ ଜଳ ସଙ୍କଟ ଆଡକୁ କେନ୍ଦ୍ରାପଡା ଜିଲା ମୁହାଁଉଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଏ ସମ୍ପର୍କରେ ଜିଲା ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କୁହନ୍ତି ଯେ, ନଅଙ୍କ ଦୁର୍ଭିକ୍ଷ ପାଇଁ ବ୍ରିଟିଶ ଶାସନ ସମୟରେ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ କେନାଲ ଖୋଳା ଯାଇଥିଲା । ପୂର୍ବରୁ ଏହି କେନାଲ ନୌବାଣିଜ୍ୟ ପାଇଁ ବ୍ୟବହାର ହେଉଥିବା ବେଳେ ପରବର୍ତ୍ତୀ ସମୟରେ କେନାଲରେ ବର୍ଷକୁ ୩ ଥର ପାଣି ଆସି ୪୧,୪୮୧ ହେକ୍ଟର କ୍ଷେତରେ ଫସଲ ପାଇଁ ଉପଯୋଗ ହେଉଥିଲା । ଏଥିସହିତ ଭୂତଳ ଜଳ ସ୍ତରକୁ ଭରଣା କରୁଥିଲା । ନବେ ଦଶକରେ ଗୋବରୀ କେନ୍ଦ୍ରାପଡା କେନାଲ ଓ ନିକଟରେ ପଟ୍ଟାମୁଣ୍ଡାଇ କେନାଲର ନବୀକରଣ ହୋଇଥିଲେ ମଧ୍ୟ ବର୍ଷକୁ ରବି ଫସଲ ପାଇଁ ମାତ୍ର ୧୫ ଦିନ କେନାଲରେ ପାଣି ଛଡା ଯାଉଛି । ଏହି ଦୁଇ କେନାଲ ନବୀକରଣ ହୋଇଥିଲେ ମଧ୍ୟ ନିର୍ମାଣରେ ଅନିୟମିତତା ଥିବାରୁ କେନାଲର ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ । କେନାଲ ଅଞ୍ଚଳ ପରି ନଦୀ ତଟାଞ୍ଚଳରେ ପାଣି ଅଭାବରୁ ଚାଷ ଉଜୁଡି ଯାଉଛି ବୋଲି ସେ ପ୍ରକାଶ କରିଛନ୍ତି ।

ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କୁହନ୍ତି ଯେ, କେନ୍ଦ୍ରାପଡା ଜିଲା ପାଇଁ ମହାନଦୀ ଚିତ୍ରୋତ୍ପଳା ଜଳସେଚନ ପ୍ରକଳ୍ପ ଉପଯୋଗୀ । ଏହି ପ୍ରକଳ୍ପରେ ନଦୀ ଜଳକୁ ଉଠା ଜଳସେଚନ ମାଧ୍ୟମରେ କ୍ଷେତକୁ ପାଣି ଯୋଗାଇବା ସହିତ ନିକଟସ୍ଥ ଗ୍ରାମକୁ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇଥାନ୍ତା । ତେବେ ମହାନଦୀର ଉପରମୁଣ୍ଡରେ ଛତିଶଗଡ ରାଜ୍ୟର ବନ୍ଧ ନିର୍ମାଣ ପରେ ଜଳ ପ୍ରବାହ କମିଯାଇଛି । ଏହି ଜଳକୁ କେତେକ ଶିଳ୍ପ ପାଇଁ ବ୍ୟବହାର କରା ଯାଉଥିବା ବେଳେ ଶିଳ୍ପର ବର୍ଜ୍ୟବସ୍ତୁ ନଦୀ ମଧକୁ ଛଡାଯାଉଛି । ଫଳରେ ମହାନଦୀ ସିଷ୍ଟମରେ ଥିବା ଲୁଣା, ପାଇକା ଚିତ୍ରୋତ୍ପଳା ଆଦି ନଦୀ ଶୁଖିବା ଆରମ୍ଭ ହୋଇଛି । ଏପରି କି ଲୁଣା ନଦୀର ଜଳସ୍ତର କମିବା କାରଣରୁ କେନ୍ଦ୍ରାପଡା ସହରକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି । ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି ଯେ, କେନ୍ଦ୍ରୀୟ ଜଳ ଆୟୋଗ ସର୍ଭେ ପରେ କେନ୍ଦ୍ରାପଡା ଜିଲାକୁ ଜଳ ସଙ୍କଟ ଥିବା ଜିଲା ଭାବେ ଚିହ୍ନଟ କରାଯାଇଛି । ଏଥିପାଇଁ ଜଳଶକ୍ତି ମିଶନ ଗତ ଜୁଲାଇ ମାସରୁ କାର୍ଯ୍ୟକାରୀ ହୋଇଛି । ତେବେ ଏହି ମିଶନ ସମ୍ପର୍କରେ ସାମୟିକ ଭାବେ ପ୍ରଚାର କରା ଯାଇଥିଲେ ମଧ୍ୟ ମିଶନର ପ୍ରକୃତ ଲକ୍ଷ୍ୟ ପ୍ରତି ଅଣଦେଖା କରାଯାଉଛି । ବନୀକରଣ, ପାରମ୍ପାରିକ ଜଳ ଉତ୍ସ ନବୀକରଣ, ବର୍ଷା ଜଳ ସଂରକ୍ଷଣ ହେଉନାହିଁ । ସେହିପରି ଦୀର୍ଘଦିନ ଧରି ଜନ ସୁରକ୍ଷା ମଞ୍ଚ ପକ୍ଷରୁ ବ୍ରାହ୍ମଣୀ, ଖରସ୍ରୋତା, ମହାନଦୀରେ ଆନିକଟ ପାଇଁ ଦାବି ହେଉଥିଲେ ମଧ୍ୟ ଏଥିପ୍ରତି ପ୍ରଶାସକ ଓ ରାଜନେତାଙ୍କ ଦୃଷ୍ଟି ପଡୁନାହିଁ । ଆଗାମୀ ୫ ବର୍ଷ ମଧ୍ୟରେ କେନ୍ଦ୍ରାପଡା ଜିଲାବାସୀ ଜଳ ସଙ୍କଟର ସମ୍ମୁଖୀନ ହେବେ ବୋଲି ସାମାଜିକ କର୍ମୀ ସାହୁ କହିଛନ୍ତି । ଖରସ୍ରୋତା ବଞ୍ଚାଅ ସଂଗ୍ରାମ କମିଟିର କର୍ମକର୍ତ୍ତା ବିଧାନ ଦାସ କୁହନ୍ତି ଯେ, ବନ୍ୟା ଯୋଗୁ ଉପାନ୍ତ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି । ଖରସ୍ରୋତା ନଦୀର ବନ୍ୟା ଜଳ ବର୍ଷାଦିନେ ଆଳି, ରାଜକନିକା ଓ ରାଜନଗର ବ୍ଲକ ଅଞ୍ଚଳକୁ କ୍ଷତି କରୁଥିବା ବେଳେ ଖରାଦିନେ ଏହା ଶୁଖିଲା ଅବସ୍ଥାକୁ ଆସୁଛି । ଏହି ଅଞ୍ଚଳବାସୀ ଏହି ସମୟରେ ନଦୀ ଜଳକୁ କ୍ଷେତ ପାଇଁ ବ୍ୟବହାର କରିଥାନ୍ତି । ତେବେ ନଦୀର ମଧୁର ଜଳକୁ ଏବେ ଭଦ୍ରକ ଜିଲାକୁ ନେବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ଫଳରେ ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ଜଳ ସଙ୍କଟ ହେବା ସହ ଜୈବ ବିବିଧତାରେ ଭରା ଭିତରକନିକା ଉପରେ ଏହାର ପ୍ରଭାବ ପଡିବ । ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି ଯେ, ଜିଲାର ଜଳସଙ୍କଟ ଦୂର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ମିଶନ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଆଗାମୀ ଦିନରେ ଏହାର ସୁଫଳ ଜିଲାବାସୀ ପାଇବେ ।

## ଅଳଭା ପୋଷ୍ଟ ଅଫିସ ଅଚଳ

ପଟ୍ଟାମୁଣ୍ଡାଇ, ୭।୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୧୫ନଂ ୱାର୍ଡ ଅଳଭା ଗ୍ରାମରେ ଥିବା ପୋଷ୍ଟ ଅଫିସ ଗତ ୨ ମାସ ହେଲା ଅଚଳ ହୋଇପଡିଛି । କମ୍ପ୍ୟୁଟର ଥିଲେ ମଧ୍ୟ ନେଟ୍‌ୱାର୍କ ଆସୁନାହିଁ । ଫଳରେ କୌଣସି କାର୍ଯ୍ୟ ହୋଇ ପାରୁନାହିଁ । ଏହି ପୋଷ୍ଟ ଅଫିସ ଅଧୀନରେ ପ୍ରାୟ ୧୫ଟିରୁ ଅଧିକ ଶାଖା ପୋଷ୍ଟ ଅଫିସ ରହିଥିବା ବେଳେ ସେଠାରେ ମଧ୍ୟ କାମ ହୋଇ ପାରୁନାହିଁ । ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏଥିନେଇ ଅଳଭା ଗ୍ରାମର ଅଭୟ ଚରଣ ଜେନା(କ), ସୁବ୍ରତ କୁମାର ଜେନା, ରମେଶ ଚନ୍ଦ୍ର ଜେନା, ଅଭୟ କୁମାର ଜେନା(ଖ), ଗୋଲେଖ ଜେନା, ରତ୍ନାକର ଜେନା, ଭାଗିରଥି ପାତ୍ର, ଯଦୁମଣି ପାତ୍ର, ତ୍ରୈଲୋକ୍ୟ ବେହେରା, ଶ୍ରୀବତ୍ସ ଦାଶ, ପ୍ରହ୍ଲାଦ ଜେନାଙ୍କ ସମେତ ଶତାଧିକ ଗ୍ରାହକ ପୋଷ୍ଟ ଅଫସ ନେଟ୍‌ୱାର୍କ ସୁଧାରିବା ପାଇଁ ଦାବି କରିଛନ୍ତି । ଏ ଦିଗରେ ଡାକ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

**ସଂକ୍ଷେପରେ**

## କନ୍ଦରାସୁର ଦରବାର ଓ ତୁଳସୀ ବିବାହ ଉତ୍ସବ ୧୫ରେ

କେନ୍ଦ୍ରାପଡା ଅଫିସ, ୭।୨: କେନ୍ଦ୍ରାପଡା ସହରର ମୁକ୍ତାକାଶ ରଙ୍ଗମଞ୍ଚରେ ହେବାକୁ ଥିବା କନ୍ଦରାସୁର ଦରବାର ଓ ତୁଳସୀ ବିବାହ ଉତ୍ସବ ଆସନ୍ତା ୧୫ ତାରିଖକୁ ଘୁଞ୍ଚି ଯାଇଛି । ୧୫ ଓ ୧୬ ତାରିଖରେ ଏହି ଦୁଇଦିନିଆ ଉତ୍ସବ ଅନୁଷ୍ଠିତ ହେବ ବୋଲି ଉତ୍ସବ କମିଟି କର୍ମକର୍ତ୍ତା ଗଣେଶ୍ୱର ସାହୁ ଗଣମାଧ୍ୟମକୁ ଶୁକ୍ରବାର ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସେ ପ୍ରକାଶ କହିଛନ୍ତି ଯେ, ଏହି ମହୋତ୍ସବ ୮ ଓ ୯ ତାରିଖ ଦୁଇଦିନ ଧରି ହେବ ବୋଲି ଥିଲା । ତେବେ ପାଣିପାଗ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ ଏହି ଦୁଇଦିନ ଜିଲାରେ ବର୍ଷାର ପ୍ରଭାବ ରହିବ । ଏହାକୁ ଲକ୍ଷ୍ୟ କରି କମିଟିର ଜରୁରିକାଳୀନ ବୈଠକ ସଭାପତି ରଞ୍ଜିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମହିପାଳିନୀ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ମକର୍ତ୍ତା ବିଜୟଚନ୍ଦ୍ର ପତି, ସୁଭାଷ ଚନ୍ଦ୍ର ସ୍ୱାଇଁ, ଧୀରେନ କୁମାର ସାହୁ, ପ୍ରଦୀପ୍ତ କୁମାର ମହାନ୍ତି, ରବୀନ୍ଦ୍ର ରଥ, ଭାବଗ୍ରାହୀ ସିଂ, ବ୍ରହ୍ମାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉତ୍ସବ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ଦୁଇଦିନ ଧରି ଉତ୍ସବର ସମୟ ସକାଳ ଠାରୁ ରାତି ପର୍ଯ୍ୟନ୍ତ ରହୁଥିବାରୁ ବର୍ଷା ପାଇଁ ସମୟ ପରିବର୍ତ୍ତନ ନିଷ୍ପତ୍ତି ହୋଇଛି ବୋଲି ସାହୁ ପ୍ରକାଶ କରିଛନ୍ତି ।

## ଜଟି ମାତାଙ୍କ ଏକବିଂଶ ଦିବସୀୟ ମହୋତ୍ସବ



ମାର୍ଶାଘାଇ, ୭।୨ (ଡି.ଏନ୍.ଏ.): ମାର୍ଶାଘାଇସ୍ଥିତ ଶିଶୁ ଅନନ୍ତ ଶାଖାର ମାତା ବିଷ୍ଣୁପ୍ରିୟା ଦାସ ( ଜଟିମାତା)ଙ୍କର ୯୬ ବର୍ଷ ବୟସରେ ଗତ ୧୭ ତାରିଖରେ ଦେହାନ୍ତ ଘଟିଥିଲା । ଗୁରୁବାର ଜଟି ମାତାଙ୍କର ଏକବିଂଶ ଦିବସୀୟ ମହୋତ୍ସବ ଗାଁ ମାର୍ଶାଘାଇରେ ଥିବା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅରିଲୋସ୍ଥିତ ଶ୍ରୀମଦ୍ ବାବା ବଳିଆ ଆଶ୍ରମର ସାଧୁ କୁନୁ ଭାଇ, ମଣ୍ଟୁ ଭାଇ ଏବଂ ବାପି ଭାଇଙ୍କ ପରିଚାଳନାରେ ସ୍ୱର୍ଗତ ଜଟିମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ନାମ ସଙ୍କୀର୍ତ୍ତନ ସହ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ଗ୍ରାମର ଟୁକୁନା ନାୟକ, ଚନ୍ଦ୍ରକାନ୍ତ ସ୍ୱାଇଁ, ମୌଳଶ୍ରୀ ସ୍ୱାଇଁ , ନୃସିଂହ ବେହେରା,ବଳରାମ ଲେଙ୍କାଙ୍କ ସମେତ ବାବାଙ୍କ ଆଶ୍ରିତ ଭକ୍ତମାନେ ସହଯୋଗ କରିଥିଲେ ।

## ଆଇନଜୀବୀଙ୍କ ପରଲୋକ

ଡେରାବିଶ,୭।୨(ସ୍ୱ.ପ୍ର.) ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତ ଅନ୍ତର୍ଗତ ହାପିମେଳକ ଗ୍ରାମର ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ କୁମାର ମହାନ୍ତି (୭୬)ଙ୍କ ଗତ ଗୁରୁବାର ଅପରାହ୍ଣରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ଏକାଧାରରେ ଜଣେ ସମାଜସେବୀ, ଆଇନଜୀବୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ରହି ସମାଜସେବା କରୁଥିଲେ । ଏଥିସହ କାଉପଡା ପ୍ରାଥମିକ କୃଷି ସମବାୟ ସମିତିର ନିର୍ଦ୍ଦେଶକ ଥିଲେ ।

## ଶିକ୍ଷା ଜୀବନରେ ସବୁ ସମସ୍ୟାର ସମାଧାନ କରେ

ପଟ୍ଟାମୁଣ୍ଡାଇ/ ଆଳି (ସ୍ୱ.ପ୍ର./ଡି.ଏନ.ଏ.)୭।୨

ଶିକ୍ଷା ମଣିଷକୁ ସଭ୍ୟ କରେ । ଜୀବନରେ ସମସ୍ତ ସମସ୍ୟାର ସମାଧାନ କରିଥାଏ । ବିଦ୍ୟାଳୟ ଶିକ୍ଷା ପ୍ରତିଟି ବିଦ୍ୟାର୍ଥୀକୁ ଅନୁଶାସନ ଶିଖାଇବା ସହ ଜୀବନର ଲକ୍ଷ୍ୟ ପଥରେ ଆଗେଇବାକୁ ଅନୁପ୍ରେରିତ କରିଥାଏ । ଆଳି ବ୍ଲକ ସହିରା ପଞ୍ଚାୟତ ହାଇସ୍କୁଲର ୪୫ତମ ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି ।

ପ୍ରଧାନଶିକ୍ଷକ ନାରାୟଣ ପ୍ରସାଦ ରାଉଳଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ମଦନ ମୋହନ ନାୟକ , ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ରାଉଳ, ଅନ୍ୟତମ ଅତିଥି ଭାବେ ପ୍ରଫେସର ଅନିରୁଦ୍ଧ ରାଉଳ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଇଂ ଅଲେଖ ପ୍ରସାଦ ମହାନ୍ତି , ପ୍ରତିଷ୍ଠାତା ସମ୍ପାଦକ ଶିକ୍ଷାବିତ୍ ଲକ୍ଷ୍ମୀଧର ରାଉତ, ପ୍ରଫେସର ଦାମୋଦର ରାଉଳ, ସମିତି ସଭ୍ୟ ଏକଲବ୍ୟ ପାତ୍ର, ପ୍ରାକ୍ତନ ଏବିଇଓ ମାଗୁଣି ଚରଣ ବିଶ୍ୱାଳ, ପରୀକ୍ଷିତ ପାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ଦିବଙ୍ଗତ କାଳନ୍ଦୀ ମହାନ୍ତିଙ୍କ ସ୍ମୃତି ସମ୍ମାନରେ ବରିଷ୍ଠ ଶିକ୍ଷକ ଓ ପରିବେଶବିତ୍ ଏସ.ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ଶାନ୍ତିଲତା ରାଉଳ, କୁମୁଦ ବନ୍ଧୁ କର, ଅମରେଶ ରାଉଳଙ୍କ ସ୍ମୃତି ସମ୍ମାନ ସ୍ମିତା ପାତ୍ର, ଅମ୍ରିତା ପ୍ରିୟଦର୍ଶିନୀ, ଆଳି ବ୍ଲକ ମାଟ୍ରିକ ଟପ୍ପର ଭାବରେ ଅର୍ପିତା ପ୍ରିୟଦର୍ଶିନୀ ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାକ୍ତନ ପ୍ରଧାନଶିକ୍ଷକ ବନମାଳୀ ଦାଶଙ୍କ ସ୍ମୃତି ସମ୍ମାନ ପଞ୍ଚାୟତ ଅଧୀନ ସମସ୍ତ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଇଥିଲା । କ୍ରୀଡାରେ ବାଳିକା ବିଭାଗରେ ଅଭିପ୍ସା ପାତ୍ର ଓ ବାଳକ ବିଭାଗରେ ନିହାର ରଞ୍ଜନ ରାଉଳଙ୍କୁ ଚମ୍ପିୟନ୍ ସିଲ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା । କ୍ରୀଡା ଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମିନାକ୍ଷୀ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଉତ୍ସବରେ ପଞ୍ଚାୟତର ସରପଞ୍ଚ ଶୁଭଶ୍ରୀ ପାତ୍ର, ସମିତି ସଭ୍ୟା ଜାନକୀ ପାତ୍ର, ଇଂ ଅଲେଖ ପରିଡା, ସଙ୍ଗୀତଜ୍ଞ ବିଜୟ କୁମାର ପାତ୍ର, ପ୍ରତାପ ଜେନା, ରଞ୍ଜିତ ଜେନା, ନିତ୍ୟାନନ୍ଦ ପାତ୍ର, ରାମଚନ୍ଦ୍ର ପାତ୍ର, ପର୍ଶୁରାମ ପାତ୍ର, ଅଲେଖ ଲେଙ୍କାଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ,ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍ ଯୋଗ ଦେଇଥିଲେ । ଶେଷରେ ଶିକ୍ଷୟିତ୍ରୀ ଜ୍ୟୋତିକାନ୍ତି ସାହୁ ଧନ୍ୟବାଦ ଦେଇଥିଲେ । ଉତ୍ସବ ପରିଚାଳନାରେ ଶିକ୍ଷକ ସରୋଜ କୁମାର ଦାଶ ସହାୟତା କରିଥିଲେ ।



ଉତ୍ସବରେ ଉପସ୍ଥିତ ଅତିଥିମାନେ ।

## ବିଦ୍ୟୁତ୍ ବିଲ୍ ସଂଶୋଧନ ଓ ଦେୟ ଆଦାୟ କ୍ୟାମ୍ପ

ପଟ୍ଟାମୁଣ୍ଡାଇ, ୭।୨ (ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲା ବିଦ୍ୟୁତ ଉପଭୋକ୍ତା ଆସୋସିଏଶନ୍ ପକ୍ଷରୁ ତ୍ରୁଟିପୂର୍ଣ୍ଣ ବିଦ୍ୟୁତ ବିଲ୍ ସଂଶୋଧନ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା । ଏହି ଦାବିକୁ ସମର୍ଥନ କରି ପାରାଦୀପ ଅଭିଯୋଗ ପ୍ରତିବିଧାନ ବିଭାଗ ପକ୍ଷରୁ ସ୍ଥାନୀୟ ବିଦ୍ୟୁତ ବିଭାଗ ସେସୁ କାର୍ଯ୍ୟାଳୟ ଠାରେ ନିକଟରେ ବିଦ୍ୟୁତ୍ ବିଲ୍ ସଂଶୋଧନ ଓ ଦେୟ ଆଦାୟ କରାଯାଇଛି । କମ୍ପାନୀ କ୍ୟାମ୍ପର ସଭାପତି ଭାବେ ପ୍ରଶାନ୍ତ କୁମାର ପଟ୍ଟନାୟକ, ସଦସ୍ୟ ବାବୁରାମ ସେଠୀ, ଅବନ୍ତି ବେହେରା ପ୍ରମୁଖ ଯୋଗଦେଇ ଉପଭୋକ୍ତାମାନଙ୍କ ବିଲ୍ ସଂଶୋଧନ କରିବା ସହିତ ଦେୟ ଆଦାୟ କରିଥିଲେ । ଏମାନଙ୍କ ସହିତ ପଟ୍ଟାମୁଣ୍ଡାଇ ସେସୁ ସହକାରୀ ଯନ୍ତ୍ରୀ ବିବେକାନନ୍ଦ ପଣ୍ଡା, ଏନ୍‌ଜେଏନ୍ ବିପିଏମ୍ ପ୍ରଦୀପ୍ତ କୁମାର ସ୍ୱାଇଁ ଉପସ୍ଥିତ ରହି ସହଯୋଗ କରିଥିଲେ । ବିଦ୍ୟୁତ ବିଲ ସଂଶୋଧନ କ୍ୟାମ୍ପ ଶେଷ ସୁଦ୍ଧା ୩୦ ଜଣ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ସଂଶୋଧନ କରାଯାଇ ମୋଟ ୪ ଲକ୍ଷ ୮ହଜାର ଟଙ୍କା ଆଦାୟ କରାଯାଇଥିଲା । ତେବେ ସଂଶୋଧନରେ ଉପଭୋକ୍ତାମାନେ ଲକ୍ଷାଧିକ ଟଙ୍କା ରିହାତି ପାଇଥିବା ଜଣାପଡିଛି । ଏହାଛଡା ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ ଆସିଥିବା ୬୭ଜଣ ଉପଭୋକ୍ତାଙ୍କ ଠାରୁ ଦରଖାସ୍ତ ଗ୍ରହଣ କରାଯାଇଥିଲା । ଆଗାମୀ ଦିନରେ କ୍ୟାମ୍ପ ମାଧ୍ୟମରେ ବିଦ୍ୟୁତ୍ ଦେୟ ଆଦାୟ କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି । ବିଦ୍ୟୁତ୍ ବିଲ୍ ସଂଶୋଧନ କ୍ୟାମ୍ପରେ ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ଭୀମସେନ ପରିଡା, କାର୍ଯ୍ୟକାରୀ ସଭାପତି ଲଳିତ ଧଳ, ଉପସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ତପନ କୁମାର ମିଶ୍ର, ପ୍ରମୋଦ ସାହୁ, ବ୍ରଜବନ୍ଧୁ ଦାଶ, ହରେକୃଷ୍ଣ ଦାଶ, ମାନସ ରାଉତଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

## ସାଇବର ଆଇନ ସଂପର୍କରେ ସଚେତନତା କର୍ମଶାଳା

ମାର୍ଶାଘାଇ,୭।୨(ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ମାର୍ଶାଘାଇ ମହାବିଦ୍ୟାଳୟ ସଭାଗୃହରେ ସାଇବର ଆଇନ ସଂପର୍କରେ ଆଇନଗତ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନ ସେବା ପ୍ରାଧିକରଣ ସଂପାଦକ ମଳୟ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ପ୍ରାଧିକରଣର ସଭାପତି ତଥା ଜିଲା ଜଜ୍ ବାସୁଦେବ ପଣ୍ଡା, ସିଜେଏମ ଜ୍ଞାନରଞ୍ଜନ ପଟ୍ଟନାୟକ, ଜେଏମଏଫ୍‌ସି ଜରିନ୍ ଖାନ୍, ଜେଏମଏଫ୍‌ସି ପାରସ ପାଢୀ, ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ର ଏବଂ ଡିଏସପି ଶୁଭେନ୍ଦୁ ସିହ୍ନା ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସାଇବର ଅପରାଧ ଏବଂ ଆଇନଗତ ସହାୟତା ସଂପର୍କରେ ସଚେତନ କରିଥିଲେ। ଶିକ୍ଷିତ ଯୁବଗୋଷ୍ଠୀ ଅଯଥାରେ ଦୀର୍ଘ ସମୟ ସ୍ମାର୍ଟ ଫୋନ ବ୍ୟବହାର କରୁଥିବା ବେଳେ ସୋସିଆଲ ମିଡିଆରେ ସାଇବର ଠକେଇ ଏବଂ ଅପରାଧ ବଢି ଚାଲିଛି । ତେଣୁ ଆଇନଗତ ସହାୟତା ସହିତ ସତର୍କତା ହିଁ ମଣିଷ ସମାଜକୁ ସାଇବର କ୍ରାଇମ ଠାରୁ ଦୂରେଇ ରଖିପାରିବ ବୋଲି ଅତିଥିମାନେ କହିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଅମୀୟ କୁମାର ଜେନା କର୍ମଶାଳାରେ ସଭାପତିତ୍ୱ କରିଥିବା ବେଳେ ଇଂରାଜୀ ଅଧାପିକା ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ଓଡିଆ ଅଧାପକ ସୁକାନ୍ତ କୁମାର ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଅଧାପକ ପ୍ରଭାତ କୁମାର ଲେଙ୍କା, ଗୋବିନ୍ଦ ବେହେରା, ସୁରେନ୍ଦ୍ର କୁମାର ପଣ୍ଡା, ଦୀପକ କୁମାର ମହାନ୍ତି, ଦୀପକ କୁମାର ଦାସ, ଧିରେନ କୁମାର ଚୌଧୁରୀ, ଆଇନଜୀବୀ ବିଭୂତି ଭୂଷଣ ଦାସ,ବିଚିତ୍ରାନନ୍ଦ ବେହେରା, ଶଙ୍କର୍ଷଣ ରାଉତଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର କର୍ମଶାଳାରେ ଉପସ୍ଥିତ ଥିଲେ।




କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀମାନେ।

## ବିଶ୍ୱ କର୍କଟ ଦିବସ ପାଳିତ

କେନ୍ଦ୍ରାପଡା ଅଫିସ, ୭।୨

କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ କର୍କଟ ଦିବସ ବୁଧବାର ପାଳନ କରାଯାଇଛି । ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଚଳିତବର୍ଷର ବାର୍ତ୍ତା ମୁଁ କର୍କଟ ରୋଗ ବିରୋଧରେ ଲଢୁଛି ଓ ଲଢ଼ିବି ଉପରେ ଆଲୋଚନା ହୋଇଥିଲା । ସିଡିଏମଓ ଡା. ଉର୍ମିଳା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଏଡିଏମଓ ଡା. ମିର୍ଜା ବାବର ବେଗ, ଏଡିଏମଓ ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ପି କେ ଦାସ, ଇନ୍ଦୁପୁର ସିଏଚସି ଅଧିକାରୀ ଡା. ଶ୍ରୀକାନ୍ତ କୁମାର ସ୍ୱାଇଁ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ । କୁଷ୍ଠ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚକମାନେ ମତ ପ୍ରକାଶ କରିଥିବା ବେଳେ ଜିଲାକୁ କୁଷ୍ଠ ରୋଗ ମୁକ୍ତ କରିବା ପାଇଁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ । ଏଥିସହିତ ସରକାରୀ ସହଯୋଗ ଓ ନିରାକରଣ ପାଇଁ ଡଟସ୍‌ର ଭୂମିକାକୁ ଗୁରୁତ୍ୱ ଦେଇଥିଲେ । ଏହି ଆଲୋଚନାଚକ୍ରରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସୁଶାନ୍ତ କୁମାର ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ସଂଯୋଜକ ଆଲୋକ କୁମାର ଦାସ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ । ଏଥିରେ ଆଇସିଡିଏସ ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର କମଚାରୀ ଯୋଗ ଦେଇଥିଲେ ।

## ଅସହାୟ ବୃଦ୍ଧାବୃଦ୍ଧଙ୍କୁ ମାଡ ମାରିବା ଅଭିଯୋଗ

ଡେରାବିଶ,୭।୨ (ସ୍ୱ.ପ୍ର.)

ଡେରାବିଶ ଥାନା ମନ୍ତ୍ରୀପଡା ଗ୍ରାମର ଏକ ଦମ୍ପତିଙ୍କୁ ମାଡ ମରାଯିବା ଘଟଣା ଶୁକ୍ରବାର ଜିଲାପାଳଙ୍କ ନିକଟରେ ପହଞ୍ଚିଛି । ଜିଲାପାଳ ସମର୍ଥ ବର୍ମା ଏହି ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ଦେଇଛନ୍ତି । ଏ ସମ୍ପର୍କରେ ଦାସ କହିଛନ୍ତି ଯେ, ଅଶୀ ବର୍ଷରୁ ଊର୍ଦ୍ଧ୍ୱ ଏହି ବୃଦ୍ଧା ବୃଦ୍ଧ ଦୀର୍ଘ ୨୦ବର୍ଷ ଧରି ପୁଅଠାରୁ ଭିନ୍ନେ ହୋଇ ରହିଛନ୍ତି । ତେବେ ସମ୍ପତ୍ତିକୁ ନିଜ ନାମରେ ଉଇଲ କରିବା ପାଇଁ ବାଧ କରି ତାଙ୍କ ପୁଅ ସେମାନଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି ।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ



ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ଡେରାବିଶ,୭।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ କଲେଜ ଛକସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୧୦ମ ବାର୍ଷିକ ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ଜାଭିୟର ବିଦ୍ୟାଳୟ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ଡ. ହିମାଂଶୁ ଭୂଷଣ ତ୍ରିପାଠୀ ମୁଖ୍ୟଅତିଥି ଓ କେନ୍ଦ୍ରାପଡା ଜବାହାର ନବୋଦୟ ବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦୀ ଅଧ୍ୟାପକ ଫକୀର ଚରଣ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି କୁଞ୍ଜବିହାରୀ ସ୍ୱାଇଁ, ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଡ.ସଚ୍ଚିଦାନନ୍ଦ ମିଶ୍ର, ଚାନ୍ଦୋଳ ମହାବିଦ୍ୟାଳୟର ଅଧକ୍ଷ ମଦନ ମୋହନ ଜେନା, ଜାଭିୟର ବିଦ୍ୟାଳୟ ସମୂହର ସଂଯୋଜକ ଡ. ଶକ୍ତିପ୍ରସାଦ ମହାନ୍ତି, କେନ୍ଦ୍ରାପଡା ରୁଦ୍ରାଣୀ ପବ୍ଲିକ ସ୍କୁଲର ଅଧକ୍ଷା ଡ.ସୌଦାମିନୀ ପଣ୍ଡା ଓ ଡ. ଅକ୍ଷୟ କୁମାର ପରିଡା ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରତାପ କୁମାର ଶତପଥୀ ସ୍ୱାଗତ ଭାଷଣ ଦେବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ଅତିଥିମାନେ ବିଦ୍ୟାଳୟର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ବିଦ୍ୟାଳୟର ସମ୍ପାଦକ ଅରୁଣ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ପୋଲିସ ତଦନ୍ତ ଠପ୍, ତେଜୁଛି ଅସନ୍ତୋଷ

କେନ୍ଦ୍ରାପଡା ଅଫିସ, ୭।୨

**ରଞ୍ଜନ ମୃତ୍ୟୁ ଘଟଣା**


ଓଡିଶା ଜନ ସୂଚନା ଅଧିକାର ଅଭିଯାନ (ଓସା)ର ଜିଲା ଆବାହକ ପାଟକୁରା ଥାନା ମାଣିକପାଟଣା ଗ୍ରାମର ରଞ୍ଜନ କୁମାର ଦାସଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ଅଦ୍ୟାବଧି ପର୍ଦ୍ଦାଫାଶ ହୋଇ ପାରିନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସ ରଞ୍ଜନଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ଦର୍ଶାଇ ତଦନ୍ତକୁ ଶିଥିଳ କରିଛି । ଏହାକୁ ନେଇ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଆଲୋଚନା ଜୋର ଧରିଛି । ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମତ ପ୍ରକାଶ ପାଇଛି । ରଞ୍ଜନଙ୍କ ମୃତଦେହ ଗତ ୧ ତାରିଖରେ ମାର୍ଶାଘାଇ ଥାନା ଭଗବାନପୁର ବେରୁହାଁ ରାସ୍ତାର ଏକ ମୋଡ ନିକଟ ଖାଲରୁ ଉଦ୍ଧାର କରା ଯାଇଥିଲା । ଏହି ଖାଲ ମଧ୍ୟରେ ତଳମୁହାଁ ହୋଇ ରଞ୍ଜନ ପଡିଥିବା ବେଳେ ତାଙ୍କ ଉପରେ ମୋଟର ସାଇକେଲ ଥିଲା । ଦୁର୍ଘଟଣାଗ୍ରସ୍ତ ମୋଟର ସାଇକେଲର ମେନ ଷ୍ଟାଣ୍ଡ ଖୋଲା ରହିଥିବା ବେଳେ ତାଙ୍କ ନିକଟରେ ହେଲମେଟ ଓ ଗୋଟିଏ ମୋବାଇଲ ପଡିଥିଲା । ସେହିପରି ତାଙ୍କ ମୁହଁରେ କ୍ଷତ ଚିହ୍ନ ଥିଲା । ଏଥିସହ ରାସ୍ତା ଠାରୁ ପ୍ରାୟ ୨୦ ଫୁଟ ଦୂର ଖାଲରେ ସେ ପଡିଥିଲେ ହେଁ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ମେଡିକାଲକୁ ନିଆଯାଇ ନ ଥିଲା । ଏପରି କି ରଞ୍ଜନଙ୍କ ମୃତ୍ୟୁ ହୋଇଥିବା କହି ଜିଲା ପୋଲିସ ପ୍ରାୟ ୫ ଘଣ୍ଟା ଧରି ସାଧାରଣ ଲୋକଙ୍କୁ ପାଖକୁ ଛାଡି ନ ଥିଲା ବୋଲି ଓସାର କର୍ମକର୍ତ୍ତା ପ୍ରତାପ ଚନ୍ଦ୍ର ମହାନ୍ତି ଅଭିଯୋଗ କରିଛନ୍ତି । ଏଥିସହିତ ଓସା ପକ୍ଷରୁ ଗୁରୁବାର ସହରର ପ୍ରେସ କ୍ଲବ ପରିସରରେ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ କରାଯାଇ ପୋଲିସ ତଦନ୍ତର ଶିଥିଳତା ନେଇ କ୍ଷୋଭ ପ୍ରକାଶ ପାଇଥିଲା । ସେମାନେ ଦର୍ଶାଇଥିଲେ ଯେ, ରଞ୍ଜନ ବିଭିନ୍ନ ସମୟରେ ଆରଟିଆଇରେ ତଥ୍ୟ ମାଗି ରାଜନେତା, ପ୍ରଶାସକ ଓ ଚିଙ୍ଗୁଡି ବ୍ୟବସାୟୀଙ୍କ ଦୁର୍ନୀତିର ପର୍ଦ୍ଦାଫାଶ କରୁଥିଲେ । ତାଙ୍କୁ ଜୀବନରୁ ମାରି ଦେବା ପାଇଁ ବାରମ୍ବାର ଧମକ ମିଳୁଥିଲା । ଏଥିପାଇଁ ସେ ଘରେ ସିସିଟିଭି ଲଗାଇବା ସହ ପାଟକୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଜିଲା ପୋଲିସ ପଦାଧିକାରୀଙ୍କୁ ମୌଖିକ ଭାବେ ଜୀବନ ପ୍ରତି ବିପଦ ଥିବା ରଞ୍ଜନ ଜଣାଇଥିଲେ । ପୋଲିସ ଏହି ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲା । ସେହିପରି ତାଙ୍କ ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କକୁ ଗତ ୩୧ ତାରିଖରେ ଜଣେ ବ୍ୟକ୍ତି ଚୋରାଇ ନେଇଛନ୍ତି । ଏହାର ତଦନ୍ତ ହୋଇନାହିଁ । ଏଥିସହ ରଞ୍ଜନଙ୍କ ସେହିଦିନର ମୋବାଇଲ କଲ ରେକର୍ଡ ଓ ଜିପିଏସ ରେକର୍ଡର ଯାଞ୍ଚ କଲେ ଅନେକ ତଥ୍ୟ ମିଳିପାରିବ । ପୋଲିସ ଏଥିପ୍ରତି ଦୃଷ୍ଟି ଦେଇନାହିଁ । ଅପରପକ୍ଷରେ ଏହି ସୁପରିକଳ୍ପିତ ହତ୍ୟାକୁ ଏକ ଦୁର୍ଘଟଣାର ରୂପ ଦେବା ପାଇଁ ଜିଲା ପୋଲିସ ପକ୍ଷରୁ ତଦନ୍ତ ବନ୍ଦ ପାଇଁ ଚକ୍ରାନ୍ତ କରାଯାଇଛି ବୋଲି ଓସାର ରାଜ୍ୟ ସଭାପତି ପ୍ରଧାନ କହିଛନ୍ତି ।

ଦୁର୍ଘଟଣା ଓ ହତ୍ୟାର ତୁଳନାତ୍ମକ ଆଲୋଚନା ସାମାଜିକ ଗଣମାଧ୍ୟମରେ ଦିନସାରା ଘୁରି ବୁଲିଥିଲା । ମୋଟର ସାଇକେଲ ଖାଲକୁ ଖସିବା ନେଇ କେତେକ ପ୍ରଶ୍ନ ଉଠାଇଛନ୍ତି ଯେ, ରାସ୍ତା ପାର୍ଶ୍ୱରେ ମାଟି ଥିଲେ ମଧ୍ୟ ଚକା ଗଡିବାର ଚିହ୍ନ ନାହିଁ । ୨୦ ଫୁଟ ଦୂରତାରେ ରଞ୍ଜନ ପଡିବା ସହିତ ମୋଟର ସାଇକେଲ ତାଙ୍କ ଉପରେ ରହିବା ଓ ମୁହଁରେ କ୍ଷତ ହେବା ସନ୍ଦେହ ସୃଷ୍ଟି କରିଛି । ଏଥିସହିତ ଘଟଣାସ୍ଥଳରେ ଏକ ଭଙ୍ଗା ଘର ରହିଛି । ଏହି ପରିତ୍ୟକ୍ତ ଘରେ କେହି ରଞ୍ଜନଙ୍କୁ ହତ୍ୟା କରି ଥାଇ ପାରନ୍ତି ବୋଲି ଆଲୋଚନା ହେବା ସହିତ ୩୧ ତାରିଖ ରାତିରେ ଏକ ଅଜଣା ଗାଡି ବାରମ୍ବାର ଏହି ରାସ୍ତାରେ ଯାତାୟାତ କରିଥିବା ସାମାଜିକ ଗଣମାଧ୍ୟମରେ ଆଲୋଚନା ହେଉଛି । ସେହିଦିନ ରାତିରେ ରଞ୍ଜନ ଏକ ଢ଼ାବାରେ ଖାଇବା ସମୟରେ କେଉଁମାନେ ଥିଲେ ତାହା ତଦନ୍ତ ପରିସରକୁ ଆସିନାହିଁ । ଅପରପକ୍ଷରେ ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦୀ ବେହେରା କହିଛନ୍ତି ଯେ, ରଞ୍ଜନଙ୍କ ଶବ ବ୍ୟବଚ୍ଛେଦ କଟକ ବଡ ମେଡିକାଲରେ ଏକ ତିନିଜଣିଆ ଡାକ୍ତର ଟିମ୍ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟରେ ଦୁର୍ଘଟଣାଜନିତ ମୃତ୍ୟୁ ଦର୍ଶା ଯାଇଥିବାରୁ ଏହି ରିପୋର୍ଟକୁ କୋର୍ଟରେ ପ୍ରଦାନ କରାଯିବ । ସେହିପରି ସୂଚନା ଅଧିକାର କର୍ମୀ ରଞ୍ଜନ ମୃତ୍ୟୁ ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ଓସାର କର୍ମକର୍ତ୍ତା ସଞ୍ଜୁକ୍ତା ପାଣିଗ୍ରାହୀ ଓଡିଶା ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଶୁକ୍ରବାର ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।



କାନାଡାରେ ଛାଡପତ୍ରର ଏକ ଅଜବ ମାମଲା ସାମ୍ନାକୁ ଆସିଛି। ସ୍ତ୍ରୀଙ୍କୁ ଭରପୋଷଣ ଅର୍ଥ ବାବଦରେ ପ୍ରତିଦିନ ୧ ଲକ୍ଷ ଟଙ୍କା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେବା ପରେ ଜଣେ ବ୍ୟବସାୟୀ ୫କୋଟି ଟଙ୍କାରେ ନିଆଁ ଲଗାଇଦେଇଛନ୍ତି। ତାଙ୍କ ନାଁ ବ୍ରୁସ ମ୍ୟାକ୍‌କନ୍‌ଭିଲେ। ବ୍ରୁସ୍‌ଙ୍କ କଥା ବିଚାରପତି ପ୍ରଥମେ ବିଶ୍ୱାସ କରି ନ ଥିଲେ ମଧ ସେ ତାଙ୍କୁ ସମସ୍ତ ପ୍ରମାଣ ଦେଖାଇଥିଲେ। ନିଜର ସମସ୍ତ ସମ୍ପତ୍ତି ବିକି ଟଙ୍କା ବ୍ୟାଙ୍କ୍‌ରେ ରଖିଥିଲେ ବୋଲି ସେ କୋର୍ଟରେ କହିଥିଲେ। ଏହି ଘଟଣା ପାଇଁ ତାଙ୍କୁ ୩୦ ଦିନ ପାଇଁ ଜେଲ୍ ପଠାଯାଇଛି। ଏହାସହ ତାଙ୍କୁ ଜରିମାନା ମଧ ଦେବାକୁ ପଡିବ ବୋଲି ପୋଲିସ କହିଛି।

# ଡିସେମ୍ବରରେ ଆଲିଆ-ରଣବୀରଙ୍କ ବାହାଘର



**ମୁମ୍ବାଇ:** ବଲିଉଡ୍ ପ୍ରେମୀଙ୍କ ପାଇଁ ଏକ ଖୁସି ଖବର। ଯଦି ଆପଣ ରଣବୀର କପୁର ଆଉ ଆଲିୟା ଭଟ୍ଟଙ୍କ ଫ୍ୟାନ୍ ତେବେ ଆପଣଙ୍କୁ ଏହି ଲାଟେଷ୍ଟ ଖବରଟି ନିଶ୍ଚୟ ଉତ୍ସାହିତ କରିଦେବ। ହେଲେ ରଣବୀରଙ୍କ ମହିଳା ଫ୍ୟାନ୍ ଆଉ ଆଲିୟାଙ୍କ ପୁରୁଷ ଫ୍ୟାନ୍‌ମାନେ କିନ୍ତୁ ଏହି ଖବର ଶୁଣିବା ପରେ ତାଙ୍କ ହୃଦୟ ଭାଙ୍ଗିଯିବାର ଆଶଙ୍କା ରହିଛି। ଏତେ ହିଣ୍ଟ୍ସ ମିଳିବା ପରେ ଆପଣମାନେ ନିଶ୍ଚୟ ଜାଣିସାରିଥିବେ ଆମେ କେଉଁ ଖୁସି ଖବର କଥା କହୁଛୁ।

ଆଲିୟା-ରଣବୀରଙ୍କ ବିବାହ ବିଗୁଲ୍ ବାଜିବ। ସାତ ଜନ୍ମର ସାଥୀ ହୋଇ ବିବାହ ବନ୍ଧନରେ ଦୁହେଁ ଆବଦ୍ଧ ହେବେ। ସମୟ ସମୟରେ ଏମାନଙ୍କ ବିବାହ ଗୁଜବ ଉଠୁଥିବାବେଳେ ଏବେ ପୁଣି ଏପରି ଏକ ଖବର ଚର୍ଚ୍ଚାକୁ ଆସିଛି। ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି, ଚଳିତବର୍ଷ ଡିସେମ୍ବରରେ ଆଲିୟା, ରଣବୀରଙ୍କ ବିବାହ ସ୍ଥିର ହୋଇଛି। ଏନେଇ ଉଭୟଙ୍କ ପରିବାର ନିଷ୍ପତ୍ତି ନେଇଥିବାବେଳେ ବନ୍ଧୁବାନ୍ଧବ ତଥା ସମ୍ପର୍କୀୟଙ୍କୁ ମଧ ଖବର ଦିଆସରିଛି ବୋଲି ଜଣାପଡ଼ିଛି।

ବଲିଉଡ୍ ଚକୋଲେଟ୍ ହିରୋ ତଥା ସବୁ ଝିଅଙ୍କ କ୍ରଶ୍ ରଣବୀର କପୁରଙ୍କ ସହ ସୁନ୍ଦରୀ ଆଲିୟା ଭଟ୍ଟଙ୍କ ରିଲେଶନ୍‌ଶିପକୁ ୨ବର୍ଷରୁ ଅଧିକ ସମୟ ହେଲାଣି। ଏମିତିରେ ଉଭୟଙ୍କ ପୂର୍ବରୁ ଅନେକ ଲଭ୍ ଆଫେୟାର୍ସ ଥିଲେ ମଧ ଏଥର ପରସ୍ପରକୁ ନେଇ ସେମାନେ ସିରିୟସ୍ ଅଛନ୍ତି ବୋଲି ଜଣାପଡୁଛି। ଅପ୍‌କମିଂ ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ଉଭୟ ଏକାଠି ନଜରକୁ ଆସିବେ। ଫିଲ୍ମଟି ଆସନ୍ତା ଡିସେମ୍ବର ୪ରେ ରିଲିଜ୍ ହେବ। ଏହାପରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି ଖବର ମିଳିଛି।

ଏପରି କି, ବିବାହ ତାରିଖ ମଧ ସ୍ଥିର ହୋଇଯାଇଥିବା କୁହାଯାଉଛି। ଆଲିୟା-ରଣବୀରଙ୍କୁ ଅନେକ ଇଭେଣ୍ଟ ଓ ପାର୍ଟିରେ ଏକାଠି ଦେଖିବାକୁ ମିଳିଥାଏ। ଦୁହେଁ ଖୋଲାଖୋଲି ନିଜର ସମ୍ପର୍କକୁ ସ୍ୱୀକାର ମଧ କରିଛନ୍ତି। ନିକଟରେ ରଣବୀରଙ୍କ କଜିନ୍ ଅର୍‌ମାନ୍ ମଲ୍ଲିକଙ୍କ ବିବାହ ସେରିମୋନୀରେ ଆଲିୟା-ରଣବୀରଙ୍କ ପରିବାର ପହଞ୍ଚିଥିଲେ। ରଣବୀରଙ୍କ ମା' ନିତୁ ସିଂ ଆଲିୟାଙ୍କ ସହ ଫଟୋ ଉଠାଇଥିବା ଦେଖିବାକୁ ମିଳିଥିଲା। ସେପଟେ ଆଲିୟାଙ୍କ ବାପା ମହେଶ ଭଟ୍ଟ ମଧ ରଣବୀରଙ୍କୁ ପସନ୍ଦ କରିଛନ୍ତି। ରଣବୀର ଜଣେ ଭଲ ପିଲା ବୋଲି ମହେଶ ଅନେକ ଥର କହିଛନ୍ତି। ଏ ସବୁ ଦୃଷ୍ଟିରୁ ଏଥର ଆଲିୟା-ରଣବୀରଙ୍କ ବିବାହ ପକ୍କା ବୋଲି କୁହାଯାଉଛି।



# ବଜେଟର କଭର ପେଜ୍‌ରେ ଗାନ୍ଧିଜୀଙ୍କ ମୃତ୍ୟୁ ବେଳାର ଫଟୋ

ଥିରୁଭାନନ୍ତପୁରମ: କେରଳ ସରକାରଙ୍କ ଦ୍ୱାରା ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ପ୍ରକାଶ କରାଯାଇଥିବା ବଜେଟର କଭର ପେଜ୍‌କୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ସରକାର ଏବେ ଏହାକୁ ନେଇ ଚର୍ଚ୍ଚାର ପରିସରକୁ ଚାଲିଆସିଛନ୍ତି। ବଜେଟର କଭର ପେଜ୍‌ରେ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁ ସମୟର ଏକ ପେଣ୍ଟିଂକୁ ସ୍ଥାନ ଦେଇ ଏବେ କେରଳ ସରକାର ବିବାଦ ଘେରକୁ ଚାଲି ଆସିଛନ୍ତି। ଏହାର ସଫେଇ ଦେବାକୁ ଯାଇ କେରଳର ଅର୍ଥମନ୍ତ୍ରୀ କହିଛନ୍ତି, ଏହା ଏକ ପଲିଟିକାଲ ଷ୍ଟେଟ୍‌ମେଣ୍ଟ। ଏହା ଜଣେ ମାଲୟାଲମ ଚିତ୍ରଶିଳ୍ପୀଙ୍କ ପେଣ୍ଟିଂ ବୋଲି ସେ କହିଛନ୍ତି। ଏହା ମାଧ୍ୟମରେ ଆମେ ବାର୍ତ୍ତା ଦେବାକୁ ଚାହୁଁଛୁ ଯେ ମହାତ୍ମା ଗାନ୍ଧୀଙ୍କୁ କିଏ ହତ୍ୟା କରିଥିଲା। ସେ ଆହୁରି ମଧ ଅଭିଯୋଗ କରିଛନ୍ତି କି, ଏବେ ଇତିହାସ ପୁଣିଥରେ ଲେଖାଯାଉଛି। ରାଷ୍ଟ୍ରୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି) ଆଳରେ ଦେଶ ଓ ସମ୍ପ୍ରଦାୟ ମଧ୍ୟରେ ବିଭାଜନ ସୃଷ୍ଟି କରାଯାଉଛି ବୋଲି ସେ କହିଛନ୍ତି। ଏବେ କିଛି ଲୋକପ୍ରିୟ ସ୍ମୃତିକୁ ଲିଭାଇବାକୁ ଚେଷ୍ଟା କରାଯାଉଛି ହେଲେ କେରଳ ଏକତାର ସୂତ୍ରରେ ବାନ୍ଧି ରହିଛି ବୋଲି ଯୁକ୍ତି ବାଢିଛନ୍ତି ଅର୍ଥମନ୍ତ୍ରୀ।

### କରୋନା ଭାଇରସରୁ ମୁକ୍ତି ପାଇଁ

# ବାଲାଜୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

**ହାଇଦ୍ରାବାଦ:** ତେଲେଙ୍ଗାନାର ଚିଲକୁର ବାଲାଜୀ ମନ୍ଦିରରେ ଗୁରୁବାର ଏକ ସ୍ୱତନ୍ତ୍ର ପୂଜାର ଆୟୋଜନ ଦେଖିବାକୁ ମିଳିଥିଲା। ଏହା କରୋନା ଭାଇରସରୁ ମୁକ୍ତି ପାଇଁ କରାଯାଇଥିବା କୁହାଯାଉଛି। ଚାଇନାରେ ଏବେ ଏହି କରୋନା ଭାଇରସ ସଂକ୍ରମଣରେ ପୀଡିତ ଓ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। କେରଳରେ ୩ ଜଣ କରୋନା ଭାଇରସ ପଜିଟିଭ ବାହାରିବା ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଦେଶରେ ଏହା ଆଉ ନ ବ୍ୟାପୁ ଏହି କାମନା କରି ବାଲଜୀ ମନ୍ଦିରରେ ୪୫ ମିନିଟ ଧରି ବିଶେଷ ପୂଜାର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୨ ହଜାର ଲୋକ ଭାଗ ନେଇଥିଲେ। ମନ୍ଦିରର ପୂଜାରୀ କୁହନ୍ତି, କେବଳ କରୋନା ଭାଇରସ କବଳରୁ ଦେଶବାସୀଙ୍କୁ ରକ୍ଷା କରିବା ପାଇଁ ଏହି ପୂଜା କରାଯାଇଛି। ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ବି ଏହିଭଳି ପୂଜା କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, କରୋନା ଭାଇରସରେ ଏବେସୁଦ୍ଧା ଚାଇନାରେ ୬ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହେଲାଣି।



# ଚାଇନା ତୁଳନାରେ ବ୍ରିଟେନ୍‌ରେ ଭାରତୀୟ ଛାତ୍ର ଅଧିକ

**ଲଣ୍ଡନ :** ବ୍ରିଟେନକୁ ପାଠ ପଢ଼ିବା ପାଇଁ ଆସୁଥିବା ଛାତ୍ରଙ୍କ ମଧ୍ୟରେ ସବୁଠାରୁ ଅଧିକ ଭାରତୀୟ ରହିଛନ୍ତି। ବର୍ଷକୁ ଲକ୍ଷେରୁ ଅଧିକ ଛାତ୍ର ଏଠାକୁ ପଢ଼ିବାକୁ ଆସିଥାନ୍ତି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଭାରତୀୟ ଛାତ୍ରଙ୍କ ସଂଖ୍ୟା ପ୍ରାୟ ୧୦୭ ପ୍ରତିଶତ ଛୁଇଁଛି। ୟୁନିଭରସିଟି ଅଫ୍ ୱେଷ୍ଟ ଇଂଲଣ୍ଡ ଇଣ୍ଟର୍‌ନ୍ୟାଶନାଲ ଡାଇରେକ୍ଟର ପ୍ରଫେସର ପ୍ରିଷ୍ଟଙ୍କ କହିବା ଅନୁସାରେ ଏହି ଛାତ୍ରଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି। ବ୍ରିଟେନ୍‌ରେ ଥିବା ୧୨୦ ପ୍ରମୁଖ ଶିକ୍ଷାନୁଷ୍ଠାନରେ ଭାରତୀୟ ଛାତ୍ରଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ୱେଷ୍ଟ୍ ଇଂଲଣ୍ଡ ଭାରତରେ ଏକ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରୁଛି। ଏଠାରେ ୫୦୦ରୁ ଅଧିକ କୋର୍ସ ଅଫର କରୁଛି। ବିଶେଷକରି ଭାରତୀୟ ଛାତ୍ରମାନେ ସବୁଠୁ ଅଧିକ ବିଜ୍‌ନେସ ମ୍ୟାନେଜ୍‌ମେଣ୍ଟ, ଇଞ୍ଜିନିୟରିଂ, ସୋସିଆଲ ଲାଇଫ୍, ନର୍ସିଂ ଏବଂ ସ୍ୱାସ୍ଥ୍ୟ ବିଷୟରେ ଆଡ୍‌ମିଶନ ନେଉଛନ୍ତି।

ବ୍ରିଟେନ୍ ସରକାର ୨୦୧୯ ସେପ୍ଟେମ୍ବରରେ ଅନ୍ତଃରାଷ୍ଟ୍ରୀୟ ଛାତ୍ରଙ୍କ ପାଇଁ କିଛି ସୁବିଧା ଘୋଷଣା କରିଥିଲେ। ଏଥିରେ ପାଠ ପଢ଼ା ପରେ ୨ ବର୍ଷ ପାଇଁ ଜବ୍ ଭିଜା ଦେବାକୁ ଘୋଷଣା କରାଯାଇଥିଲା। ଏହାଦ୍ୱାରା ଭାରତୀୟ ଛାତ୍ରମାନେ ବ୍ରିଟେନ୍‌ରେ ନିଜର ସଫଳ କ୍ୟାରିୟର ଗଢ଼ିବାର ସୁଯୋଗ ପାଇବେ। ବ୍ରିଟେନ୍‌ରେ ଭାରତୀୟ ଛାତ୍ର ଚାଇନା ତୁଳନାରେ ୩ ଗୁଣ ଏବଂ ସାରା ବିଶ୍ୱରେ ୪ ଗୁଣରୁ ଅଧିକ ବୋଲି ରିପୋର୍ଟରୁ ପ୍ରକାଶ।




# ଭାଲେଣ୍ଟାଇନ୍‌ ୱିକ୍‌ର 'ପ୍ରପୋଜ୍ ଡେ'

**ନୂଆଦିଲ୍ଲୀ:** ବର୍ତ୍ତମାନ ଭାଲେଣ୍ଟାଇନ୍ ୱିକ୍ ବା ପ୍ରେମ ସପ୍ତାହ ଚାଲିଛି। ଫେବୃୟାରୀ ୭ରୁ ୧୪ ପର୍ଯ୍ୟନ୍ତ ଏହି ସପ୍ତାହକୁ ଯୁବପିଢ଼ି ବେଶ୍ ଉତ୍ସାହର ସହ ପାଳନ କରୁଛନ୍ତି। ରୋଜ୍ ଡେ'କୁ ପ୍ରେମର ପ୍ରଥମ ଦିନ କୁହାଯାଉଥିବା ବେଳେ ଦ୍ୱିତୀୟ ଦିନକୁ ପ୍ରପୋଜ୍ ଡେ' ଭାବେ ପାଳନ କରାଯାଏ। କାହାକୁ ମନେ ମନେ ପ୍ରେମ କରିବା ବା ଭଲ ପାଇବା ସହଜ, ମାତ୍ର ଏହାକୁ ପରିପ୍ରକାଶ କରିବା ବହୁ ମୁସ୍କିଲ୍। ଯଦି କାହାକୁ ପ୍ରପୋଜ୍ କରିବାକୁ ଚାହୁଁଥା'ନ୍ତି ତେବେ କିଛି ରୋମାଣ୍ଟିକ୍ ଟିପ୍ସ ଜାଣି ରଖିବା ନିହାତି ଜରୁରୀ। ନଚେତ୍ ମନ ଚାହୁଁଥିବା ସାଥୀଟି ହାତଛଡ଼ା ହୋଇଯିବ। ଏଥିଲାଗି ଯେଉଁ ରାସ୍ତା ଦେଇ ଆପଣଙ୍କ ମନର ମଣିଷ ଯିବା ଆସିବା କରୁଥା'ନ୍ତି ସେହି ରାସ୍ତାରେ କିଛି ପ୍ରେମଭରା କଥା ଲେଖି ପତ୍ରଟିଏ ପକାଇ ଦିଅନ୍ତୁ। ଯେମିତି ସେ ଆପଣଙ୍କ ପ୍ରତି ଆକର୍ଷିତ ହେବେ। ଆଜିକାଲି ତ ଡିଜିଟାଲ ଯୁଗ। ସାଥୀଙ୍କୁ ସାମ୍ନା କରିବାକୁ ଯଦି ସତ୍‌ସାହସ ହେଉନି, ତେବେ ହ୍ୱାଟ୍‌ସଆପ୍, ଫେସ୍‌ବୁକ୍ ମାଧ୍ୟମରେ ମଧ ଏକ ଛୋଟିଆ ଏସ୍‌ଏମ୍‌ସଟି ପଠାଇ ମନର କଥା ପରିପ୍ରକାଶ କରନ୍ତୁ। ମନ ଚାହୁଁଥିବା ସାଥୀଙ୍କୁ ଯଦି କୌଣସି ଉପହାର ପସନ୍ଦ ତେବେ ତାଙ୍କୁ ଦେବାକୁ ଆଦୌ ଭୁଲନ୍ତୁ ନାହିଁ। ସରପ୍ରାଇଜ୍ ପ୍ଲାନିଂ କରି ପ୍ରେମିକା ବା ପ୍ରେମିକ କେଉଁଆଡ଼େ ବୁଲି ଆସନ୍ତୁ। ସୁଯୋଗ ଦେଖି ମନର କଥା ପ୍ରକାଶ କରିଦିଅନ୍ତୁ। ଏହି ଦିନକୁ ହାତଛଡ଼ା ନ କରି ପ୍ରପୋଜ୍ କଲେ ପ୍ରେମ ସଫଳ ହୋଇଥାଏ ବୋଲି କୁହାଯାଇଛି।



# ପେଟରୁ ବାହାରିଲା ଏଲ୍‌ଇଡି ବଲ୍‌ବ

**ଫରିଦାବାଦ୍:** ହରିୟାଣାର ଫରିଦାବାଦରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୦ ବର୍ଷୀୟ ବାଳକଙ୍କ ପେଟରୁ ଏଲ୍‌ଇଡି ବଲ୍ ବାହାର କରାଯାଇଛି। ଫରିଦାବାଦର ସେକ୍ଟର ୬୨ରେ ରହୁଥିବା ପ୍ରମୋଦ କୁମାରଙ୍କ ଭଣଜା ଅଭିଷେକ(୧୦) ଦଶଦିନ ପୂର୍ବେ ଖେଳୁଥିବାବେଳେ ପ୍ରବଳ କାଶ ହୋଇଥିଲା। ଏହାପରେ ଛାତିରେ ଯନ୍ତ୍ରଣା ମଧ ହୋଇଥିଲା। ତାଙ୍କୁ ପରିବାର ଲୋକେ କାଶ ଔଷଧ ଆଣି ଦେଇଥିଲେ। କିନ୍ତୁ କାଶ ଏବଂ ଛାତି ଯନ୍ତ୍ରଣା କମି ନ ଥିଲା। ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ତାଙ୍କ ଶ୍ୱାସନଳୀରେ କୌଣସି ଏକ ଜିନିଷ ଅଟକି ଯାଇଥିବା ଡାକ୍ତରମାନେ କହିଥିଲେ। ଅଭିଷେକଙ୍କ ବୟସ କମ୍ ହୋଇଥିବାରୁ ପେଟରେ ଅପରେଶନ କରାଯିବା ନିରାପଦ ନୁହେଁ ଭାବି ଡାକ୍ତରମାନେ ଆଧୁନିକ ଉପାୟରେ ଶ୍ୱାସନଳୀରେ ଅଟକି ଯାଇଥିବା ଜିନିଷଟିକୁ ବାହାର କରିଥିଲେ। ପରେ ଜଣାପଡିଥିଲା ଉକ୍ତ ଜିନିଷଟି ଖେଳନାରେ ବ୍ୟବହୃତ ହେଉଥିବା ଏଲ୍‌ଇଡି ବଲ୍‌ବ। ଖେଳୁଥିବାବେଳେ ଅଭିଷେକ ତାକୁ ଗିଳିଦେଇଥିବା କୁହାଯାଉଛି।





ଭିକି କୌଶଳ

# ପୁଣି ଚର୍ଚ୍ଚାରେ ଭିକି

**ମୁମ୍ବାଇ:** ବଲିଉଡ୍‌ର ଗଳି କନ୍ଦିରେ ନାୟିକା କ୍ୟାଟ୍ରିନା କୈଫ ଓ ନାୟକ ଭିକି କୌଶଳଙ୍କ ଆଫେୟାର୍ସକୁ ନେଇ ଚର୍ଚ୍ଚା ଚାଲିଛି। ହେଲେ ଏମାନେ ଏପର୍ଯ୍ୟନ୍ତ ଏସମ୍ପର୍କକୁ ନେଇ କିଛି ମନ୍ତବ୍ୟ ଦେଇ ନାହାନ୍ତି। ଏମାନଙ୍କୁ ଦୀପାବଳିରୁ ଆରମ୍ଭ କରି ବିଭିନ୍ନ ବାର୍ଥ ଡେ' ପାର୍ଟିରେ ଏକାଠି ଦେଖିବା ପରେ ଚର୍ଚ୍ଚା ଆହୁରି ବଢିଯାଇଛି। ଅବଶ୍ୟ ନିକଟରେ ଏହି ସମ୍ପର୍କକୁ ନେଇ ଭିକି ମୁହଁ ଖୋଲିଛନ୍ତି। ସେ କହିଛନ୍ତି ପର୍ସନାଲ ଲାଇଫ୍‌କୁ ନେଇ ସେ ସବୁବେଳେ ଖୋଲା। ଏହା ବ୍ୟତୀତ ଆମ ସମ୍ପର୍କକୁ ନେଇ ଏବେ ଯାହା ସବୁ ଆଲୋଚନା ହେଉଛି ତାକୁ ନେଇ ଆଉ ସଫେଇ ଦେବା ଆବଶ୍ୟକ ନାହିଁ। କାରଣ ସେ କେବେ ମିଛ କହିପାରନ୍ତି ନାହିଁ ବୋଲି କହିଛନ୍ତି। ଆଉ ଏଥିରେ କୌଣସି ଷ୍ଟୋରୀ ନାହିଁ ବୋଲି ମଧ ଭିକି ହସିହସି କହିଛନ୍ତି। ଆଉ ଭଲପାଇବା କଥା ଯଦି ଉଠୁଛି ଏହାତ 'ବେଷ୍ଟ ଫିଲିଂ'। ତେବେ କ୍ୟାଟ୍ରିନା ଓ ଭିକିଙ୍କ ଡେଟିଂ ଖବର ସେବେଠାରୁ ଆରମ୍ଭ ହେଲା ଯେବେ କରନ୍ ଜୋହରଙ୍କ ଚାଟ୍ ଶୋ'ରେ ଭିକି କ୍ୟାଟ୍‌ରିନାଙ୍କୁ ପସନ୍ଦ କରନ୍ତି ବୋଲି କହିଥିଲେ। ଏହା ପରେ ଏହି ଯୋଡ଼ିଙ୍କୁ ବହୁବାର ଏକାଠି ଦେଖିବା ପରେ ଏମାନଙ୍କ ରିଲେସନ୍‌ଶିପକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଥିଲା।

## ସଂକ୍ଷେପରେ

### ଏମ୍‌ସିଏଲ୍‌ଆର୍ କମାଇଲା ଏସ୍‌ବିଆଇ

ନୂଆଦିଲ୍ଲୀ,୭-୨-ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ମାର୍ଜିନାଲ କଷ୍ଟ ବେସ୍‌ଡ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍) ବା ଋଣ ସୁଧ ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କ ପକ୍ଷରୁ ୦.୦୫% ଏମ୍‌ସିଏଲ୍‌ଆର୍ ହ୍ରାସ କରାଯାଇଛି। ଏହା ଦ୍ୱାରା ଋଣ ଉପରେ ଗ୍ରାହକ ପ୍ରଦାନ କରୁଥିବା ସୁଧ ହ୍ରାସ ହେବ। ଏହି ଘୋଷଣା ସବୁ ମ୍ୟାଚୁରିଟି ପରିୟଡ ଲାଗି ଲାଗୁ ହେବ। ଏହା ସହ ବ୍ୟାଙ୍କ ସ୍ଥାୟୀ ଜମା ଉପରେ ସୁଧହାର ମଧ ହ୍ରାସ କରିଛି। ଫଳରେ ଗ୍ରାହକଙ୍କୁ ସ୍ଥାୟୀ ଜମା ଉପରେ ମିଳୁଥିବା ଲାଭ ଅପେକ୍ଷାକୃତ କମିବ। ଏସ୍‌ବିଆଇର ଏହି ଘୋଷଣା ୧୦ ଫେବୃୟାରୀଠାରୁ ଲାଗୁ ହେବ ବୋଲି ଜଣାପଡିଛି।

### ଓସା ନିର୍ବାଚନ ପାଇଁ ବାଟ ଫିଟୁଛି

ଭୁବନେଶ୍ୱର,୭।୨(ବ୍ୟୁରୋ) ଓଡ଼ିଶା ସଚିବାଳୟ ସେବା ସଂଘ (ଓସା) ନିର୍ବାଚନ ସମୟ ଅତିକ୍ରାନ୍ତ ହୋଇଯାଇଛି। ନବନିଯୁକ୍ତ ସହକାରୀ ଉପବିଭାଗ ଅଧିକାରୀ(ଏଏସ୍‌ଓ) ଏବଂ କେତେକ ବରିଷ୍ଠ କର୍ମଚାରୀଙ୍କ ସକାରାତ୍ମକ ଉଦ୍ୟମ ଯୋଗୁ ନିର୍ବାଚନ ନେଇ ଆଶା ସଞ୍ଚାର ହୋଇଛି। ୨୦୧୯ ଜୁଲାଇରୁ ଓସା ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି। ହେଲେ ସେମାନେ ପରବର୍ତ୍ତୀ ନିର୍ବାଚନ ନେଇ କୌଣସି ତତ୍ପରତା ପ୍ରକାଶ କରି ନ ଥିଲେ। ପୂର୍ବପଦରେ ରହିବା ପାଇଁ ଓସା ସାଧାରଣ ପରିଷଦ ବୈଠକର ଅନୁମୋଦନ ଆବଶ୍ୟକ ହୋଇଥାଏ, ହେଲେ ଏହା ନ କରି କାର୍ଯ୍ୟକର୍ତ୍ତା ନିଜ ଦାୟିତ୍ୱରେ ପୂର୍ବପରି ରହିଥିବା ଲକ୍ଷ୍ୟ କରାଯାଇଥିଲା। ଗତବର୍ଷ ଓସାର ୧୨୦୦ ସଭ୍ୟ ଗୃହ ବିଭାଗର ଦୃଷ୍ଟି ଆକର୍ଷଣ କରି ନିର୍ବାଚନ ପାଇଁ ଦାବି କରିଥିଲେ। ଏହି ଦାବିକୁ ବିଚାର କରି ଗୃହ ବିଭାଗ ପକ୍ଷରୁ ୨୦୧୯ ଅକ୍ଟୋବର ଶେଷସୁଦ୍ଧା ସମସ୍ତ ପ୍ରକ୍ରିୟା ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। ଇତିମଧ୍ୟରେ ନୂତନ ଏଏସ୍‌ଓମାନେ ପୁରାତନ କର୍ମଚାରୀ ଏବଂ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ନିର୍ବାଚନ ପାଇଁ ପ୍ରବର୍ତ୍ତାଇଛନ୍ତି। ସେମାନଙ୍କ ଉଦ୍ୟମରେ ୨ଟି ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଅନେକ ବିଷୟରେ ସହମତି ଆସିପାରିଛି। ସେହିଭଳି ପରବର୍ତ୍ତୀ ବୈଠକକୁ ସମସ୍ତ ସଭ୍ୟଙ୍କୁ ଡକାଯାଇଥିବା ଜଣାପଡ଼ିଛି। ଏହି ବୈଠକରେ ଓସା ନିର୍ବାଚନ ପାଇଁ ବାଟ ଫିଟିବ ବୋଲି ଜଣାପଡ଼ିଛି।

# ସାହସ ଦେଖାଇଲେ ୨ କିଶୋର

## କେନାଲରେ ଭାସିଯାଉଥିବା ଷ୍ଟୁଡିଓ ମାଲିକଙ୍କ ଜୀବନ ବଞ୍ଚାଇଲେ

ଜୟପୁର,୭।୨(ଡି.ଏନ୍.ଏ.)

ମର୍ଣ୍ଣିଂ ୱାକ୍ ପାଇଁ ଯାଇଥିବା ଜଣେ ଷ୍ଟୁଡିଓ ମାଲିକଙ୍କ ମୁଣ୍ଡ ଘୂରାଇଦେବାରୁ ସେ କେନାଲ ପୋଲ ଉପରେ ଦଣ୍ଡେ ବସିପଡ଼ିଥିଲେ। କିନ୍ତୁ ହଠାତ୍ ସେ କେନାଲ ପାଣିକୁ ଖସିପଡ଼ିଲେ। ସ୍ରୋତରେ ତାଙ୍କ ଜୀବନର ତରି ବୁଡ଼ିବାକୁ ବସିଥିବା ବେଳେ ଏହି ସମୟରେ ଦେବଦୂତ ସାଜିଲେ ୨ ଜଣ କିଶୋର। କେନାଲ ପାଣିକୁ ଲମ୍ଫ ମାରି ସେହି ଦୁଇ ସାହସୀ କିଶୋର ନିଶ୍ଚିତ ମୃତ୍ୟୁ କବଳରୁ ଷ୍ଟୁଡିଓ ମାଲିକଙ୍କୁ ଉଦ୍ଧାର କରିଛନ୍ତି। କୋରାପୁଟ ଜିଲା ଜୟପୁର ସହରର ଏହି ଦୁଇ କିଶୋରଙ୍କର ସାହସିକତା କେବଳ ପ୍ରଶଂସା ସାଉଣ୍ଟିନି, ବରଂ ସ୍ଥାନୀୟ ଥାନା ଅଧିକାରୀ ସେମାନଙ୍କୁ ସମ୍ମାନିତ ମଧ କରିଛନ୍ତି।

ସୂଚନା ଅନୁଯାୟୀ, ଜୟପୁର ସହରର ଗାନ୍ଧିଛକ ନିକଟସ୍ଥ କୋଲାବ ଇରିଗେସନ କେନାଲକୁ ଶୁକ୍ରବାର ସକାଳ ସାଢ଼େ ୬ଟାରେ ଗାଧୋଇବା ପାଇଁ ଯାଇଥିଲେ ସ୍ଥାନୀୟ ଡଙ୍ଗାଗୁଡ଼ାର କିଷାନ ମାଝି (୧୯) ଓ ସଞ୍ଜୟ ପୂଜାରୀ (୧୭)। ସେହି ସମୟରେ କେନାଲରେ କେହି ଜଣେ ବୁଡ଼ିଯାଉଥିବା ଦେଖି ସେମାନେ ତୁରନ୍ତ ପାଣିକୁ ଲମ୍ଫ ମାରି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଉଦ୍ଧାର ହୋଇଥିବା ବ୍ୟକ୍ତି ଜଣକ ହେଲେ ସ୍ଥାନୀୟ ଫଟୋ ଷ୍ଟୁଡିଓର ମାଲିକ ବାଲାଜୀ ସାହୁ (୫୨)। ଉଦ୍ଧାର ବେଳେ ସେ ଚେତାଶୂନ୍ୟ ଥିବାବେଳେ ସେଠି ଜମା ହୋଇଥିବା ଲୋକଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ ତାଙ୍କୁ ଡାକ୍ତରଖାନା ନେଇ ନ ଥିଲେ। ଜଣେ ଗଣମାଧ୍ୟମ ପ୍ରତିନିଧି ଫୋନ୍ କରି ଥାନାକୁ ସୂଚନା ଦେବା ପରେ ପିସିଆର୍ ଭ୍ୟାନ୍ ସେଠାରେ ପହଞ୍ଚି ବାଲାଜୀଙ୍କୁ ମେଡିକାଲ ନେଇ ଚିକିତ୍ସା କରାଇଥିଲା। ଉଦ୍ଧାର କରିଥିବା ଦୁଇ ସାହସୀ କିଶୋର ସ୍ଥାନୀୟ ଆଇଟିଆଇର ଛାତ୍ର ଅଟନ୍ତି। ଜୟପୁର ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି ସେମାନଙ୍କୁ ଥାନାକୁ ଡାକି ନୂତନ ପୋଷାକ ଦେବା ସହ ସମ୍ମାନିତ କରିଥିଲେ। ସେମାନଙ୍କୁ ସାହସିକତା ପୁରସ୍କାର ପାଇଁ ସରକାର ସୁପାରିସ୍ କରିବାକୁ କୋରାପୁଟ ଜିଲା ଡମ ସଙ୍ଗଠନ ସଭାପତି ପବିତ୍ର ମାଝି ଦାବି କରିଛନ୍ତି।

**ସମ୍ମାନିତ କଲେ ଥାନା ଅଧିକାରୀ**



ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିରାଡ଼ି ମାଇ ଓଲିଆ ଦେଖି
ମୂଷା କରମ କରୁଛି ବସି ।**

ବିଲେଇ ପ୍ରତି ମୂଷାର ଅହେତୁକ ଭୟ ରହିଥାଏ। ମୂଷା ଧରିବାରେ ବା ମାରିବାରେ ବିଲେଇ ଯଦି ଅସମର୍ଥ ହୁଏ ତେବେ ଏହା ପରୋକ୍ଷରେ ମୂଷା ପ୍ରତି ଆଶୀର୍ବାଦ ପାଲଟିଯାଏ। ପରୋକ୍ଷରେ ଉପରିସ୍ଥ ଅଧିକାରୀ ଅଯୋଗ୍ୟ ହୋଇଥିଲେ ଅଧସ୍ତନ କର୍ମଚାରୀ ଏଥିରୁ ପୂରା ଫାଇଦା ହାସଲ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବଣ ଦିଅଁକୁ ପତର ପୂଜା
ବାଲି ଗରଡ଼ାକୁ ଚାଉଳ ଭଜା ।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯାହାକୁ ଯେମିତି, ଯେଉଁଠି ଯେମିତି ତାହା ହିଁ କରିବା ଠିକ୍। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିଧାନସଭା ପାଇଁ ସବୁ ଦଳର ସଜବାଜ

## ୧୩ରେ ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୭।୨(ବ୍ୟୁରୋ):

ଆସନ୍ତା ୧୪ ତାରିଖରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ୧୮ ତାରିଖରେ ରାଜ୍ୟ ସରକାର ଗୃହରେ ବଜେଟ ଉପସ୍ଥାପନ କରିବେ। ତେବେ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗୃହରେ ଶାସକ ଦଳ ନେତାଙ୍କ ଆଭିମୁଖ୍ୟ କ'ଣ ରହିବ ସେ ନେଇ ବିଧାୟକ ଦଳ ବୈଠକ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ନମ୍ବର ପ୍ରକୋଷ୍ଠରେ ବସିବାକୁ ଥିବା ଏହି ବୈଠକରେ ବିରୋଧୀଙ୍କୁ କିପରି ମୁକାବିଲା କରାଯିବ ତା'ଉପରେ ଆଲୋଚନା ହେବ। ଏହାସହ ବିଜେଡି-ଭାଜପା ମଧ୍ୟରେ ଭିତିରି ବୁଝାମଣା ରହିଥିବା ସାଧାରଣରେ ଜୋର୍‌ଦାର ଚର୍ଚ୍ଚା ହେଉଥିବା ବେଳେ କଂଗ୍ରେସ ଏହି ପ୍ରସଙ୍ଗକୁ ଗୃହରେ ଉପସ୍ଥାପନ କରିବ। ତେଣୁ ସାଧାରଣରେ ସୃଷ୍ଟି ହୋଇଥିବା ଚର୍ଚ୍ଚାରେ ବ୍ରେକ୍ ଲଗାଇବା ଏବଂ କଂଗ୍ରେସ ଶାସକ ଦଳ ବିରୋଧରେ ଅଭିଯୋଗ ଆଣିବା ଆଗରୁ କେନ୍ଦ୍ର ଅବହେଳା ପ୍ରସଙ୍ଗକୁ ବିଜେଡି ଗୃହରେ ଶାଣିତ କରିବ। ରେଲୱେ ବଜେଟରେ ଗତଥର ଅପେକ୍ଷା ଓଡିଶାର ଅନୁଦାନ ହ୍ରାସ କରାଯିବା ଆଦି ବିଭିନ୍ନ ପ୍ରସଙ୍ଗକୁ ବିଜେଡି ଗୃହରେ ଉଠାଇବ ବୋଲି ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳ ବୈଠକ ମଧ ଆସନ୍ତା ୧୩ରେ ଅନୁଷ୍ଠିତ ହେବ ବୋଲି ବିଧାୟକ ସନ୍ତୋଷ ସିଂ ସାଲୁଜା ସୂଚନା ଦେଇଛନ୍ତି। ସାଲୁଜା କହିଛନ୍ତି ଯେ, ଆସନ୍ତା ବଜେଟ ଅଧିବେଶନ ସମୟରେ ବିଜେଡି ଓ ଭାଜପାର ଭିତିରି ସମ୍ପର୍କ କଥା ଉଠାଯିବ। ରେଲୱେ ଅନୁଦାନ ହ୍ରାସ କରାଯିବା, କାଳିଆ ଟଙ୍କା ଲୋକଙ୍କ ପାଖକୁ ନ ଯିବା, ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଚାଷୀ ସମସ୍ୟାକୁ ବିଧାନସଭାରେ କଂଗ୍ରେସ ଜୋର୍‌ଦାର କରିବ । ସମାନ ଭାବେ ଭାଜପାର ବିଧାୟକ ଦଳ ବୈଠକ ମଧ ୧୩ ତାରିଖରେ ବସିବାକୁ ନିଷ୍ପତ୍ତି ହୋଇଛି। ହେଲେ ଦଳ ବିଧାନସଭାରେ ଏଥର କିଭଳି ଆଭିମୁଖ୍ୟ ରଖିବ ସେନେଇ ଚୂଡାନ୍ତ ନିଷ୍ପତ୍ତି ନିଆ ନ ଯିବା ପର୍ଯ୍ୟନ୍ତ କିଛି କୁହାଯାଇପାରିବନି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି।

# ପରୀକ୍ଷା କେନ୍ଦ୍ର ଚୂଡ଼ାନ୍ତ ପାଇଁ କମିଟିରେ ଛିଣ୍ଡୁନି ଅଙ୍କ

ଭୁବନେଶ୍ୱର, ୭।୨(ବ୍ୟୁରୋ):

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କରାଯାଇଥିବା ପରୀକ୍ଷା କେନ୍ଦ୍ର ଚୟନରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। ଯୁକ୍ତ୨ ପରୀକ୍ଷା କମିଟି ସଭ୍ୟ ଏଭଳି ଗୁରୁତର ଅଭିଯୋଗ ଉଠାଇଛନ୍ତି। କମିଟି ସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କିଛି ଅସାଧୁ କର୍ମଚାରୀ ଟଙ୍କା ଖାଇ ପରୀକ୍ଷା କେନ୍ଦ୍ର ଚୟନରେ ଦୁର୍ନୀତି କରିଛନ୍ତି। କମିଟି ପକ୍ଷରୁ ପୂର୍ବରୁ କରାଯାଇଥିବା ପରୀକ୍ଷା କେନ୍ଦ୍ର ତାଲିକା ପରିବର୍ତ୍ତେ ଆଉ ଏକ ନୂଆ ତାଲିକା ପ୍ରକାଶ କରାଯାଇଛି। ଯେଉଁ କଲେଜଗୁଡିକରେ ପୂର୍ବବର୍ଷ କପି ହୋଇନାହିଁ କିମ୍ବା ପରୀକ୍ଷା କେନ୍ଦ୍ରକୁ ବାତିଲ କରାଯାଇନାହିଁ ସେଠାରେ ଏଥର ପରୀକ୍ଷା କେନ୍ଦ୍ର କରିବା ଲାଗି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର କମିଟି ପ୍ରସ୍ତାବକୁ ବେଖାତିର କରି ମନଇଚ୍ଛା ପୁରୁଣା ତାଲିକାକୁ ବଦଳାଇ ଦିଆଯାଇଛି। ଏହି ପ୍ରସଙ୍ଗ ଆସନ୍ତା ବିଧାନସଭା ଅଧିବେଶନରେ ଉଠାଯିବ ବୋଲି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି। ଏହାସହ କମିଟିର ସଦସ୍ୟ ବିଧାୟକ କିଶୋର ପଟେଲ ମଧ ସମାନ କଥା କହିଛନ୍ତି।

ସୂଚନାଯୋଗ୍ୟ ଯେ, ଶୁକ୍ରବାର ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡର ପରୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କମିଟିରେ ୧୦ ଜଣ ସଦସ୍ୟ ଥିବାବେଳେ ସେଥିରେ ଦୁଇଜଣ ବିଧାୟକ, ୪ଜଣ କଲେଜ ସଦସ୍ୟ ଏବଂ ବାକି ୪ଜଣ ସରକାରୀ କଲେଜର ଅଧ୍ୟାପକ ଅଛନ୍ତି। ପୂର୍ବଥର ଏହି କମିଟିର ବୈଠକ ସମୟରେ କେଉଁଠାରେ ପରୀକ୍ଷା କେନ୍ଦ୍ର ହେବ ସେନେଇ ନିଷ୍ପତ୍ତି ହୋଇଥିଲା। ହେଲେ କମିଟିର ସମସ୍ତ ସଦସ୍ୟଙ୍କୁ ପଚରା ନ ଯାଇ ନୂଆ ତାଲିକା ପ୍ରସ୍ତୁତ ହେବା ସହ ଏହାର ନିର୍ଦ୍ଦେଶନାମା ଜାରି କରାଯାଇଛି। ତେଣୁ ଏହାକୁ ବିରୋଧ କରି ୪ ଅଧ୍ୟାପକଙ୍କ ସମେତ ଦୁଇ ବିଧାୟକ ବୈଠକ ଅଧାରୁ ଉଠିଆସିଛନ୍ତି। ତେବେ କମିଟିର ୧୦ଜଣ ସଦସ୍ୟ ମଧ୍ୟରୁ ୬ଜଣ ଏଭଳି ଅଭିଯୋଗ ଉଠାଇବା ପରେ ସମସ୍ୟା ଆହୁରି ବଢିଯାଇଛି।

ଏଭଳି ପରିସ୍ଥିତିରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ନିୟମାନୁଯାୟୀ ଯଦି କମିଟି ସଦସ୍ୟଙ୍କ ମଧ୍ୟରେ ପରୀକ୍ଷା କେନ୍ଦ୍ର ଚୂଡାନ୍ତ କରିବା ସମ୍ପର୍କିତ ମତଭେଦ ରୁହେ ତେବେ ସେନେଇ ବିଭାଗ ନିଷ୍ପତ୍ତି ନେବ। ତେବେ ଏଭଳି ମତଭେଦ ଦେଖାଦେବା ପୂର୍ବରୁ ପରୀକ୍ଷା କେନ୍ଦ୍ର ଚୂଡାନ୍ତ କରିବାକୁ ଆସିଥିବା ଚିଠି ଉପରେ ବିଭାଗ କାର୍ଯ୍ୟ ଏକପ୍ରକାର ଶେଷ କରିସାରିଥିବା ଦାଶ କହିଛନ୍ତି।

- ମତଭେଦ ହେଲେ ନିୟମାନୁଯାୟୀ ବିଭାଗ ନେବ ନିଷ୍ପତ୍ତି: ମନ୍ତ୍ରୀ
- ବିଧାନସଭାରେ ଉଠିବ ପ୍ରସଙ୍ଗ: ସାଲୁଜା
- ବୈଠକରୁ ଉଠିଆସିଲେ ୬ ସଦସ୍ୟ

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନ୍ୟାଶନାଲ ଡିଫେନ୍ସ ଏକାଡେମୀ ପ୍ରତିନିଧି ଦଳ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ନ୍ୟାଶନାଲ ଡିଫେନ୍ସ କଲେଜ ପ୍ରତିନିଧିଦଳ ଲୋକସେବା ଭବନରେ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୭।୨(ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଡିଫେନ୍ସ କଲେଜର ଏକ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏୟାରଚିଫ୍ ମାର୍ଶଲ ବି.ଭି ଉପାଧ୍ୟାୟଙ୍କ ନେତୃତ୍ୱରେ ଲୋକସେବା ଭବନରେ ଡିଫେନ୍ସ କଲେଜର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଓ ବାର୍ତ୍ତାଳାପ କରିଥିଲେ। ଏହି ପ୍ରତିନିଧି ଦଳ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି।

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ୫-ଟି ମନ୍ତ୍ର ଏବଂ ମୋ ସରକାର କାର୍ଯ୍ୟକ୍ରମ ସମ୍ପର୍କରେ ବାର୍ତ୍ତାଳାପ ହୋଇଥିଲା। ଏହା ଦ୍ୱାରା ଜନସାଧାରଣଙ୍କୁ ଅଧିକ ଦୃଢ଼ଭାବେ ପ୍ରଶାସନିକ ସୁବିଧା ଯୋଗାଇ ଦିଆଯାଇ ପାରୁଛି। ତେଣୁ ଏହି ଉଦ୍ୟମକୁ ପ୍ରତିନିଧି ଦଳ ଉଚ୍ଚ ପ୍ରଶଂସା କରିଛନ୍ତି। ବିଶେଷ କରି ରାଜ୍ୟ ସରକାରଙ୍କ ଜମିଜମା ସମ୍ବନ୍ଧୀୟ ବନ୍ଦୋବସ୍ତ, ଭୂମିହୀନଙ୍କୁ ଜମି ପ୍ରଦାନ କାର୍ଯ୍ୟକ୍ରମ ସୁଦୂରପ୍ରସାରୀ ହୋଇପାରିଛି। ଏହି ପଦକ୍ଷେପକୁ ପ୍ରତିନିଧି ଦଳ ସ୍ୱାଗତ କରିବା ସହ ସରକାରଙ୍କୁ ସାଧୁବାଦ ଜଣାଇଥିଲେ। ତୃଣମୂଳସ୍ତରରେ ବିଭିନ୍ନ ସରକାରୀ ଯୋଜନା କିପରି କାର୍ଯ୍ୟକାରୀ ହେଉଛି, ତାହା ଏହି ଦଳ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ଅନୁଧ୍ୟାନ କରିବ। ପ୍ରତିନିଧି ଦଳରେ ୧୪ ଜଣ ବରିଷ୍ଠ ପ୍ରତିରକ୍ଷା ଏବଂ ପ୍ରଶାସନିକ ଅଧିକାରୀ ରହିଛନ୍ତି। ଏହା ମଧ୍ୟରେ ୪ ଜଣ ବିଦେଶୀ ଅଧିକାରୀ ଏବଂ ୨ ଜଣ ମହିଳା ରହିଛନ୍ତି। ଜଣେ ମହିଳା ଆଇପିଏସ୍ ଅଧିକାରୀ ଏବଂ ଅନ୍ୟ ଜଣେ ଆଇଆରଏସ୍ ଅଧିକାରୀ ଅଟନ୍ତି। ସର୍ବଭାରତୀୟସ୍ତରରେ ଷ୍ଟ୍ରାଟେଜି ଲର୍ନିଂ ପାଇଁ ଡିଫେନ୍ସ ଏକାଡେମୀ ଏକ ଉତ୍କୃଷ୍ଟ ମାଧ୍ୟମ। ଏଥିରେ ସର୍ବଭାରତୀୟ ପ୍ରଶାସନିକ ସେବା ଏବଂ ଇଣ୍ଡିଆନ୍ ଆର୍ମଡ ଫୋର୍ସର ଅଧିକାରୀମାନେ ଅଧ୍ୟୟନ କରିଥାଆନ୍ତି। ସେହିପରି ଭାରତର ମିତ୍ର ଦେଶ ଯଥା-ଆମେରିକା, ୟୁରୋପର କେତେକ ରାଷ୍ଟ୍ର, ଶ୍ରୀଲଙ୍କା, ନେପାଳ, ୟୁଏଇ ଏବଂ ଅନ୍ୟ କେତେକ ରାଷ୍ଟ୍ରର ପ୍ରତିନିଧି ଡିଫେନ୍ସ କଲେଜରେ ଅଧ୍ୟୟନ ସୁଯୋଗ ଲାଭ କରିଥାଆନ୍ତି।

# କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ହାଇକୋର୍ଟ ନୋଟିସ

- ବାଲେଶ୍ୱର ଲୋକ ସଭା ନିର୍ବାଚନୀ ମାମଲା

କଟକ ଅଫିସ,୭।୨

ବାଲେଶ୍ୱର ଲୋକ ସଭା ନିର୍ବାଚନୀ ମାମଲାରେ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଶୁକ୍ରବାର ହାଇକୋର୍ଟ ପକ୍ଷରୁ ଜବାବ୍ ଦାଖଲ ପାଇଁ ନୋଟିସ୍ ଜାରି କରାଯାଇଛି। ଏହି ଲୋକ ସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ବେଳେ ସତ୍ୟପାଠରେ ନିଜ ବିରୋଧରେ ଥିବା ଅନେକ ଆପରାଧିକ ମାମଲା ଲୁଚାଇଥିବା ନେଇ ମହମ୍ମଦ ସହିରୁଲ୍ ହକ୍ ନାମକ ଜଣେ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଷଡ଼ଙ୍ଗୀଙ୍କ ସଭ୍ୟପଦ ରଦ୍ଦ କରିବାକୁ ସେ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧାର୍ଥ ପ୍ରସାଦ ଦାସ ମାମଲା ପରିଚାଳନା କରୁଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

SRIRAM HOSPITAL, BERHAMPUR
Jayaprakashnagar 1st in, Berhampur 760010
Mob : 9437095359
(1) X-Ray Tech-1 No. (2) Pathology Tech (DMLT)-1 No. (3) Manager (Marketing)-1 No. (4) OT Tech-1 No. (5) Data Entry Operator-1 No. (6) Resident Medical Officer-2 Nos. (7) Pathology Dr.-1 No. (8) Radiology Dr.-1 No. (9) Accountant-1 No. (10) GNM-2 Nos. (1Yr. Exp.).
Walk in interview:
Apply Now, Resident facilities available

One of the fast emerging organisation headquartered in Bhubaneswar requires
Sales Consultant, experience in Medical Industry or Insurance field for All Districts of Odisha. Interested candidates may pls apply in confidence. Interested candidate can opt Salary or freelance.
Contact : +91-9938490257
+91-7978028985
or please mail your Resume/ CV to
medisafeodisha@gmail.com
Date of Interview 10th & 11th of February 2020

Wanted Life Insurance Agent / Advisor, Unlimited Income Source, *Flexible working hours
*Qualification : 10th / +2/ Graduate, Area of Operation - Cuttack, Athagarh, Badamba, Tigiria, Narsingpur, and Trishulia.
Contact : 9439801379, 7008823334

REQUIRED TRAINED TEACHER FOR EACH SUBJECT (2 ND / 3RD POST)
RDM PUBLIC SCHOOL
Kalarahanga Rd, Near Axis Bank, Patia, Bhubaneswar, Odisha-751024
Contact No. 9337325035
9668484511

ଲେଡିଜ୍ ଡ୍ରେସ୍ ବୁଟିକ୍ ପାଇଁ
ଅଭିଜ୍ଞ କଟିଂ ମାଷ୍ଟର, ଅଭିଜ୍ଞ ମ୍ୟାନେଜର ଓ ଲେଡିଜ୍ ଟେଲର୍ ଆବଶ୍ୟକ।
ସ୍ଥାନ- ପଟିଆ, ଭୁବନେଶ୍ୱର
ଯୋଗାଯୋଗ: 7381899999
9937152893

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲ୍‌ପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

SALES OFFICER Require for Reputed Limited PAINTS COMPANY for WESTERN ORISSA, KEONJHAR, ANUGUL, JAJPUR
PH :-
7381018881, 09823430881

RBM Group of Security, BBSR
Security ସଂସ୍ଥା ପାଇଁ Security Guard, House Keeping, Waiter, Service Boy, Peon, Attendant ଆବଶ୍ୟକ।
Contact : 9438004018, 7992916586, 6370566744

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ପାଇଁ ଯୁବକ/ଯୁବତୀ ଆବଶ୍ୟକ। ଯୋଗ୍ୟତା: 10th/ above. ବୟସ: (18-35)yrs.
Monthly Salary upto Rs. 27000/-
(Part Time / Full Time)
Contact : 9938676412

(୧) ମଇଶୂରପାକ ତିଆରି ପାଇଁ ମିସ୍ତ୍ରି ଆବଶ୍ୟକ। (୨) ଜଳଖିଆ ତିଆରି ପାଇଁ ମିସ୍ତ୍ରି ଆବଶ୍ୟକ। (୩) କିଛି କାମ ଜାଣି ନ ଥିବା ଫ୍ରେସ୍ ପିଲା ଆବଶ୍ୟକ, ଯେଉଁ ମାନଙ୍କୁ କାମ ଶିଖାଇ ମିସ୍ତ୍ରି କରାଯିବ। ରହିବା ସୁବିଧା ଅଛି। ପ୍ରାର୍ଥୀଙ୍କ ସହିତ ଆଲୋଚନା କରି ଦରମା ସ୍ଥିର କରାଯିବ।
ଫୋନ୍ : 9938715759

Do you want to be Somebody not anybody
Leading FMCG/Tobacco Co.
requires the following personnel (area wise) for
West Bengal, Bihar, Jharkhand, Odisha, Arunachal Pradesh, Assam, Meghalaya, Manipur, Mizoram, Nagaland and Tripura.
Area Sales Manager
(1 post for each area)
Graduate with minimum 3-years experience in similar position in FMCG sector.
Senior Sales Executive
(4 post for each area)
Graduate with minimum 2-years experience in similar position in FMCG sector.
Interested candidates may send their CV to sharad.lakhani16@gmail.com within 7 days.

Wanted Lady ABACUS Teacher for Forest Park Center.
Walk In Interview
From 5th Feb-12th Feb
Contact : 2595197
7327868528 (M)

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

WALK IN INTERVIEW
BLOSSOMS SCHOOL
Affiliated to CBSE, New Delhi
Wanted TGT teachers for English ,Social Science & Biology
Candidates are requested to come with their updated CV/ Resume,photo along with all certificates in original and xerox.
Date of Interview
10/02/2020
Time: 9:30 am to 1:00 pm
Address: Plot No.-5(GA), Bharatpur,BBSR,Contact: 9937478699

बैंक ऑफ इंडिया Bank of India BOI
KEONJHAR ZONAL OFFICE, Mining Road, Keonjhar, Odisha-758001
ENGAGEMENT OF FACULTY AT RSETI KEONJHAR AND FINANCIAL LITERACY COUNSELOR AT FLCC BARIPADA
1. RSETI, KEONJHAR : No. of vacancy for faculty-1(one), Eligibility: Should be a Graduate, Diploma in vocational course preferably and resident of the District where the RSETI is located. Age: Min. 25 years to Maximum 65 years. Experience: 2yrs. as inhouse faculty or visiting faculty and possess good knowledge in computer. Monthly Remuneration: Rs 20000/- per month on consolidated basis. Period of contract-2years.
2. FLCC Baripada : No. of vacancy-1(one). Eligibility: Educational qualification-Graduate. Age: Should not exceed 62 years as on date of application. The applicant should have sound knowledge in banking & finance preferably retired officer of Bank of India, Scheduled commercial Banks and RRBs. He should be proficient in ODIA language. Monthly Remuneration: Rs 18000/- consolidated. An additional amount of Rs. 500/- towards telephone on declaration basis. A lump sum amount of Rs. 1500/- is payable in lieu of not providing conveyance, provided they are holding minimum 8(eight) outdoor camps per month.
Application Form along with details terms and conditions are available in our website www.bankofindia.co.in under the head CAREER. The duly completed application form should reach us at the above address in a close cover on or before 20.02.2020 by 4.00 P.M. Partially filled or unfilled application will be rejected. Bank will not held responsible for any postal delay. Please note that Bank of India reserves the right to cancel/postpone the advertisement/selection process without any prior notice . If any candidate is selected he/she should not be attached to any other Govt/Private organization on permanent/temporary/ contractual basis as on the date of issue of engagement order.
Date: 06.02.2020 Competant Authority

Urgently Required
ଅଫିସ୍ ପାଇଁ ୧୦ମ ରୁ ୧୨ଶ ପାସ୍ ଅବିବାହିତ ଯୁବକର ଆବଶ୍ୟକତା ଅଛି ଯେଉଁମାନେ ଓଡିଶା ବାହାରେ ରହିକି କାମ କରିକି ମାସକୁ ଦରମା
୭୦୦୦ + କମିଶନ୍ + ଖାଇବା + ଘର + ମେଡିକାଲ ଖର୍ଚ୍ଚ ମାଗଣା
9755861659
9131182006

WALK-IN-INTERVIEW ON
09th February 2020 at 10 A.M.

| POST | NO. OF VACANCY |
|---|---|
| FRONT OFFICE EXECUTIVE | 1 |
| CASH & BILLING EXECUTIVE | 2 |
| HOUSE KEEPING | 4 |
| STORE MANAGER | 1 |
| ROOM BOY | 2 |
| STEWART | 1 |
| DRIVER | 1 |

Fresher can also apply., Attractive Salary
VENUE : SENAPATI PALACE (HOTEL & RESTAURANT), A/6, ASHOK NAGAR, BHUBANESWAR
Phone No.9938509300/7789906123

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.40 (22) | 41,141.85 (164.18) | 12,098.35 (39.60) | 41,249.00 (₹122) | 47,305.00 (₹94) |


“ ଫାଇନାନ୍ସିଆଲ୍ ରିଜଲ୍ୟୁଶନ ଆଣ୍ଡ ଡିପୋଜିଟ ଇନସ୍ୟୁରାନ୍ସ ବିଲ୍ ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଏହା କେବେ ସଂସଦରେ ଉପସ୍ଥାପନ ହେବ ଏବେ କିଛି କହି ହେବ ନାହିଁ।

– ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



“ ନୂଆ ଆୟକର ଢାଞ୍ଚାକୁ ଅନ୍ତତଃ ପକ୍ଷେ ୮୦% ଟିକସଦାତା ଆପଣାଇବେ ବୋଲି ଅର୍ଥମନ୍ତ୍ରଣାଳୟ ଆଶାବାଦୀ ରହିଛି।

– ଅଜୟ ଭୂଷଣ ପାଣ୍ଡେ, ରାଜସ୍ୱ ସଚିବ



# ଷ୍ଟେଶନ ପରିସରରେ କଡ଼ାକଡ଼ି ହେବ ସ୍ୱଚ୍ଛତା ନିୟମ

ଭୁବନେଶ୍ୱର,୭-୨




- ନିୟମ ଅବମାନନା କଲେ ଜରିମାନା
- ୧୦ରୁ ନୂଆ ନିୟମ

ଚଳିତ ମାସ ୧୦ ତାରିଖଠାରୁ ରେଳ ଓ ରେଳ ଷ୍ଟେଶନ ପରିସରରେ ସ୍ୱଚ୍ଛତା ନିୟମ କଡାକଡି ହେବ। ନିୟମ ଅବମାନନା କରୁଥିବା ବ୍ୟକ୍ତି ବିଶେଷଙ୍କ ଲାଗି ନୂତନ ଜରିମାନା ବ୍ୟବସ୍ଥା ଲାଗୁ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ରାଷ୍ଟ୍ରୀୟ ସବୁଜ ନ୍ୟାୟାଧିକରଣ(ଏନ୍‌ଜିଟି)ଙ୍କ ଆଦେଶ ଅନୁଯାୟୀ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନକୁ କଡାକଡି କରାଯିବ। ପୂର୍ବତଟ ରେଳପଥରେ ପ୍ରଥମଥର ଲାଗି ସମସ୍ତ ରେଳ ମଣ୍ଡଳଗୁଡିକରେ ଷ୍ଟେଶନ ବର୍ଗକୁ ଆଧାର କରି ସମାନ୍ତରାଳ ଭାବେ ଜରିମାନା ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଷ୍ଟେଶନ ପ୍ରବନ୍ଧକ, ଷ୍ଟେଶନ ଅଧୀକ୍ଷକ, ଷ୍ଟେଶନ ମାଷ୍ଟରଙ୍କ ସହ ବାଣିଜ୍ୟ ଏବଂ ପରିଚାଳନା ବିଭାଗର ଅଧିକାରୀ ଜରିମାନା ଆଦାୟ କରିପାରିବେ। ଏହି ବର୍ଗରେ ଟିକେଟ କଲେକ୍ଟରଙ୍କଠାରୁ ନିମ୍ନରେ ନ ଥିବା ଅଧିକାରୀ, ବାଣିଜ୍ୟ ଓ ପରିଚାଳନା ଅଧିକାରୀ, ରେଳ ସୁରକ୍ଷାବଳର ଆସିଷ୍ଟାଣ୍ଟ ସବ୍ ଇନସ୍ପେକ୍ଟରଙ୍କଠାରୁ ନିମ୍ନରେ ନ ଥିବା ଅଧିକାରୀ ଏବଂ କର୍ମଚାରୀମାନେ ଏହି ଜରିମାନା ଆଦାୟ କରିପାରିବେ।

ଷ୍ଟେଶନ ପରିସର ଏବଂ ଟ୍ରେନଗୁଡିକରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟକର ପରିବେଶ ଆଣିବା ଦିଗରେ ସ୍ୱଚ୍ଛ ଭାରତ ମିଶନର ପରିକଳ୍ପନାକୁ ରେଳଯାତ୍ରୀ ଓ ରେଳ ବ୍ୟବହାରକାରୀମାନେ ପୂର୍ବତଟ ରେଳପଥକୁ ସହଯୋଗ କରିବା ଲାଗି ନିବେଦନ କରାଯାଇଛି। ଥୁକିବା, ଅଳିଆ ଆବର୍ଜନା ପକାଇବା ଏବଂ ସ୍ୱଚ୍ଛତା ନିୟମ ଅବମାନନା ବିରୋଧରେ ରେଳପଥ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବ। ମ୍ୟୁନିସିପାଲ ସଲିଡୱେଷ୍ଟ ମ୍ୟାନେଜମେଣ୍ଟ ନିୟମ-୨୦୧୬ ଆଧାରରେ ପ୍ରଦୂଷଣ ସୃଷ୍ଟି କରୁଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରିବା ଲାଗି ରହିଥିବା ନିର୍ଦ୍ଦେଶ ମୁତାବକ ଏଭଳି ନିଷ୍ପତ୍ତି ହୋଇଛି। ପୂର୍ବରୁ ରହିଥିବା ନିୟମ ଅନୁସାରେ ଥୁକିବା, ଆବର୍ଜନା କରିବା, କାନ୍ଥବାଡକୁ ଅପରିଷ୍କାର କରିବା ବିରୋଧରେ କଡା ପଦକ୍ଷେପ ନିଆଯାଇ ଜରିମାନା ଆଦାୟ କରାଯାଇଛି। ୨୦୧୭-୧୮ରେ ପୂର୍ବତଟ ରେଳପଥ ପକ୍ଷରୁ ୯୩୦୧ ଜଣଙ୍କୁ ଦଣ୍ଡିତ କରାଯାଇଛି। ୧୦୧୮-୧୯ରେ ୧୦,୫୮୨ ଜଣ ଏବଂ ଚଳିତ ଆର୍ଥିକ ବର୍ଷ ଡିସେମ୍ବର ପର୍ଯ୍ୟନ୍ତ ୮୩୨୧ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏମାନେ ଷ୍ଟେଶନ ପରିସରରେ ଥୁକିବା କିମ୍ବା ଆବର୍ଜନା କରୁଥିବାରୁ ଧରାପଡିଥିଲେ।

# ହ୍ୟୁଣ୍ଡାଇ ଆଣିଲା ‘ଓଣ୍ଡର ୱାରେଣ୍ଟି’

ଭୁବନେଶ୍ୱର,୭-୨:

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ‘ଓଣ୍ଡର ୱାରେଣ୍ଟି’ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ନୂଆ କମ୍ପାକ୍ଟ କାର ଗ୍ରାଣ୍ଡ ଆଇ୧୦ ନିଓସ୍ ବଜାରକୁ ଆଣିବା ସହ କମ୍ପାନୀ ନୂଆ ପଦକ୍ଷେପ ଗ୍ରହଣ କରିଛି। ଏହି ଅଫରରେ ଗ୍ରାହକଙ୍କ ଲାଗି ୩ ବିକଳ୍ପ ସୁବିଧା ଗ୍ରହଣ କରାଯାଇଛି। ଗ୍ରାହକମାନେ ସେମାନଙ୍କ ବ୍ୟବହାର ମୁତାବକ କାର୍ ଲାଗି ୱାରେଣ୍ଟି ଲାଭ କରିପାରିବେ। ଏହା ଡିଲର ଏବଂ ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ନିଓସ ବାଦ ଅରା ମଡେଲ ଉପରେ ଗ୍ରାହକମାନେ ଏହି ଅଫର ସୁବିଧା ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀର ୧୩୨୯ ସର୍ଭିସ ଆଉଟଲେଟ, ୩୬୦ ଡିଗ୍ରୀ ଡିଜିଟାଲ ଏକ୍ସପେରିଏନ୍ସ ସହ ସୁଲଭ ମୂଲ୍ୟରେ ନିରନ୍ତର ସୁବିଧା ଲାଭ କରିପାରିବେ। ଏହାବାଦ ରୋଡ ସାଇଡ ଆସିଷ୍ଟାନ୍ସ, ଡ୍ରାଏ ୱାଶ, ଡୋର ଷ୍ଟେପ ଆଡଭାଣ୍ଟେଜ,ୱାର୍କଶପ ଅଟୋମେଶନ, ଇଲେକ୍ଟ୍ରିକ ଭେଇକିଲ ସର୍ଭିସ ଭଳି ବିଭିନ୍ନ ଦିଗରେ ସେବା ଯୋଗାଣ ନେଇ ପଦକ୍ଷେପ ନେଉଛି। ଗ୍ରାହକଙ୍କୁ ଅତୁଳନୀୟ ଏବଂ ଗୁଣବତ୍ତା ସେବା ଯୋଗାଣ ଦିଗରେ ନିରନ୍ତର ପ୍ରୟାସ ଜାରି ରହିଥିବା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଜାତୀୟ ସର୍ଭିସ ମୁଖ୍ୟ ଏସ୍.ପୁନାଇଭାନମ ସୂଚନା ଦେଇଛନ୍ତି।

# ଗ୍ରାମାଞ୍ଚଳ ବିକାଶରେ ଯୋଗଦାନ ରଖିବ ବଜେଟ

ଭୁବନେଶ୍ୱର,୭-୨

## ଫିକିର ବଜେଟ ଆଲୋଚନା

୨୦୨୦-୨୧ରେ ସାଧାରଣ ବଜେଟ ଦେଶର ଗ୍ରାମାଞ୍ଚଳ ବିକାଶରେ ବିଶେଷ ଯୋଗଦାନ ରଖିବ। କୃଷି, ଜଳସେଚନ, ଗ୍ରାମୀଣ ବିକାଶକୁ ଚଳିତ ବର୍ଷ ବଜେଟରେ ସରକାର ଗୁରୁତ୍ୱ ଦେଇଛନ୍ତି। ଗ୍ରାମୀଣ ବିକାଶ ଲାଗି ୨.୮୩ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଲୋକଙ୍କ ହାତକୁ ଅଧିକ ଅର୍ଥ ଆସିଲେ ସେମାନେ ଖର୍ଚ୍ଚ କରିବାକୁ ମନ ବଳାଇବେ। ଏହା ଦ୍ୱାରା ଅର୍ଥ ବ୍ୟବସ୍ଥାର ମନ୍ଥର ସ୍ଥିତିରେ ପରିବର୍ତ୍ତନ ଆସିବା ସହ ଦେଶ ଅଭିବୃଦ୍ଧି ପଥରେ ଅଗ୍ରସର ହେବ। ଫେଡେରେଶନ ଅଫ ଇଣ୍ଡିଆନ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ବଜେଟ ଆଲୋଚନା କାର୍ଯ୍ୟକ୍ରମରେ ବିଶେଷଜ୍ଞମାନ ଏହା ମତ ଦେଇଛନ୍ତି।

ଚଳିତବର୍ଷ ବଜେଟକୁ ବିଶେଷଜ୍ଞମାନେ ବାଲାନ୍ସ ବଜେଟ ବୋଲି ଅଭିହିତ କରିଛନ୍ତି। ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ୱେଲନେସରୁ ଆରମ୍ଭକରି ସରକାର ଶିକ୍ଷା ଏବଂ ଦକ୍ଷତାବିକାଶ ଦିଗରେ ଗୁରୁତ୍ୱ ଦେଇଥିବା ଆୟକର ବିଭାଗର ପ୍ରିନ୍ସିପାଲ ଚିଫ୍ କମିଶନର ପ୍ରଣବ କୁମାର ଦାସ ଏହି ଅବସରରେ କହିଛନ୍ତି। ପ୍ରିପେଡ ସ୍ମାର୍ଟ ମିଟର ଏବଂ ପୁରୁଣା ତାପଜ ଶକ୍ତି ପ୍ରକଳ୍ପ, ଲଜିଷ୍ଟିକ ସମ୍ପର୍କରେ ଘୋଷଣା ଉପରେ ଶକ୍ତି କମିଟି ଅଧ୍ୟକ୍ଷ ଅଶୋକ କୁମାର ବେହେରା ଗୁରୁତ୍ୱାରୋପ କରିଥିଲେ। ଚାହିଦା ବଢାଇବା ଦିଗରେ ବଜେଟ ସହାୟକ ହେବ ବୋଲି ବି-ୱାନ ବିଜ୍‌ନେସର ନିର୍ଦ୍ଦେଶକ ରାଜେନ ପାଢୀ ସୂଚନା ଦେଇଛନ୍ତି। ବଳପୂର୍ବକ ପୁଞ୍ଜି ପ୍ରତ୍ୟାହାର ନ କରି ଭଲ ନିବେଶକଙ୍କୁ ବିଚାର କରିବାର ଆବଶ୍ୟକତା ରହିଥିବା ଓଡିଶା ମେଟାଲିକ ପ୍ରୋଜେକ୍ଟର ସଭାପତି ଏନ୍.ଡି.ରାଓ କହିଛନ୍ତି। ଏଥିରେ ପିଡ୍ଲୁସିର ଡାଇରେକ୍ଟ ଟାକ୍ସ ପାର୍ଟନର ସୌରଭ କେଡିଆ, ଧର୍ମେଶ ଶାହା, ଏ.କେ.ସାବତ ଆଣ୍ଡ କୋ ପକ୍ଷରୁ ଏ.କେ.ସାବତ ଏବଂ ଫିକିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୟୁବିଆଇର ଆର୍ଥିକ ଫଳାଫଳ ଘୋଷଣା




**କଲିକତା,୭-୨:** ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ପକ୍ଷରୁ ଡିସେମ୍ବରରେ ଶେଷ ହୋଇଥିବା ତ୍ରୈମାସର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ଏହାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ସମୟରେ ବ୍ୟାଙ୍କର ମୋଟ ବିଜନେସ ୨.୦୮ ଲକ୍ଷ କୋଟି ଟଙ୍କା ରହିଛି। ଜମା ପରିମାଣ ୧.୩୪ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ଅଗ୍ରିମ ୭୩,୯୯୧ କୋଟି ଟଙ୍କା ରହିଛି। ବ୍ୟାଙ୍କରେ ଜମା ପରିମାଣ ୪.୬୮% ବଢିଥିବା ବେଳେ ଅଗ୍ରିମ ୬.୭୯% ବଢିଛି। ବ୍ୟାଙ୍କର ମୋଟ ବାଣିଜ୍ୟ ଉନ୍ନତି ୫.୪୨% ରହିଛି। ଏହି ସମୟରେ କାସା ଜମା ୫୧.୩୭% ବଢି ୬୯,୧୫୧ କୋଟି ଟଙ୍କା ରହିଛି। ତ୍ରୈମାସ ନେଟ ଲାଭ ୧୧୩.୫୬ କୋଟି ଟଙ୍କା ରହିଛି। ଏହାବାଦ ପରିଚାଳନାଗତ ଲାଭ ୬୬୩.୯୨ କୋଟି, ନେଟ ସୁଧ ଜନିତ ଆୟ ୮୧୯ କୋଟି ଏବଂ ଏନ୍‌ପିଏ ୫୨.୨୪%କୁ କମିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

# ଉର୍ବଶୀ ରୌତେଲା ରୂପ୍‌ମନ୍ତ୍ରାର ବ୍ରାଣ୍ଡ ଆମ୍ବାସାଡର




ମୁମ୍ବାଇ,୭-୨

ଦିଭିସା ହର୍ବାଲ କେୟାର ପକ୍ଷରୁ ଏହାର ଲୋକପ୍ରିୟ ପ୍ରଡକ୍ଟ ରୂପ୍‌ମନ୍ତ୍ରା ଲାଗି ଉର୍ବଶୀ ରୌତେଲାଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ମୁମ୍ବାଇର ମଦର ନେଚର ଷ୍ଟୁଡିଓଠାରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ କମ୍ପାନୀର ସହପ୍ରତିଷ୍ଠାତା ସଞ୍ଜୀବ ଜୁନେଜା ଏ ସମ୍ପର୍କରେ ଘୋଷଣା କରିଛନ୍ତି। ରୂପ୍‌ମନ୍ତ୍ରା ଫେସ୍‌ୱାଶର ବଜାରରେ ଲୋକପ୍ରିୟତା ବୃଦ୍ଧି ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ଜୁନେଜା କହିଛନ୍ତି। ବଜାରରେ ଏହି ପ୍ରଡକ୍ଟ ଏକ ଉନ୍ନତ ସ୍ଥାନରେ ରହିଛି। ଏହି ପ୍ରଡକ୍ଟ ଆୟୁର୍ବେଦିକ ହୋଇଥିବା ବେଳେ ପ୍ରାକୃତିକ ଉପାଦାନ ଏବଂ ସୁଗନ୍ଧ ଭରା ବୋଲି କାର୍ଯ୍ୟରେ ଉପସ୍ଥିତ ରହି ଉର୍ବଶୀ କହିଛନ୍ତି। କମ୍ପାନୀ ପ୍ରସ୍ତୁତ କରୁଥିବା ପ୍ରଡକ୍ଟର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ରୂପ୍‌ମନ୍ତ୍ରାର ଏହି ସଫଳତା ଲାଗି କମ୍ପାନୀ ପକ୍ଷରୁ କର୍ମଚାରୀ, ରିଟେଲର ଏବଂ ଗ୍ରାହକଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

# ଓଡ଼ିଶାରେ ଫୋର୍ଟିଗୋ ଲଜିଷ୍ଟିକ ସେବା

ଭୁବନେଶ୍ୱର,୭-୨

ଲଜିଷ୍ଟିକ ସେବା ଏଗ୍ରିଗେଟର ଫୋର୍ଟିଗୋ ନେଟୱର୍କ ପ୍ରାଇଭେଟ ଲିମିଟେଡ ଓଡିଶାରେ ବ୍ୟବସାୟ ସମ୍ପ୍ରସାରଣ କରିଛି। ସଡକ ପରିବହନ ଇକୋସିଷ୍ଟମରେ ଟ୍ରାନ୍ସପୋର୍ଟ ମାଲିକଙ୍କ କାର୍ଯ୍ୟକୁ ସରଳ କରିବା ଲାଗି କମ୍ପାନୀ କାର୍ଯ୍ୟପନ୍ଥା ଗ୍ରହଣ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ, ରାଉରକେଲା, କେନ୍ଦୁଝର, ଅନୁଗୋଳ, ପାରାଦୀପ ଭଳି ସ୍ଥାନଗୁଡିକର ଟ୍ରାନ୍ସପୋର୍ଟ ମାଲିକଙ୍କୁ ନିଜ ନେଟୱର୍କର ଡିଜିଟାଲ ପ୍ଲାଟଫର୍ମରେ ଯୋଡିଛି। ଏହା ଦ୍ୱାରା କମ୍ପାନୀ ଟ୍ରାନ୍ସପୋର୍ଟ ମାଲିକଙ୍କୁ ସୁବିଧାରେ ଲଜିଷ୍ଟିକ ସେବା ଯୋଗାଣ କରୁଛି। ବର୍ତ୍ତମାନ ସୁଦ୍ଧା କମ୍ପାନୀ ଓଡ଼ିଶାର ପ୍ରାୟ ୩୦୦ ଟ୍ରାନ୍ସପୋର୍ଟ ମାଲିକଙ୍କ ସହ ଯୋଡି ହୋଇଥିବା କମ୍ପାନୀର ପ୍ରୋଗ୍ରାମ ମ୍ୟାନେଜର ରାକେଶ ଭୋଳ କହିଛନ୍ତି। ଏହି ପ୍ଲାଟଫର୍ମ ଦ୍ୱାରା ସମସ୍ତଙ୍କୁ ଟ୍ରକ ଯୋଗାଇବା ସହଜ ହେଉଛି। ଏହା ସହ ସେମାନଙ୍କୁ ସାରା ଦେଶରେ ସୁବିଧାରେ ରୋଡ ସାଇଡ ଆସିଷ୍ଟାନ୍ସ, ଫ୍ରି ପାର୍କିଂ ଚାଳକଙ୍କ ପାଇଁ ବିଶ୍ରାମ ସୁବିଧା କରାଯାଇଛି। କମ୍ପାନୀ ସହ ୮ ହଜାର ଟ୍ରାନ୍ସପୋର୍ଟର ଏବଂ ୮୫ ହଜାରରୁ ଅଧିକ ଟ୍ରକ କାର୍ଯ୍ୟ କରୁଛି।


## ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.

OPTCL Lifeline of Orissa

A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, PH.: 0680-2296100

Advt.No.01/2019-20 NOTICE INVITING TENDER

Sealed tenders are invited from **VEHICLE OWNERS/TRAVEL AGENCIES SEPARATELY** for Engagement of One Number hired A/C Bolero (9 Seater/7 Seater) or equivalent required for the field & office works of DGM, EHT (O&M) Division, Berhampur **(LOT-I)** and One Mumber hired Non-A/C Bolero (9 Seater/7 Seater) or equivalent required for SDO, Line Sub-Division, Bhanjanagar **(LOT-II)** on monthly basis with daily hiring rate along with copies of required documents of the Vehicle, GST Registration No. & copy of valid PAN of the Vehicle Owner. The said vehicles should not be more than 3 years old from the date of initial Registration. Commencement of Sale of Tender Paper : From Dated 10.02.2020 to Dated 24.02.2020 upto 5.30 PM. (GST Registration No. is to be produced at the time of purchase of Tender Specification). Last Date of Submission of Tender Paper : Dated 25.02.2020 up to 02.00PM. Date of Opening of Tender Paper: Dated 25.02.2020 at 3.00PM. Cost of Tender Paper : Rs.4,000 + GST@12 %= Rs.4,480/- for each LOT. For details please visit our website **www.optcl.co.in**.Corrigendum if any will be published in the website only.

*General Manager (Elect.)*

## ତହସିଲଦାରଙ୍କ କାର୍ଯ୍ୟାଳୟ, ଲହୁଣୀପଡ଼ା

ବିଜ୍ଞପ୍ତି ସଂଖ୍ୟା.୨୯୩ ତାରିଖ.୦୪।୦୨।୨୦୨୦

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଲହୁଣୀପଡ଼ା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଖାଦାନ ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ତହସିଲଦାର ଲହୁଣୀପଡ଼ାଙ୍କ ଦ୍ୱାରା ଲିଜ ପାଇଁ ତା.୨୬।୦୨।୨୦୨୦, ୦୪।୦୩।୨୦୨୦ ଓ ୧୧।୦୩।୨୦୨୦ରିଖରେ ନିଲାମ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି। ଇଚ୍ଛୁକ ଆବେଦନକାରୀମାନେ ଉକ୍ତ ନିଲାମ ସମ୍ପର୍କିତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ **website www.sundergarh.nic.in** ରୁ କିମ୍ବା ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ପାଇପାରିବେ।

ସ୍ୱା./- ତହସିଲଦାର, ଲହୁଣୀପଡ଼ା

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହରଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

TEJAS MOBILE NETWORK COMPANY
ତେଜସ୍ କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ଉପରେ ଟାୱାର ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 25,000/- ଟଙ୍କା ପାଆନ୍ତୁ। (ବିମା+ ମେଡିକାଲ ଖର୍ଚ୍ଚ ମାଗଣା) ଆଜି ହିଁ ସଂମ୍ପର୍କ କରନ୍ତୁ
Digital Xpress,Mini Shop No-7, City Point Complex,Bangalore-530068
Call / SMS Now
9691833895

BUSINESS BUSINESS

ASTROLOGY ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ।
7838639856
8929313996

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମାଲକାନଗିରି

Dist : Malkangiri : 764048, Phone No.06861-230409
Fax No.06861-230279, E-Mail : ori-dmalkangiri.nic.in

ପତ୍ର ସଂଖ୍ୟା.୪୦୨/୨୦୨୦ ତା.୦୫।୦୨।୨୦୨୦

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ସମସ୍ତ ଅଧିବାସୀ ତଥା ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ଏବଂ ଜବକାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆନୁକୂଲ୍ୟରେ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାର ବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ.୧୦.୦୦ଟିକାଠାରୁ | ସ୍ଥାନ |
|---|---|---|
| କୋରୁକୋଣ୍ଡା | ୨୫।୦୨।୨୦୨୦ | ପଞ୍ଚାୟତ ସମିତିର କାର୍ଯ୍ୟାଳୟ, କୋରୁକୋଣ୍ଡା |
| ପଡିଆ | ୨୪।୦୨।୨୦୨୦ | ପଞ୍ଚାୟତ ସମିତିର କାର୍ଯ୍ୟାଳୟ, ପଡିଆ |
| ଖଇରାପୁଟ | ୨୬।୦୨।୨୦୨୦ | ପଞ୍ଚାୟତ ସମିତିର କାର୍ଯ୍ୟାଳୟ, ଖଇରାପୁଟ |
| କାଲିମେଳା | ୨୨।୦୪।୨୦୨୦ | ପଞ୍ଚାୟତ ସମିତିର କାର୍ଯ୍ୟାଳୟ, କାଲିମେଳା |
| ମାଲକାନଗିରି | ୨୪।୦୪।୨୦୨୦ | ପଞ୍ଚାୟତ ସମିତିର କାର୍ଯ୍ୟାଳୟ, ମାଲକାନଗିରି |
| ମାଥିଲି | ୨୩।୦୪।୨୦୨୦ | ପଞ୍ଚାୟତ ସମିତିର କାର୍ଯ୍ୟାଳୟ, ମାଥିଲି |
| ଚିତ୍ରକୋଣ୍ଡା | ୩୦।୦୪।୨୦୨୦ | ପଞ୍ଚାୟତ ସମିତିର କାର୍ଯ୍ୟାଳୟ, ଚିତ୍ରକୋଣ୍ଡା |

ସ୍ୱା./- ଜିଲ୍ଲାପାଳ ତଥା କାର୍ଯ୍ୟକ୍ରମ ସଂଯୋଜକ, ମନରେଗା, ମାଲକାନଗିରି

## OFFICE OF THE MUNICIPAL COUNCIL, GUNUPUR
### e-Procurement Notice

Tender Reference No. GUN-NAC-46/2019-20

No.: 157 Dated: 06.02.2020

**1. Type of Work:** Civil & Beautification Work, **2. Total No. of Works:** 13 Nos. of Individual Works, **3. Estimate Cost:** Rs.296784 to Rs.4048000.00, **4. Period of Completion:** 60 Days, **5. Date & time of availability of Bid document in the portal:** 10.00 A.M. of 07.02.2020 to 5.00 P.M. of 17.02.2020, **6. Last Date/time for receipt of bid in the portal:** upto 5.00 P.M. of 17.02.2020, **7. Date of Opening of Technical Bid:** 11.00 A.M. of 24.02.2020, **8. Name & Address of the Officer Invited Bid:** Executive Officer, Gunupur Municipality. Further details can be seen from the e-procurement portal **www.tendersorissa.gov.in**.

Sd./- Executive Officer, Gunupur Municipality

## ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା
## OFFICE OF THE NOTIFIED AREA COUNCIL, KUCHINDA

Email : kuchinda_nac@yahoo.com
Website : www.nackuchinda.in

No.169 /NAC Dt.06.02.2020

The Executive Officer, NAC Kuchinda on behalf of Kuchinda NAC invites sealed quotations in the prescribed quotation paper are invited from the intending MV / HT License issued by ELBO or Register Suppliers / Manufactures with having (i) Registration Certificate, (ii) PAN, (iii) GST Registration Certificate / GSTIN registered with the State Governments and contractors of equivalent Grade/ Class registered with Central Government/ MES/ Railways/ Kuchinda NAC for execution of electrical Works : Installation of 25 KVA 11/0.4 KV S/S for @/S to 5 KW GP Load of Executive Officer, NAC, Kuchinda for P/S to MCC at-Kusumi Road, Kuchinda.

Further details can be seen from the portal- www.nackuchinda.in

Sd./- Executive Officer
Notified Area Council, Kuchinda



"ପ୍ରାକ୍ଟିସ ପାଇଁ ସମୟ ଅଭାବରୁ ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଭାରତୀୟ କ୍ରିକେଟ ଦଳର ଫିଲ୍ଡିଂରେ ଅବନତି ପରିଲକ୍ଷିତ ହୋଇଛି।

–ଆର୍. ଶ୍ରୀଧର, ଫିଲ୍ଡିଂ କୋଚ୍



"ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତୀୟ ସ୍ପିନରଙ୍କ ବିପକ୍ଷରେ ଆମକୁ ଅଧିକ ଆକ୍ରମଣାତ୍ମକ ଖେଳିବାକୁ ପଡ଼ିବ।

–ମାର୍ଟିନ ଗୁପ୍‌ଟିଲ, ନ୍ୟୁଜିଲାଣ୍ଡ ଓପନର

## ବାଂଲାଦେଶ ୨୩୩ରେ ସୀମିତ

ରାୱଲପିଣ୍ଡି, ୭।୨ (ଏଏଫ୍‌ପି)- ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ପାକିସ୍ତାନ ୨୩୩ ରନରେ ବାଂଲାଦେଶକୁ ଅଲଆଉଟ୍ କରିଦେଇଛି। ପେସ୍ ବୋଲର ଶାହିନ ଶାହ ଆଫ୍ରିଦୀ ଚମତ୍କାର ବୋଲିଂ କରି ବାଂଲାଦେଶ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେ ତାଙ୍କ ୨୧.୫ ଓଭର ବୋଲିଂରେ ୫୩ରନ ବିନିମୟରେ ୪ଟି ଉଇକେଟ ଦଖଲ କରିଥିଲେ। ପେସ୍ ବୋଲର ମହମ୍ମଦ ଆବାସ (୨/୧୯) ଏବଂ ସ୍ପିନର ହାରିଶ ସୋହେଲ (୨/୧୧) ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ବାଂଲାଦେଶ ଅଲ୍‌ଆଉଟ ହେବା ପରେ ଆଉ ୫ ଓଭର ଖେଳ ବାକି ରହିଥିଲା। ବ୍ୟାଡ୍ ଲାଇଟ୍ ଯୋଗୁ ଅମ୍ପାୟର ଖେଳକୁ ସ୍ଥଗିତ ଘୋଷଣା କରିଥିଲେ। ମହମ୍ମଦ ମିଥୁନ ଯଦି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ନ ଥାନ୍ତେ ତାହେଲେ ବାଂଲାଦେଶର ପ୍ରଥମ ଇନିଂସ ୨୦୦ ରନ ମଧ୍ୟରେ ସୀମିତ ରହିଯାଇଥାନ୍ତା। ମିଥୁନ ୧୯୩ ମିନିଟ ଧରି କ୍ରିଜ୍‌ରେ ଜମି ରହିବା ସହ ୭ ଚୌକା ଓ ଗୋଟିଏ ଛକା ସହ ୬୩ ରନ କରିଥିଲେ। ବାଂଲାଦେଶ ଏକଦା ୧୬୧/୬ରେ ସଂଘର୍ଷ କରୁଥିବାବେଳେ ମିଥୁନ ଓ ତାଇଜୁଲ ଇସ୍‌ଲାମ (୨୪ରନ) ୭ମ ଉଇକେଟରେ ମୂଲ୍ୟବାନ ୫୩ ରନ ଯୋଗକରିଥିଲେ।

## ରୋନାଲ୍ଡୋ, ମେସିଙ୍କଠାରୁ ଅଧିକ ଦୌଡ଼ନ୍ତି କୋହଲି

ନୂଆଦିଲ୍ଲୀ,୭।୨- ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ବିଶ୍ୱର ସବୁଠୁ ଫିଟ୍ କ୍ରିକେଟର। ବ୍ୟାଟିଂ ହେଉ କି ଫିଲ୍ଡିଂ କୋହଲି ନିଜର ୨୦୦ ପ୍ରତିଶତ ଦିଅନ୍ତି। ଏକ ଭଲ ଇନିଂସ ବେଳେ ସେ ପିଚ୍‌ରେ କିମ୍ବଦନ୍ତୀ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କଠାରୁ ଅଧିକ ଦୌଡ଼ନ୍ତି ବୋଲି କହିଛନ୍ତି ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ.କେ. ପ୍ରସାଦ। ଏକ ସାକ୍ଷାତ୍‌କାରରେ କହିଛନ୍ତି, କୋହଲି କୌଣସି ମ୍ୟାଚ୍‌ରେ ବଡ଼ ଇନିଂସ ଖେଳିବାବେଳେ ଆଭରେଜ ୧୭ କିଲୋମିଟର ଦୌଡ଼ନ୍ତି। କିନ୍ତୁ କିଛି ପ୍ରଶଂସକ ବିଶ୍ୱାସ କରନ୍ତି, କ୍ରିକେଟରଙ୍କ ଅପେକ୍ଷା ଫୁଟ୍‌ବଲର ଅଧିକ ଫିଟ୍। ତେବେ ଫୁଟବଲ ଖେଳାଳିମାନେ ମ୍ୟାଚ୍‌ବେଳେ ୮ରୁ ୧୩ କି.ମି. ଦୌଡ଼ନ୍ତି। ରୋନାଲ୍ଡୋ ୯୦ ମିନିଟ୍ ମ୍ୟାଚ୍‌ରେ ୮.୩୮ କି.ମି. ଓ ମେସି ୭.୬ କି.ମି. ଦୌଡ଼ନ୍ତି।

# ଭାରତ-ବେଲଜିୟମ ମ୍ୟାଚ୍ ଆଜି

ଭୁବନେଶ୍ୱର, ୭।୨ (କ୍ରୀଡ଼ା ପ୍ରତିନିଧି)

ଭାରତ ଓ ବିଶ୍ୱ ଚାମ୍ପିୟନ ବେଲଜିୟମ ମଧ୍ୟରେ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ହାଇ ପ୍ରୋଫାଇଲ ମ୍ୟାଚ ଶନିବାର ଓ ରବିବାର ଦୁଇ ଦିନଧରି କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବିଶ୍ୱର ନମ୍ବରୱାନ ଦଳକୁ ଭେଟିବାକୁ ଯାଉଥିବାରୁ ଘରୋଇ ପରିବେଶରେ ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଇଛି ଭାରତ। ଅନ୍ୟପକ୍ଷରେ ହକି ବିଶ୍ୱକପ ଜିତିଥିବା ଗ୍ରାଉଣ୍ଡରେ ଆଉ ଏକ ମଧୁର ସ୍ମୃତି ନେଇ ସ୍ୱଦେଶ ଫେରିବା ଲକ୍ଷ୍ୟରେ ରହିଛି ବେଲଜିୟମ। ୨୦୧୮ରେ ଏହି କଳିଙ୍ଗ ଷ୍ଟାଡିୟମରେ ହିଁ ବେଲଜିୟମ ପ୍ରଥମଥର ପାଇଁ ବିଶ୍ୱ ଚାମ୍ପିୟନ ମୁକୁଟ ପିନ୍ଧିଥିଲା।

ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଗତବର୍ଷ ଭାରତ ଖେଳି ନ ଥିଲା। ଏଥର କିନ୍ତୁ ପ୍ରଥମ ପଦାର୍ପଣରେ ନେଦରଲାଣ୍ଡ୍ସକୁ ହରାଇ ଅଭିଯାନ ଆରମ୍ଭ କରିଛି ମନପ୍ରୀତ ବାହିନୀ। ତେବେ ବେଲଜିୟମ ବିପକ୍ଷ ମୁକାବିଲା ତୀବ୍ର ସଂଘର୍ଷପୂର୍ଣ୍ଣ ହେବ ବୋଲି ଉଭୟ କୋଚ୍ ଗ୍ରାହାମ ରିଡ୍ ଓ ଅଧିନାୟକ ମନପ୍ରୀତ ସିଂ ସ୍ୱୀକାର କରିଛନ୍ତି। ନେଦରଲାଣ୍ଡ୍ସ ବିପକ୍ଷ ପ୍ରଥମ ମ୍ୟାଚକୁ ୫-୨ରେ ଜିତିଥିବା ଭାରତ ଦ୍ୱିତୀୟ ମ୍ୟାଚରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ମ୍ୟାଚ ୩-୩ ଗୋଲରେ ବରାବର ରହିବାପରେ ଶୁଟ୍‌ଆଉଟରେ ଘରୋଇ ଦଳ



ହକି ପ୍ରୋ ଲିଗ୍ ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଅଧିନାୟକ ମନପ୍ରୀତ ସିଂ ଓ ଥୋମାସ ବ୍ରିଲ୍ସ।

୩-୧ଗୋଲରେ ବିଜୟୀ ହୋଇଥିଲା। କିଛିଦିନର ବ୍ୟବଧାନ ପରେ ଭାରତ ପ୍ରୋ ଲିଗ୍‌ରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ଖେଳିବାକୁ ଯାଉଛି। ଫଳରେ ୫ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଖସିଛି। ୪ ମ୍ୟାଚରୁ ୧୧ ପଏଣ୍ଟ ସହିତ ବେଲଜିୟମ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ସମାନ ମ୍ୟାଚରୁ ୭ ପଏଣ୍ଟ ପାଇ ନେଦରଲାଣ୍ଡ୍ସ ଦ୍ୱିତୀୟ ସ୍ଥାନରେ ରହିଛି। ୬ ପଏଣ୍ଟ ସହିତ ଅଷ୍ଟ୍ରେଲିଆ ୩ୟ ଓ ଜର୍ମାନୀ ୫ ପଏଣ୍ଟ ପାଇ ୪ର୍ଥ ସ୍ଥାନ ଅଧିକାର କରିଛି। ଚଳିତ ଲିଗ୍‌ରେ ବେଲଜିୟମ ପ୍ରତିପକ୍ଷ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି।

### ସଂଘର୍ଷପୂର୍ଣ୍ଣ ହେବ

ନେଦରଲାଣ୍ଡ୍ସ ବିପକ୍ଷରେ ବିଜୟ ଭାରତୀୟ ଦଳର ମନୋବଳକୁ ନିଶ୍ଚିତ ଦୃଢ଼ କରିଥିବ। ତେଣୁ ଆଗାମୀ ମ୍ୟାଚରେ ଘରୋଇ ଦଳ କଡ଼ା ଚ୍ୟାଲେଞ୍ଜ ଦେବା ସ୍ୱାଭାବିକ। ଗତ ୨ଟି ମ୍ୟାଚରେ ଆମେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ହରାଇଥିଲେ ହେଁ ଭାରତ ବିପକ୍ଷ ମ୍ୟାଚ ସମ୍ପୂର୍ଣ୍ଣ ଭିନ୍ନ ରହିବ। ପୂର୍ବ ମ୍ୟାଚରେ ଭାରତ ନିଜର ଶକ୍ତି ଦେଖାଇ ସାରିଛି। ତେଣୁ ମୁକାବିଲା କଷ୍ଟସାଧ୍ୟ ହେବ ବୋଲି ଆଶା କରୁଛୁ। ତେବେ ଆମେ ଭାରତ ପରି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀକୁ ଭେଟିବାକୁ ଆଗ୍ରହର ସହିତ ଅପେକ୍ଷା କରିଛୁ। କାରଣ ଆମେ ଅଲିମ୍ପିକ୍ସ ପୂର୍ବରୁ ପ୍ରଦର୍ଶନରେ ଉନ୍ନତି ଆଣିବା ଲକ୍ଷ୍ୟରେ ରହିଛୁ ବୋଲି ବେଲଜିୟମ ଅଧିନାୟକ ଥୋମାସ ବ୍ରିଲ୍ସ ପ୍ରକାଶ କରିଛନ୍ତି। ଭାରତ ଘରୋଇ ପରିବେଶରେ ଖେଳିବାକୁ ଯାଉଥିଲେ ହେଁ କଳିଙ୍ଗ ଷ୍ଟାଡିୟମରେ ପୂର୍ବ ଅନୁଭୂତିରୁ ଫାଇଦା ଉଠାଇବାକୁ ଲକ୍ଷ୍ୟ ରଖିଛି ବେଲଜିୟମ। ଆମେ ଯେଉଁ ଗ୍ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ହୋଇଥିଲୁ ପୁଣିଥରେ ସେଠାକୁ ଖେଳିବାକୁ ଆସିଥିବାରୁ ବହୁତ ଖୁସି। ଏଠାରେ ଆମର ଅନେକ ମଧୁର ସ୍ମୃତି ରହିଛି। ଏଠାକାର ଦର୍ଶକ ମଧ୍ୟ ବହୁତ ଭଲ ବୋଲି ବ୍ରିଲ୍ସ କହିଛନ୍ତି।

### ବିଜୟ ମୁଖ୍ୟ ଲକ୍ଷ୍ୟ

ବେଲଜିୟମ ବିପକ୍ଷ ମ୍ୟାଚ ପାଇଁ ଆମେ ଭଲ ପ୍ରସ୍ତୁତି କରିଛୁ। ଏହି ଦଳ ଏଠାରେ ବିଶ୍ୱକପ ଜିତିଥିଲା। ଦଳକୁ ଭାଗ୍ୟ ମଧ୍ୟ ସାଥ୍ ଦେଇଥିଲା। ସ୍ଥିର ପ୍ରଦର୍ଶନ ଜାରି ରଖି ଏହି ଦଳ ନମ୍ବରୱାନ ସ୍ଥାନରେ ପହଞ୍ଚି ପାରିଛି। ତେବେ ଆମେ ଆମ ଖେଳ ଉପରେ ଧ୍ୟାନ ଦେଇ ଖେଳିବୁ। ବେଲଜିୟମ ବିପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ ଉପରେ ଆମର ଫୋକସ ରହିବ। ନେଦରଲାଣ୍ଡ୍ସ ବିପକ୍ଷରେ ଆମେ ଏକ ମ୍ୟାଚରେ ପଛୁଆ ରହିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲୁ। ଗୋଲ ସ୍କୋରିଂ କରି ଆମେ ଚାପ ପକାଇଥିଲୁ। ଆଗାମୀ ମ୍ୟାଚରେ ମଧ୍ୟ ତା'ର ପୁନରାବୃତ୍ତି ପାଇଁ ଚେଷ୍ଟା ଅବ୍ୟାହତ ରହିବ। ଦଳରେ କୌଣସି ଆହତ ସମସ୍ୟା ନାହିଁ। ସବୁ ଖେଳାଳି ଫିଟ୍ ଅଛନ୍ତି ଏବଂ ଆଗାମୀ ମ୍ୟାଚକୁ ଆଗ୍ରହର ସହିତ ଅପେକ୍ଷା କରିଛନ୍ତି ବୋଲି ରିଡ୍ ପ୍ରକାଶ କରିଛନ୍ତି।

### ଆତ୍ମବିଶ୍ୱାସ ଅଛି

ବେଲଜିୟମ ଏକ ଭଲ ଦଳ ବୋଲି ସମସ୍ତେ ଜାଣନ୍ତି। ଏହି ଦଳର ଟ୍ୟାକ୍‌ଲିଂ ବହୁତ ଭଲ। ତେଣୁ ଏହାକୁ ଆମେ ଯେତେ କମ୍ ସୁଯୋଗ ଦେବୁ ସେତେ ଭଲ ହେବ। ତେବେ ଆଗାମୀ ମ୍ୟାଚରେ ଆମେ ଭଲ ପ୍ରଦର୍ଶନ କରିବା ନେଇ ଦୃଢ଼ ଆତ୍ମବିଶ୍ୱାସରେ ଅଛୁ ବୋଲି ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ ପ୍ରକାଶ କରିଛନ୍ତି। ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ଭାରତ ଅନେକ ସୁଯୋଗ ହାତଛଡ଼ା କରିଥିଲା ବୋଲି ସ୍ୱୀକାର କରିଛନ୍ତି ମନପ୍ରୀତ। ପ୍ରଥମ ମ୍ୟାଚରେ ଆମେ ଭଲ ଖେଳିଥିଲେ ହେଁ ଦ୍ୱିତୀୟ ମ୍ୟାଚର ପ୍ରଥମଭାଗରେ ଆମେ ଅନେକ ସୁଯୋଗ ହାତଛଡ଼ା କରିଥିଲୁ। ତେବେ ଶେଷ ଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରୁ ଯାଇ ମ୍ୟାଚ ଡ୍ର ରହିଲା ଏବଂ ଶୁଟ୍‌ଆଉଟରେ ବିଜୟୀ ହେଲୁ। ତେଣୁ ବେଲଜିୟମ ବିପକ୍ଷ ମ୍ୟାଚରେ ଯେପରି ପୁନରାବୃତ୍ତି ନ ହେବ ତା' ଉପରେ ଧ୍ୟାନ ଦେବୁ ବୋଲି ମନପ୍ରୀତ କହିଛନ୍ତି।

# ଭୁବନେଶ୍ୱରରେ ପ୍ରୋ ଲିଗ୍ ଟ୍ରଫି

ଭୁବନେଶ୍ୱର, ୭।୨ (କ୍ରୀଡ଼ା ପ୍ରତିନିଧି)

ଏଫଆଇଏଚ୍ ପ୍ରୋ ଲିଗ୍-୨୦୨୦ ଟ୍ରଫି ଟୁର୍‌ର ଅଂଶବିଶେଷଭାବେ ଟ୍ରଫି ଏବେ ଭୁବନେଶ୍ୱରରେ ପହଞ୍ଚିଛି। ଚଳିତ ସିଜନରେ ଏହି ଟ୍ରଫି ଅଂଶଗ୍ରହଣକାରୀ ସମସ୍ତ ଦେଶ ଭ୍ରମଣ କରିବା କାର୍ଯ୍ୟକ୍ରମ ରହିଛି। ବୁଧବାର ରାତିରେ ଭୁବନେଶ୍ୱରରେ ପହଞ୍ଚିଥିବା ଟ୍ରଫି ଏବେ ମନ୍ଦିରମାଳିନୀ ସହର ପରିକ୍ରମା କରୁଛି। ଶୁକ୍ରବାର ଭାରତ ଓ ବେଲଜିୟମ ଦଳର ଖବରଦାତା ସମ୍ମିଳନୀ ଅବସରରେ ମଧ୍ୟ ଟ୍ରଫିକୁ ପ୍ରଦର୍ଶିତ କରାଯାଇଥିଲା। ଉଭୟ ଦଳର କୋଚ୍ ଓ ଅଧିନାୟକ ଟ୍ରଫି ସହିତ ଫଟୋ ଉଠାଇଥିଲେ। ଏହାଛଡ଼ା ଉଭୟ ଦଳର ଖେଳାଳିଙ୍କୁ ନେଇ ମଧ୍ୟ ଏକ ଫଟୋ ସେସନ କରାଯାଇଥିଲା। ଟ୍ରଫି ସହର ପରିକ୍ରମା କରିବା ଅବସରରେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୁତୀ ଚାନ୍ଦ ମଧ୍ୟ ଟ୍ରଫି ସହିତ ନଜରକୁ ଆସିଥିଲେ।

**ଟ୍ରଫି ସମ୍ପର୍କରେ..**

- ନିର୍ମାଣ: ୨୦୧୯
- ଓଜନ: ୭ କେଜି
- ଉଚ୍ଚତା: ୪୮.୫ ସେଣ୍ଟିମିଟର
- ବେସ୍: ୧୦ ସେଣ୍ଟିମିଟର
- ସାମଗ୍ରୀ: ଗୋଲ୍ଡ ପ୍ଲେଟେଡ ବ୍ରାସ୍
- ଡିଜାଇନ: ଇସିଏଏଲ/ ଅଲିଭିଆ ଡାଲ'ଓମୋ, ସୁଇଜରଲାଣ୍ଡ
- ନିର୍ମାତା: ଅସଲାନ ରୁସୋ, ଇସ୍ତାନବୁଲ, ତୁର୍କୀ



ଏଫଆଇଏଚ୍ ହକି ପ୍ରୋ ଲିଗ ଟ୍ରଫି ନିକଟରେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୁତୀ ଚାନ୍ଦ।



ବେଲଜିୟମ ବିପକ୍ଷ ହାଇପ୍ରୋଫାଇଲ ହକି ପ୍ରୋ ଲିଗ ମ୍ୟାଚ୍ ପୂର୍ବରୁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସରତ ଭାରତୀୟ ଦଳ। (ଫଟୋ: ବିକାଶ ନାୟକ)

## ଚାଇନା ଟୁର୍‌ରେ ଯିବନି ମହିଳା ହକି ଦଳ

ନୂଆଦିଲ୍ଲୀ, ୭।୨ (ପି.ଟି.)

ଘାତକ କରୋନା ଭାଇରସ୍‌ର ପ୍ରକୋପ ଯୋଗୁ ଭାରତୀୟ ମହିଳା ହକି ଦଳ ଚାଇନା ଟୁର୍‌ରେ ଯିବ ନାହିଁ। ଅଲିମ୍ପିକ୍ସ କ୍ରମେ ନିକଟତର ହୋଇ ଆସୁଥିବାବେଳେ ପ୍ରସ୍ତୁତି ପାଇଁ ଅନ୍ୟ କୌଣସି ଦଳ ଯୋଗାଡ଼ କରିବା କଷ୍ଟକର ବୋଲି ଅଧିନାୟିକା ରାଣୀ ରାମପାଲ କହିଛନ୍ତି। ଭାରତୀୟ ମହିଳା ଦଳ ମାର୍ଚ୍ଚ ୧୪ରୁ ୨୫ ପର୍ଯ୍ୟନ୍ତ ଚାଇନା ଗସ୍ତରେ ଯିବା କାର୍ଯ୍ୟକ୍ରମ ଥିଲା। ମାତ୍ର କରୋନା ଭାଇରସ୍‌ର ଦ୍ରୁତ ପ୍ରସାର ଯୋଗୁ ଏହା ବାତିଲ କରାଯାଇଛି। କରୋନା ଭାଇରସ୍‌ରେ ପୀଡ଼ିତ ହୋଇ ଚାଇନାରେ ୬୩୬ ଲୋକ ପ୍ରାଣ ହରାଇ ସାରିଲେଣି। ଆହୁରି ୩୧,୧୬୧ ଲୋକ ଏଥିରେ ସଂକ୍ରମିତ ହୋଇଛନ୍ତି। ବହୁ ଦଳ ପ୍ରୋ-ହକି ଲିଗ୍‌ରେ ଭାଗ ନେଇଛନ୍ତି। ଆର୍ଜେଣ୍ଟିନା, ବେଲଜିୟମ, ଅଷ୍ଟ୍ରେଲିଆ, ଜର୍ମାନୀ,ଗ୍ରେଟ୍ ବ୍ରିଟେନ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଏଫଆଇଏଚ୍ ପ୍ରୋ-ଲିଗ୍‌ରେ ଅଂଶଗ୍ରହଣ କରୁଛନ୍ତି। ଅଲିମ୍ପିକ୍ସ ଆଉ ୫ମାସରୁ କମ୍ ସମୟ ରହିଥିବାବେଳେ ଇଭେଣ୍ଟ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ବର୍ତ୍ତମାନ ସମୟ ଗୁରୁତ୍ୱପୂର୍ଣ୍ଣ। ଭଲ ରୂପେ ପ୍ରସ୍ତୁତ ହେବାକୁ ହେଲେ ଭଲ ଦଳ ବିପକ୍ଷରେ ଖେଳିବାକୁ ହେବ ବୋଲି ରାଣୀ ପ୍ରକାଶ କରିଛନ୍ତି। ଭାରତୀୟ ମହିଳା ହକି ଦଳର ନ୍ୟୁଜିଲାଣ୍ଡ ଟୁର୍ ବୁଧବାର ଶେଷ ହୋଇଛି। ଦଳ ବର୍ତ୍ତମାନ ଫେବୃୟାରୀ ୧୬ରୁ ମାର୍ଚ୍ଚ ୧୪ ପର୍ଯ୍ୟନ୍ତ ୪ ସପ୍ତାହ ଧରି ଟ୍ରେନିଂ ଓ କଣ୍ଡିଶନିଂ କ୍ୟାମ୍ପରେ ରହିବ। ଗତବର୍ଷ ୨୦୧୯ ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ଭୁବନେଶ୍ୱର ପର୍ଯ୍ୟାୟରେ ଯୁକ୍ତରାଷ୍ଟ୍ର ଆମେରିକାକୁ ପରାସ୍ତ କରି ଭାରତ ଅଲିମ୍ପିକ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଭାରତୀୟ ମହିଳା ହକି ଦଳ ତୃତୀୟ ଥର ପାଇଁ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛି।

## ସିଡ୍‌ନୀ ଗ୍ରାଉଣ୍ଡରେ ସଚିନ

ନୂଆଦିଲ୍ଲୀ,୭।୨

ଭାରତୀୟ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଶୁକ୍ରବାର ଅଷ୍ଟ୍ରେଲିଆର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି) ଗସ୍ତ କରି ଷ୍ଟାଡିୟମରେ ତାଙ୍କ ପସନ୍ଦୀୟ ଜାଗା ଦେଖାଇଛନ୍ତି। ଏବେ ତେନ୍ଦୁଲକର ବଶଫାୟାର ବାଶ ମ୍ୟାଚ୍ ପାଇଁ ପଣ୍ଟିଂ ଏକାଦଶର କୋଚ୍ ଭାବେ ଅଷ୍ଟ୍ରେଲିଆରେ ଅଛନ୍ତି। ୪୬ ବର୍ଷୀୟ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଏସ୍‌ସିଜିଠାରେ ୫ ଟେଷ୍ଟ ଖେଳି ୭୮୫ ରନ୍ କରିଥିଲେ। ୨୦୦୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ହିଁ ସେ ୨୪୧ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ୨୦୦୩-୦୪ ସିରିଜ୍‌ରେ ତେନ୍ଦୁଲକର ନିଜର ଟ୍ରେଡମାର୍କ ଶଟ୍ କଭର ଡ୍ରାଇଭ ଖେଳି ନ ଥିଲେ। ରିକି ପଣ୍ଟିଂ ଏକାଦଶ ଦଳର କୋଚ୍ ସଚିନ ପ୍ରଶଂସକଙ୍କୁ ଅଷ୍ଟ୍ରେଲିଆରେ ଜଙ୍ଗଲ ନିଆଁ କ୍ଷୟକ୍ଷତି ଭରଣା ପାଇଁ ଦାନ କରିବାକୁ କହିଛନ୍ତି।

## ନ୍ୟାଶନାଲ ମାଷ୍ଟର୍ସ ଗେମ୍ସ: ପାର୍ବତୀଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

ଭୁବନେଶ୍ୱର, ୭।୨ (ସ୍ପୋର୍ଟ୍ସ ବ୍ୟୁରୋ)

ବରୋଦାରେ ଚାଲିଥିବା ନ୍ୟାଶନାଲ ମାଷ୍ଟର୍ସ ଗେମ୍ସର ୩ୟ ସଂସ୍କରଣରେ ଓଡ଼ିଶାର ତାରକା ଆଥଲେଟ ପାର୍ବତୀ ସେଠୀ ତାଙ୍କ ପ୍ରିୟ ଇଭେଣ୍ଟ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫଳରେ ଏହି ଗେମ୍ସରେ ପାର୍ବତୀଙ୍କ ସ୍ୱର୍ଣ୍ଣ ସଂଖ୍ୟା ୨ରେ ପହଞ୍ଚିଛି। ସେ ବୁଧବାର ମହିଳା ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରାଜ୍ୟ ପାଇଁ ଗୌରବ ଆଣିଦେଇଥିବାରୁ ତାଙ୍କର ଏହି ସଫଳତା ଲାଗି ବିଭିନ୍ନ ଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ପୂର୍ବରୁ ସେ ଅନେକ ଜାତୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦକ୍ଷତା ଦେଖାଇ ସାରିଛନ୍ତି। ଆଗକୁ ଏସିଆନ ମାଷ୍ଟର୍ସ ଗେମ୍ସ ପାଇଁ ପାର୍ବତୀଙ୍କ ନାମ ଘୋଷଣା କରାଯାଇଛି। ଏଥିଲାଗି ଅର୍ଥ ବାଧକ ସାଜିଛି। ସେ ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି।



# ଗୋବିନ୍ଦଙ୍କ ଶତକ ସତ୍ତ୍ୱେ ଓଡ଼ିଶା ପରାସ୍ତ

**ରଣଜୀ ଟ୍ରଫି**

କଟକ ଅଫିସ,୭।୨

ମହାରାଷ୍ଟ୍ରର ନାଗୋଥାନେସ୍ଥିତ ରିଲାଏନ୍ସ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଶେଷ ହୋଇଥିବା ମହାରାଷ୍ଟ୍ର ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ପରାସ୍ତ ହୋଇଛି। ୪ର୍ଥ ଦିବସ ଅନ୍ତିମ ସେସନ୍‌ରେ ବ୍ୟାଟିଂ ବିପର୍ଯ୍ୟୟ ଦଳ ପାଇଁ ମହଙ୍ଗା ପଡ଼ିଛି। ଗୋବିନ୍ଦ ପୋଦ୍ଦାରଙ୍କ ଶତକ ସହାୟତାରେ ଓଡ଼ିଶା ମ୍ୟାଚକୁ ଡ୍ର ରଖିବା ସମ୍ଭାବନା ସୃଷ୍ଟି କରିଥିଲେ ହେଁ ଶେଷରେ ୧୦ ଉଇକେଟରେ ହାରିଛି। ପରାଜୟ ସହିତ ଓଡ଼ିଶା ଏଲିଟ ଗ୍ରୁପ-ସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଖସିଛି। ୮ଟି ମ୍ୟାଚ୍‌ରୁ ୩୫ ପଏଣ୍ଟ ସଂଗ୍ରହ କରିଛି ଓଡ଼ିଶା। ମହାରାଷ୍ଟ୍ର ୨୮ ପଏଣ୍ଟ ପାଇଁ ୫ମ ସ୍ଥାନରେ ଥିବା ବେଳେ ଜମ୍ମୁ-କଶ୍ମୀର ୩୯ ପଏଣ୍ଟ ସହ ଗ୍ରୁପ ଶୀର୍ଷରେ ରହିଛି। ଆସନ୍ତା ୧୨ରୁ ବାରବାଟୀ ଷ୍ଟାଡିୟମରେ ଝାଡ଼ଖଣ୍ଡ ବିପକ୍ଷରେ ଓଡ଼ିଶା ଲିଗ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍ ଖେଳିବ।

ଓଡ଼ିଶା ପ୍ରଥମ ଇନିଂସରେ ୨୯୩ରନରେ ଅଲଆଉଟ ହେବା ପରେ ମହାରାଷ୍ଟ୍ର ୫ ଉଇକେଟ ହରାଇ ୫୪୩ରନ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଅଧିନାୟକ ଅଙ୍କିତ ବାୱନେ ଅପରାଜିତ ୨୦୪ରନର ଦ୍ୱିଶତକୀୟ ଇନିଂସ ଖେଳିଥିଲେ। ଗୁରୁବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୧୧ ଓଭର ଖେଳି ୨୪ରନ କରିଥିଲା। ଓପନର ଶାନ୍ତନୁ ମିଶ୍ର ୧୪ ଓ ଅନୁରାଗ ଷଡ଼ଙ୍ଗୀ ୧୦ରନରେ ଅପରାଜିତ ଥିଲେ। ୨୨୬ରନ ପଛରେ ଥିବା ଓଡ଼ିଶା ଚତୁର୍ଥ ଦିବସରେ ରକ୍ଷଣାତ୍ମକ ଶୈଳୀରେ ବ୍ୟାଟିଂ କରିବା ସହ ମ୍ୟାଚ୍‌କୁ ଡ୍ର ରଖିବା ପାଇଁ ଚେଷ୍ଟା କରିଥିଲା। ତେବେ ଶୁକ୍ରବାର ଖେଳ ଆରମ୍ଭର ଦ୍ୱିତୀୟ ଓଭରରେ ଓପନର ଶାନ୍ତନୁ ୨୧ରନରେ ଆଉଟ ହୋଇଥିଲେ। ଚଳିତ ସିଜନରେ ବ୍ୟାଟିଂ ପ୍ରଦର୍ଶନକୁ ନେଇ ସଂଘର୍ଷ କରୁଥିବା ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ମଧ୍ୟ ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନଥିଲେ। ସେ ୧୨ରନରେ ଆଉଟ ହୋଇଥିଲେ। ୫୯ରନରେ ୨ଟି ଉଇକେଟ ହରାଇଥିବା ଓଡ଼ିଶା ୩ୟ ଉଇକେଟ ଭାଗୀଦାରିରେ ୯୪ରନ ସଂଗ୍ରହ କରିଥିଲା। ଅନୁରାଗ ଓ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ୧୧୫ବଲରୁ ୫୦ରନ କରିଥିବା ଅନୁରାଗ ୭୩ରନ କରି ଆଉଟ ହୋଇଥିଲେ। ଅନୁରାଗଙ୍କ ଉଇକେଟ ଦଖଲ ମହାରାଷ୍ଟ୍ର ପାଇଁ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା। ୩ୟ ଉଇକେଟ ପତନ ସମୟରେ ୪୨ରନ କରିଥିବା ଗୋବିନ୍ଦ ଗୋଟିଏ ପାର୍ଶ୍ୱରୁ ଚମତ୍କାର ବ୍ୟାଟିଂ ଜାରି ରଖିଥିଲେ। ହେଲେ ମଧ୍ୟକ୍ରମର ବ୍ୟାଟିଂ ବିଫଳତା ଯୋଗୁଁ ଓଡ଼ିଶା ପରାଜୟର ସମ୍ମୁଖୀନ ହୋଇଥିଲା। ବିପ୍ଳବ ସାମନ୍ତରାୟ ୧୯, ଅଭିଷେକ ରାଉତ ୨୩, ରାଜେଶ ଧୂପର ୦, ଦେବବ୍ରତ ପ୍ରଧାନ ୧, ସୂର୍ଯ୍ୟକାନ୍ତ ପ୍ରଧାନ ୬, ରାଜେଶ ମହାନ୍ତି ୦ରେ ଆଉଟ ହୋଇଥିଲେ। ୯୨ବଲରୁ ୫୦ରନ ପୂରଣ କରିବା ପରେ ୧୮୭ବଲରୁ ୧୧୮ରନ କରି ଗୋବିନ୍ଦ ୯ମ ବ୍ୟାଟ୍ସମ୍ୟାନ ଭାବେ ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଇନିଂସରେ ଓଡ଼ିଶା ୨୮୯ରନରେ ଅଲଆଉଟ ହେବା ଫଳରେ ମହାରାଷ୍ଟ୍ର ସମ୍ମୁଖରେ ୪୦ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମହାରାଷ୍ଟ୍ର ପକ୍ଷରୁ ମୁକେଶ ଚୌଧୁରୀ ୪ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଅଶୟ ପାଲକାର ଓ ସତ୍ୟଜିତ ବଚାଭଙ୍କୁ ୩ଟି ଲେଖାଏ ଉଇକେଟ ମିଳିଥିଲା। ଅଧିନାୟକ ଅଙ୍କିତ(୧୪ରନ) ଓ ରାହୁଲ ତ୍ରିପାଠୀ(୨୧ରନ) ଅପରାଜିତ ରହି ଦଳକୁ ଜିତାଇଥିଲେ।



ଗୋବିନ୍ଦ ପୋଦ୍ଦାର

### ଅନ୍ତିମ ସେସନ୍‌ରେ ବାଜି ପଲଟିଲା

ମ୍ୟାଚ୍‌ଟି ଡ୍ର ରହିବ ବୋଲି ଅନୁମାନ କରାଯାଉଥିଲା। ୩ ଉଇକେଟ ହରାଇ ଓଡ଼ିଶା ୧୯୦ରନ କରିଥିବାବେଳେ ଗୋବିନ୍ଦ ୫୯ରନ ଓ ବିପ୍ଳବ ୧୮ରନରେ ଅପରାଜିତ ଥାନ୍ତି। ହେଲେ ଅନ୍ତିମ ସେସନ୍‌ରେ ବଳକା ୯୬ରନରେ ଓଡ଼ିଶା ୭ଟି ଉଇକେଟ ହରାଇଥିଲା। ଯାହା ଫଳରେ ମ୍ୟାଚ୍ ସମ୍ପୂର୍ଣ୍ଣ ଭାବେ ମହାରାଷ୍ଟ୍ର ହାତକୁ ଚାଲି ଯାଇଥିଲା।

### ମହାରାଷ୍ଟ୍ରର ବାଉନ୍ସ ଟ୍ରିକ୍

ଦ୍ୱିତୀୟ ଇନିଂସରେ ଓଡ଼ିଶା ପକ୍ଷରୁ ସର୍ବାଧିକ ରନ୍ କରିଥିବା ଦୁଇ ବ୍ୟାଟ୍ସମ୍ୟାନ ଅନୁରାଗ ଓ ଗୋବିନ୍ଦ ମହାରାଷ୍ଟ୍ର ପେସ୍ ବୋଲର ମୁକେଶ ଚୌଧୁରୀଙ୍କ ବାଉନ୍ସର ବଲରେ ଆଉଟ ହୋଇଥିଲେ। ଉଭୟଙ୍କୁ ଆଉଟ କରିବା ପାଇଁ ମହାରାଷ୍ଟ୍ର ପେସ ବୋଲରମାନେ ବାରମ୍ବାର ବାଉନ୍ସର ପକାଉଥିବା ଦେଖିବାକୁ ମିଳିଥିଲା। ଏଠାରେ କ୍ୟାରିୟରର ୮ମ ଶତକ ହାସଲ କରିଥିବା ଗୋବିନ୍ଦ ମଧ୍ୟ ଅନେକ ବାଉନ୍ସର ବଲକୁ ସଫଳତାର ସହ ସମ୍ମୁଖୀନ ହେବା ପରେ ଶେଷରେ କ୍ୟାଚ୍ ଆଉଟ ହୋଇଥିଲେ।

### ବୋନସ ପଏଣ୍ଟ ପାଇଁ ସଂଘର୍ଷ

ଏହି ମ୍ୟାଚ୍‌କୁ ୧୦ଉଇକେଟରେ ଜିତି ମହାରାଷ୍ଟ୍ର ବୋନସ ପଏଣ୍ଟ ହାସଲ କରିଛି। ବଳକା ୧୨ ଓଭର ଖେଳରୁ ବିଜୟୀ ପାଇଁ ଦଳକୁ ୪୦ରନ ଆବଶ୍ୟକ ଥିଲା। ଅଧିନାୟକ ଅଙ୍କିତ ଓ ଆଇପିଏଲ ତାରକା ଖେଳାଳି ରାହୁଲ ତ୍ରିପାଠୀ କ୍ରିଜକୁ ଆସିଥିଲେ। କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ହାସଲ କରିବା ପାଇଁ ଦଳ ସଂଘର୍ଷ କରିଥିବା ଦେଖିବାକୁ ମିଳିଥିଲା। ଏପରିକି ଷ୍ଟମ୍ପ ଅପସାରଣ ହେବାର ଗୋଟିଏ ଓଭର ପୂର୍ବରୁ ମହାରାଷ୍ଟ୍ର ବିଜୟୀ ହୋଇଥିଲା।



“ବ୍ୟାଟିଂ ସମୟରେ ଅଷ୍ଟ୍ରେଲିଆ ଉଦୀୟମାନ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସାନେଙ୍କ ତ୍ରୁଟିଶୂନ୍ୟ ଫୁଟ୍‌ୱର୍କ ମୋତେ ପ୍ରଭାବିତ କରିଛି ।

–ସଚିନ ତେନ୍ଦୁଲକର, ଭାରତୀୟ କ୍ରିକେଟ ଆଇକନ୍



“ଗତ ତିନି ବର୍ଷ ମଧ୍ୟରେ ଖେଳାଳିଙ୍କ ଫିଟ୍‌ନେଶରେ ଉନ୍ନତି ଘଟିଥିବାରୁ ଏବେ ଭାରତୀୟ ଦଳ ସଫଳତା ହାସଲ କରିପାରୁଛି ।

–ରାଣୀ ରାମ୍‌ପାଲ, ଭାରତୀୟ ହକି ଅଧିନାୟିକା

# ଟାଟା ସ୍ପୋର୍ଟ୍ସ, ଏୟାର ଇଣ୍ଡିଆ ମୁମ୍ବାଇ ସେମିରେ

ବନ୍ତ, ୭।୨(ଡି.ଏନ.ଏ./ସ୍ୱ.ପ୍ର.)

## ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ ଟିଲୋ କପ୍

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନିଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ ଟିଲୋ କପ୍‌ର ଶୁକ୍ରବାର ମ୍ୟାଚ୍ ଅଧିକ ବର୍ଷା ଯୋଗୁ ବାତିଲ କରାଯାଇଥିଲା । ଫଳରେ ଆଇସିସି ନିୟମ ଆଧାରରେ ରନ୍ ରେଟ୍‌କୁ ହିସାବ କରାଯାଇ ପଏଣ୍ଟ ଅନୁସାରେ ବିଜେତା ଘୋଷଣା କରାଯାଇଛି । ପୁଲ୍-ସିର ଶେଷ ଲିଗ୍ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣା ଓ ଟାଟା ସ୍ପୋର୍ଟ୍ସ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହେବାର ଥିଲା । ବର୍ଷା କାରଣରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା । ଆଇସିସି ନିୟମ ଅନୁଯାୟୀ ଉଭୟ ଦଳର ରନ୍ ରେଟ୍‌କୁ ହିସାବକୁ ନିଆଯାଇଥିଲା । ଉଭୟ ଦଳ ସେହି ପୁଲ୍‌ରେ ଗୋଟିଏ ଲେଖାଏ ମ୍ୟାଚ୍ ଜିତି ୨ଟି ଲେଖାଏ ପଏଣ୍ଟ ହାସଲ କରିଥିଲେ । ଟାଟା ସ୍ପୋର୍ଟ୍ସ ମୁମ୍ବାଇର ରନ୍ ରେଟ୍ ୩.୧୪ ଏବଂ ଇଷ୍ଟର୍ନ ରେଲୱେ ବିଶାଖାପାଟଣାର ରନ୍ ରେଟ୍ ୧.୨୧ ଥିବାବେଳେ ଉନ୍ନତ ରନ୍ ରେଟ୍ ଆଧାରରେ ମ୍ୟାଚ୍ ରେଫରି ଇଂ.ସୁଧାଂଶୁ ଶେଖର ନାୟକ ଟାଟାସ୍ପୋର୍ଟ୍ସ ମୁମ୍ବାଇକୁ ସେମିଫାଇନାଲକୁ ଉନ୍ନୀତ କରାଇଥିଲେ ।

ସେହିପରି ୨ୟ ମ୍ୟାଚ୍ ତଥା ପୁଲ୍-ଡି’ର ଶେଷ ଲିଗ୍ ମ୍ୟାଚ୍ ଏୟାର ଇଣ୍ଡିଆ ମୁମ୍ବାଇ ଓ ଏ ଆଣ୍ଡ୍ ଏସ୍ କୋଲକାତା ମଧ୍ୟରେ ଅନୁଷ୍ଠିତ ହେବାର ଥିଲା । କୋଲକାତା ୨ ପଏଣ୍ଟ ସହ ରନ୍ ରେଟ୍ ୩.୩୪ ଥିବାବେଳେ ଏୟାର ଇଣ୍ଡିଆ ମୁମ୍ବାଇ ୨ ପଏଣ୍ଟ ସହ ରନ୍ ରେଟ୍ ୪.୦୧ରେ ଥିଲା । ଏ ଆଣ୍ଡ ଏସ୍ କୋଲକାତା ସୁପର ଓଭରରେ ମ୍ୟାଚ୍ ଜିତିଥିବା ଯୋଗୁ ରନ୍ ରେଟ୍ କମ୍ ରହିଥିଲା । ଫଳରେ ଆଇସିସିର ନିୟମ ଅନୁଯାୟୀ ଅଧିକ ରନ୍‌ରେଟ୍ ହାରରେ ଏୟାର ଇଣ୍ଡିଆ ମୁମ୍ବାଇକୁ ସେମିଫାଇନାଲକୁ ଉନ୍ନୀତ କରାଯାଇଛି । ଅମ୍ପାୟାର ଲଲାଟ କେଶରୀ ନନ୍ଦ, ହିମାଂଶୁ ବେହେରା, ପିଚ୍ କ୍ୟୁରେଟର ମାନସ ପୁହାଣ, ରାଜେନ୍ଦ୍ର ଧଳ, ଗ୍ରାଉଣ୍ଡ ମ୍ୟାନ୍ ଶଙ୍କର୍ଷଣ ଧଳ, ବାପିନ ବେହେରା, ବାପୁନ ରାଉତ ଓ ସିପୁନ ରାଉତ ଉପସ୍ଥିତ ଥିଲେ । ଶନିବାର ୨ୟ ସେମିଫାଇନାଲ ମ୍ୟାଚ୍ ଟାଟାସ୍ପୋର୍ଟ୍ସ ମୁମ୍ବାଇ ବନାମ ଏୟାର ଇଣ୍ଡିଆ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁ ଓ ସମ୍ପାଦକ ଅସିତ୍ କର ସୂଚନା ଦେଇଛନ୍ତି ।


## OFFICE OF THE NOTIFIED AREA COUNCIL, NUAPADA

**Tender Reference No. NPD-NAC-02/2019-20**
**Bid Reference No.-2020_ORULB_59621**
**Tender Call Notice No. 176 / Works Dt. 06.02.2020**

Bid documents consisting of specification, the schedule of quantities and the set of terms and condition of contract and other necessary documents can be seen in the office Notice Board.

| | | | |
|---|---|---|---|
| 1. | Nature of Work | : | Civil Construction works as mentioned in Website. |
| 2. | Estimated Cost | : | Rs. 1.77 Lakhs to 17.87 Lakhs |
| 3. | Period of Completion | : | As per DTCN |
| 4. | Date and time of availability of the documents in the office | : | 10.00 AM of Dt. 12.02.2020 to 05.00 PM 24.02.2020 |
| 5. | Last date/time for receipt of Bids in the Office | : | Upto dtd 27.02.2020 at 05.00 PM |
| 6. | Name and Address of the Officer Inviting Bid | : | Executive Officer, Nuapada NAC, Dist.- Nuapada |

Further, the details can be seen from the "e" procurement portal **www.tendersorissa.gov.in**.

**Sd./-**
**Executive Officer, NAC, Nuapada**

THE ODISHA MINING CORPORATION LTD.
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No.OMC/E-PROC/CMC/09/2020** **Date : 07.02.2020**

**E-PROCUREMENT NOTICE**

| | | |
|---|---|---|
| 1 | Name of work | Procurement of Services - Quality Control, Sampling and Analysis of Iron Ore, Chrome Ore, Chrome Concentrate, Manganese Ore, Bauxite, Associated Rocks and Minerals (through e-tendering) |
| 2 | Availability of tender documents on the e-tendering portal of Government of Odisha | Date : 08.02.2020; Time : 11:00 AM |
| 3 | Last date for sending queries to OMC | Date : 15.02.2020; Time : 05:00 PM; queries may be sent by email to manoharandurai@yahoo.com |
| 4 | Pre-bid meeting | Date : 18.02.2020; Time : 11:00 AM; Venue : OMC, HO, Bhubaneswar |
| 5 | Issue of responses to pre-bid queries, addendum / corrigendum, if required | Date : 22.02.2020 |
| 6 | Bid Due Date | Date : 29.02.2020; Time : 05:00 PM |
| 7 | Opening of Techno-Commercial Bid | Date : 02.03.2020; Time : 11:00 AM |
| 8 | Opening of Price Bid | To be informed to the Technically Qualified Bidders |
| 9 | Tender Document Cost (non-refundable) including GST | Amount : INR 11,800 (Rupees Eleven Thousand Eight Hundred only) including GST@18% Payable online on the e-tender portal of Government of Odisha (www.tendersodisha.gov.in) |
| 10 | Earnest Money Deposit (EMD) | Amount : INR 15,00,000 (Rupees Fifteen Lakh only) Payable online on the e-tender portal of Government of Odisha (www.tendersodisha.gov.in) |

All other details can be seen from the Tender Document available on the e-procurement portal of the Government of Odisha (**www.tendersodisha.gov.in**) and on the website of OMC (**www.omcltd.in**). OMC reserves the right to reject any or all bids without assigning any reason thereof.

**Sd/-**
**General Manager (Material)**
**Head of C&P**


# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

ଅକ୍‌ଲାଣ୍ଡ,୭।୨(ପି.ଟି.)

ଟି୨୦ ସିରିଜରେ ୫-୦ରେ କ୍ଲିନ୍ ସୁଇପ୍ କରିବା ପରେ ଭାରତ ଘରୋଇ ନ୍ୟୁଜିଲାଣ୍ଡଠାରୁ ପ୍ରଥମ ଦିନିକିଆରେ ବୃହତ୍ ସ୍କୋର ହାସଲ କରିଥିଲେ ମଧ୍ୟ ପରାସ୍ତ ହୋଇଥିଲା । ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ପଛରେ ପଡିଥିବା ଭାରତ ଓ ନ୍ୟୁଜିଲାଣ୍ଡ ଶନିବାର ଦ୍ୱିତୀୟ ଦିନିକିଆରେ ପରସ୍ପରକୁ ଭେଟିବେ । ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ଖେଳାଯିବାକୁଥିବା ଏହି ମ୍ୟାଚ୍‌ରେ ଭାରତ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି । ସିରିଜକୁ ଜୀବିତ ରଖିବାକୁ ହେଲେ ଭାରତକୁ ଏହି ମ୍ୟାଚ୍‌ରେ ବିଜୟୀ ହୋବ ଅପରିହାର୍ଯ୍ୟ ହୋଇ ପଡିଛି । ପ୍ରଥମ ଦିନିକିଆର ପରାଜୟ ଭାରତର ବୋଲିଂ ଓ ଫିଲ୍ଡିଂ ଦୁର୍ବଳତାକୁ ପଦାରେ ପକାଇଛି । ତେଣୁ ଏହି ଦୁଇ ବିଭାଗରେ ଭାରତ ଉନ୍ନତି କରି ବିଜୟୀ ହେବା ପାଇଁ ପ୍ରୟାସ କରିବ । ଅନ୍ୟପଟେ ପ୍ରଥମ ମ୍ୟାଚ୍‌ରେ ୪ ଉଇକେଟରେ ବିଜୟୀ ହୋଇଥିବା ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍ ଜିତି ସିରିଜ ହାତେଇବାକୁ ଚେଷ୍ଟା କରିବ । ନ୍ୟୁଜିଲାଣ୍ଡ ୩୪୮ ରନର ଟାର୍ଗେଟକୁ ୧୧ଟି ବଲ ବାକି ରଖି ସଫଳତାର ସହ ଚେଜ୍ କରିଥିଲା । ସେଡନ ପାର୍କରେ ଏହା ନ୍ୟୁଜିଲାଣ୍ଡର ସର୍ବାଧିକ ରନ୍ ଚେଜ୍ ସାବ୍ୟସ୍ତ ହୋଇଛି ।

ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡ ଅପେକ୍ଷାକୃତ ଛୋଟ ହୋଇଥିବାରୁ ପୁଣି ଥରେ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଯେଉଁ ଦଳ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବ ଫାଇଦାରେ ରହିବ । ଏଠାରେ ଖେଳାଯାଇଥିବା ଦୁଇଟି ଟି୨୦ରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ଭାରତ ଦୁଇଟି ଯାକ ମ୍ୟାଚ୍‌ରେ ଚେଜ୍ କରିବାରେ ସଫଳ ହୋଇଥିଲା । ହାମିଲଟନରେ ପରାଜୟ ବରଣ କରିବା ପରେ ଭାରତ ଅବଶ୍ୟ ଶିକ୍ଷା ଗ୍ରହଣ କରିଥିବ । ଏହାପୂର୍ବରୁ ଭାରତ ୱେଷ୍ଟଇଣ୍ଡିଜ ଓ ପରେ ଅଷ୍ଟ୍ରେଲିଆକୁ ଦିନିକିଆ ସିରିଜରେ ପରାସ୍ତ କରିଥିଲା । ବିରାଟ କୋହଲିଙ୍କ ଦଳ ଏହି ସଫଳତାକୁ ଏଠାରେ ମଧ୍ୟ ଦୋହରାଇବାକୁ ଚାହିଁବ ।



ନେଟ ସେସନରେ ନବଦୀପ ସଇନିଙ୍କ ସହ କୋଚ୍ ରବି ଶାସ୍ତ୍ରୀ ।

ଚେନ୍ନାଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଓ ମୁମ୍ବାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ହାମିଲଟନରେ ମଧ୍ୟ ଭାରତ ମିଡଲ ଓଭରରେ ଉଇକେଟ ହାସଲ କରିପାରି ନ ଥିଲା । ପ୍ରତିପକ୍ଷ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କୁ ନିର୍ମମ ପ୍ରହାର କରି ବଡ଼ ସଟ୍ ମାନ ଖେଳିଥିଲେ । ଏହାର ଉତ୍ତର ଭାରତ ପାଖରେ ନ ଥିଲା । ପ୍ରଥମ ଦିନିକିଆ ଯେତେବେଳେ ଉଇକେଟ ସନ୍ଧାନରେ ଭାରତ ଥିଲା ଅଧିନାୟକ କୋହଲି ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ବୋଲିଂ ଦେଇଥିଲେ । ବୁମ୍‌ରାଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା ମଧ୍ୟ ଏକ ଦୁର୍ବଳତା ସାବ୍ୟସ୍ତ ହୋଇଛି । ପ୍ରଥମ ମୁକାବିଲାରେ ଭାରତୀୟ ଫିଲ୍ଡିଂ ନିମ୍ନମାନର ଥିଲା । ବାଂଲାଦେଶ ବିପକ୍ଷ ସିରିଜ ପରଠାରୁ ଭାରତୀୟ ଖେଳାଳିଙ୍କ ଫିଲ୍ଡିଂ ନିମ୍ନଗାମୀ ହୋଇଛି । ପ୍ରତ୍ୟାବର୍ତ୍ତନ ପାଇଁ ଭାରତୀୟ ଫିଲ୍ଡିଂରେ ସାମୂହିକ ବିକାଶର ଆବଶ୍ୟକତା ରହିଛି । ନ୍ୟୁଜିଲାଣ୍ଡରେ ସାଧାରଣତଃ ପବନ ଦେଉଥିବା ବେଳେ ହାଇ କ୍ୟାଚ୍ ଧରିବାରେ ସମସ୍ୟା ହୋଇଥାଏ । ଇଡେନ ପାର୍କରେ ଥିବା ଲାଇଟ୍ ମଧ୍ୟ ଏଥିରେ ଯଥେଷ୍ଟ ପରିମାଣରେ ବାଧା ସୃଷ୍ଟି କରିଥାଏ ।

ଶୁକ୍ରବାର ନେଟ୍ସରେ ଭାରତୀୟ ଖେଳାଳିମାନେ ଅଭ୍ୟାସ କରିଥିଲେ । ନବୀଦପ ସଇନି ଓ ଶାର୍ଦ୍ଦୁଳ ଠାକୁର ବୋଲିଂ କରିବା ସହ ବ୍ୟାଟିଂ ଅଭ୍ୟାସ ମଧ୍ୟ କରିଥିଲେ । ଇଡେନ ପାର୍କରେ ଖେଳାଯାଇଥିବା ଟି୨୦ରେ ଠାକୁର ବେଶ୍ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ । ଦିନିକିଆରେ ମଧ୍ୟ ତାଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲା । ତେଣୁ ଠାକୁରଙ୍କ ବଦଳରେ ସଇନିଙ୍କୁ ଖେଳାଯିବାର ସମ୍ଭାବନା ରହିଛି । ପୁଣି ଦଳରେ କେଦାର ଯାଦବଙ୍କ ଭୂମିକାକୁ ନେଇ ଚିନ୍ତା ସୃଷ୍ଟି ହୋଇଛି । ଭଲ ପାର୍ଟ ଟାଇମ୍ ସ୍ପିନ ବୋଲିଂ କରୁଥିଲେ ମଧ୍ୟ କୋହଲି ତାଙ୍କୁ ହାମିଲଟନରେ ଗୋଟିଏ ଓଭର ମଧ୍ୟ ବୋଲିଂ କରିବାକୁ ଦେଇ ନ ଥିଲେ । ଛୋଟ ବାଉଣ୍ଡାରୀ ପାଇଁ ବୋଧେ ତାଙ୍କୁ ବୋଲିଂ କରିବାର ସୁଯୋଗ ଦିଆଯାଇ ନ ଥିଲା । ଏବେ ତାଙ୍କ ବଦଳରେ ଶିବମ୍ ଦୁବେ କିମ୍ବା ଫୁଲ ଟାଇମ୍ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେଙ୍କୁ ସୁଯୋଗ ଦିଆଯାଇପାରେ । ଗତ ମ୍ୟାଚ୍‌ରେ ଓପନର ଭାବେ ଡେବ୍ୟୁ କରିଥିବା ଦୁଇ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର ହାସଲ କରି ନ ଥିଲେ । ଏଥର ଦୁଇ ଓପନ ଭଲ ଖେଳିବେ ବୋଲି ଆଶା କରାଯାଉଛି ।

ଅପରପକ୍ଷରେରେ ଟି୨୦ ସିରିଜରେ ହ୍ୱାଇଟ୍ ୱାସ୍‌ର ସମ୍ମୁଖୀନ ହେବା ପରେ ନ୍ୟୁଜିଲାଣ୍ଡ ରଣନୀତିରେ ପରିବର୍ତ୍ତନ ଆଣି ସଫଳ ହୋଇଛି । ମିଡଲ ଅର୍ଡରରେ କାମଚଳା ଅଧିନାୟକ ଟମ୍ ଲାଥମଙ୍କ ବ୍ୟାଟିଂ ଦଳ ପାଇଁ କାମରେ ଆସିଲା । ମାର୍ଟିନ ଗୁପ୍ତିଲ ଇନିଂସ ଓପନ କରିବେ ବୋଲି ହେନେରୀ ନିକୋଲ୍ସ ସୂଚନା ଦେଇଛନ୍ତି । ରସ୍ ଟେଲର ତାଙ୍କ ଦମ୍‌ଦାର ବ୍ୟାଟିଂ ବଜାୟ ରଖିବେ ବୋଲି ଆଶା କରାଯାଉଛି । ଅଧିନାୟକ କେନ୍ ୱିଲିୟମସନ ଫିଟ୍ ହେବା ପାଇଁ ଆହୁରି କିଛି ଦିନ ଆବଶ୍ୟକ କରିବେ । ଅସୁସ୍ଥତା କାରଣରୁ ସ୍କଟ ଗୁଗେଲେଜିନ୍ ଦ୍ୱିତୀୟ ଦିନିକିଆରୁ ବାଦ୍ ପଡିଛନ୍ତି । ୬ ଫୁଟ୍ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଅକ୍‌ଲାଣ୍ଡ ଦ୍ରୁତ ବୋଲର କାଏଲ ଜେମିସନ ହୋମ୍ ଗ୍ରାଉଣ୍ଡରେ ଡେବ୍ୟୁ କରିବେ । ସ୍ପିନର ଇଶ୍ ସୋଧୀଙ୍କ ବଦଳରେ ସେ ଖେଳିବାର ସୁଯୋଗ ପାଇବେ ।

### ଆଜି ଦ୍ୱିତୀୟ ଦିନିକିଆ

- ସମୟ: ସକାଳ ୭.୩୦
- ସ୍ଥାନ:ଅକ୍‌ଲାଣ୍ଡ
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

# ମହିଳା ତ୍ରିରାଷ୍ଟ୍ରୀୟ ସିରିଜ୍: ହାରିଲା ଭାରତ

ମେଲବୋର୍ନ, ୭।୨

ଚଳିତ ତ୍ରିରାଷ୍ଟ୍ରୀୟ ମହିଳା ଟି୨୦ ସିରିଜ୍‌ରେ ଭାରତୀୟ ଦଳ ଶୁକ୍ରବାର ଦ୍ୱିତୀୟ ପରାଜୟବରଣ କରିଛି । ଇଂଲଣ୍ଡ ଦଳ ୪ ଉଇକେଟରେ ଭାରତକୁ ହରାଇ ଦେଇ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି । ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଶନିବାର ତା’ର ଅନ୍ତିମ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ଭେଟିବ ।

ଟସ୍ ଜିତି ଇଂଲଣ୍ଡ ଅଧିନାୟିକା ହେଥର ନାଇଟ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୨୩ ରନ୍ କରିଥିଲା । ଦଳ ପାଇଁ ସ୍ମୃତି ମନ୍ଧାନା ୪୫, ଜେମିମା ରୋଡ୍ରିଗୁଏଜ ୨୩ ଓ ଅଧିନାୟିକା ହରମନପ୍ରୀତ ୧୪ ରନ୍ କରିଥିଲେ । ଏମାନଙ୍କ ଛଡ଼ା ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ । ଇଂଲଣ୍ଡ ପକ୍ଷରୁ ଆନ୍ୟା ଶରୁବସୋଲ ୩ ଓ କାଥେରିନ ବ୍ରଣ୍ଟ ୨ ଉଇକେଟ ହାସଲ କରିଥିଲେ । ଜବାବରେ ଇଂଲଣ୍ଡ ଇନିଂସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୮ ରନ୍‌ରେ ୩ ଉଇକେଟ ହରାଇ ସାରିଥିଲା । ମାତ୍ର ନାଟାଲି ସ୍କିଭର ବିସ୍ଫୋରକ ୫୦ ରନ୍ ସ୍କୋର କରିଥିଲେ । ତାଙ୍କୁ ଅଧିନାୟିକା ନାଇଟ୍ ୧୮ ଓ ଫ୍ରାନ ୱିଲସନ (୨୦) ଉପଯୁକ୍ତ ସହଯୋଗ କରିଥିଲେ । ଫଳରେ ଇଂଲଣ୍ଡ ୧୮.୫ ଓଭରରେ ୬ ଉଇକେଟ କ୍ଷତିରେ ୧୨୪ ରନ୍ କରି ମ୍ୟାଚ୍ ଜିତିନେଇଛି । ଟିମ୍ ଇଣ୍ଡିଆ ଲାଗି ରାଜେଶ୍ୱରୀ ଗାଏକ୍ୱାଡ ୩ ଉଇକେଟ ନେଇଥିଲେ ।

**ସଂକ୍ଷିପ୍ତ ସ୍କୋର**

ଭାରତ- ୨୦ ଓଭରରେ ୧୩୬/୬(ସ୍ମୃତି ମନ୍ଧାନା ୪୫, ଜେମିମା ରୋଡ୍ରିଗୁଏଜ ୨୩, ଆନ୍ୟା ଶରୁବସୋଲ ୩/୩୧, କାଥେରିନ ବ୍ରଣ୍ଟ ୨/୨୩) ।

ଇଂଲଣ୍ଡ- ୧୮.୫ ଓରରେ ୧୨୪/୬(ନାଟାଲି ସ୍କିଭର ୫୦, ଫ୍ରାନ ୱିଲସନ ୨୦, ରାଜେଶ୍ୱରୀ ଗାଏକ୍ୱାଡ ୩/୨୩, ରାଧା ଯାଦବ ୧/୨୪) ।

# କେପିଏଲ ଫିକ୍ସିଂ: ଚାର୍ଜଶିଟ୍ ଦାଖଲ କଲା ସିସିବି

ବେଙ୍ଗାଲୁରୁ,୭।୨(ପି.ଟି.)

କର୍ଣ୍ଣାଟକ ପ୍ରିମିୟର ଲିଗ୍ (କେପିଏଲ)ରେ ମ୍ୟାଚ୍ ଫିକ୍ସିଂ ଘଟଣାର ତଦନ୍ତ କରୁଥିବା ସେଣ୍ଟ୍ରାଲ କ୍ରାଇମ ବ୍ରାଞ୍ଚ (ସିସିବି) ଶୁକ୍ରବାର ୩ଟି ମାମଲାର ଚାର୍ଜଶିଟ୍ ଦାଖଲ କରିଛି । ଏ ନେଇ ପୋଲିସର ଅତିରିକ୍ତ କମିଶନର ସନ୍ଦୀପ ପାଟିଲ କହିଛନ୍ତି । କୁବନ ପାର୍କ ପୋଲିସ ଥାନାରେ ୬ ଜଣ ଦୋଷୀଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଛି । ସେମାନଙ୍କ ମଧ୍ୟରେ ଦୁଇ ଦଳର ମାଲିକ ଅଲି ଅସଫାକ ଥାରା (ବେଲଗାବି ପାନ୍ଥର୍ସ) ଓ ଅରବିନ୍ଦ ରେଡ୍ଡୀ (ବଲାରି ଟସ୍କର୍ସ) ରହିଛନ୍ତି । କର୍ଣ୍ଣାଟକ କ୍ରିକେଟ ଆସୋସିଏଶନ ମ୍ୟାନେଜମେଣ୍ଟ କମିଟି ସଦସ୍ୟ ସୁଧିନ୍ଦ୍ରା ଶିନ୍ଦେ, ଦୁଇଜଣ କ୍ରିକେଟର ସି.ଏମ. ଗୌଥମ ଓ ଅବରାର କାଜି ଏବଂ ବୁକି ଅମିତ କାଭିଙ୍କ ନାମ ମଧ୍ୟ ରହିଛି । ଜେପି ନଗର ପୋଲିସ ଥାନାରେ ହ୍ୱିସିଲବ୍ଲୋୟର ବଲାରି ଟସ୍କର୍ସ ଖେଳାଳି ଭାବେଶ ଗୁଲେଚାଙ୍କ ପକ୍ଷରୁ ଦାଏର ହୋଇଥିବା ଦ୍ୱିତୀୟ ମାମଲାର ଚାର୍ଜଶିଟ୍‌ରେ ୪ ଜଣ ଡ୍ରମର ଭାବେଶ ବଫନା, ବୁକି ସ୍ୟାମ, ଯତୀନ ସେଠୀ ଓ ହରିଶଙ୍କ ନାମ ରହିଛି ।

# ଚେନ୍ନାଇନ୍ ନିର୍ଣ୍ଣାୟକ ଭୂମିକା ନେବ

ବାଇଚୁଙ୍ଗ ଭୂଟିଆ

ଚଳିତ ଇଣ୍ଡିଆନ ସୁପର ଲିଗ (ଆଇଏସ୍‌ଏଲ୍) ଅବସରରେ ଗୁଡିଏ ସକାରାତ୍ମକ ଖବର ଶୁଣିବାକୁ ମିଳିଥିଲା । ତେବେ ଏଫ୍‌ସି ଗୋଆ କୋଚ୍‌ଙ୍କ ବିଦାୟ ଆଶା ବାହାରେ ଥିଲା । ପ୍ଲେଅଫ୍ ପାଖେଇ ଆସୁଥିବା ବେଳେ ତାଙ୍କୁ ପଦରୁ ଯିବାକୁ ପଡିଲା । ପୁଣି ପ୍ରଥମ ଦଳ ଭାବେ ଗୋଆ ପ୍ଲେଅଫ୍ ପାଇଁ ଯୋଗ୍ୟତା ହାସଲ କରିସାରିଥିବା ବେଳେ ତାଙ୍କୁ ବିଦା କରିବା ଆଦୌ ସମୀଚୀନ ହୋଇନାହିଁ । ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ବାହାର କରିବା ପରେ ଖେଳାଳିଙ୍କ ମନୋବଳ ପ୍ରଭାବିତ ହୋଇଛି । ପଡିଆରେ ଗୋଆର ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ହୋଇଛି । ଗୋଆ ଏପର୍ଯ୍ୟନ୍ତ କରିଆସିଥିବା କଠିନ ପରିଶ୍ରମ ବେକାର ଯିବନାହିଁ । ତେବେ ଡ୍ରେସିଂ ରୁମ୍‌ରେ ଖୁସି ଓ ଆନନ୍ଦ ଥିଲେ ଫୁଟବଲ ଦଳଗୁଡିକ ଭଲ ପ୍ରଦର୍ଶନ କରିଥାନ୍ତି ।

#WhatDrivesYou
EXIDE

ଗତ ହାଇଦ୍ରାବାଦ ଏଫ୍‌ସି ବିପକ୍ଷ ମ୍ୟାଚ୍‌ରେ କ୍ଲିଫର୍ଡ ମିରିଣ୍ଡା ଓ ଡେରିକ ପେରେଇରା ଯେଉଁଭଳି ପ୍ରଦର୍ଶନ କଲେ, ତାହା ପ୍ରଶଂସନୀୟ । ତେବେ ଠୋକର ନ ଖାଇବା ଓ ହଡବଡ଼ ନ କରିବା ହେଉଛି ଏବେ ସବୁଠାରୁ ଏକ ବଡ଼ ଚ୍ୟାଲେଞ୍ଜ । ତେବେ ଏହି ଦୁଇ ଖେଳାଳି ଯେଉଁଭଳି ପ୍ରଦର୍ଶନ କରିଛନ୍ତି ଓ ଦଳକୁ ମୋଟିଭେଟ କରିଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ।

ଫୁଟବଲର ମୌଳିକ ଧାରା ଅନୁଯାୟୀ ଭାରତୀୟ କୋଚିଂ କମ୍ବିନେଶନ କାର୍ଯ୍ୟ କରିବା ଉଚିତ । ଅତ୍ୟଧିକ ପରୀକ୍ଷା ନିରୀକ୍ଷା କରିବାର ଆବଶ୍ୟକତା ନାହିଁ । ଦଳ ଭିତରେ ସଦସ୍ୟମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ତଥା ଭାଇଚାରା ବଜାୟ ରଖିପାରିଲେ ଅଧା କାର୍ଯ୍ୟ ସାଧନ ହେବ । ଦଳ ଗତ କେତୋଟି ମ୍ୟାଚ୍‌ରେ ତା’ର ଆକ୍ରମଣାତ୍ମକ ଖେଳକୁ ବଜାୟ ରଖିଆସିଛି । ତେଣୁ ଅଧିକ କିଛି ପରିବର୍ତ୍ତନର ଆବଶ୍ୟକତା ନାହିଁ । ଏହି ରଣନୀତି ଆପଣାଇ ଚେନ୍ନାଇନ୍ ଏଫ୍‌ସି ଭଲ ପ୍ରଦର୍ଶନ କରିପାରିଛି । ଚେନ୍ନାଇନ୍ ଏଫ୍‌ସି ଗତ ୪ଟି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟୀ ହୋଇ ଏବେ ପ୍ଲେଅଫ୍ ଦୌଡ଼ରେ ସାମିଲ ହୋଇଛି । ଏବେ ମଧ୍ୟ ଆଶା ରହିଛି । ନୂଆ କୋଚ୍ ଓୱେନ କୋଏଲ ବ୍ୟସ୍ତ ବିବ୍ରତ ନ ହୋଇ ଶାନ୍ତ ଚିତ୍ତରେ ପ୍ରୟାସ କରି ସଫଳ ହୋଇଛନ୍ତି । ଗୋଟିଏ ସମୟ ଥିଲା, ଯେତେବେଳେ କୋଚ୍‌ମାନେ ଅତ୍ୟଧିକ ଚେଷ୍ଟା ବା ପରୀକ୍ଷା ନିରୀକ୍ଷା କରୁଥିଲେ । ଏହା ଦ୍ୱାରା ଜଟିଳତା ବଢିଥାଏ । କନଭର୍ସନ ରେଟ୍ ନେଇ କୋଏଲ ଲଗାତର କାର୍ଯ୍ୟ କରିଆସୁଥିଲେ, ଯାହାର ଫଳ ଏବେ ମିଳିଛି । ଗତ ୪ଟି ମ୍ୟାଚ୍‌ରେ ଚେନ୍ନାଇନ୍ ୧୫ଟି ଗୋଲ ସ୍କୋର କରିଛି ।

ପ୍ଲେଅଫ୍‌ରେ କେଉଁ ଦଳ ସ୍ଥାନ ପାଇବେ ତାହା ଏବେ ଚେନ୍ନାଇନ ଉପରେ ନିର୍ଭର କରୁଛି । ଆଗକୁ ଚେନ୍ନାଇନ୍ କେତୋଟି ନିର୍ଣ୍ଣାୟକ ତଥା ରୋମାଞ୍ଚକ ମ୍ୟାଚ୍ ଖେଳିବାକୁ ଯାଉଛି । ଆଗାମୀ ମ୍ୟାଚ୍‌ରେ ଚେନ୍ନାଇନ ଘରୋଇ ପରିବେଶରେ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ । ଏହାପରେ ବାହାରେ ଏଟିକେ ସହିତ ମୁକାବିଲାରେ ଅବତୀର୍ଣ୍ଣ ହେବ । ଯଦି ଏହି ଦୁଇଟି ମ୍ୟାଚ୍‌ରେ ବିଜୟୀ ହୁଏ ତେବେ ଚେନ୍ନାଇନ ସମୀକରଣକୁ ବଦଳାଇବାରେ ସମର୍ଥ ହେବ । ଏବେ ଚେନ୍ନାଇନ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇପାରେ । ଖାସ୍ କରି ମୁମ୍ବାଇ ସିଟି ଏଫ୍‌ସିର ପ୍ଲେ ଅଫ୍ ଆଶା ଚେନ୍ନାଇର ପ୍ରଦର୍ଶନ ଉପରେ ନିର୍ଭର କରିବ । କ୍ଲବଗୁଡିକର ମାନସିକ ସ୍ଥିରତା ଉପରେ ପ୍ରଦର୍ଶନ ନିର୍ଭର କରିବ । ଅର୍ଥାତ ମାନସିକ ଭାବେ ଯେଉଁ ଦଳ ଦୃଢ ରହିବ ସେହି ଦଳ ସେମିକୁ ଉଠିବ ।

(ଗେମ୍ ପ୍ଲାନ)


## ମନେ ପଡ଼ନ୍ତି

**୧୧ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଟୁନି ସାହୁ
ମୀନାବଜାର, ଢେଙ୍କାନାଳ ଟାଉନ୍
ଆବିର୍ଭାବ: ୨୫।୦୧।୧୯୫୫
ତିରୋଧାନ: ୦୮।୦୨।୨୦୦୯
ତୁମର ବିଦେହୀ ଆତ୍ମାର ସଦ୍‌ଗତି କାମନାର୍ଥେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ କୃତାଞ୍ଜଳି ପୁଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୬୮୪୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ
ବର୍ଷଟିଏ ବିତିଯାଇଛି, ହେଲେ
ଦିନଟିଏ ବି ଯାଇନି ତୁମ ସ୍ମୃତି ବିନା ।
ଆମ ଜୀବନର ଚିର ଶୂନ୍ୟସ୍ଥାନ
ତୁମେ, ବୈକୁଣ୍ଠ ନିବାସୀ ହୁଅ ।
ଆମକୁ ଅମୃତ ଦୃଷ୍ଟିରେ ଚାହିଁଥାଅ ।
ତୁମର ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୬୮୮୧୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ଵ ସତ୍ୟଭାମା ମାଝୀ
ଖରାଖିଆ ବୈଦ୍ୟନାଥ ଲେନ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ୦୧.୦୮.୬୨
ତିରୋଧାନ : ୧୯.୦୨.୧୯
ମା, ତୁମେ ଆମକୁ ଛାଡ଼ି ଯିବାର ଚାହୁଁ ଚାହୁଁ ଏକବର୍ଷ ବିତିଯାଇଥିଲେ ବି , ତଥାପି ତୁମେ ଛାଡ଼ିଦେଇ ଯାଇଥିବା ଭଲ ପାଇବା ଆଜି ବି ଜୀବନ୍ତ, ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ସ୍ୱାମୀ-ଦାସରଥୀ ମାଝୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି ନାତୁଣୀ ଓ ବନ୍ଧୁବର୍ଗ
ଧ-୬୮୫୭୩

**୩୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଵ ପ୍ରଭା ରାଉତରାୟ
ସ୍ୱାମୀ ଵ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
‘ତୁମ ପରି କିଏ ମାଆ ହେବ
ଚାରି ସନ୍ତାନ ଜଞ୍ଜାଳ ବୋହି
ନୀତିକୁ କେବଳ ଆଦର୍ଶକରି
ଦୁନିଆ ଆଗରେ ଠିଆ ହେବ’
ତୁମରି ଆତ୍ମାର ଶାନ୍ତି ଓ
ସଦ୍‌ଗତି କାମନା କରୁଛୁ ।
ତୁମର ବନ୍ଧୁ ଓ ପରିବାରବର୍ଗ
ଧ-୬୮୦୫୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଶାନ୍ତ ରାଉତରାୟ
ଆଡ୍‌ଭୋକେଟ୍
୭୫, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ:୧୧।୦୧।୧୯୪୮
ତିରୋଧାନ: ୨୪।୦୨।୨୦୧୩
ଚାହୁଁ ଚାହୁଁ ସାତବର୍ଷ ବିତିଗଲା । କାଳର ନିଷ୍ଠୁରତାରେ ଅକାଳରେ ଆମକୁ ଏକୁଟିଆ ଛାଡ଼ି ଚାଲିଗଲ । ଆଜି ତୁମର ସ୍ନେହ, ଆଶିଷ ଓ ମମତାରୁ ଆମେ ବଞ୍ଚିତ, ତଥାପି ତୁମର ନିଷ୍ଠାପରତା, ଆଦର୍ଶ ଆମଲାଗି ମାର୍ଗଦର୍ଶକ । ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୬୫୬୧

**ଦଶାହ ଉପଲକ୍ଷେ**



ସ୍ୱର୍ଗତା କରୁଣାମୟୀ ଗାଙ୍ଗୁଲୀ
ହାଟସାହି, ଓଲ୍ଡ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୨୮।୧୨।୧୯୩୯
ତିରୋଧାନ: ୩୦।୦୧।୨୦୨୦
ଆପଣଙ୍କ ଅକାଳ ବିୟୋଗ ଅପୂରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ପୁତୁରା: ଅଞ୍ଜନ, ନାତି: ଅଭିଷେକ, ଭଉଣୀ: ସୁମିତା, ଭ୍ରାତା: ଶୀତାଂଶୁ, ଶୁଭାଙ୍କ ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୮୨

# ‘ମୋ ସରକାର’ କାର୍ଯ୍ୟକ୍ରମର ସମୀକ୍ଷା କଲେ ବିଧାୟକ, ଜିଲାପାଳ



ବୈଠକରେ ଉପସ୍ଥିତ ବିଧାୟକ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଚଣ୍ଡିଖୋଲ,୭।୨(ଡି.ଏନ୍.ଏ)**

ଯାଜପୁର ଜିଲା ବଡଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ସରକାରଙ୍କ ୫-ଟି ବ୍ୟବସ୍ଥା ଲାଗୁ କରାଯିବା ସହ ପ୍ରତ୍ୟେକ କାର୍ଯ୍ୟକୁ ତ୍ୱରାନ୍ୱିତ ବେଗରେ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଆସୁଥିବା ବିଭିନ୍ନ ଯୋଜନା କିପରି ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚି ପାରିବ ଏଥିପାଇଁ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଉତ୍ତରଦାୟିତ୍ୱ ନେବା ଦରକାର। ପ୍ରତ୍ୟେକ ପ୍ରକଳ୍ପଗୁଡିକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୂର୍ଣ୍ଣାଙ୍ଗ କରିବା ଓ ପ୍ରତ୍ୟେକ ପ୍ରକଳ୍ପ ସ୍ଥାନରେ ସୂଚନାଫଳକ ଲଗାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ପାନୀୟଜଳ, ରାସ୍ତା, ସ୍ୱାସ୍ଥ୍ୟସେବା ଇତ୍ୟାଦି ମୌଳିକ ସେବାକୁ ତ୍ୱରିତ ବେଗରେ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ବୈଠକରେ ଯୋଗଦେଇ ପ୍ରତ୍ୟେକ ବୈଠକରେ ବିଦ୍ୟୁତ ବିଭାଗର ଅଧିକାରୀମାନେ ଯୋଗ ଦେବାକୁ ନିର୍ଦ୍ଦେଶ ଦେବା ସହ ଯେଉଁ ଅଧିକାରୀମାନେ ବୈଠକରେ ଅନୁପସ୍ଥିତ ରହିଛନ୍ତି, ସେମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ସ୍ପଷ୍ଟ କରି ଦେଇଥିଲେ। ଏହାସହ ଭଲ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସାହିତ ପାଇଁ ‘ୱାଲ ଅଫ୍ ଫେମ୍’ ଓ ଯେଉଁମାନେ କାର୍ଯ୍ୟରେ ଦୁର୍ବଳ ଅଛନ୍ତି ସେମାନଙ୍କ ନାମ ଓ ଫଟୋ ‘ୱାଲ ଅଫ ସେମ୍’ରେ ସ୍ଥାନିତ କରିବାକୁ ବଡଚଣା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଦୁର୍ବଳ ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ପରବର୍ତ୍ତୀ ସମୟରେ ସେମାନଙ୍କ କାର୍ଯ୍ୟରେ ଉନ୍ନତି ନ ଘଟିଲେ ସେମାନଙ୍କ ୫-ଟି ଓ ମୋ ସରକାର ନିୟମ ଅନୁସାରେ ବାଧ୍ୟତା ମୂଳକ ଅବସର ଦିଆଯାଇ ପାରିବ ବୋଲି ପ୍ରକାଶ କରିଥିଲେ। ଏହାପରେ ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇ କାର୍ଯ୍ୟର ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯେଉଁ ସମସ୍ୟା କୌଣସି ପ୍ରକଳ୍ପରେ ରହୁଛି ତାକୁ କମିଟି ଗଠନ କରି ନଜରକୁ ଆଣିଲେ ତାର ତୁରନ୍ତ ସମାଧାନ କରାଯାଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଜିଲାପାଳ ସ୍ପଷ୍ଟ କରିଦେଇଥିଲେ। ପ୍ରତ୍ୟେକ ବିଭାଗ ସେମାନଙ୍କ ପ୍ରସ୍ତୁତ ପ୍ରକଳ୍ପଗୁଡିକର ଗୋଟିଏ କ୍ୟାଲେଣ୍ଡର ବର୍ଷ ପ୍ରଦର୍ଶନ କରିବେ, ଯେଉଁଥିରେ ପ୍ରକଳ୍ପର ଶୁଭାରମ୍ଭଠାରୁ ପୂର୍ଣ୍ଣାଙ୍ଗ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ପ୍ରଦର୍ଶିତ ହେବ। ସେଥିରୁ କାର୍ଯ୍ୟଦକ୍ଷତା ନେଇ ସ୍ପଷ୍ଟ ପ୍ରମାଣ ମିଳିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଅରବିନ୍ଦ ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଡିଓ ଅଜିତ ନାରାୟଣ ଗିରି ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ନିଶା ଦେଇ ନାବାଳିକାଙ୍କୁ ବଳାତ୍କାର

ସଜନାଗଡ଼, ୭।୨(ଡି.ଏନ.ଏ.):ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନିଶା ପିଆଇ ବଳାତ୍କାର କରାଯାଇଥିବା ନାବାଳିକାଙ୍କ ମା’ ଅଯୋଧ୍ୟା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏନେଇ ନୀଳଗିରି ଥାନାରେ ମାମଲା (ନଂ. ୪୭/୨୦) ରୁଜୁ କରାଯାଇ ପୋକ୍ସୋ ଆକ୍ଟ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରିଣୀ ସସ୍ମିତା ମଲ୍ଲିକ ସୂଚନା ଦେଇଛନ୍ତି। ଗତ ଜାନୁୟାରୀ ୨୯ତାରିଖରେ ୧୪ବର୍ଷୀୟା ଜଣେ ନାବାଳିକାଙ୍କ ପେଟରେ ଯନ୍ତ୍ରଣା ହେଉଥିବା ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଯନ୍ତ୍ରଣା ସମ୍ପର୍କରେ ମା’ ଝିଅକୁ ପଚାରିବାରୁ ପ୍ରାୟ ୩ମାସ ତଳେ ୨ ଜଣ ଯୁବକ ସନ୍ତୋଷ ସିଂ ଓ ଜୁପୁ ସିଂ ଉଭୟ ମିଶି ତାଙ୍କୁ ଗ୍ରାମର ଗୋଟିଏ ଦୋକାନକୁ ନେଇ ଜବରଦସ୍ତି ନିଶା ପିଆଇଥିଲେ। ପରେ ଜୁପୁ ଘରକୁ ପଳାଇ ଯାଇଥିବା ବେଳେ ସନ୍ତୋଷ ତାଙ୍କୁ ବିଲ ଆଡ଼କୁ ଟେକି ନେଇ ବଳାତ୍କାର କରିଥିଲେ।






# ସ୍ଥିତି ପରଖିଲେ ଜିଲା ଶିଶୁ ମଙ୍ଗଳ ଅଧିକାରିଣୀ

**ରାଜନଗର,୭।୨(ଡି.ଏନ.ଏ.)**

## ମଧ୍ୟାହ୍ନ ଭୋଜନରେ ଚମ୍ପେଇ ନେଉଳ ପଡିବା ଘଟଣା

ରାଜନଗର ବ୍ଲକ ଘଡିଆମାଳସ୍ଥିତ ସିଦ୍ଧେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରୁ ଚମ୍ପେଇ ନେଉଳ ବାହାରିବା ଓ ଏହାକୁ ଖାଇ ୯୦ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା ଆଲୋଡନ ସୃଷ୍ଟି କରିଛି। ବିଭିନ୍ନ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର କେନ୍ଦ୍ରାପଡା ଜିଲା ଶିଶୁ ମଙ୍ଗଳ ବିଭାଗର ଅଧିକାରିଣୀ ସ୍ମିତାରାଣୀ ମହାପାତ୍ରଙ୍କ ନେତୃତ୍ୱରେ ଜିଲା ଶିଶୁ ମଙ୍ଗଳ ବିଭାଗର ସଦସ୍ୟ କିଶୋର ଚନ୍ଦ୍ର ସ୍ୱାଇଁ, ଲଳିତାଞ୍ଜଳି ଦାସ, ଆଇନ ପରାମର୍ଶଦାତା ବିବେକାନନ୍ଦ ଅତିବୁଦ୍ଧି ପ୍ରମୁଖ ଉକ୍ତ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନରେ ଚମ୍ପେଇ ନେଉଳ ବାହାରିବା ଘଟଣାର ତଦନ୍ତ କରିଛନ୍ତି। ଏହି ତଦନ୍ତ ସମୟରେ ସେମାନେ ପରିତ୍ୟକ୍ତ ଅବସ୍ଥାରେ ଥିବା ରୋଷେଇ ଘରକୁ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହାଛଡା ମଧ୍ୟାହ୍ନ ଭୋଜନ ରୋଷେଇ ପରେ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଥମେ ଭୋଜନକୁ ଖାଇବା ପରେ ଛାତ୍ରୀଛାତ୍ରଙ୍କୁ ଦେବା ପାଇଁ କୁହାଯାଇଛି। ଏହାଛଡା ଗୁରୁବାର ଅସୁସ୍ଥ ହୋଇ ପଡିଥିବା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଶୁକ୍ରବାର ରୋଷେଇ ହୋଇଥିବା ମଧ୍ୟାହ୍ନ ଭୋଜନକୁ ଛାତ୍ରୀଛାତ୍ରମାନେ ଖାଇଛନ୍ତି। ଖାଇବା ପୂର୍ବରୁ ଶିକ୍ଷକମାନେ ଏହି ଖାଦ୍ୟକୁ ପ୍ରଥମେ ତଦାରଖ କରିଥିଲେ। ଏହି ଟିମ୍ ଅନୁଧ୍ୟାନ କରିବା ସମୟରେ ଘଡିଆମାଳ ସରପଞ୍ଚ କୁସୁମଲତା ମଲ୍ଲିକ, ପ୍ରଧାନ ଶିକ୍ଷକ ମନ୍ମଥ ଖଟୁଆ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଟିମ୍ ସନ୍ଧ୍ୟାରେ ଏ ନେଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।

# ପ୍ରେମ କରି ପୁଅ ଫେରାର, ବାପା ଗିରଫ

କାଳିଆପାଣି,୭।୨(ଡିଏନ୍ଏ) କାଳିଆପାଣି ଥାନା ଅଞ୍ଚଳରେ ଜଣେ ଯୁବକ ପ୍ରେମ ଓ ପ୍ରତାରଣା କରି ଫେରାର ହୋଇଯିବା ପରେ ପୋଲିସ ଯୁବକଙ୍କ ବାପାଙ୍କୁ ଗିରଫ କରିଥିବା ଭଳି ଘଟଣା ଦେଖିବାକୁ ମିଳିଛି। ଏଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ପ୍ରକାଶ ଯେ, କାଳିଆପାଣି ଥାନାରେ ଗତ ଡିସେମ୍ବର ୨୧ରେ ଜଣେ ନାବାଳିକା ଜନୈକ ଯୁବକଙ୍କ ନାମରେ ପ୍ରେମ ଓ ପ୍ରତାରଣା ଅଭିଯୋଗ ଆଣିଥିଲେ। ଏହାପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ଉଭୟଙ୍କ ମଧ୍ୟରେ ପ୍ରେମ ଓ ପରେ ଶାରୀରିକ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ମଧ୍ୟରେ ୮ ମାସ ସମ୍ପର୍କ ରହିବା ପରେ ନାବାଳିକା ଯୁବକଙ୍କୁ ବିବାହ କରିବାକୁ ଅଡ଼ି ବସିଥିଲେ। ଯୁବକ ଜଣକ ବେକାରୀ ଥିବାରୁ ରୋଜଗାରକ୍ଷମ ହେବାପରେ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଘଟଣା ଉଭୟ ପରିବାର ଜାଣିବା ପରେ ଆପୋଷ ସମାଧାନ କରିବା ପାଇଁ ବାରମ୍ବାର ଉଭୟ ଗ୍ରାମ ମୁରବୀଙ୍କୁ ନେଇ ବୈଠକ କରାଯାଇଥିଲା। ଏଥିରେ ଯୁବକ ଅଁଳାପଦା ଗ୍ରାମର ଉକ୍ତ ଯୁବକ ଭୟଭୀତ ହୋଇ କେଉଁ ଆଡ଼େ ଫେରାର ହୋଇଯାଇଥିଲେ। ଏହାପରେ ନାବାଳିକାଙ୍କର ଯୁବକଙ୍କ ସହ କୌଣସି ଯୋଗାଯୋଗ ହୋଇ ନ ପାରିବାରୁ ନାବାଳିକା ଜଣକ ଯୁବକଙ୍କ ଘରକୁ ଯାଇ ତାଙ୍କୁ ବୋହୂ କରି ରଖିବାକୁ ଅଡ଼ି ବସିଥିଲେ। ମାତ୍ର ଝିଅଟି ନାବାଳିକା ହୋଇଥିବାରୁ ଯୁବକଙ୍କ ବାପା ମା’ ତାଙ୍କ ଦାବିକୁ ମାନି ନ ଥିଲେ। ଫଳରେ ନାବାଳିକା ଓ ତାଙ୍କ ପରିବାର ଲୋକେ ଟମକା ଥାନାର ଆଶ୍ରୟ ନେଇଥିଲେ। ଏହି ଘଟଣାକୁ ନେଇ କାଳିଆପାଣି ଓ ଟମକା ପୋଲିସ ଯୁବକଙ୍କ ମା’ବାପାଙ୍କୁ କିଆଝର ଛକରୁ ଟମକା ଥାନାକୁ ନେଇ ଆସିଥିଲେ। ଉଭୟଙ୍କୁ ପୁଅ ସମ୍ବନ୍ଧରେ ପଚାରଉଚରା କରିଥିଲେ। ମାତ୍ର ସେମାନେ ପୁଅର ଠିକଣା ଦେଇ ନ ପାରିବାରୁ ୬ ତାରିଖ କାଳିଆପାଣି ପୋଲିସ ଯୁବକଙ୍କ ବାପା ଜଗା ମହାନ୍ତଙ୍କୁ କାଳିଆପାଣି ଥାନାକୁ ଆଣି ଏକ ମାମଲା (ନଂ.୧୧୬/୨୦୧୯) ରୁଜୁ କରିବା ସହ କୋର୍ଟଚାଲାଣ କରିଥିଲା।






# ନାଗପୁରରେ ଓଡ଼ିଆ ଯବାନଙ୍କ ଆତ୍ମହତ୍ୟା

**ବାଲିଆପାଳ, ୭।୨(ସ୍ୱ.ପ୍ର.)**

ନାଗପୁରରେ ସୈନ୍ୟ ବିଭାଗରେ ତାଲିମ ନେଉଥିବା ବସ୍ତା ବ୍ଲକ ବେଗୁନିଆ ଗ୍ରାମର ରାମଚନ୍ଦ୍ର ନାମକ ଯବାନ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତେ। ତାଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବସ୍ତା ବ୍ଲକ ବେଗୁନିଆ ଗ୍ରାମର ପିତାମ୍ବର ବେହେରାଙ୍କ ପୁଅ ରାମଚନ୍ଦ୍ର ବେହେରା (୨୧) ଦୁଇମାସ ତଳେ ସୈନ୍ୟବାହିନୀରେ ଯୋଗଦେଇ ନାଗପୁରରେ ତାଲିମ ନେଉଥିଲେ। ମାତ୍ର ଶୁକ୍ରବାର ସକାଳେ ଟ୍ରେନିଂ କ୍ୟାମ୍ପର ଅଳ୍ପଦୂରରେ ଗୋଟିଏ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କ ସାଙ୍ଗମାନେ ଦେଖିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ମେଡ଼ିକାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପରିବାର ଲୋକେ ପୁଅ ଫାଶୀ ଲଗାଇ ଆତ୍ମହତ୍ୟା କରିବାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାର ତଦନ୍ତ କରାଯିବାକୁ ବାପା ପିତାମ୍ବର ବେହେରା ଦାବି କରିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ସରକାରୀ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗଙ୍କ ପରିବାର

**ଯାଜପୁର ଟାଉନ, ୭।୨(ଡି.ଏନ୍.ଏ.)**

ଅସହାୟ ଲୋକଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ମାତ୍ର ପ୍ରକୃତ ହିତାଧିକାରୀଙ୍କ ପାଖରେ ସେସବୁ ଯୋଜନା ପହଞ୍ଚି ପାରୁ ନ ଥିବା ଦେଖାଯାଇଛି। ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଆନ୍ତରିକତା ଅଭାବରୁ ପ୍ରକୃତ ହିତାଧିକାରୀ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇପାରୁ ନାହାନ୍ତି। ଏଭଳି ଏକ ଉଦାହରଣ ଯାଜପୁର ଜିଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି। ବିଞ୍ଝାରପୁର ବ୍ଲକ ମାଁସଡା ଗ୍ରାମର ଜଗନ୍ନାଥ ମଲ୍ଲିକ(୩୨) ଏକ ଟ୍ରେକର ଡ୍ରାଇଭର ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ବର୍ଷକ ତଳେ ତାଙ୍କ ବାମ ଗୋଡ଼ରେ ଯନ୍ତ୍ରଣା ହେବାରୁ ସେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା କରାଇବା ପାଇଁ ଆସିଥିବାବେଳେ ଡାକ୍ତର ୨ମାସ ଧରି ଚିକିତ୍ସା କରିଥିଲେ ମଧ୍ୟ ତାଙ୍କ ଯନ୍ତ୍ରଣା କମି ନ ଥିଲା। ପରେ ଜଗନ୍ନାଥ କଟକ ବଡ଼ମେଡିକାଲ ଯାଇ ଦେଖାଇବା ପରେ ସେଠାରେ ତାଙ୍କ ବାମ ଗୋଡଟିକୁ କଟାଯାଇଥିଲା। ସେହିଦିନଠାରୁ ଜଗନ୍ନାଥ ଦିବ୍ୟାଙ୍ଗ ହେବା ସହ କାର୍ଯ୍ୟ କରିବା ପାଇଁ ଅସମର୍ଥ ହୋଇପଡ଼ିଥିଲେ। ସେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ଘରଟିଏ ମିଳିନାହିଁ। ସମ୍ପୂର୍ଣ୍ଣ ଭଙ୍ଗା ଚାଳଘରେ ସେ, ତାଙ୍କ ସ୍ତ୍ରୀ ଏବଂ ୩ଟି କୁନିକୁନି ପିଲାଙ୍କୁ ନେଇ ଜୀବନ ବିତାଉଛନ୍ତି। ଦିବ୍ୟାଙ୍ଗ ପ୍ରମାଣପତ୍ର



ପରିବାର ସହ ଜଗନ୍ନାଥ ମଲ୍ଲିକ।

## ୩ ପିଲାଙ୍କ ଥଇଥାନ ପାଇଁ ଜିଲାପାଳଙ୍କୁ ଗୁହାରି

ପାଇଥିଲେ ମଧ୍ୟ ନା ତାଙ୍କୁ ମିଳିଛି ଭତ୍ତା ନା ଚାଉଳ। କୌଣସି ସରକାରୀ ଯୋଜନା ଆଜି ପର୍ଯ୍ୟନ୍ତ ପାଇବାକୁ ସେ ସମର୍ଥ ହୋଇନାହାନ୍ତି। ଜଗନ୍ନାଥଙ୍କ ସ୍ତ୍ରୀ ବ୍ୟତିତ ୮ବର୍ଷର ପୁଅ, ୬ବର୍ଷର ପୁଅ ଓ ୪ବର୍ଷର ଝିଅଙ୍କୁ ନେଇ ଭିକ୍ଷାବୃତ୍ତି କରି ପରିବାର ପ୍ରତିପୋଷଣ କରୁଛନ୍ତି। ଜଗନ୍ନାଥ ଦିବ୍ୟାଙ୍ଗ ହେବା ପୂର୍ବରୁ ଆବାସ ଘର ଖଣ୍ଡିଏ ପାଇଁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ବିଧାୟିକା, ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ଘର ଖଣ୍ଡିଏ ମିଳି ନ ଥିଲା। ଜଗନ୍ନାଥ ଦିବ୍ୟାଙ୍ଗ ହେଲାପରେ ମଧ୍ୟ ୨୦ରୁ ଊର୍ଦ୍ଧ୍ୱ ଥର ବିଡିଓ, ବିଧାୟିକାଙ୍କୁ ଭତ୍ତା ଓ ଆବାସ ପାଇଁ ଗୁହାରି କରି ଆସିଥିଲେ ମଧ୍ୟ କେହି ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସେ ଏ ସମ୍ପର୍କରେ ସୋମବାର ଜଗନ୍ନାଥ ତାଙ୍କ ପରିବାର ସହ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ୩ଟି ପିଲାଙ୍କୁ ବାଳାଶ୍ରମରେ ଥଇଥାନ କରିବା ସହ ଆବାସ ଯୋଜନାରେ ଗୋଟିଏ ଘର ଓ ଭତ୍ତା ପାଇଁ ଲିଖିତ ଦରଖାସ୍ତ କରି ଆକୁଳ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ପଚାରିବାରେ, ଏପର୍ଯ୍ୟନ୍ତ ତାଙ୍କୁ କାହିଁକି ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ କରାଯାଇଛି ତାହାର ତଦନ୍ତ କରାଯିବ। ଏହା ସହିତ ତାଙ୍କୁ ତୁରନ୍ତ ଭତ୍ତା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସାଇବର କ୍ରାଇମ ଅଭିଯୋଗ: ଜଣଙ୍କୁ ଉଠାଇନେଲା ଅନୁଗୋଳ ପୋଲିସ

**ବିଞ୍ଝାରପୁର,୭।୨(ଡି.ଏନ୍.ଏ)**

ବିଞ୍ଝାରପୁର ଥାନା ପ୍ରୀତିପୁର ପଞ୍ଚାୟତ ପ୍ରୀତିପୁର ଗ୍ରାମର ସତ୍ୟପ୍ରକାଶ ସାହୁଙ୍କୁ ସାଇବର କ୍ରାଇମ ଅଭିଯୋଗରେ ଗୁରୁବାର ରାତିରେ ଅନୁଗୋଳ ପୋଲିସ ଉଠାଇ ନେଇଥିବା ଜଣାପଡିଛି। ସାଇବର ଜରିଆରେ ସତ୍ୟପ୍ରକାଶ ରାଜ୍ୟ ବାହାରର ବହୁ ଲୋକଙ୍କଠାରୁ ଅର୍ଥ ଠକି ନେଇଥିବା ନେଇ ଅନୁଗୋଳ ପୋଲିସ ନିକଟରେ ଅଭିଯୋଗ ରହିଥିଲା। ଗୁରୁବାର ରାତିରେ ଅନୁଗୋଳ ଟାଉନ ଥାନା ପୋଲିସ ବିଞ୍ଝାରପୁର ଥାନା ପ୍ରୀତିପୁରଠାରୁ ସତ୍ୟପ୍ରକାଶଙ୍କ ଘରୁ ତାଙ୍କୁ ଉଠାଇ ନେଇ ଅଧିକ ପଚରାଉଚରା କରୁଥିବା ଜଣାପଡିଛି। ଏଥିନେଇ ଅନୁଗୁଳ ଟାଉନ ଥାନା ଆଇଆଇସିଙ୍କୁ ପଚାରିବାରୁ, ସାଇବର ଠକେଇ ଅଭିଯୋଗରେ ସତ୍ୟପ୍ରକାଶଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା କହିଛନ୍ତି।

## ସଂକ୍ଷେପରେ

### ରେଳ ଲାଇନ୍ କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଧର୍ମଶାଳା,୭।୨(ଡି.ଏନ୍.ଏ.:** ଧର୍ମଶାଳା ବ୍ଲକ ଜେନାପୁର ଥାନା ମଧୁପୁରଗଡ଼ ରେଳ ଷ୍ଟେଶନ ନିକଟସ୍ଥ ଧାରଣାରେ ଶୁକ୍ରବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବକଙ୍କ ବୟସ ପ୍ରାୟ ୩୫ ହେବ ବୋଲି ଅନୁମାନ କରାଯାଉଛି। ସେ ନାଲି ରଙ୍ଗର ସାର୍ଟ ଓ ବ୍ଲୁ ରଙ୍ଗର ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ମୁହଁର ବାହାର ପାର୍ଶ୍ୱରେ ଗଭୀର କ୍ଷତ ଲାଗିଛି। ଏହା ବ୍ୟତୀତ ମୃତଦେହ ନିକଟରେ ୨ଟି ମଦ ବୋତଲ ଓ ପାଣି ବୋତଲ ପଡିଥିବା ଦେଖିବାକୁ ମିଳିଛି। ଏହି ଯୁବକଙ୍କୁ କେହି ହତ୍ୟା କରି ରେଳ ଲାଇନ କଡ଼ରେ ପକାଇ ଦେଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଯାଜପୁର ରୋଡ ରେଲୱେ ପୋଲିସ ଏକ ମାମଲା (ନଂ.୭/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇ ଏହାର ତଦନ୍ତ ଚଳାଇଛି।

### ଟ୍ରକ-ବୋଲେରୋ ଧକ୍କା: ଜଣେ ମୃତ, ୧୦ ଆହତ

**ଧର୍ମଶାଳା,୭।୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥ ରଥିଆ ନିକଟରେ ଶୁକ୍ରବାର ଭୋର ସମୟରେ ଏକ ଟ୍ରକ ସହିତ ବୋଲେରୋ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ ମୃତ୍ୟୁବରଣ କରିଥିବାବେଳେ ୧୦ଜଣ ଆହତ ହୋଇଥିଲେ। ମୃତକ ଜଣକ ହେଲେ ସିମୁଳିଆ ଥାନା ଗମ୍ଭାଲୋରୀ ଗ୍ରାମର ଗଙ୍ଗାଧର ପାତ୍ର(୫୨)। ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର ୧୧ଜଣ ଲୋକ ଓଆର୦୧ଏନ୍ ୭୨୬୯ ନମ୍ବର ବିଶିଷ୍ଟ ଏକ ବୋଲେରୋରେ ଢେଙ୍କାନାଳସ୍ଥିତ ଜୋରନ୍ଦା ମେଳାକୁ ଯାଉଥିବାବେଳେ ଶୁକ୍ରବାର ଭୋର ସମୟରେ ଏକ ଟ୍ରକ ସହିତ ଧକ୍କା ହୋଇଥିଲା। ଫଳରେ ଗଙ୍ଗାଧରଙ୍କର ମୃତ୍ୟୁ ଘଟିଥିଲା। ଆହତ ୧୦ ଜଣଙ୍କୁ ଚଣ୍ଡିଖୋଲ ଦମକଳ ବାହିନୀ ଉଦ୍ଧାର କରି ବଡଚଣା ମେଡିକାଲକୁ ପଠାଇଥିଲା। ୪ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିଥିଲାବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଏକ କେସ ରୁଜୁ କରି ତଦନ୍ତ ଚଳାଇଛି।

### ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଧର୍ମଶାଳା,୭।୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ବଡ଼ରାଇପଡ଼ା ଗ୍ରାମର ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ବଡରାଇପଡା ଗ୍ରାମର ଚନ୍ଦନ ମଲିକ ବୋଲି ଜଣାପଡ଼ିଛି। ଚନ୍ଦନ ଗତ ଡିସେମ୍ବର ୨୭ରେ ସେହି ଗ୍ରାମର ଜଣେ ୧୬ ବର୍ଷର ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୬୧୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ରାତିରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଚନ୍ଦନଙ୍କୁ ଗିରଫ କରିଥିଲା। ଶୁକ୍ରବାର ଉଭୟଙ୍କ ଡାକ୍ତରୀ ମଇନା କରାଯାଇ ଅଭିଯୁକ୍ତ ଚନ୍ଦନଙ୍କୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଥିଲାବେଳେ ନାବାଳିକାଙ୍କୁ କୋର୍ଟରେ ହାଜର କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କଳିଙ୍ଗନଗର, ୭।୨(ଡି.ଏନ୍.ଏ.)**

ଦାନଗଦୀ ବ୍ଲକରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ଉଦ୍‌ଘାଟନ କରିଥିବାବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ, ଉପାଧ୍ୟକ୍ଷ ସୁଧାଂଶୁ ଭଞ୍ଜ, ବିଡିଓ ମଣି ପ୍ରସାଦ ମିଶ୍ର ସମେତ ବ୍ଲକର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୧୭୬ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ଭିନ୍ନକ୍ଷମଙ୍କୁ ବିଧାୟକ ଘଡେଇ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ୯ ଜଣଙ୍କୁ ଇନକମ୍ ସାର୍ଟିଫିକେଟ, ୯ ଜଣଙ୍କୁ ସ୍ଥାୟୀବାସିନ୍ଦା ସାର୍ଟିଫିକେଟ, ୧୪ ଜଣଙ୍କୁ ପେନ୍‌ସନ୍ ସାର୍ଟିଫିକେଟ୍ ଓ ୧୧ ଜଣଙ୍କୁ ବସ ଓ ଟ୍ରେନରେ ଯାତାୟାତ ପାଇଁ ପାସ ପ୍ରଦାନ କରାଯାଇଥିଲା। ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଅନୁପ କୁମାର ନାଥଶର୍ମା, ଚକ୍ଷୁ ବିଶେଷଜ୍ଞ ଅରୁଣ କୁମାର ସାମଲ, ଭେଷଜ ବିଶେଷଜ୍ଞ ଜୟଦେବ ନନ୍ଦ, ନାଶା-ଗଳା-କର୍ଣ୍ଣ ବିଶେଷଜ୍ଞ ଅଶିତ କୁମାର ବିଶ୍ୱାଳ ରୋଗୀଙ୍କୁ ଚିହ୍ନଟ କରି ପରୀକ୍ଷା କରିଥିଲେ। ଭିନ୍ନକ୍ଷମଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ଏହାକୁ ବିଡିଓ ମଣିପ୍ରସାଦ ମିଶ୍ର ଓ ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ।



# ବାପୁଜୀ ସ୍ପୋର୍ଟିଂ କଟକ ବିଜୟୀ

**ଧର୍ମଶାଳା, ୭।୨(ଡି.ଏନ୍.ଏ.)**

## 'ଡିଫା' କପ୍ ଫୁଟବଲ ଟୁର୍ନାମେଣ୍ଟ

ଧର୍ମଶାଳା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଧର୍ମଶାଳା ବାଣୀପୀଠ ପଡ଼ିଆରେ ଆୟୋଜିତ ୨୨ତମ 'ଡିଫା' କପ୍ ଓ ଦ୍ୱିତୀୟ ବାର୍ଷିକ ରଣଜିତ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ବାଲେଟ୍ରାସ କ୍ଲବକୁ ୨/୦ ଗୋଲରେ ପରାସ୍ତ କରି ବାପୁଜୀ ସ୍ପୋର୍ଟିଂ କଟକ ସେମିରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ କାହ୍ନା ସିଂ ୨ଟି ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଏହି ଖେଳକୁ ସଲିମ ଅହମ୍ମଦ ପରିଚାଳନା କରିଥିବାବେଳେ ଲାଇନରେ ଶୈଳେସ ପାଣି ଓ ଚିତ୍ତରଞ୍ଜନ ଓଝା ସହାୟତା କରିଥିଲେ। ଅତିଥିଭାବେ ଅଶୋକ କୁମାର ନନ୍ଦ ଯୋଗଦେଇ ବିଜୟୀ ଦଳର କାହ୍ନା ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ସହିତ ୟୁନାଇଟେଡ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଡିଫା ସାଧାରଣ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

# ୩ ଅଭିଯୁକ୍ତଙ୍କୁ ୧ ହଜାର ଟଙ୍କା ଲେଖାଏ ଜରିମାନା

**ଯାଜପୁର ଟାଉନ, ୭।୨(ଡି.ଏନ୍.ଏ.)**

ଫୌଜଦାରୀ ମାମଲାରେ ଶୁକ୍ରବାର ଯାଜପୁର ଅଦାଲତର ସହକାରୀ ସେସନ ଜଜ୍ ଫାଷ୍ଟ୍ରାକ୍ କୋର୍ଟ ପ୍ରଦୌମୟୀ ସୁଜାତା ୩ଜଣ ଅଭିଯୁକ୍ତଙ୍କୁ ୧ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରି ରାୟ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗତ ୨୦୧୧ ମସିହା ମାର୍ଚ୍ଚ ୬ରେ କୋଦଣ୍ଡପୁର ଗ୍ରାମର ସୁରେନ୍ଦ୍ର କୁମାର ରଣାଙ୍କ ବାଡିରେ ଥିବା ନଡିଆ ତୋଳିବାକୁ କେନ୍ଦ୍ର କରି ସକିଲ ଖାଁ, କଲିମ ଖାଁ ଓ ସଇଦୁଲ ଏସାନ ଖାଁ ପ୍ରମୁଖ ମାରଣାସ୍ତ୍ରରେ ଆକ୍ରମଣ କରି ତାଙ୍କୁ କ୍ଷତାକ୍ତ କରିଦେଇଥିଲେ। ଏନେଇ ସୁରେନ୍ଦ୍ର ଯାଜପୁର ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ଏ ନେଇ ଏକ ମାମଲା (ନଂ.୩୨/୧୧) ରୁଜୁ କରିଥିଲେ। ଏହି ମାମଲାରେ ୮ଜଣ ସାକ୍ଷୀ ଓ ଅନ୍ୟାନ୍ୟ କାଗଜପତ୍ରକୁ ବିଚାରକୁ ନେଇ ଉକ୍ତ ୩ ଅଭିଯୁକ୍ତଙ୍କୁ ୧ହଜାର ଟଙ୍କାର ଜରିମାନାର ରାୟ ପ୍ରକାଶ କରିଛନ୍ତି। ଏହି ଜରିମାନା ଅର୍ଥ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଫୌଜଦାରୀ ମାମଲାକୁ ଶୈଳେନ୍ଦ୍ର ସାମଲ ପରିଚାଳନା କରିଥିଲେ।

## ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କଲେ ଜିଲାପାଳ

**ଯାଜପୁର ଟାଉନ, ୭।୨(ଡି.ଏନ୍.ଏ.)**

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଜଣେ କର୍ମଚାରୀଙ୍କ ମୃତ୍ୟୁରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ସତ୍ୟରଞ୍ଜନ ଗୋଛାୟତଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଦେଇଛନ୍ତି। ବଡ଼ଚଣା ବ୍ଲକ ଦର୍ପଣ ତହସିଲରେ କାର୍ଯ୍ୟ କରୁଥିବା ରାତ୍ର ଜଗୁଆଳ ନଟବର ଗୋଛାୟତଙ୍କର ୨୦୧୮ ମସିହା ନଭେମ୍ବର ୫ରେ ମୃତ୍ୟୁ ଘଟିଥିଲା। କର୍ତ୍ତବ୍ୟରତ ସମୟରେ ନଟବରଙ୍କ ମୃତ୍ୟୁ ହୋଇଥିବାବେଳେ ଅନୁକମ୍ପାମୂଳକ ଭାବେ ତାଙ୍କ ପୁଅ ସତ୍ୟରଞ୍ଜନଙ୍କୁ ସରକାର ନିଯୁକ୍ତି ପ୍ରଦାନ କରିଥିଲେ। ସତ୍ୟରଞ୍ଜନଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପ୍ରଦାନ କରାଯାଇଛି।

# ଗଙ୍ଗାଧରପୁର କ୍ରିକେଟ୍ ଟୁର୍ନାମେଣ୍ଟ: ତରଞ୍ଜିଆ ବିଜୟୀ

**ଧର୍ମଶାଳା, ୭।୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲ ଖେଳ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଗଙ୍ଗାଧରପୁର କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ମ୍ୟାଚରେ ତରଞ୍ଜିଆ ଟିମ୍ ଚୋରମୁହାଁ ଟିମ୍‌କୁ ୫ ୱିକେଟରେ ପରାସ୍ତ କରି ବିଜୟୀ ହୋଇଛି। ଚୋରମୁହାଁ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୯ୱିକେଟ ହରାଇ ୨୩୬ ରନ୍ ସଂଗ୍ରହ କରିଥିଲା। ଜବାବରେ ତରଞ୍ଜିଆ ଦଳ କର ୧୫.୩ ଓଭରରେ ୫ ୱିକେଟ ହରାଇ ୨୩୯ ରନ୍ କରି ବିଜୟୀ ହୋଇଥିଲା। ଖେଳକୁ ଜଗନ୍ନାଥ ଦାସ ଓ ନକୁଞ୍ଜ ବରାଳ ପରିଚାଳନା କରିଥିଲେ। ଖେଳରେ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ବଟକୃଷ୍ଣ ପରିଡା ଯୋଗଦେଇ ବିଜୟୀ ଦଳର ଟୁକୁନି ସାମଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଶନିବାର କାଏମ ସହିତ ସୁନ୍ଦୁରିଆ ପଞ୍ଚାୟତ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜ୍ଞାନରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ୩୭ବର୍ଷ ପରେ ଏକାଠି ହେଲେ ଗୁରୁ-ଶିଷ୍ୟ

**ରସୁଲପୁର,୭।୨(ଡି.ଏନ୍.ଏ.)**

## ମଧୁପୁର ମଧ୍ୟୋଚ୍ଚ ବିଦ୍ୟାଳୟରେ ପୂଜ୍ୟପୂଜାଙ୍କୁ ସମ୍ମାନ



ପୂଜ୍ୟପୂଜାଙ୍କୁ ସମ୍ମାନ ପ୍ରଦାନ ଉତ୍ସବରେ ମଞ୍ଚାସୀନ ଗୁରୁ।

ଗୁରୁ ବିନା କେହି ସଫଳତା ପାଇବା ସମ୍ଭବ ନୁହେଁ। ଗୁରୁ ପୂଜନରେ ଶିଷ୍ୟଙ୍କ ମଧ୍ୟରେ ଏକାଗ୍ରତା ଓ ମଣିଷପଣିଆ ଜାଗ୍ରତ ହୁଏ। ଛାତ୍ରୀଛାତ୍ରମାନେ ନିଜକୁ ଜଣେ ଭଲ ଶିଷ୍ୟ ଭାବେ ତିଆରି କରିବାକୁ ଚେଷ୍ଟା କରିବା ଉଚିତ ବୋଲି ୩୭ବର୍ଷ ପରେ ଏହି ବ୍ଲକ ଅନ୍ତର୍ଗତ ମଧୁପୁର ମଧ୍ୟୋଚ୍ଚ ବିଦ୍ୟାଳୟ ପୂଜ୍ୟପୂଜାଙ୍କୁ ସମ୍ମାନ ପ୍ରଦାନ ଉତ୍ସବରେ ମତ ପ୍ରକାଶ ପାଇଛି। ୧୯୮୩ ମସିହା ବ୍ୟାଚର ଛାତ୍ର ଅମୂଲ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂଜ୍ୟପୂଜା ସମ୍ମାନ ଉତ୍ସବରେ ଗୁରୁ-ଶିଷ୍ୟ ଏକାଠି ହୋଇଥିଲେ। ଏହି ଅବସରରେ ୧୫ଜଣ ବର୍ଷିଆନ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ମଧ୍ୟରେ ଏହି ବିଦ୍ୟାଳୟରେ ଶିକ୍ଷକତା କରି ମୃତ୍ୟୁବରଣ କରିଥିବା ୧୧ଜଣ ଶିକ୍ଷକ ଓ ଅକାଳ ବିୟୋଗରେ ମୃତ୍ୟୁବରଣ କରିଥିବା କେତେଜଣ ପୁରାତନ ଛାତ୍ରଙ୍କ ଉଦ୍ଦେଶ୍ୟରେ ୨ ମିନଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସେମାନଙ୍କ ପରିବାର ସଦସ୍ୟଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଗୁରୁ ବ୍ରଜବନ୍ଧୁ ସାହୁ, ଗୟାଧର ସାହୁ, ପ୍ରାଣକୃଷ୍ଣ ମହାରଣା, କାଳନ୍ଦୀ ଚରଣ ସାହୁ, ପ୍ରଫୁଲ୍ଲ କୁମାର ଶତପଥୀ, ଅନନ୍ତ ଚରଣ ସାହୁ, ରାମଚନ୍ଦ୍ର ସାହୁ, ବସନ୍ତ କୁମାର ଶତପଥୀ, ଧିରେନ୍ଦ୍ର କୁମାର ମିଶ୍ର, ସନ୍ୟାସୀ ଚରଣ ନାଥ, ଜୟରାମ ସାହୁ, ଅମରେନ୍ଦ୍ର ସାହୁ, ଶରତ କୁମାର ଦାସ, ଶରତ କୁମାର ଶତପଥି, ବିଜୟ କୁମାର ଦେବତା ପ୍ରମୁଖଙ୍କୁ ପୁରାତନ ବିଦ୍ୟାର୍ଥୀମାନେ ବନ୍ଦାପନା ପୂର୍ବକ ପୂଜାର୍ଚ୍ଚନା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ର ଜ୍ଞାନେନ୍ଦ୍ର କୁମାର ଶତପଥି ଗୁରୁଙ୍କ ସଂପର୍କରେ ସୂଚନା ପ୍ରଦାନ କରିଥିବାବେଳେ ଡାକ୍ତର ଶାନ୍ତି ସ୍ୱରୂପ ସାହୁ ଗୁରୁଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ର ପ୍ରସନ୍ନ କୁମାର ସାହୁ, ରବିନାରାୟଣ ସାହୁ, ଶିଶିର ମଲ୍ଲିକ, ରବିନ୍ଦ୍ର ମହାନ୍ତି, ଗଦାଧର ବେହେରା, ରାମଚନ୍ଦ୍ର ଓଝା, ଦୁଃଶାସନ ସାହୁ, ରବିନ୍ଦ୍ର ନାଥ ସାହୁ, ସବିତା ଶତପଥି, ଜେମାମଣୀ ସାହୁ, ଶାନ୍ତିଲତା ସାହୁ, ପ୍ରମିଳା ସାହୁ, କୁନିଲତା ଝୁଣ୍ଟିଆ, ଅନୁରାଧା ଦାସ ପ୍ରମୁଖଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଗୁରୁଙ୍କ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁପୂଜନ ଉତ୍ସବକୁ ପ୍ରତ୍ୟେକ ବର୍ଷ ପାଳନ କରିବା ନେଇ ନିଷ୍ପତ୍ତି ହୋଇଛି। ଏନେଇ ଏକ କମିଟି ଗଠନ କରାଯିବା ସହ ପୁରାତନ ବିଦ୍ୟାର୍ଥୀ ସଂସଦ ବାର୍ଷିକୋତ୍ସବ ନାମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଗୁରୁମାନେ ବୃକ୍ଷରୋପଣ କରିଥିଲେ। ପୁରାତନ ବିଦ୍ୟାର୍ଥୀଙ୍କ ପକ୍ଷରୁ ୭ଟି ବଉଳ ଗଛ ଚାରା ରୋପଣ କରାଯାଇଥିଲା।


**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2020010, ତା: 04.02.2020

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ମଧ୍ୟରେ ନୂଆ ବ୍ରଡ଼ ଗେଜ୍ (B.G.) ରେଳ ଲିଙ୍କ୍ : ନୟାଗଡ଼-ବୁଗୁଡ଼ା ସେକ୍ସନ ମଧ୍ୟରେ ସିଏଚ୍.(CH. KM.) କି.ମି. 96.015 ଠାରେ ଓପନ ଫାଉଣ୍ଡେସନ ସହିତ ଏଲିଫ୍ୟାଣ୍ଟ ପ୍ୟାସେଜ (Elephant Passage) ବ୍ରିଜ୍ ନଂ.190 (2X30.5 ଓପନ ୱେବ୍ ଗର୍ଡ଼ର) ଏବଂ ସିଏଚ୍. (CH. KM.) କି.ମି. 106.450 ଠାରେ ଓପନ ଫାଉଣ୍ଡେସନ ତଥା ରିନ୍‌ଫୋର୍ସଡ୍ ଅାର୍ଥ (Reinforced Earth) ୱାଲ ସହିତ ରୋଡ଼ ଓଭର ବ୍ରିଜ୍ (ROB) ନଂ.235 (2X30.00M କମ୍ପୋଜିଟ୍ ଗର୍ଡ଼ର) ର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 2150.80 ଲକ୍ଷ, EMD (ଟଙ୍କାରେ) : ₹ 12,25,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.03.2020ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

10% ରୁ ଅଧିକ ଟେଣ୍ଡର ମୂଲ୍ୟ ତୁଳନାରେ ସର୍ବନିମ୍ନ ମୋଟ ମୂଲ୍ୟ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ଟେଣ୍ଡର ମୂଲ୍ୟର ପ୍ରତିଶତ ସହିତ ସମାନ ମୂଲ୍ୟର ଅତିରିକ୍ତ ପରଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯଦ୍ୱାରା ପ୍ରସ୍ତାବ ସ୍ୱୀକୃତି ଉପରେ ପ୍ରସ୍ତାବ 10% ରୁ କମ୍ ହୋଇପାରିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-122/CC/19-20



**ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ**
**କଟକ ଖଣ୍ଡପୀଠ**
**କଟକରେ**
**ସି.ଏ./(ସି.ଏ.ଏ.) ସଂ.୦୭/ସିଟିବି/୨୦୧୯**

ମାମଲାରେ;
କମ୍ପାନୀ ଅଧିନିୟମ, ୨୦୧୩
ଏବଂ
ମାମଲାରେ;
କଥିତ ଅଧିନିୟମର ଧାରା ୨୩୦ରୁ ୨୩୨ ତଥା କମ୍ପାନୀ ଅଧିନିୟମ, ୨୦୧୩ର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାପନ ସହିତ ପଠନପୂର୍ବକ କମ୍ପାନୀ (ବୁଝାମଣା, ବ୍ୟବସ୍ଥା ଓ ଏକୀକରଣ) ନିୟମାବଳୀ, ୨୦୧୬ ଅଧୀନରେ ପିଟିସନ
ଏବଂ
ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୪ପିଟିସି୦୦୯୦୧୬) (ପ୍ୟାନ୍ ନଂ.- ଏଏଇସିଡି୯୬୨୮ଜି), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, ଜିଇ ରୋଡ୍ ରାୟପୁର-୪୯୨୧୦୧ ...... ପ୍ରଥମ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୧
ଏବଂ
ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୦ସିଟି୨୦୧୦ପିଟିସି୦୦୯୦୩୧), (ପ୍ୟାନ୍ ନଂ.- ଏଏଇସିଜି୦୨୦୮କେ), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, ଜିଇ ରୋଡ୍ ରାୟପୁର-୪୯୨୧୦୧ ...... ଦ୍ୱିତୀୟ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୨
ଏବଂ
ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୩ପିଟିସି୦୦୯୦୧୭), (ପ୍ୟାନ୍ ନଂ.- ଏଏଟିସିଏସ୍୦୯୭୪ଏମ୍), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, ଜିଇ ରୋଡ୍ ରାୟପୁର-୪୯୨୧୦୧ ...... ତୃତୀୟ ବାଦୀ/ହସ୍ତାନ୍ତରଗ୍ରାହୀ କମ୍ପାନୀ
ମାମଲାରେ
୨୦ ଜାନୁୟାରୀ, ୨୦୨୦ ଦିନ ପ୍ରଦତ୍ତ ଆଦେଶ

**ପିଟିସନ ନୋଟିସ**

**ନୋଟିସ ପ୍ରଦାନ କରାଯାଉଛି ଯେ** କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ରୁ ଧାରା ୨୩୨ ସମେତ ପଠନପୂର୍ବକ ଅନ୍ୟାନ୍ୟ ବ୍ୟବସ୍ଥାପନ ଅଧୀନରେ, ଉପରନାମିତ ବାଦୀମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍, ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରଙ୍କ ପ୍ରସ୍ତାବିତ ମିଶ୍ରଣ ଯୋଜନାର ମଞ୍ଜୁରୀ ଆଦେଶକୁ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ ଦ୍ୱାରା ୨୦ ଜାନୁୟାରୀ ୨୦୨୦ ଦିନ ସ୍ୱୀକୃତ ହୋଇଥିଲା ଏବଂ ଏହାର ଶୁଣାଣି ତାରିଖକୁ ୨୦ ଫେବୃୟାରୀ, ୨୦୨୦ ଦିନ ଧାର୍ଯ୍ୟ କରାଯାଇଛି।
**କୌଣସି ବ୍ୟକ୍ତି** ଯଦି କଥିତ ପିଟିସନକୁ ସମର୍ଥନ କିମ୍ବା ବିରୋଧ କରିବା ପାଇଁ ଇଚ୍ଛୁକ ଥାଆନ୍ତି ତେବେ ସେ ନିମ୍ନପ୍ରଦତ୍ତ ଠିକଣାରେ ବାଦୀଙ୍କ ଓକିଲଙ୍କ ନିକଟକୁ ନିଜସ୍ୱ କିମ୍ବା ନିଜ ଓକିଲଙ୍କ ସ୍ୱାକ୍ଷର ତଥା ପୂରା ନାମ ଓ ଠିକଣା ସହିତ ତାଙ୍କର ଅଭିପ୍ରାୟ ଦର୍ଶାଉଥିବା ଏକ ନୋଟିସ ପ୍ରେରଣ କରିବେ ଯାହା ପିଟିସନ ଶୁଣାଣି ଲାଗି ଧାର୍ଯ୍ୟ ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା ବାଦୀଙ୍କ ଓକିଲଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ପିଟିସନର ବିରୋଧ କରୁଥିବା କ୍ଷେତ୍ରରେ, ଶୁଣାଣି ପାଇଁ ସ୍ଥିର ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା, ବିରୋଧର କାରଣ କିମ୍ବା ପିଟିସନ ବିରୁଦ୍ଧରେ ବ୍ୟବହାର ହେବା ଲାଗି ଉଦ୍ଦିଷ୍ଟ ସତ୍ୟପାଠରେ ଏକ ପ୍ରତିଲିପି ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ, ଡଗରପଡ଼ା, ସିଡିଏ ଏରିଆ, କଟକ, ଓଡ଼ିଶା-୭୫୩୦୦୨, ଭାରତଙ୍କ ନିକଟରେ ଦାଏର କରିବେ ଏବଂ ଏକ ପ୍ରତିଲିପି ବାଦୀଙ୍କ ଓକିଲଙ୍କ ନିକଟକୁ ପ୍ରେରଣ କରିବେ। ପିଟିସନର ପ୍ରତିଲିପି ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ନିର୍ଦ୍ଧାରିତ ଦେୟ ପୈଠ କରି ବାଦୀଙ୍କ ଓକିଲଙ୍କଠାରୁ ତାହା ପ୍ରାପ୍ତ କରିପାରିବେ।
ତାରିଖ: ୭ ଫେବୃୟାରୀ, ୨୦୨୦ ସ୍ୱା./-

**ମେସର୍ସ ହେମନ୍ତ ସେଠୀ ଆଣ୍ଡ କୋ.**
ବାଦୀଙ୍କ ଓକିଲ,
୧୬୦୨ ନବ ପରମାଣୁ, ଅମର ସିନେମା ପଛ,
ଚେମ୍ବୁର, ମୁମ୍ବାଇ-୪୦୦୦୭୧

ସ୍ଥାନ: ମୁମ୍ବାଇ
ତାରିଖ: ୭।୨।୨୦୨୦



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. eT-M-PRDP-REPAIR-94-2020

**କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ପାରାଦୀପ ୟାର୍ଡ଼ ଠାରେ ୱାଗନଗୁଡ଼ିକର ମରାମତି।**

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,64,18,856.57, EMD (ଟଙ୍କାରେ) : 2,32,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.02.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.02.2020ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍
PR-701/K/19-20



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ହାଉସ୍‌କିପିଂ ଠିକା ନିମନ୍ତେ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍/ଜି-୧୩/ଏଚ୍‌କେ/ ବିୟୁଏ-ଆଇବି/୧୯, ତାରିଖ: ୨୧।୦୧।୨୦୨୦
କାର୍ଯ୍ୟର ନାମ: କାର୍ଯ୍ୟାରମ୍ଭ ତାରିଖରୁ ୦୪ ବର୍ଷ (୧୪୬୦ ଦିନ) ଅବଧି ପାଇଁ ବିୟୁଏ-ଆଇବି ସେକ୍ସନ ନିମନ୍ତେ ୧୪ଟି ଷ୍ଟେଶନର ହାଉସ୍‌କିପିଂ ଠିକା। ଟେଣ୍ଡର ମୂଲ୍ୟ: ₹୫,୩୫,୮୩,୬୫୧.୯୭, ଅମାନତ ଜମା ରାଶି: ₹୪,୧୮,୦୦୦/-।
ଟେଣ୍ଡର ଦାଖଲ: ତା୨୦।୦୨।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୨୦।୦୨।୨୦୨୦ରିଖ ୧୧.୩୦ ଘଟିକା।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଡିଭିଜନାଲ ରେଲୱେ ମ୍ୟାନେଜର କମ୍ପ୍ଲେକ୍ସ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର (ଛତିଶଗଡ଼)ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।
ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର (କୋ-ଅର୍ଡ)/ବିଳାସପୁର
CPR/10/447
South East Central Railway @secrail



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ
ଓଡ଼ିଶା ସାହିତ୍ୟ ଏକାଡେମୀ ଓ
ସାରଳା ସାହିତ୍ୟ ସଂସଦଙ୍କ ମିଳିତ ସହଯୋଗରେ



**କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ**

୮ ଫେବୃଆରୀ ୨୦୨୦ ଶନିବାର ସନ୍ଧ୍ୟା ୬.୦୦ ଘଟିକା
ସାରଳା ଭବନ, କଟକ

ସ୍ମାରକୀ ବକ୍ତୃତା ପ୍ରଦାନ କରିବେ
ପ୍ରଖ୍ୟାତ ସାହିତ୍ୟିକ
**ପ୍ରଫେସର ମନୋଜ ଦାସ**

ବିଷୟ : "ସାହିତ୍ୟରେ ଆଦର୍ଶର ଭୂମିକା: ଗତକାଲି ଓ ଆଜି"

ମୁଖ୍ୟଅତିଥି **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ବିଶିଷ୍ଟ ଅତିଥି **ଶ୍ରୀ ବିଜୟ କୁମାର ନାୟକ**
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସମ୍ମାନନୀୟ ଅତିଥି **ଇଂ ଡକ୍ଟର ପ୍ରଭାକର ସ୍ୱାଇଁ**
ପ୍ରତିଷ୍ଠାତା ଓ ସଭାପତି, ସାରଳା ସାହିତ୍ୟ ସଂସଦ ତଥା ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ

ସଭାମୁଖ୍ୟ **ଶ୍ରୀ ହରିହର ମିଶ୍ର**
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଅନୁରୋଧ।

**ଶୁଚିସ୍ମିତା ମିଶ୍ର**
ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ



ନିଷ୍କାମ ଓ ଅନାସକ୍ତ ଭାବନରେ କର୍ମ କଲେ ଜନ୍ମ ମରଣର ଚକ୍ରରେ ଆଉ ପଡ଼ିବାକୁ ହୁଏ ନାହିଁ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଚଣ୍ଡିଖୋଲ,୭।୨(ଡି.ଏନ.ଏ):** ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ବ୍ରଜ କିଶୋର ନାୟକ ଗତ ୩୧ ତାରିଖରେ ଚାକିରିରୁ ଅବସର ନେଇଥିବା ହେତୁ ଗୁରୁବାର ମହାବିଦ୍ୟାଳୟ ପରିସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ କେଦାର ନାଥ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଅବସର ନେଉଥିବା ପ୍ରାଧ୍ୟାପକ ନାୟକ ଜଣେ ଛାତ୍ରବତ୍ସଳ ଓ କର୍ତ୍ତବ୍ୟ ପରାୟଣ ଅଧ୍ୟାପକ ଭାବେ ଦୀର୍ଘଦିନ ଶିକ୍ଷାଦାନ କରିଆସିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କର୍ମଚାରୀ ସଂଘ ସମ୍ପାଦକ ମନୋଜ ଦାସ୍, ପ୍ରାଧ୍ୟାପକ ରାମଚନ୍ଦ୍ର ମହାନ୍ତି, ଅଭିମନ୍ୟୁ ରାଉତ, ଜତିନ୍ଦ୍ର ରାଉତ, ପ୍ରମୋଦ ଦାସ, ତପନ କୁମାର ଜେନା, ରାଜେନ୍ଦ୍ର ପାଢୀ ପ୍ରମୁଖ ଯୋଗଦେଇ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ବିଜୟ କେତନ୍ ସାମଲ ଅବସରକାଳୀନ କବିତା ପାଠ କରିଥିଲେ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଯାଜପୁର ଟାଉନ,୭।୨(ଡିଏନଏ):** ଯାଜପୁର ସହର ନିକଟସ୍ଥ ରତନପାଳ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ନାରାୟଣ ସ୍ୱାଇଁ (୯୫)ଙ୍କର ନିଜ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ସ୍ୱାଇଁ ଜଣେ ଅଧ୍ୟାତ୍ମବାଦୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ସେ ବିଭିନ୍ନ ଧର୍ମାନୁଷ୍ଠାନ ସହ ଜଡିତ ହୋଇ ଶେଷ ପର୍ଯ୍ୟନ୍ତ ସକ୍ରିୟ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ବିନୋଦ ଚନ୍ଦ୍ର ସ୍ୱାଇଁ, ବିନୟ କୁମାର ସ୍ୱାଇଁ, ବିକାଶ ଚନ୍ଦ୍ର ସ୍ୱାଇଁ , ବିପିନ ବିହାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ମା' ତାରିଣୀଙ୍କ ୨୦ତମ ବାର୍ଷିକୋତ୍ସବ

**ସିଂହପୁର,୭।୨(ଡିଏନଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଆଉଁରୀ ପଞ୍ଚାୟତ ଦୋଳଗ୍ରାମ ଦାମଦରପୁରଠାରେ ମା' ତାରିଣୀଙ୍କ ୨୦ତମ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହେଉଛି। ଏଥିରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳୁଛି। ସୁନାପାଳ ମାଟିଆକଣ, ଦୋଳଗ୍ରାମ ଦାମୋଦରପୁର ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଉତ୍ସବ ପାଳନ ହେଉଛି। ମୁଖ୍ୟ ପଣ୍ଡିତ ଉଦ୍ଧବାନନ୍ଦ ଦାସ କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଗ୍ରାମବାସୀ ଯୁଧିଷ୍ଠିର ପଣ୍ଡା, ତପନ ଜେନା, ଜୟନ୍ତ ସେଠୀ, ପଲ୍ଲବ ଜେନା ଓ ସ୍ଥାନୀୟଲୋକେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ପାଲା ଗାୟିକା ଲକ୍ଷ୍ମୀପ୍ରିୟା ହରିଚନ୍ଦନ ପାଲା ପରିବେଷଣ କରିଥିଲେ।

### ହରିପୁର ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

**ବରୀ,୭।୨(ସ୍ୱ.ପ୍ର):** ବରୀ ବ୍ଲକ ଅଧୀନ ହରିପୁର ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଓ ହରିପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବରୀ ବିଧାୟିକା ସୁନନ୍ଦା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦାନ କରି ଶିକ୍ଷା, ସଂସ୍କୃତି ପରମ୍ପରା ଉପରେ ବକ୍ତବ୍ୟ ଦେଇଥିଲେ। ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କଲେ ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଯାଜପୁର ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବଟକୃଷ୍ଣ ମହାପାତ୍ର, ପୁରାତନ ଛାତ୍ର ତଥା ସମାଜ ମଙ୍ଗଳ ଅଧିକାରୀ (କେନ୍ଦୁଝର) ପ୍ରଦ୍ୟୁମ୍ନ ଦାସ, ପ୍ରମୁଖ ଯୋଗଦାନକରିଥିଲା ବେଳେ ପ୍ରଧାନ ଶିକ୍ଷକ ବାସୁଦେବ ମଲ୍ଲିକ ବିବରଣୀ ପାଠ କରିଥିଲେ। ବିଧାୟିକା ଦାସ ବରୀର ସଂସ୍କୃତି ଐତିହ୍ୟ ଉପରେ କବିତା ପାଠ କରି ଏକତା ଡ଼ୋରୀରେ ବାନ୍ଧିହୋଇ ରହିବାକୁ କହିଥିଲେ। ପ୍ରଭଞ୍ଜନ ପତି ଅତିଥି ପରିଚୟ ଓ ସ୍ୱାଗତ କରିଥିଲେ। ବିଦ୍ୟାଳୟର ପୁରାତନ କୃତୀଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁବୋଧ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛ କଟା ନାଁରେ ଲକ୍ଷାଧିକ ଟଙ୍କା ଲୁଟ୍

**ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ**
- ବାତ୍ୟା ସୁଯୋଗରେ ହରିଲୁଟ୍
- ୯୦୦ ଗଛ କଟାଯିବା ପାଇଁ ୪ଲକ୍ଷ ଟଙ୍କାର ବିଲ୍

**ଯାଜପୁର ଅଫିସ,୭।୨**

ଯାଜପୁର ଜିଲା ଜାରକା ନିର୍ମାଣ ଡିଭିଜନ-୨ ଅନ୍ତର୍ଗତ ବିଭିନ୍ନ ରାସ୍ତାରେ ଗତ ଫନୀ ବାତ୍ୟାରେ ପ୍ରାୟ ୯୦୦ଟି ଗଛ କାଟି ରାସ୍ତା ସଫା କରିବା ସଂକ୍ରାନ୍ତରେ ୪ ଲକ୍ଷ ୧୪ ହଜାର ଟଙ୍କା ବିଲ୍ ହୋଇଛି। ବାସ୍ତବ ପକ୍ଷେ ଯାଜପୁର ଜିଲାରେ ଫନୀ ବାତ୍ୟାରେ କାଁଭାଁ ଗଛ ଉପୁଡ଼ି ପଡ଼ିଥିବାବେଳେ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧିକାରୀମାନେ ଏହାର ସୁଯୋଗ ହାତଛଡା କରିବାକୁ ପଛାଇ ନାହାନ୍ତି। ଏହା ପୂର୍ବରୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସଏସ) ବିଭାଗ ଅଧୀନରେ ୧୦୪ଟି ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇ ଦେଢକୋଟି ଟଙ୍କା ହେରାଫେରି ହୋଇଥିବାବେଳେ ଜାରକା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ପାଚେରି, ରାସ୍ତା ଓ ଗୃହ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରିପୋର୍ଟ ପ୍ରଦାନ କରାଯାଇଥିଲା। ତେବେ ବିଭିନ୍ନ ବାତ୍ୟା ନାମରେ ଆସିଥିବା ଅନୁଦାନ କେଉଁ ବାଟରେ ଖର୍ଚ୍ଚ ହୋଇଛି ତାହାର ଏକ ନିରପେକ୍ଷ ତଦନ୍ତର ଆବଶ୍ୟକ ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଗତ ତିତଲି ଓ ଫନି ବାତ୍ୟାରେ ଯାଜପୁର ଜିଲାରେ ସେଭଳି କିଛି କ୍ଷତିଗ୍ରସ୍ତ ହୋଇ ନ ଥିଲେ ହେଁ ଏହା ପ୍ରଭାବରେ ଜିଲାର ପାନୀୟ ଜଳ ପ୍ରକଳ୍ପ ଓ ରାସ୍ତା କ୍ଷତିଗ୍ରସ୍ତ ନାମରେ କୋଟି କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେହି ଅନୁଦାନ ଅର୍ଥ କୁଆଡେ ଗଲା ଏଯାଏ କୌଣସି ସୂଚନା ମିଳି ପାରିନାହିଁ। ଅନୁରୂପଭାବେ ଗତ ମେ ୩ରେ ହୋଇଥିବା ସାମୁଦ୍ରିକ ବାତ୍ୟା ଫନୀ କ୍ଷୟକ୍ଷତି ନାମରେ ଜାରକା ଗ୍ରାମ୍ୟ ନିର୍ମାଣ(ଆରଡବ୍ଲ୍ୟୁଏସଏସ) ଡିଭିଜନ-୨ ପକ୍ଷରୁ ଜିଲାର ୩ଟି ବ୍ଲକ ଅଞ୍ଚଳରେ ୧୦୧୦.୫୦ ଲକ୍ଷ ଟଙ୍କାର ରାସ୍ତା ଓ ଗୃହ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ପ୍ରଦାନ କରାଯାଇଥିଲା। ବାସ୍ତବରେ ଯାଜପୁର ଜିଲାରେ ଫନୀ ଯୋଗୁ ଏତେ ଟଙ୍କାର ରାସ୍ତା ଓ ଗୃହ ନଷ୍ଟ ହୋଇଥିବା ରିପୋର୍ଟ ଉପରେ ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଥିଲା। ସାମୁଦ୍ରିକ ବାତ୍ୟା ଫନୀ ଯୋଗୁ ଉପକୂଳବର୍ତ୍ତୀ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଜିଲାରେ ପ୍ରଳୟ ହୋଇଥିଲା। ତେବେ ଯାଜପୁର ଜିଲାରେ କାଁଭାଁ ଚାଳଛପର ଘର, ବିଦ୍ୟୁତ ଖୁଣ୍ଟ ଆଦି କ୍ଷତିଗ୍ରସ୍ତ ହୋଇଥିଲେ ହେଁ ସେତେଟା ଗଛ ଉପୁଡ଼ି ନ ଥିଲା। ଯଦିଓ ହାତଗଣତି ଗଛ ପଡିଥିଲା ତାକୁ ଅଞ୍ଚଳବାସୀ କାଟି ତୁରନ୍ତ ଜାଳେଣି କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଘରକୁ ନେଇ ଯାଇଥିଲେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। କିନ୍ତୁ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ଅନ୍ତର୍ଗତ ବଡ଼ଚଣା ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୬ଟି ରାସ୍ତାରେ ପ୍ରାୟ ୯୦୦ ଗଛ ରାସ୍ତାରେ ଉପୁଡ଼ି ପଡିଥିବା ବିଭାଗୀୟ ରିପୋର୍ଟ ଯାଇଛି। ଗଛ କାଟି ରାସ୍ତା ସଫା କରିବା ନାମରେ ୪ ଲକ୍ଷ ୧୪ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ବରୀ ନିର୍ବାଚନମଣ୍ଡଳୀର ପ୍ରଥମାଖଣ୍ଡିରୁ ବନ୍ଧଡିହ ରାସ୍ତାରେ ୧୫ଟି ଗଛ, କୋରେଇ ନିର୍ବାଚନ ମଣ୍ଡଳିର ହରିପୁର-କରଜଙ୍ଗା ରାସ୍ତାରେ ୯ଟି, ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବାରବାଟି-ରସୁଲପୁର ରାସ୍ତାରେ ୧୩ଟି, ଟିକରପଡା ଭାୟା ବ୍ରାହ୍ମଣ ନରସିଂହପୁର ଓ ଦରକୁଣ୍ଡି ରାସ୍ତାରେ ୧୧ଟି ଇତ୍ୟାଦି ୨୨ଟି ରାସ୍ତାରେ ଗଛ ପଡିଥିଲା ବୋଲି ଉଲ୍ଲେଖ କରାଯାଇଛି। ଏହାସହ ବଡଚଣା ନିର୍ବାଚନମଣ୍ଡଳୀ ଚଣ୍ଡିମନ୍ଦିର-ମହାବିନାୟକ ରାସ୍ତାରେ ୫୩ଟି ଗଛ, ଏନ୍ଏଚ୍-୫ରୁ ସୁଙ୍ଗୁଡା ରାସ୍ତାରେ ୩୪ଟି ଗଛ, ବଡ଼ଚଣା ପଞ୍ଚାୟତ ସମିତି ଅଫିସରୁ କୋଳସାହି ରାସ୍ତାରେ ୩୧, ଦର୍ପଣିରୁ ବରିଠେଙ୍ଗଡା ରାସ୍ତାରେ ୨୨, ରାଇଝର-ସାଳପଡ଼ା ରାସ୍ତାରେ ୩୮, କଳକଳା ଢେଙ୍କାନାଳ ସୀମାନ୍ତରୁ ପୂର୍ଣ୍ଣଚନ୍ଦ୍ରପୁର ରାସ୍ତାରେ ୪୩, ତଲୁଆ-ମୂଷାଟିକିରି ରାସ୍ତାରେ ୩୭, ଖଡଗପୁର-ଚାରିନଙ୍ଗଳ ରାସ୍ତାରେ ୩୬ ଇତ୍ୟାଦି ୩୪ଟି ରାସ୍ତାରେ ଗଛ ପଡିଥିଲା ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଗଛ କଟାଯାଇ ରାସ୍ତା ସଫା କରାଯାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ମର୍ମରେ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ କେନ୍ଦ୍ରାପଡା-ଯାଜପୁର ସର୍କିଲର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କୁ ରିପୋର୍ଟ ଦାଖଲ କରିଛନ୍ତି। ଏଥିରେ ସମୁଦାୟ ୪.୧୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ତେବେ ଗତ ଫନୀ ବାତ୍ୟାରେ ଯାଜପୁର ଜିଲା ବଡଚଣା ଓ ଧର୍ମଶାଳା ବ୍ଲକରେ ରିପୋର୍ଟ ଅନୁସାରେ ଗଛ କ୍ଷତିଗ୍ରସ୍ତ ହୋଇନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏଠାରେ ରାଜ୍ୟ ସରକାରଙ୍କ ୫-ଟି ଆଇନ ଓ ମୋ ସରକାର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାହୁଙ୍କୁ ପଚାରିବାରୁ, ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ରିପୋର୍ଟ ଦାଖଲ କରାଯାଇଛି। ତେବେ ବାତ୍ୟା ସମୟରେ ସେ ଏଠାରେ କାର୍ଯ୍ୟରତ ନ ଥିବାରୁ କିଛି କହି ପାରିବେ ନାହିଁ ବୋଲି କହିଛନ୍ତି।



## 'ଶୋଭନୀୟ ସମାଜ ପାଇଁ ଗାନ୍ଧିଜୀଙ୍କ ବାର୍ତ୍ତା ଅପରିହାର୍ଯ୍ୟ'

**ଚଣ୍ଡିଖୋଲ,୭।୨(ଡି.ଏନ୍.ଏ)**

ମହାତ୍ମାଗାନ୍ଧୀଙ୍କ ଆତ୍ମ ଜୀବନୀ 'ସତ୍ୟର ପ୍ରୟୋଗ'ରେ ଜୀବନରେ ଘଟିଥିବା ସମସ୍ତ ଘଟଣାର ସ୍ୱୀକାରୋକ୍ତି ସେ କରିଯାଇଛନ୍ତି। ଶୋଭନୀୟ ସମାଜ ପାଇଁ ଗାନ୍ଧୀଜୀଙ୍କୁ ପଢ଼ିବା ଏବଂ ତାଙ୍କ ଆଦର୍ଶ ଓ ବାର୍ତ୍ତା ପ୍ରେରଣା ଦେବା ପାଇଁ ଅପରିହାକାର୍ଯ୍ୟ ବୋଲି ପଦାର୍ଥ ବିଜ୍ଞାନୀ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶିକ୍ଷାବିତ୍ ପ୍ରଫେସର ଜ୍ଞାନଦେବ ମହାରଣା ମତବ୍ୟକ୍ତ କରିଛନ୍ତି। ଉଦୟଗିରିସ୍ଥିତ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶୁକ୍ରବାର ଅନୁଷ୍ଠିତ ନୀତି ବିଜ୍ଞାନ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଶିକ୍ଷାଶ୍ରମର ପ୍ରତିଷ୍ଠାତା ପୂଜ୍ୟଶ୍ରୀ କୁମାର ଭାଇଙ୍କ ସହ ଅତୀତରେ ଥରେ ତାଙ୍କ ସାକ୍ଷାତକାର ଏବଂ ଶୋଭନୀୟତା ପାଇଁ ବମ୍ବେରେ କରିଥିବା ଲଢ଼େଇର ସ୍ମୃତିଚାରଣ କରିଥିଲେ। ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ବରିଷ୍ଠ ନେତ୍ରୀ ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଶାରଦାକାନ୍ତ ଦାସ ଯୋଗ ଦେଇଥିଲେ। ଶୋଭନୀୟ ଆନ୍ଦୋଳନର ସଭ୍ୟାସଭ୍ୟ, ଶିକ୍ଷାଶ୍ରମର ଗୁରୁମାଗୁରୁଜୀ, ଛାତ୍ରୀଛାତ୍ର ଏହି ଆତ୍ମଶୁଦ୍ଧି ନୈତିକ ଚେତନାଦାୟୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଭ୍ୟା ବରଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ନୀତିବିଜ୍ଞାନ ସଭାରେ ଯୋଗ ଦେଇଥିବା ଅତିଥି।

## ମୋବାଇଲ ଚୋରିକୁ ନେଇ ବୋମା ମାଡ଼

**ଚଣ୍ଡିଖୋଲ, ୭।୨(ଡିଏନ୍ଏ)**

ଯାଜପୁର ଜିଲାର ବୈରୀ ଥାନା ବୁଢାକେନ୍ଦୁଆ ଛକ ନିକଟରେ ଶୁକ୍ରବାର ରାତିରେ ବୋମା ମାଡ଼ ହୋଇଛି। ଏହି ବୋମା ମାଡ଼ରେ କାହାର କିଛି କ୍ଷତି ହୋଇ ନ ଥିଲେ ହେଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ବୈରୀ ଥାନା ବୁଢାକେନ୍ଦୁଆ ଛକଠାରେ ରାଇଝର ଗ୍ରାମର ଅଶୋକ ଖିଲାର ମୋବାଇଲ ଦୋକାନ କରିଛନ୍ତି। ଗୁରୁବାର ରାତିରେ ତାଙ୍କ ଦୋକାନରୁ ୫୦ରୁ ଉର୍ଦ୍ଧ୍ୱ ମୋବାଇଲ ଚୋରି ହୋଇଥିଲା। ଏ ସମ୍ପର୍କରେ ସେ ବଜାର କମିଟିରେ ଜଣାଇଥିଲେ। ବଜାର କମିଟି ଓ ସ୍ଥାନୀୟ ଉଦ୍ରଲୋକ ଚୋରି କରିଥିବା ସନ୍ଦେହରେ ଜଣେ ପିଲାଙ୍କ ବାପାଙ୍କୁ ଡାକି ଘଟଣାର ସମାଧାନ କରିବା ସହ ୧୦ଟି ମୋବାଇଲ ଫେରାଇଥିଲେ। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଆଉ ମୋବାଇଲ ନ ଫେରାଇବା ଯୋଗୁ ଅଶୋକ ତାଙ୍କୁ ପୁନର୍ବାର ପଚାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବୈରୀ ଥାନା ଗବଶିଳା ଗ୍ରାମର ନକୁଳ ଶୁଣ୍ଢି ଆସି ତାଙ୍କୁ ଗାଳିଗୁଲଜ କରିବା ସହ ୨ଟି ବୋମା ମାଡ଼ କରିଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ବଜାର କମିଟିର କର୍ମକର୍ତ୍ତାମାନେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

# 'ପ୍ରମାଣ ନଷ୍ଟ କରିବାକୁ ଭାଙ୍ଗି ଦିଆଗଲା ଅତିଥି ଭବନ'

**ରସୁଲପୁର,୭।୨(ଡିଏନଏ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରିଣୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାର ମୂକସାକ୍ଷୀ ବିବାଦୀୟ ଅତିଥିଭବନକୁ ଶୁକ୍ରବାର ଜେସିବି ଲଗାଇ ଭାଙ୍ଗି ଦେଇଛି। ଏହି ଅତିଥିଶାଳା ପୂର୍ବରୁ କାଗଜ କଲମରେ ଭାଙ୍ଗି ସାରିଥିଲା। ମାତ୍ର ଏହାକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଆଲୋଚନା ହେବା ପରେ ଘଟଣାର ସତ୍ୟସତ୍ୟ ପଦାକୁ ଆସିଥିଲା। ଧର୍ମଶାଳା ତହସିଲ ପ୍ରଶାସନ କ୍ଷେତ୍ର ପରିଦର୍ଶନ କରିବାକୁ ବାଧ୍ୟ ହୋଇଥିଲା । ନିର୍ମିତ କୋଠା ସରକାରୀ ଜମି ଉପରେ ରହିଥିବା ମାପଚୁପ୍ ପରେ ଜଣାପଡିଥିଲା। ସେ ପର୍ଯ୍ୟନ୍ତ କୋଠାଟି ଅଭିଯୁକ୍ତ ରୂପେଶ ଭଦ୍ରଙ୍କ ପରିବାର ଅକ୍ତିଆରରେ ଥିଲା। ଉକ୍ତ ଘରକୁ ପ୍ରଶାସନ ସିଲ କରିବା ସହ ନିଜ ଅକ୍ତିଆରକୁ ନେଇଥିଲା। ଉକ୍ତ ଘରକୁ ନ ଭାଙ୍ଗି ପାଠାଗାର କରିବା ପାଇଁ ରାଜସ୍ୱ ବିଭାଗକୁ ତତ୍କାଳୀନ ଭାରପ୍ରାପ୍ତ ଜିଲାପାଳ ମହିର ପ୍ରସାଦ ମହାନ୍ତି ପ୍ରସ୍ତାବ ଦେଇଥିଲେ। ମାତ୍ର ଏହାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯିବା ସହ ଏହା ଆଇନ ସମ୍ମତ ନୁହେଁ ବୋଲି ମତପ୍ରକାଶ ପାଇଥିଲା । ପରେ ଏହି କୋଠାକୁ ଭାଙ୍ଗିବା ପାଇଁ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ଯାଜପୁର ଉପଜିଲାପାଳଙ୍କ ଅନୁମତି ଲୋଡିଥିଲେ। ଅପରପକ୍ଷରେ ଉଚ୍ଚନ୍ୟାୟାଳୟ ବି ଉକ୍ତ ମାମଲା ଫଇସଲା କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସେହି ମୁତାବକ ଫେବୃୟାରୀ ୭ରେ ଘର ଭାଙ୍ଗିବାକୁ ନୋଟିସ ଜାରି କରାଯାଇଥିଲା। ତଦନୁଯାୟୀ ଅଭିଯୁକ୍ତ ରୂପେଶ ଭଦ୍ରଙ୍କ ଦ୍ୱାରା ନିର୍ମିତ ଏହି ଦୁଇ ମହଲା ବିଶିଷ୍ଟ ଏହି ଅତିଥି ଭବନକୁ ଭାଙ୍ଗି ଦିଆଯିବା ପରେ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବେଆଇନ କୋଠା ଭାଙ୍ଗିବା ଆଳରେ ପ୍ରଶାସନ ବାହାବା ନେଉଥିବାବେଳେ ଏହାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଏହା ଅଭିଯୁକ୍ତକୁ ଖସାଇବା ପାଇଁ ଏକ ବାଟ ବୋଲି କହୁଥିବାବେଳେ ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ, ସବୁ କିଛି ଆଇନ ଅନୁଯାୟୀ ହୋଇଛି। ଯାହା କିଛି ପଦକ୍ଷେପ ନିଆଯାଇଛି ପ୍ରଶାସନିକସ୍ତରରେ ଭାବିଚିନ୍ତି ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି।



ଅତିଥି ଭବନକୁ ଭଙ୍ଗାଯାଉଛି।

**ପିଇଓ ସ୍ମିତାରାଣୀ ବିଶ୍ୱାଳ ମୃତ୍ୟୁ ଘଟଣା**

### ଏମାନେ କୁହନ୍ତି...




"ଅତିଥିଶାଳା ଭାଙ୍ଗିବା ପାଇଁ ହୋଇଥିବା ପ୍ରଶାସନିକ ନିଷ୍ପତ୍ତିକୁ ମୁଁ ଆଦୌ ଗ୍ରହଣ କରିପାରୁ ନାହିଁ। ତଦନ୍ତ ପ୍ରକ୍ରିୟାକୁ ବାଟବଣା କରିବା ପାଇଁ ଏହା ହେଉଛି ସଫଳ ପ୍ରୟାସ। ଏହାଛଡା ଏହାଦ୍ୱାରା କେବଳ ଅଭିଯୁକ୍ତ ରୂପେଶ ଭଦ୍ର ନୁହେଁ, ଅନ୍ୟ ବଡବଡିଆଙ୍କୁ ବଞ୍ଚାଇବା ପାଇଁ ବାକିଥିବା ଶେଷ ସନ୍ତକଟିକୁ ନଷ୍ଟ କରି ଦିଆଯାଇଛି ।

**-ସ୍ମୃତିରେଖା ପହି, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା**



"ବେଆଇନ ଉଚ୍ଛେଦ ପାଇଁ ପ୍ରଶାସନିକ ଅଧିକାରୀଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହା ବହୁ ପୂର୍ବରୁ ଏହା ହେବାର ଥିଲା। ପ୍ରଥମେ କାଗପତ୍ରରେ କୋଠା ଭଙ୍ଗାଯାଇଛି ବୋଲି ଦର୍ଶାଇବା ଓ ପରେ ଗଣମାଧ୍ୟମରେ ସତ୍ୟ ଉନ୍ମୋଚନ ହେବା ପରେ କୋଠାକୁ ଭାଙ୍ଗିବାକୁ ପ୍ରଶାସନ ବାଧ୍ୟ ହୋଇଛି । ମାତ୍ର ତଦନ୍ତ ଚାଲିଥିବା ସମୟରେ କୋଠା ଭଙ୍ଗାଯିବାକୁ ମୁଁ ଉଚିତ ଭାବୁନାହିଁ। ଉକ୍ତ କୋଠା ସ୍ମିତାରାଣୀଙ୍କ ମୃତ୍ୟୁର ଏକମାତ୍ର ମୂକସାକ୍ଷୀ ଥିଲା । ତାକୁ ଭାଙ୍ଗି ଦେବା ଦ୍ୱାରା ପ୍ରମାଣ ତ ନଷ୍ଟ ହୋଇଗଲା, ଏହାଛଡା କୋଠାକୁ ଆସୁଥିବା ଅନେକ ବଡ ବଡ ଅଧିକାରୀ, ଶାସକ ଦଳର ରାଜନେତାଙ୍କ ସମ୍ପୃକ୍ତିର ଗୁମର ଖୋଲିବାର ଆଶା ବି ନଷ୍ଟ ହୋଇଗଲା। ଆଗକୁ ଉଚ୍ଚସ୍ତରୀୟ ତଦନ୍ତନିର୍ଦ୍ଦେଶ ହେଲେ ବି ଅଭିଯୁକ୍ତ ଖସିଯିବାର ବାଟ ଫିଟିଗଲା।

**-ଗୌତମ ରାୟ, ଯାଜପୁର ଜିଲା ଭାଜପା ସଭାପତି**



"ପ୍ରଶାସନ କେବଳ ରୂପେଶ ଭଦ୍ରଙ୍କ ବେଆଇନ କୋଠା ଭଙ୍ଗିଲା। ଧର୍ମଶାଳା ଅଞ୍ଚଳରେ ବହୁ ବେଆଇନ କୋଠା ରହିଛି, ପ୍ରଶାସନ ତାକୁ କେବେ ଭାଙ୍ଗିବ? ପ୍ରଶାସନ ପକ୍ଷରୁ ଧର୍ମଶାଳା ଅଞ୍ଚଳରୁ ଏକ ବସ୍ତି ଅଞ୍ଚଳ ଉଚ୍ଛେଦ କରିବା ପାଇଁ ଯୋଜନା ରହିଛି । ସେ ଦିଗରେ ଜନସାଧାରଣଙ୍କ ନିକଟରେ ସମାଲୋଚନାରୁ ବର୍ତ୍ତିବା ପାଇଁ ପ୍ରଶାସନ ଏଭଳି ପଦକ୍ଷେପ ନେଇଛି।

**-ସର୍ବେଶ୍ୱର ବେହୁରା, ସୂଚନା ଅଧିକାର କର୍ମୀ**



"ଆମ ପରିବାର ଏବେ ବି ନ୍ୟାୟ ଅପେକ୍ଷାରେ ରହିଛି। ବଡବଡିଆଙ୍କ ବିରୋଧରେ ଲଢେଇ କଲେ କି ନ୍ୟାୟ ମିଳେ ଏହି ଘଟଣା ସ୍ପଷ୍ଟ କରିଛି। ମୋ ପରିବାର ଉପରେ ଦୁଃଖ ଉପରେ ଦୁଃଖ ମାଡ଼ି ଆସୁଛି । ମୋ ବୋହୂ ଚାଲିଗଲା। ମୋ ସାନପୁଅ କର୍କଟ ରୋଗରେ ପୀଡିତ। ମୋ ମାନସିକ ଅବସ୍ଥା ଠିକ୍ ନାହିଁ। କୋଠା ଭାଙ୍ଗୁ କି ନ ଭାଙ୍ଗୁ ମୋର କିଛି ଯାଏଆସେ ନାହିଁ। ମୋ ନାତୁଣୀକୁ ତା' ମା' କିଏ ଫେରାଇ ଦେବ?

**-ସୀତାକାନ୍ତ ବିଶ୍ୱାଳ, ମୃତା ସ୍ମିତାରାଣୀଙ୍କ ଶ୍ୱଶୁର**



ଅତିଥି ଭବନ ଭଙ୍ଗାଯାଉଥିବା ସମୟରେ ଲୋକଙ୍କ ଭିଡ଼।



ଅତିଥିଶାଳା ଭଙ୍ଗାଯିବା ବେଳେ ନିୟୋଜିତ ହୋଇଥିବା ପୋଲିସ ଫୋର୍ସ।

# ପାନୀୟଜଳରେ ଭାସୁଛି କେଞ୍ଚୁଆ

ନୟାଗଡ଼ ଅଫିସ,୭।୨

- ମଇଳା ପଡି କଳା ଦେଖାଯାଉଛି
- ୨୦ରୁ ଊର୍ଦ୍ଧ୍ୱ ଦିନର ସମସ୍ୟା
- ସମାଧାନ କରୁନି ଜନସ୍ୱାସ୍ଥ୍ୟ ବିଭାଗ



ନୟାଗଡ଼ ସହର ୧୩ନଂ ୱାର୍ଡର ମହିଳା କଲେଜଠାରୁ ପାଟଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳକୁ ପିଏଚ୍‌ଡି (ଜନସ୍ୱାସ୍ଥ୍ୟ ବିଭାଗ) ପକ୍ଷରୁ ଯୋଗାଣ ହେଉଥିବା ପାନୀୟଜଳ ପରିସ୍ରା ଭଳି ଗନ୍ଧାଉଛି। ଏହି ଜଳରେ କେଞ୍ଚୁଆ ଭାସୁଥିବାବେଳେ ଏହା କଳା ରଙ୍ଗର ଦେଖାଯାଉଛି। କିଛି ସମୟ ରଖିବା ପରେ ପାଣିରେ ମଇଳା ବସି ରହୁଛି। ପାନୀୟ ଅନୁପଯୋଗୀ ଏପରି ଜଳ ୨୦ରୁ ଊର୍ଦ୍ଧ୍ୱ ଦିନ ହେଲା ଯୋଗାଣ ହୋଇଆସୁଛି। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ମଧ୍ୟ ବିଭାଗ ପକ୍ଷରୁ ସମସ୍ୟା ସମାଧାନ ହୋଇପାରି ନାହିଁ।

## ୩ ବର୍ଷର ସମସ୍ୟା



ମହିଳା କଲେଜଠାରୁ ପାଟଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳକୁ ପିଏଚଡି ପକ୍ଷରୁ ଯୋଗାଣ ହେଉଥିବା ପାନୀୟଜଳ ପାନୀୟ ଉପଯୋଗୀ ନୁହେଁ। ଏପରି କି ଗଛରେ ଦେବାକୁ ବି ଅନୁପଯୁକ୍ତ। ପ୍ରାୟ ୩ବର୍ଷ ହେଲା ବିଭିନ୍ନ ସମୟରେ ଅପରିଷ୍କାର ପାନୀୟ ଜଳ ଆସୁଛି। ଏ ନେଇ ମୁଁ ଜିଲାପାଳଙ୍କୁ ଅଭିଯୋଗ କରିଛି। ଏପରି କି ଜଳର ସାମ୍ପୁଲ ବି ଦେଖାଇଛି। ବର୍ତ୍ତମାନ ଯୋଗାଯାଉଥିବା ଅପରିଷ୍କାର ଜଳ ସମ୍ପର୍କରେ ପିଏଚଡିର ଜେଇଙ୍କୁ ଅଭିଯୋଗ କରିଛି।

– ନାରାୟଣ ଆଚାର୍ଯ୍ୟ

## ପ୍ରଶାସନ ଶୁଣୁନି



ଦୂଷିତ ପାନୀୟଜଳ ଯୋଗାଇ ଲାଭ କ'ଣ, ଯାହାକୁ ଲୋକେ ପାନୀୟଜଳ ଭାବେ ବ୍ୟବହାର କରିପାରିବେ ନାହିଁ। ବରଂ ରୋଗରେ ପଡିବେ। ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଛି। ହେଲେ ସୁଫଳ ମିଳୁନି। ଜିଲା ସଦର ମହକୁମା ହୋଇ ବି ପ୍ରଶାସନ ନିକଟରେ ଆମ ସ୍ୱର ପହଞ୍ଚୁ ନାହିଁ।

– ଉମର



ହେବାକୁ ପଡୁଛି। ମୁଁ ଜଣେ ଶିକ୍ଷକ। ସରକାରୀ କ୍ୱାର୍ଟର୍ସରେ ରହିବି ସ୍ୱଚ୍ଛ ପାଣି ମୁନ୍ଦେ ପାଉ ନାହିଁ। ପାନୀୟ ଜଳରେ ମଇଳା ଖଣ୍ଡ ଭାସିବା ସହ ପରିସ୍ରା ଭଳି ଗନ୍ଧାଉଛି। ଦେଖାଯାଉ କେତେଦିନ ଆଉ କଷ୍ଟରେ ରହିବାକୁ ପଡିବ।

– ଏସ୍.କେ. ରହମନ

## ପାଣି ପାଇଁ ସ୍ଥାନାନ୍ତର

ପାନୀୟଜଳ ପାଇଁ ପରିବାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଡୁଛି। କାରଣ ଅପରିଷ୍କାର ପାନୀୟ ଜଳ ପ୍ରାୟ ୨୦ଦିନ ହେଲା ଆସୁଛି। ବିକଳ୍ପ ନ ଥିବାରୁ ହନ୍ତସନ୍ତ

## ଡ୍ରେନ ଭିତରେ ପାଇପ୍

ମହିଳା କଲେଜ ଅଞ୍ଚଳରେ ଡ୍ରେନ ଭିତରେ ଯାଇଛି ଜନସ୍ୱାସ୍ଥ୍ୟ ବିଭାଗର ପାଣିପାଇପ୍। ପାଇପ୍ ଲିକେଜ କାରଣରୁ ଭିତରେ ନର୍ଦ୍ଦମା ଜଳ ମିଶି ପାଣି ଅପରିଷ୍କାର ହେଉଛି। ହେଲେ ଜନସ୍ୱାସ୍ଥ୍ୟ ବିଭାଗ ଲିକେଜ ନ ଖୋଜି ଅଯଥାରେ ସମୟ ଅପଚୟ କରୁଛି। ପୁଣି ସହରର ଥାଇ ବି ମହାନଦୀ ଜଳ ଆସି ପାରିଲାନି। ଏ ଅଞ୍ଚଳରେ ରହୁଥିବା ଜଣେ



ପୂର୍ବତନ ବିଧାୟକଙ୍କ ଘରକୁ ମହାନଦୀ ପାଣି ଯାଇ ପାରିଲା, ଅଥଚ ଅନ୍ୟମାନଙ୍କ ଘରକୁ ଯିବା ଅସମ୍ଭବ ବୋଲି କୁହାଯାଉଛି।

– ପ୍ରଫୁଲ୍ଲ ପ୍ରହରାଜ

## ଘରକୁ ପାଣି ଆସୁନି

ପ୍ରାୟ ୩ବର୍ଷ ତଳେ ନୂଆ ସଂଯୋଗ ନେଇଥିଲି। କିନ୍ତୁ ପାଣି ଟୋପାଏ ପାଉ ନାହିଁ।



ସହର ଭିତରେ ଥାଇ ମହାନଦୀ ପାଣି ନ ପାଇବା ଦୁଃଖର ବିଷୟ। ପୁଣି ଅପରିଷ୍କାର ପାଣି ଯୋଗାଇବା ଠିକ୍ ନୁହେଁ। ତୁରନ୍ତ ଜିଲାପାଳ ଏଥିରେ ହସ୍ତକ୍ଷେପ କରି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରନ୍ତୁ।

– ବାଳକୃଷ୍ଣ ମିଶ୍ର

ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉଛି। ଡ୍ରେନର ୫ରୁ ୬ଫୁଟ ତଳେ ପାଇପ୍ ଯାଇଛି। ପାଇପ୍ ଫାଟି ନାହିଁ। କୌଣସି ଗ୍ରାହକଙ୍କ ପାଇପ୍ ଫାଟି ଥାଇପାରେ। ଏହା ଚିହ୍ନଟ ହୋଇନି। ତୁରନ୍ତ ଚିହ୍ନଟ କରି ମରାମତି କରାଯିବ।

# ଯକ୍ଷ୍ମାରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ଶେଷ

ନୟାଗଡ଼ ଅଫିସ,୭।୨

## ୫ ଦିନରେ ୬୧ ରୋଗୀ ଚିହ୍ନଟ



ଯକ୍ଷ୍ମାରୋଗ ବିଷୟରେ ସଚେତନ କରାଯାଉଛି।

ନୟାଗଡ଼ ବ୍ଲକରେ ଯକ୍ଷ୍ମାରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ୫ଦିନ ଧରି ଚାଲୁରହିଥିବା ଏହି କାର୍ଯ୍ୟକ୍ରମରେ ୬୧ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷେ ବିରୁଡା, ଜହ୍ନିପଦା, ବାଉଁଶିଆପଡା, ବଡପଣ୍ଡୁସର, ଇଟାମାଟି, ଲାଠିପଡା, ଗମ୍ଭାଡି, ବାଲୁଗାଁ, ଯଦୁପୁର, ଶରଧାପୁର, ଡିମରିପାଟଣା ଆଦି ଅଞ୍ଚଳରେ ଯକ୍ଷ୍ମାରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଆଶା, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ରୋଗୀଙ୍କ କଫ ପରୀକ୍ଷା କରିଥିଲେ। ରାଜ୍ୟ ଯକ୍ଷ୍ମା ସଂଯୋଜକ ବାଳକୃଷ୍ଣ ପଣ୍ଡା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଶରତ ଚନ୍ଦ୍ର ଦାଶ, ଜିଲା କାର୍ଯ୍ୟକ୍ରମ ସଂଯୋଜକ ରୁଦ୍ର ନାରାୟଣ ଜେନା, ଟିବି ଓ ଏଚ୍‌ଆଇଭି ସଂଯୋଜକ ଶରତ ଓଝା, ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ କୁମାର ଦଳବେହେରା, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱ ରଞ୍ଜନ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ବାଲ୍ୟ ବିବାହ ବନ୍ଦ କଲା ପ୍ରଶାସନ

ନୟାଗଡ଼ ଅଫିସ,୭।୨

ନୟାଗଡ଼ ଜିଲା ଖଣ୍ଡପଡା ଥାନାର ଯୋଗିଆପଲ୍ଲୀ ଓ ଇଟାମାଟି ଥାନାର ବଡପଣ୍ଡୁସରଠାରେ ୨ ବାଲ୍ୟ ବିବାହକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ବଡପଣ୍ଡୁସରରେ ଶୁକ୍ରବାର ଜନୈକା ୧୭ ବର୍ଷୀୟା ନାବାଳିକାଙ୍କ ବିବାହ ହେବାର ଥିଲା। ଭୂତଡିହିର ଜଣେ ଯୁବକ ବିବାହ କରିଥାନ୍ତେ। ଖବର ପାଇ ବାଲ୍ୟ ବିବାହ ନିଷେଧ ଅଧିକାରୀ ଓ ଇଟାମାଟି ପୋଲିସ ପହଞ୍ଚି ନାବାଳିକାଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ଏହା ଜାଣିବା ପରେ ବର ନ ଆସି ଫେରାର ହୋଇଯାଇଥିଲେ। ସେହିପରି ଖଣ୍ଡପଡା ଥାନା ଯୋଗିଆପଲ୍ଲୀରେ ଅନୁରୂପ ଭାବେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କ ବିବାହ ଶିମିଳିସାହିର ଜଣେ ଯୁବକଙ୍କ ସହ ଚଳିତମାସ ୧୦ ତାରିଖରେ ହେବାର ରହିଥିଲା। ଖଣ୍ଡପଡା ପୋଲିସ ସହାୟତାରେ ବିଭାଗୀୟ ଅଧିକାରୀ ପହଞ୍ଚି ଏହାକୁ ବନ୍ଦ କରାଇଛନ୍ତି। ବାଲ୍ୟ ବିବାହ ନ କରିବା ପାଇଁ ନାବାଳିକାଙ୍କ ମା'ବାପାଙ୍କଠାରୁ ଲିଖିତ ପତ୍ର ନିଆଯାଇଥିବା ଜଣାପଡିଛି।

# ଭେଣ୍ଡିଂ ଜୋନ୍ ପାଇଁ ପ୍ରସ୍ତାବ



ପ୍ରସ୍ତାବିତ ଜମିର ଜବରଦଖଲ କରାଯାଇଥିବା ଅଂଶ।

- ସ୍ଥାନ ଚିହ୍ନଟରେ ବିଳମ୍ବ
- ଜବରଦଖଲ ଆଣିପାରେ ସମସ୍ୟା

ନୟାଗଡ ଅଫିସ,୭।୨

ସରକାରଙ୍କ ଜାଗା ମିଶନ ପରେ ନୟାଗଡ଼ ସହରରେ ଜବରଦଖଲ ବଢୁଛି। ଏଭଳିସ୍ଥଳେ ଭେଣ୍ଡିଂ ଜୋନ ପାଇଁ ଜମି ମିଳୁନି। ଆର୍‌ଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ୍ ପାଇଁ ଯେଉଁ ଜମି ମଗାଯାଇଛି ତାହା କୃଷକ ବଜାର ପଛ ପାଖରେ ୧ ଏକର ୧୨ ଡେସିମିଲ ରହିଛି। ଏହି ସ୍ଥାନଟିକୁ ଭେଣ୍ଡିଂ ଜୋନ୍ କରାଗଲେ ୨୦୦ରୁ ଊର୍ଦ୍ଧ୍ୱ ଛୋଟ ବ୍ୟବସାୟୀ ଓ ଚାଷୀ ଉପକୃତ ହେବେ। ପୁଣି ଖଣ୍ଡପଡା ରାସ୍ତାରୁ ଟ୍ରାଫିକ ସମସ୍ୟା ହଟିବ। ପାଖରେ ଚାଷୀ ଓ ଖାଉଟିଙ୍କ ପାଇଁ କୃଷକ ବଜାର ରହିଥିବାରୁ ଏହା ଉପଯୁକ୍ତ ସ୍ଥାନ ହେବ। ତେବେ ଏହି ଫାଇଲ ନୟାଗଡ଼ ତହସିଲଦାରଙ୍କ କାର୍ଯ୍ୟାଳୟରେ ପଡିରହିଛି। ଅନ୍ୟପକ୍ଷେ ଉପଯୁକ୍ତ ଜମି ଜବରଦଖଲରେ ରହିଛି। ପ୍ରଶାସନ ଏହାକୁ ନ ହଟାଇଲେ ମୂଲ୍ୟବାନ ଜମି ଅନ୍ୟମାନଙ୍କ ଦଖଲକୁ ଚାଲିଯିବା ସମ୍ଭାବନା ରହିଛି। କୃଷକ ବଜାର କିଛି ବର୍ଷ ହେଲା ପରିତ୍ୟକ୍ତ ହୋଇ ପଡିରହିଥିଲା। ତେବେ ଆର୍‌ଏମ୍‌ସି ୨୨ ଜଣ ହୋଲସେଲରଙ୍କୁ ନିଯୁକ୍ତି ଦେବା ପରେ ଚାଷୀଙ୍କ ପାଇଁ ବଜାର ସୁବିଧା ହୋଇଛି। ଏଠାରେ ଚାଷୀ ତାର ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାର ସୁବିଧା ପାଇପାରୁଛି। ହେଲେ ଖାଉଟି ଓ ଛୋଟ ବ୍ୟବସାୟୀଙ୍କ ପାଇଁ ସେପରି କିଛି ବ୍ୟବସ୍ଥା ନାହିଁ। ଏଣୁ ତୁରନ୍ତ ଭେଣ୍ଡିଂ ଜୋନର ଅବଶ୍ୟକତା ରହିଛି। ଏ ନେଇ ଏଆର୍‌ସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, କୃଷକ ବଜାର ପଛ ପାଖରେ ଭେଣ୍ଡିଂ ଜୋନ୍ କରିବା ପାଇଁ ପ୍ରସ୍ତାବ ରହିଛି। ଜମି ଚିହ୍ନଟ ହେବା ପରେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଏହି ସ୍ଥାନରେ ଭେଣ୍ଡିଂ ଜୋନ୍ ହେଲେ ସମସ୍ତଙ୍କ ଉପକାରରେ ଲାଗିବ। ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ଭେଣ୍ଡିଂ ଜୋନ୍ ପ୍ରସ୍ତବ ସମ୍ପର୍କରେ ମୁଁ ଜାଣିନି। ଯଦି ସରକାରୀ ଜମି ଜବରଦଖଲ ହୋଇଛି ତାହାକୁ ଭାଙ୍ଗି ଭେଣ୍ଡିଂ ଜୋନ୍ କରାଯିବ। ଲୋକଙ୍କ ଉନ୍ନତି ପାଇଁ କାମ କରାଯିବ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବୋଲଗଡ଼,୭।୨(ଡି.ଏନ.ଏ.)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡିର ପାନନଗର ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଲଛିପୁର ଗ୍ରାମର ଭୀମସେନ ବହିଆ (୩୧)। ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଭୀମସେନ ପାନନଗର ଗ୍ରାମର ତାଙ୍କ ସମ୍ପର୍କୀୟଙ୍କ ଘରେ ବିଦ୍ୟୁତ୍ ଓୟାରିଂ କାମ କରୁଥିଲେ। ଏହି ସମୟରେ କୌଣସି କାରଣରୁ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଙ୍କୋଇ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପଣ୍ଡା ପହଞ୍ଚି ମୃତଦେହ ଜବତ କରିଥିଲେ। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ ହୋଇଛି।

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2020010, ତା: 04.02.2020
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ମଧ୍ୟରେ ନୂଆ ବ୍ରଡ୍ ଗେଜ୍ (B.G.) ରେଳ ଲିଙ୍କ : ନୟାଗଡ଼-ବୁଗୁଡ଼ା ସେକ୍ସନ ମଧ୍ୟରେ ସିଏଚ୍.(CH. KM.) କି.ମି. 96.015 ଠାରେ ଓପନ ଫାଉଣ୍ଡେସନ ସହିତ ଏଲିଫ୍ୟାଣ୍ଟ ପ୍ୟାସେଜ (Elephant Passage) ବ୍ରିଜ୍ ନଂ.190 (2X30.5 ଓପନ ୱେବ୍ ଗର୍ଡ଼ର) ଏବଂ ସିଏଚ୍. (CH. KM.) କି.ମି. 106.450 ଠାରେ ଓପନ ଫାଉଣ୍ଡେସନ ତଥା ରିନ୍‌ଫୋର୍ସଡ୍ ଅର୍ଥ (Reinforced Earth) ୱାଲ ସହିତ ରୋଡ୍ ଓଭର ବ୍ରିଜ୍ (ROB) ନଂ.235 (2X30.00M କମ୍ପୋଜିଟ୍ ଗର୍ଡ଼ର) ର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 2150.40 ଲକ୍ଷ, EMD (ଟଙ୍କାରେ) : ₹ 12,25,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.03.2020ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
10% ରୁ ଅଧିକ ଟେଣ୍ଡର ମୂଲ୍ୟ ତୁଳନାରେ ସର୍ବନିମ୍ନ ମୋଟ ମୂଲ୍ୟ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ଟେଣ୍ଡର ମୂଲ୍ୟର ପ୍ରତିଶତ ସହିତ ସମାନ ମୂଲ୍ୟର ଅତିରିକ୍ତ ପର୍‌ଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯଦ୍ୱାରା ପ୍ରସ୍ତାବ ସ୍ୱୀକୃତି ଉପରେ ପ୍ରସ୍ତାବ 10% ରୁ କମ୍ ହୋଇପାରିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-122/CC/19-20

**ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ**
**କଟକ ଖଣ୍ଡପୀଠ**
**କଟକରେ**
**ସି.ଏ./(ସି.ଏ.ଏ.) ସଂ.୦୭/ସିଟିବି/୨୦୧୯**
ମାମଲାରେ;
କମ୍ପାନୀ ଅଧିନିୟମ, ୨୦୧୩
ଏବଂ
ମାମଲାରେ;
କଥିତ ଅଧିନିୟମର ଧାରା ୨୩୦ରୁ ୨୩୨ ତଥା କମ୍ପାନୀ ଅଧିନିୟମ, ୨୦୧୩ର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାପନ ସହିତ ପଠନପୂର୍ବକ କମ୍ପାନୀ (ବୁଝାମଣା, ବ୍ୟବସ୍ଥା ଓ ଏକୀକରଣ) ନିୟମାବଳୀ, ୨୦୧୬ ଅଧୀନରେ ପିଟିସନ
ଏବଂ
ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୪ପିଟିସି୦୦୯୦୧୬) (ପ୍ୟାନ୍ ନଂ.- ଏଏଇସିଡି୯୬୨୮କି), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ୍, ଜିଇ ରୋଡ୍ ରାୟପୁର-୪୯୨୧୦୧ ...... ପ୍ରଥମ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୧
ଏବଂ
ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୦ସିଟି୨୦୧୦ପିଟିସି୦୦୯୦୩୧), (ପ୍ୟାନ୍ ନଂ.- ଏଏଇସିଜି୦୨୦୮କେ), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ୍, ଜିଇ ରୋଡ୍ ରାୟପୁର-୪୯୨୧୦୧ ...... ଦ୍ୱିତୀୟ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୨
ଏବଂ
ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୩ପିଟିସି୦୦୯୦୧୭), (ପ୍ୟାନ୍ ନଂ.- ଏଏଟିସିଏସ୍୦୯୭୪ଏମ୍), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ୍, ଜିଇ ରୋଡ୍ ରାୟପୁର-୪୯୨୧୦୧ ...... ତୃତୀୟ ବାଦୀ/ହସ୍ତାନ୍ତରଗ୍ରାହୀ କମ୍ପାନୀ
ମାମଲାରେ
୨୦ ଜାନୁଆରୀ, ୨୦୨୦ ଦିନ ପ୍ରଦତ୍ତ ଆଦେଶ
**ପିଟିସନ ନୋଟିସ**
**ନୋଟିସ ପ୍ରଦାନ କରାଯାଉଛି ଯେ** କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ରୁ ଧାରା ୨୩୨ ସମେତ ପଠନପୂର୍ବକ ଅନ୍ୟାନ୍ୟ ବ୍ୟବସ୍ଥାପନ ଅଧୀନରେ, ଉପରନାମିତ ବାଦୀମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍, ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରଙ୍କ ପ୍ରସ୍ତାବିତ ମିଶ୍ରଣ ଯୋଜନାର ମଞ୍ଜୁରୀ ଆଦେଶକୁ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ ଦ୍ୱାରା ୨୦ ଜାନୁଆରୀ ୨୦୨୦ ଦିନ ସ୍ୱୀକୃତ ହୋଇଥିଲା ଏବଂ ଏହାର ଶୁଣାଣି ତାରିଖକୁ ୨୦ ଫେବୃଆରୀ, ୨୦୨୦ ଦିନ ଧାର୍ଯ୍ୟ କରାଯାଇଛି।
**କୌଣସି ବ୍ୟକ୍ତି** ଯଦି କଥିତ ପିଟିସନକୁ ସମର୍ଥନ କିମ୍ବା ବିରୋଧ କରିବା ପାଇଁ ଇଚ୍ଛୁକ ଥାଆନ୍ତି ତେବେ ସେ ନିମ୍ନପ୍ରଦତ୍ତ ଠିକଣାରେ ବାଦୀଙ୍କ ଓକିଲଙ୍କ ନିକଟକୁ ନିଜସ୍ୱ କିମ୍ବା ନିଜ ଓକିଲଙ୍କ ସ୍ୱାକ୍ଷର ତଥା ପୂରା ନାମ ଓ ଠିକଣା ସହିତ ତାଙ୍କର ଅଭିପ୍ରାୟ ଦର୍ଶାଉଥିବା ଏକ ନୋଟିସ ପ୍ରେରଣ କରିବେ ଯାହା ପିଟିସନ ଶୁଣାଣି ଲାଗି ଧାର୍ଯ୍ୟ ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା ବାଦୀଙ୍କ ଓକିଲଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ପିଟିସନର ବିରୋଧ କରୁଥିବା କ୍ଷେତ୍ରରେ, ଶୁଣାଣି ପାଇଁ ସ୍ଥିର ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା, ବିରୋଧର କାରଣ କିମ୍ବା ପିଟିସନ ବିରୁଦ୍ଧରେ ବ୍ୟବହାର ହେବା ଲାଗି ଉଦ୍ଦିଷ୍ଟ ସତ୍ୟପାଠର ଏକ ପ୍ରତିଲିପି ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ, ଡଗରପଡ଼ା, ସିଡିଏ ଏରିଆ, କଟକ, ଓଡ଼ିଶା-୭୫୩୦୦୨, ଭାରତଙ୍କ ନିକଟରେ ଦାଏର କରିବେ ଏବଂ ଏକ ପ୍ରତିଲିପି ବାଦୀଙ୍କ ଓକିଲଙ୍କ ନିକଟକୁ ପ୍ରେରଣ କରିବେ। ପିଟିସନର ପ୍ରତିଲିପି ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ନିର୍ଦ୍ଧାରିତ ଦେୟ ପୈଠ କରି ବାଦୀଙ୍କ ଓକିଲଙ୍କଠାରୁ ତାହା ପ୍ରାପ୍ତ କରିପାରିବେ।
ତାରିଖ: ୭ ଫେବୃୟାରୀ, ୨୦୨୦
ସ୍ୱା./-
**ମେସର୍ସ ହେମନ୍ତ ସେଠୀ ଆଣ୍ଡ କୋ.**
ବାଦୀଙ୍କ ଓକିଲ,
ସ୍ଥାନ: ମୁମ୍ବାଇ
୧୬୦୨ ନବ ପରମାଣୁ, ଅମର ସିନେମା ପଛ,
ତାରିଖ: ୭।୨।୨୦୨୦
ଚେମ୍ବୁର, ମୁମ୍ବାଇ-୪୦୦୦୭୧

# ଅନ୍ତର୍ଜାତୀୟ ହିନ୍ଦୀ ସମ୍ମିଳନୀରେ ୨ ମହିଳା




ସମ୍ମାନିତ ହେବା ଅବସରରେ ଅନ୍ୟମାନଙ୍କ ସହ ନୟାଗଡ଼ର ଦୁଇ ମହିଳା।


ନୟାଗଡ ଅଫିସ,୭।୨

ମିଆଁମାର ଦେଶ ୟାଗୁନ୍ ସହରରେ ଆୟୋଜିତ ଅନ୍ତର୍ଜାତୀୟ ହିନ୍ଦୀ ସମ୍ମିଳନୀରେ ଦୁଇ ମହିଳା ଯୋଗଦେଇ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ସମ୍ମିଳନୀରେ ସାହିତ୍ୟରେ ଜନତନ୍ତ୍ର ବିଷୟ ଉପରେ ହୋଇଥିବା ଆଲୋଚନାରେ ଉଭୟେ ଭାଗ ନେଇ କବିତା ପାଠ କରିଥିଲେ। ଏଥିରେ ନୟାଗଡର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା କବି ବସିରନ ବିବିଙ୍କୁ ମାଧବ ରାଓ ସ୍ମୃତି ସମ୍ମାନ ଓ ଅଧ୍ୟାପିକା ସଞ୍ଜୁକ୍ତା ମିଶ୍ରଙ୍କୁ ସୁଭଦ୍ରା କୁମାରୀ ଚୌହାନ ସମ୍ମାନ ମିଳିଛି। ଏହି ଅବସରରେ କବି ବସିରନ ବିବିଙ୍କ ରଚିତ ପୁସ୍ତକ ପିଲାଙ୍କ ରଙ୍ଗମଞ୍ଚ ଉନ୍ମୋଚିତ ହୋଇଛି। ଜାନୁୟାରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ଗତ ୬ ତାରିଖରେ ଶେଷ ହୋଇଥିଲା।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. eT-M-PRDP-REPAIR-94-2020
କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ପାରାଦୀପ ୟାର୍ଡ଼ ଠାରେ ୱାଗନଗୁଡ଼ିକର ମରାମତି।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,64,18,856.57, EMD (ଟଙ୍କାରେ) : 2,32,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.14.02.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.02.2020ରିଖ 1530 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍
PR-701/K/19-20

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ହାଉସ୍‌କିପିଂ ଠିକା ନିମନ୍ତେ ଟେଣ୍ଡର ବିଜ୍ଞପ୍ତି**
ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍/କି-୧୩/ଏଚ୍‌କେ/ ବିୟୁଏ-ଆଇବି/୧୯, ତାରିଖ: ୨୯।୦୧।୨୦୨୦
କାର୍ଯ୍ୟର ନାମ: କାର୍ଯ୍ୟାରମ୍ଭ ତାରିଖରୁ ୦୪ ବର୍ଷ (୧୪୬୦ ଦିନ) ଅବଧି ପାଇଁ ବିୟୁଏ-ଆଇବି ସେକ୍ସନ ନିମନ୍ତେ ୧୪ଟି ଷ୍ଟେଶନର ହାଉସ୍‌କିପିଂ ଠିକା। ଟେଣ୍ଡର ମୂଲ୍ୟ: ₹୫,୩୫,୮୩,୬୫୧.୯୭, ଅମାନତ ଜମା ରାଶି: ₹୪,୧୮,୦୦୦/-।
ଟେଣ୍ଡର ଦାଖଲ: ତା୨୦।୦୨।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୨୦।୦୨।୨୦୨୦ରିଖ ୧୧.୩୦ ଘଟିକା।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଡିଭିଜନାଲ ରେଲ୍‌ୱେ ମ୍ୟାନେଜର କମ୍ପ୍ଲେକ୍ସ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର (ଛତିଶଗଡ଼)ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।
ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର (କୋ-ଅର୍ଡ)/ବିଳାସପୁର
CPR/10/447
South East Central Railway @secrail

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ
ଓଡ଼ିଶା ସାହିତ୍ୟ ଏକାଡେମୀ ଓ
ସାରଳା ସାହିତ୍ୟ ସଂସଦଙ୍କ ମିଳିତ ସହଯୋଗରେ



**କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ**
୮ ଫେବୃଆରୀ ୨୦୨୦ ଶନିବାର ସନ୍ଧ୍ୟା ୬.୦୦ ଘଟିକା
ସାରଳା ଭବନ, କଟକ
ସ୍ମାରକୀ ବକ୍ତୃତା ପ୍ରଦାନ କରିବେ
ପ୍ରଖ୍ୟାତ ସାହିତ୍ୟିକ
**ପ୍ରଫେସର ମନୋଜ ଦାସ**
ବିଷୟ : "ସାହିତ୍ୟରେ ଆଦର୍ଶର ଭୂମିକା: ଗତକାଲି ଓ ଆଜି"
ମୁଖ୍ୟଅତିଥି — **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ବିଶିଷ୍ଟ ଅତିଥି — **ଶ୍ରୀ ବିଜୟ କୁମାର ନାୟକ**, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସମ୍ମାନନୀୟ ଅତିଥି — **ଇଂ ଡକ୍ଟର ପ୍ରଭାକର ସ୍ୱାଇଁ**, ପ୍ରତିଷ୍ଠାତା ଓ ସଭାପତି, ସାରଳା ସାହିତ୍ୟ ସଂସଦ ତଥା ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ସଭାମୁଖ୍ୟ — **ଶ୍ରୀ ହରିହର ମିଶ୍ର**, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଅନୁରୋଧ।
**ଶୁଚିସ୍ମିତା ମନ୍ତ୍ରୀ**
ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ

# ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଗୁରୁତର

ନୂଆଗାଁ,୭।୨(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ ସିଙ୍ଗାରପଲୀ ପଞ୍ଚାୟତ ଶୁଣ୍ଠିଖୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ପାଠ ନ ଆସିବାରୁ ଶିକ୍ଷୟିତ୍ରୀ ତାଙ୍କୁ ପ୍ରବଳ ମାଡମାରିଛନ୍ତି। ଫଳରେ ଛାତ୍ରଜଣକ ଗୁରୁତର ହୋଇଛନ୍ତି। ସେ ହେଲେ ଷଷ୍ଠ ଶ୍ରେଣୀର ଶୁଭମ ପ୍ରକାଶ ଦୁଆରୀ। ସରକାର ଛାତ୍ରୀଛାତ୍ରଙ୍କୁ ସ୍କୁଲ ଅଭିମୁଖୀ କରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ସହ ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। କିନ୍ତୁ ଅନେକ ସ୍କୁଲରେ ସରକାରଙ୍କ ନିୟମକୁ ବେଖାତିର କରି ଛାତ୍ରୀଛାତ୍ରଙ୍କୁ ସ୍କୁଲରେ କାମ କରାଇବା ସହ ବିଭିନ୍ନ ପ୍ରକାର ଦଣ୍ଡ ମଧ୍ୟ ଦିଆଯାଉଛି, ଯାହାର ଉଦାହରଣ ଗୁରୁବାର ଶୁଣ୍ଠିଖୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସ୍କୁଲର ଜଣେ ଗଣ ଶିକ୍ଷୟିତ୍ରୀ ଷଷ୍ଠ ଶ୍ରେଣୀରେ ପାଠ ପଢାଉଥିବା ବେଳେ ପିଲାମାନଙ୍କୁ କିଛି ପ୍ରଶ୍ନ ଦେଇ ଉତ୍ତର ଲେଖିବାକୁ କହିଥିଲେ। ସେଥି ମଧ୍ୟରୁ କେତେକ ଛାତ୍ରୀଛାତ୍ର ଠିକ୍ ଉତ୍ତର ଲେଖିଥିବା ବେଳେ ଆଉ କେତେକ ଭୁଲ୍ ଲେଖିଥିଲେ। ଭୁଲ୍ ଉତ୍ତର ଲେଖିବା ମଧ୍ୟରେ ଶୁଭମ୍ ଥିଲେ। ତେଣୁ ଏଥିରେ କ୍ରୋଧାନ୍ୱିତ ହୋଇ ଶିକ୍ଷୟିତ୍ରୀ ସାହୁ ଶୁଭମ୍‌ଙ୍କୁ ମାଡମାରି ରକ୍ତାକ୍ତ କରିଥିବା ବେଳେ ଅନ୍ୟ ଦୁଇ ଛାତ୍ରଙ୍କୁ ମଧ୍ୟ ମାଡ ମାରିଥିଲେ। ଏହାପରେ ଗୁରୁତର ଶୁଭମ୍ ଘରକୁ ଚାଲି ଯାଇଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ତେବେ ଉକ୍ତ ଖବର ପ୍ରଚାରିତ ହେବାରୁ ରାତିରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ଛାତ୍ର ଶୁଭମ୍‌ଙ୍କୁ ଦେଖିବା ପାଇଁ ତାଙ୍କ ଘରକୁ ଯାଇଥିଲେ। ଶୁକ୍ରବାର ଖବରଦାତାମାନେ ସ୍କୁଲରେ ପହଞ୍ଚିବା ଦେଖି ସେମାନଙ୍କୁ ଘଟଣା ବିଷୟରେ କୌଣସି ତଥ୍ୟ ନ ଦେବା ପାଇଁ ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲ କର୍ତ୍ତୃପକ୍ଷଙ୍କ ତରଫରୁ ତାଗିଦ୍ କରାଯାଇଥିଲା। ଫଳରେ ଛାତ୍ରୀଛାତ୍ରମାନେ କୌଣସି ଉତ୍ତର ଦେଇ ନ ଥିଲେ। ପରେ ଘଟଣା ବିଷୟରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିବାରେ ରାଗରେ ଏପରି କରିଥିଲି ଏବଂ ଏଥିପାଇଁ ସେ ଅନୁତପ୍ତ ବୋଲି କହିଥିଲେ। ଘଟଣାକୁ ଆଗକୁ ନ ବଢାଇ ଗୁରୁତର ଛାତ୍ର ଶୁଭମ୍‌ଙ୍କ ପରିବାର ସହ ଆପୋଷ ସମାଧାନ କରାଯିବ ବୋଲି ସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ସେଠୀ କହିଥିଲେ।

## ସଂକ୍ଷେପରେ

### ପୁରୀ ଷ୍ଟେଶନରୁ ୪ ନାବାଳିକା, ଜଣେ ନାବାଳକ ଉଦ୍ଧାର

**ପୁରୀ ଅଫିସ,୭।୨:** ପୁରୀ ରେଲୱେ ଷ୍ଟେଶନ ପରିସରରୁ ଆରପିଏଫ୍ ଶୁକ୍ରବାର ୪ନାବାଳିକାଙ୍କ ସମେତ ଜଣେ ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ସମସ୍ତଙ୍କ ବୟସ ୧୩ରୁ ୧୫ବର୍ଷ ହେବ ବୋଲି ଜଣାପଡ଼ିଛି। ଏମାନେ ସମସ୍ତେ ନୟାଗଡ ଅଞ୍ଚଳର ହୋଇଥିବାବେଳେ ସ୍କୁଲ ସାଙ୍ଗ। ପରିବାରକୁ ନ ଜଣାଇ ସାଙ୍ଗସାଥି ହୋଇ ପୁରୀ ବୁଲିବାକୁ ଚାଲି ଆସିଥିଲେ ବୋଲି ଆରପିଏଫଙ୍କୁ କହିଛନ୍ତି। ଉଦ୍ଧାର ନାବାଳିକା ଓ ନାବାଳକଙ୍କୁ ଚାଇଲ୍ଡଲାଇନକୁ ହସ୍ତାନ୍ତରିତ କରାଯାଇଛି ବୋଲି ଆରପିଏଫ ଥାନାଧିକାରୀ ଅନିଲ କୁମାର ସିଂ କହିଛନ୍ତି। ପ୍ରକାଶ ଯେ, ଗୁରୁବାର ଏସ୍ଆଇ ପାଣ୍ଡବ ନାୟକ ଏବଂ ଏଏସ୍ଆଇ ଆର.କେ. ପାତ୍ର ଏବଂ ଟିମ୍ ପ୍ଲାଟଫର୍ମରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଷ୍ଟେଶନ ପରିସରରେ ୪ଜଣ ନାବାଳିକା ଏବଂ ଜଣେ ନାବାଳକଙ୍କୁ ଦେଖି ସନ୍ଦେହ ଜାତ ହେବାରୁ ସେମାନଙ୍କୁ ଧରି ଥାନାକୁ ଆଣିଥିଲେ। ପ୍ରଥମେ ସେମାନେ ନିଜ ପରିଚୟ ଦେବାକୁ ଅମଙ୍ଗ ହେଉଥିବା ବେଳେ ପରେ ପରିବାରକୁ ନ ଜଣାଇ ଚାଲି ଆସିଥିବା କହିଥିଲେ। ସେମାନଙ୍କଠାରୁ ଠିକଣା ନେଇ ଆର୍‌ପିଏଫ୍ ସେମାନଙ୍କ ପରିବାରକୁ ଖବର ଦେଇଥିଲେ।

### 'ରଙ୍ଗବତୀ' ଉଦ୍‌ଘାଟିତ: ଲୋକନୃତ୍ୟ, ସଙ୍ଗୀତର ଝଲକ

**ପୁରୀ ଅଫିସ, ୭।୨:** ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ଏବଂ ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୁରୀ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ମୁକ୍ତାକାଶ ରଙ୍ଗମଞ୍ଚରେ ଦୁଇଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ରଙ୍ଗବତୀ (ପଶ୍ଚିମ ଓଡ଼ିଶା ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ) ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ଜନଜୀବନ ସହ ଓଡ଼ିଆ କଳା ସଂସ୍କୃତି ଜଡ଼ିତ ବୋଲି ସେ କହିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଡ. ରାମକୃଷ୍ଣ ସାହୁଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ଓ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗ ଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ରଙ୍ଗଶାଳା ନିର୍ଦ୍ଦେଶକ ବିକ୍ରମ ସାହୁ ମଞ୍ଚ ସଂଯୋଜନା କରିଥିବାବେଳେ ଦିବ୍ୟଜ୍ୟୋତି ସାହୁ ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଟିଟିଲାଗଡ଼ର ପଙ୍କଜ ଜାଲ୍ ଓ ସାଥୀ ସମ୍ବଲପୁରୀ ସଙ୍ଗୀତ, ସମ୍ବଲପୁରର ଉକିଆ ଟିମ୍ ଏବଂ ବରଗଡ଼ ବଉଲ ଝୁମ୍ପା ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ଶିକ୍ଷାନୁଷ୍ଠାନରେ ପୂଜା ଚାନ୍ଦାର ବୋଝ

**ନୂଆଗାଁ,୭।୨(ଡି.ଏନ.ଏ)**

ନୟାଗଡ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ପୂଜା ଚାନ୍ଦାର ବୋଝ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କ ଉପରେ ଲଦି ଦିଆଯାଉଛି । ଫଳରେ ପୂଜା ଚାନ୍ଦା ଦେଇ ନ ପାରି ସ୍କୁଲରେ ଲଜ୍ଜିତ ହେବା ସହ ସ୍କୁଲ ଯିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି ଛାତ୍ରୀଛାତ୍ର । ଏପରି କି ଚାନ୍ଦା ଦେଇ ନ ପାରିଲେ ସ୍କୁଲ ନ ଆସିବାକୁ କହୁଛନ୍ତି ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ । ଏପରି ଘଟଣା ଦେଖିବାକୁ ମିଳିଛି ନୂଆଗାଁ ବ୍ଲକ ଜାକେଡା ଗ୍ରାମପଞ୍ଚାୟତ ହାଇସ୍କୁଲରେ। ଗୁନାମାଟି ଗ୍ରାମ ଓ କାଳିଆମ୍ବା ଗ୍ରାମର ଦୁଇ ଗରିବ ଆଦିବାସୀ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ ସେମାନେ ଦୂର ଗ୍ରାମରୁ ଆସି ନିଜ ସମ୍ପର୍କୀୟଙ୍କ ଘରେ ରହି ଜାକେଡା ଗ୍ରାମପଞ୍ଚାୟତ ହାଇସ୍କୁଲର ନବମ ଶ୍ରେଣୀରେ ପଢୁଛନ୍ତି । ସରସ୍ୱତୀ ପୂଜା କରିବା ପାଇଁ ସ୍କୁଲରେ ପ୍ରତି ପିଲାପିଛା ୪୦୦ ଟଙ୍କା ଆଦାୟ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ସମ୍ପୃକ୍ତ




ଜାକେଡା ଗ୍ରାମ ପଞ୍ଚାୟତ ହାଇସ୍କୁଲ।

ଦୁଇଜଣ ଗରିବ ଶ୍ରେଣୀର ହୋଇଥିବାରୁ ୪୦୦ ଟଙ୍କା ଦେବା ବଦଳରେ ଦୁଇଶହ ଟଙ୍କା ଦେଇଥିଲେ । ପୂରା ଟଙ୍କା ଦେଇ ନ ପାରିଲେ ସ୍କୁଲ ଆସ ନାହିଁ ବୋଲି ସମସ୍ତଙ୍କ ଉପସ୍ଥିତିରେ ଶ୍ରେଣୀଗୃହ ମଧ୍ୟରେ ପ୍ରଧାନଶିକ୍ଷୟିତ୍ରୀ କହିଥିବା ଦୁଇ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ତେଣୁ ସେହି ଦିନଠାରୁ ସ୍କୁଲ ଯିବା ବନ୍ଦ କରି ସମ୍ପର୍କୀୟଙ୍କ ଘରେ ବସିଛନ୍ତି ଦୁଇଜଣ । ଏ ବିଷୟରେ ଜାକେଡା ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମିନତି ତ୍ରିପାଠୀଙ୍କୁ ପଚାରିବାରେ ଆମେ ଏହି ଚାନ୍ଦା କରି ନ ଥିଲୁ, ପିଲାମାନେ ଆଦାୟ କରିଥିଲେ। କିନ୍ତୁ ପୂଜା ପାଇଁ ୪୦୦ ଟଙ୍କା ଆଦାୟ କରାଯାଇଥିଲା ଏବଂ ଉକ୍ତ ଦୁଇଜଣ ୨୦୦ ଟଙ୍କା ଲେଖାଏ ଦେବାରେ

### ଚାନ୍ଦା ଦେଇ ନ ପାରି ସ୍କୁଲ ଆସୁନାହାନ୍ତି ୨ ପିଲା

ଗରିବ ପିଲା ଭାବି ଆମେ ତାହା ଫେରାଇ ଦେଇଥିଲୁ । ସ୍କୁଲ ଆସିବାକୁ ମନା କରିନାହୁଁ । ତେବେ ଆଗାମୀ ପୂଜାଗୁଡିକରେ ଏପରି ହେବ ନାହିଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପାଠୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଛାତ୍ରୀଛାତ୍ରମାନେ ସ୍କୁଲ ଯିବା ପରେ ସେମାନଙ୍କୁ ଗଣେଶ ପୂଜା, ସରସ୍ୱତୀ ପୂଜା କରିବା ପାଇଁ ଚାନ୍ଦା ଆଣିବାକୁ କୁହାଯାଉଛି । ପୂଜା ସମୟରେ ସରକାରୀ, ବେସରକାରୀ ଆଦି ଶିକ୍ଷାନୁଷ୍ଠାନରେ ଚାନ୍ଦା ଆଦାୟ କରି ଭୋଜିଭାତର ଆୟୋଜନ ସାଙ୍ଗକୁ ଡିଜେ ସାଉଣ୍ଡର ବ୍ୟବସ୍ଥା ମଧ୍ୟ କରାଯାଉଛି, ଯାହାର ସମସ୍ତ ଖର୍ଚ୍ଚ ଛାତ୍ରୀଛାତ୍ର ବହନ କରି ଥାଆନ୍ତି। କେବଳ ଜାକେଡା ଗ୍ରାମପଞ୍ଚାୟତ ହାଇସ୍କୁଲ ନୁହେଁ ଅନେକ ସ୍କୁଲରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।

## ଶ୍ରୀମଦ୍ ଭାଗବତ ପାରାୟଣ ଓ ଘୃତଯଜ୍ଞ

**ଗଣିଆ,୭।୨(ଡି.ଏନ.ଏ.)**

ଗଣିଆ ବ୍ଲକ କରଡାପଡା ପଞ୍ଚାୟତ କରଡାପଡା ଗ୍ରାମରେ ଶୁକ୍ରବାର ଶ୍ରୀମଦ୍ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗ୍ରାମର ମା' ମଙ୍ଗଳାଙ୍କ ପୀଠରେ ଶୁଭାଧିବାସ ସହ ସୂର୍ଯ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇ ଘୃତାହୁତି ପ୍ରଦାନ କରାଯାଇଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତ ପାରାୟଣ ପାଠ କରାଯାଇଥିଲା । ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ଏବଂ ନଗର କୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ ବ୍ଲକର ବିଭିନ୍ନ ସ୍ଥାନରୁ ବହୁ ସାଧୁସନ୍ଥ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଯଜ୍ଞମଣ୍ଡପ ନିକଟରେ ଭାଗବତ ପାଠ କରାଯାଉଛି।

# ରାଜ୍ୟସ୍ତରୀୟ ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚର ଏକ ଦୃଶ୍ୟ।

**ବୋଲଗଡ଼,୭।୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ କୋଦୁଅବେରେଣୀ ଖେଳପଡିଆରେ ଶୁକ୍ରବାର ୮ମ ବାର୍ଷିକ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଖୋର୍ଦ୍ଧା ଓ କାଇପଦର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାଇପଦର ଟିମ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖୋର୍ଦ୍ଧା ଦଳ ନିର୍ଦ୍ଧାରିତ ୨୦ ଓଭର ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୨୦୮ରନ କରିଥିଲା। ଜବାବରେ କାଇପଦର ଟିମ୍ ୧୬.୩ ଓଭରରେ ୨୧୪ରନ କରି ମ୍ୟାଚ ଜିତିନେଇଥିଲା। ବିଜୟୀ ଦଳର ଲିଟଲ ଚମ୍ପତିରାୟ ୪୨ ବଲରେ ଶତକ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ପ୍ରଦୀପ କୁମାର ଦାଶ, ଗୋରା ଚାନ୍ଦ ମିଶ୍ର ଖେଳ ପରିଚାଳନା କରିଥିଲେ। ଶନିବାର ୨ୟ ଦିବସ ଲିଗ୍ ମ୍ୟାଚ ମଞ୍ଜେଶ୍ୱର ଓ କଳାପଥର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

## ଭଙ୍ଗାଗଲା ମଣିପୁର ଭବନ

**ପୁରୀ ଅଫିସ, ୭।୨**

ଶ୍ରୀମନ୍ଦିର ଚୌହଦିରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏପ୍ରିଲ ସୁଦ୍ଧା ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ନକ୍ସା ଚୂଡ଼ାନ୍ତ ହେବାକୁ ରହିଛି। ତେଣୁ ଏହାକୁ ନଜରରେ ରଖି ଉଚ୍ଛେଦ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି ଜିଲା ପ୍ରଶାସନ। ବର୍ଷା ସତ୍ତ୍ୱେ ଶୁକ୍ରବାର ସୁରକ୍ଷା ଜୋନ୍‌ରେ ଚାଲିଥିଲା ଉଚ୍ଛେଦ ଅଭିଯାନ। ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ସମ୍ମୁଖ ମଣିପୁର ଭବନକୁ ଭଙ୍ଗାଯାଇଛି। ଆଗକୁ ଏହି ଅଭିଯାନ ଆହୁରି ତ୍ୱରାନ୍ୱିତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ସକାଳୁ ଉଚ୍ଛେଦ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୨ଟି ଜେସିବି ଓ ପ୍ରୋକଲିନ ମେଶିନ ପହଞ୍ଚିବା ସହ ୨ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚିଥିଲେ।

## ଓପନ୍ ମ୍ୟୁଜିୟମରେ ୨୦ ସ୍କ୍ରାପ୍ କଳାକୃତି

**ବ୍ରହ୍ମପୁର ଅଫିସ,୭।୨**

ଦକ୍ଷତା ବିକାଶରେ ବ୍ରହ୍ମପୁର ଆଇଟିଆଇ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହା ରାଜ୍ୟର ଅନ୍ୟ ଆଇଟିଆଇ ଓ ବୈଷୟିକ ଅନୁଷ୍ଠାନ ପାଇଁ ଦକ୍ଷତା ବିକାଶର ସ୍ୱାଭିମାନ, ଆଦର୍ଶର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି ବୋଲି ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ କୁମାର ବାଗ୍‌ଚି କହିଛନ୍ତି। ଶୁକ୍ରବାର ବ୍ରହ୍ମପୁର ଆଇଟିଆଇ ପରିସରରେ 'ମାଇଣ୍ଡ, ହାର୍ଟ ଆଣ୍ଡ୍ ହ୍ୟାଣ୍ଡସ୍ ଶୋ' ନାମରେ ନାମିତ ଓପୋନ୍ ସ୍କ୍ରାପ୍ ମ୍ୟୁଜିୟମ ଲୋକାର୍ପଣ ଉତ୍ସବରେ ବାଗ୍‌ଚି ଏହା କହିଛନ୍ତି। ଆଗାମୀ ଦିନରେ ଆଇଟିଆଇରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସି ସ୍ଥାପନ କରାଯିବା ଯୋଜନା ହୋଇଛି। ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଆଡଭାନ୍ସ ସିଷ୍ଟମସ୍ ଲିମିଟେଡର ସିଇଓ ତଥା ମୁଖ୍ୟ ମସୁଦ ହୁସେନି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାର କମିଶନର ତଥା ସଚିବ ସଞ୍ଜୟ କୁମାର ସିଂ, ଟାଟାର ଟେକ୍ନିକାଲ ତାଲିମ ମୁଖ୍ୟ କେ.କେ ଗୁପ୍ତା, ଏମ୍ପ୍ଲଏମେଣ୍ଟର ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଟେକ୍ନିକାଲ ଏଜୁକେଶନର ଡାଇରେକ୍ଟର ରଘୁ ଜୀ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଆଇଟିଆଇର ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ଓପନ ମ୍ୟୁଜିୟମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍କ୍ରାପରେ ପ୍ରସ୍ତୁତ ୭ରୁ ୭୦ ଫୁଟରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଉଚ୍ଚର ୨୦ଟି ବିଭିନ୍ନ ମଡେଲ ସ୍ଥାନିତ ହୋଇଛି। ସେଥିମଧ୍ୟରେ ୭୩ ଫୁଟ ଉଚ୍ଚର ଗିଟାର, ୨୨ ଫୁଟ ୮ ଇଞ୍ଚ ଉଚ୍ଚର ବଂଶୀକଣ୍ଟା ମାଛ, ୩୨ ଫୁଟ ଉଚ୍ଚର ଜିରାଫ କଳାକୃତି ଉଭୟ ଇଣ୍ଡିଆ ବୁକ ଅଫ ରେକର୍ଡ ଓ ଏସିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି।

# ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘର ବୈଠକ

**ଖଣ୍ଡପଡା, ୭।୨(ସ୍ୱ.ପ୍ର.)**

ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘର ସାଧାରଣ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିନାୟକ ମିଶ୍ର ବୈଠକରେ ପୌରହିତ୍ୟ କରିଥିଲେ । ସମ୍ପାଦକ ଭବାନୀ ଶଙ୍କର ସିଂହ ସାମନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ବରିଷ୍ଠ ତଥା ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଓ ନୟାଗଡର ବରିଷ୍ଠ ସାମ୍ବାଦିକ ଅଶୋକ ରଥଙ୍କ ବିୟୋଗରେ ସଂଘର ସଦସ୍ୟମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ସଂଘର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ଏମପି ଭର୍ତ୍ତୃହରି ମହତାବ ଓ ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ତାଙ୍କ ହାତ ପାଣ୍ଠିରୁ ୪ଲକ୍ଷ ଟଙ୍କା ଅନୁଦାନ ଅର୍ଥ ଯୋଗାଇ ଦେଇଥିବାରୁ ସଂଘ ପକ୍ଷରୁ ଏମପି ଓ ପୂର୍ବତନ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଦସ୍ୟମାନେ ନିଜ ନିଜର ମତ ପ୍ରଦାନ କରିଥିଲେ । ସାଧାରଣ ପରିଷଦ ବୈଠକରେ ବହୁ ବରିଷ୍ଠ ସଦସ୍ୟ ଅନୁପସ୍ଥିତ ରହିବାକୁ ନେଇ ସଂଘର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଭାପୁରଠାରେ ଆଞ୍ଚଳିକ ସାମ୍ବାଦିକ ସଂଘର ପରବର୍ତ୍ତୀ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି ପ୍ରସ୍ତାବ କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ପ୍ରଭାକର ଶିରୋମଣି, ରାମେଶ୍ୱର ଶତପଥୀ, ଅଜୟ କୁମାର ମହାରଣା, ସନାତନ ଷଡଙ୍ଗୀ, ରମେଶ ଚନ୍ଦ୍ର ବରାଡ, ବିନୋଦ ମହାପାତ୍ର, ସୋମନାଥ ମହାନ୍ତି, ରଞ୍ଜନ କୁମାର ମହାପାତ୍ର, ରାମଚନ୍ଦ୍ର ଦାଶ, ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ । କୋଷାଧ୍ୟକ୍ଷ ଶାନ୍ତି ଶେଖର ରଥ ଧନ୍ୟବାଦ ଦେଇଥିଲେ।

## ମାନସିକ ରୋଗ ଚିହ୍ନଟ ଶିବିର: ଯୋଗଦେଲେ ୫୨ ରୋଗୀ

**ବୋଲଗଡ଼,୭।୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶୁକ୍ରବାର ମାନସିକ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଶିବିରରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଆଲୋକ ଜ୍ୟୋତି ସାହୁ ଯୋଗଦେଇ ରୋଗୀମାନଙ୍କୁ ଚିହ୍ନଟ କରିଥିଲେ। ଶିବିରରେ ୫୨ଜଣ ମାନସିକ ରୋଗୀ ଚିକିତ୍ସିତ ହୋଇଥିବା ସୂଚନା ଦିଆଯାଇଛି। ବ୍ଲକରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ମାନସିକ ରୋଗୀ ଥିବା କୁହାଯାଉଛି।




ଶିବିରରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

ପ୍ରଚାର ପ୍ରସାର ହୋଇଥିଲେ ଅଧିକ ସଂଖ୍ୟାରେ ରୋଗୀ ଶିବିରର ସୁବିଧା ନେଇପାରିଥାନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଆଞ୍ଚଳିକ ସ୍ତରୀୟ କବ୍ ଓ ବୁଲ୍‌ବୁଲ୍ ଉଦ୍‌ଯାପିତ

**ରଣପୁର,୭।୨(ସ୍ୱ.ପ୍ର.)**

ଭାରତ ସ୍କାଉଟ୍ ଗାଇଡ୍ ତରଫରୁ ଓଡିଶାର ତୃତୀୟ ଆଞ୍ଚଳିକ ସ୍ତରୀୟ କବ୍ ଓ ବୁଲ୍‌ବୁଲ୍ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଗତ ୪ ତାରିଖରେ ଆରମ୍ଭ ହୋଇଥଲା ଆଞ୍ଚଳିକ ସ୍ତରୀୟ କବ୍ ଓ ବୁଲ୍‌ବୁଲ । ଏଥିରେ ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ, ଭଦ୍ରକ, ଗଞ୍ଜାମ, ବଲାଙ୍ଗୀର ଜିଲାରୁ ୫ମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୩୦ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଠାରେ ଦଶାବତାର, ହସ୍ତକୌଶଳ, ବୃନ୍ଦ ସଙ୍ଗ, ମୁଖା ତିଆରି, ପାଇକ ଆଖଡାର ସମରକଳା, ଶାରୀରିକ କ୍ରୀଡା କୌଶଳ ପ୍ରଦର୍ଶନ କରାଯାଇଥିଲା। ପ୍ରତିଦିନ ପରି ଶୁକ୍ରବାର ବିସି ହାଇସ୍କୁଲ ପରିସରରେ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରମାନେ ଶାରୀରିକ ବ୍ୟାୟାମ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭାରତ ସ୍କାଉଟ୍ ଗାଇଡର ଜାତୀୟ ଉପସଭାପତି ତଥା ଚିଫ୍ କମିଶନର କାଳି ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଏଥିରେ ମଖ୍ୟବକ୍ତାଭାବେ ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତ ସ୍କାଉଟ୍ ଗାଇଡର ରାଜ୍ୟ କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ପାଇକରା, ବିସି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବନଲତା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଭାପତି ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା କମିଶନର ରମେଶ କୁମାର ବଳବନ୍ତରାୟ, ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ତ୍ରିପାଠୀ ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ଅଧ୍ୟାପିକା କଳ୍ପନା ରଥ । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଜିଲା ଟ୍ରେନିଂ କମିଶନର ପ୍ରଶାନ୍ତ ମିଶ୍ର, ସନ୍ତୋଷ ଦେଓ, ରବୀନ୍ଦ୍ର ନାୟକ, ବିସି ଆଇସ୍କୁଲର ସ୍କୁଲ ପରିଚାଳନା କମିଟି ସଭାପତି ମାଧବ ଚନ୍ଦ୍ର ପ୍ରଧାନ।



ଅତିଥିଙ୍କ ସହ ସ୍କାଉଟ ଓ ଗାଇଡର ଛାତ୍ରଛାତ୍ରୀମାନେ।

# ତହସିଲ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା

**ଖଣ୍ଡପଡା,୭।୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତ ପଥରଦ୍ୱାର ଗ୍ରାମରେ ଥିବା ଶ୍ମଶାନରେ ଶବ ଦାହକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିବା ଯୋଗୁଁ ଶୁକ୍ରବାର ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତିବାଦରେ ମୁରାରୀପୁର ଗ୍ରାମର ଶତାଧିକ ବ୍ୟକ୍ତି ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ପରିସରରେ ଶବ ରଖି ଧାରଣା ଦେଇଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାରକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

ଘଟଣାରୁ ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟା ୬ଟାରେ ମୁରାରୀପୁର ଗ୍ରାମର ରତନ ରାଉତଙ୍କ ପତ୍ନୀ ତଅପୋଇ ରାଉତ(୭୫)ଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରବର୍ଗ ଶବଦାହ ନିମନ୍ତେ ପୂର୍ବରୁ ଶବଦାହ କରାଯାଇ ଆସୁଥିବା ପଥରଦ୍ୱାର ଗ୍ରାମ ନିକଟସ୍ଥ ଶ୍ମଶାନକୁ ଶବ ନେଇ ଯାଇଥିଲେ। ପଥରଦ୍ୱାର ଗ୍ରାମର କେତେକ ବ୍ୟକ୍ତି ସେଠାରେ ପହଁଚି ଶବଦାହକୁ ବିରୋଧ କରିଥିଲେ। ଫଳରେ ମୃତକଙ୍କ ପରିବାର ବର୍ଗ ଓ ଅମ୍ମୀୟସ୍ୱଜନମାନେ ଶବଧରି ଗ୍ରାମକୁ ଫେରି ଆସିଥିଲେ । ଗ୍ରାମରେ ଏ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଆଲୋଚନା ହେବା ପରେ ମୁରାରୀପୁର ଗ୍ରାମବାସୀ ଖଣ୍ଡପଡା ତହସିଲଦାର ଓ ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରିଥିଲେ




ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଗ୍ରାମବାସୀ।

### ଶ୍ମଶାନରେ ଶବଦାହକୁ ବିରୋଧ

। ମାତ୍ର ତହସିଲ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ପରିସ୍ଥିତି କ୍ରମେ ମୁରାରୀପୁର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗୁରୁବାର ରାତି ୨ଟାରେ ଶବଧରି ଖଣ୍ଡପଡା ତହସିଲ କାର୍ଯ୍ୟାଳୟରେ ପହଁଚିଥିଲେ । ରାତିସାରା ଉଜାଗର ରହି ଶବ ଧରି ଗ୍ରାମବାସୀ ଶୁକ୍ରବାର ପୂର୍ବାହ୍ନରେ ତହସିଲ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଖଣ୍ଡପଡା ତହସିଲଦାର ପାର୍ଥସାରଥୀ ହାଁସଦା, ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ପୋଲିସ ଆଇଆଇସି ବିମଳ କୁମାର ମଲ୍ଲିକ, ଏସଡିପିଓ ଶ୍ରୀନିବାସ ମହାନ୍ତି ପ୍ରମୁଖ ଘଟଣା ସ୍ଥଳରେ ପହଁଚି ଧାରଣାରତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ଜିଦରେ ଅଟଳ ରହିଥିଲେ । ମାତ୍ର ପରିସ୍ଥିତିକୁ ଗୁରୁତର ଭାବେ ନେଇ ପ୍ରଥମେ ଶବକୁ ସଂସ୍କାର ପାଇଁ ପ୍ରଶାସନ ପକ୍ଷରୁ ବୁଝାଶୁଝା କରାଯାଇଥିଲା। ପରେ ଆସନ୍ତା ୧୪ ତାରିଖରେ ନୟାଗଡ ଅତିରିକ୍ତ ଜିଲାପାଳ, ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ଖଣ୍ଡପଡା ତହସିଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଉଭୟ ଗ୍ରାମର ମୁଖିଆମାନେ ଉପସ୍ଥିତ ରହି ଶ୍ମଶାନ ଜାଗାକୁ ନେଇ ଦେଖା ଦେଇଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟରୁ ଶବ ଉଠାଇ ଧାରଣାରୁ ଓହରି ଯାଇଥିବା ଜଣାଯାଇଛି । ପୁରୀ ସ୍ୱର୍ଗଦ୍ୱାରଠାରେ ଶବଦାହ ନିମନ୍ତେ ପ୍ରଶାସନ ସମସ୍ତ ଖର୍ଚ୍ଚ ବହନକରିଥିବା ବେଳେ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ପ୍ରଦାନ କରାଯାଇଥିବା ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

ପ୍ରକାଶ ଥାଉକି, ଦୀର୍ଘ ବର୍ଷ ଧରି ଶ୍ମଶାନ ଜାଗାକୁ ନେଇ ମୁରାରୀପୁର ଓ ପଥରଦ୍ୱାର ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି । ଏହାଛଡା ଗତ ନଭେମ୍ବର ମାସ ୩ ତାରିଖରେ ଶ୍ମଶାନରେ ଶବଦାହକୁ କେନ୍ଦ୍ର କରି ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ମୁରାରୀପୁର ଓ ପଥରଦ୍ୱାର ଗ୍ରାମବାସୀଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ୨ ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତିବାଦ ସ୍ୱରୁପ ମୁରାରୀପୁର ଗ୍ରାମବାସୀ ଖଣ୍ଡପଡା– କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବେଣାଗାଡିଆ ସେତୁ ଉପରେ ଗତ ନଭେମ୍ବର ୩ତାରିଖରେ ଶବ ରଖି ରାସ୍ତାରୋକୋ କରିଥିଲେ। ଏହି ଘଟଣାର ଖୁବଶୀଘ୍ର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ରାସ୍ତାରୋକୋରୁ ଓହରି ଯାଇଥିଲେ । ତେବେ ଦୀର୍ଘ ମାସ ଅତିବାହିତ ହୋଇ ପୁଣି ଆଉ ଏକ ଘଟଣା ଘଟିବା ଯୋଗୁଁ ଲୋକେ ଉତ୍ତ୍ୟକ୍ତ ହୋଇ ଏପରି ବିକଳ୍ପ ପନ୍ଥା ଗ୍ରହଣ କରିଥିବା ଜଣା ପଡିଛି।